ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୨୮/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 28/2020 | ★★★★
୪୬ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ବିବାଦରେ ସ୍ୱରାଙ୍କ 'ରସଭରି'**
ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ 'ରସଭରି' ଆମାଜନ୍ ପ୍ରାଇମ୍‌ରେ ରିଲିଜ୍ ହୋଇଥିଲା। ଏହି ୱେବ୍‌ସିରିଜ୍ ପାଇଁ ସେ ବିବାଦକୁ ଟାଣି ହୋଇଯାଇଛନ୍ତି। ୧୦

୧୬ **ଫ୍ରାଙ୍କଲିନ୍ ରୋଜ୍‌ଙ୍କ ପରାମର୍ଶ**
ଓଜନ ନ କମାଇଲେ ୱେଷ୍ଟଇଣ୍ଡିଜ ସ୍ପିଡ୍‌ଷ୍ଟର ଓଶାନେ ଥୋମାସଙ୍କ କ୍ୟାରିୟର ପ୍ରତି ବିପଦ ରହିଛି ବୋଲି କହିଛନ୍ତି ପୂର୍ବତନ ବୋଲର ଫ୍ରାଙ୍କଲିନ୍ ରୋଜ୍।



# ମୁହଁ ଫେରାଉଛନ୍ତି ଶିଳ୍ପସଂସ୍ଥା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରାଜ୍ୟରେ ଆଲୁମିନିୟମ, ଇସ୍ପାତ, ଆଲୁମିନା, ସାର, ପେଟ୍ରୋ କେମିକାଲ, ପ୍ଲାଷ୍ଟିକ, ସିମେଣ୍ଟ ଭଳି ବୃହତ୍ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ୍ ପୁଞ୍ଜିନିବେଶ ହେବ। ବେକାର ଯୁବତୀ ଯୁବକଙ୍କୁ କାମଧନ୍ଦା ମିଳିଯିବ। ରାଜ୍ୟରେ ଶିଳ୍ପାୟନକୁ ନେଇ ରାଜ୍ୟ ସରକାର ଏମିତି ସ୍ୱପ୍ନ ଦେଖାଇ ଆସୁଛନ୍ତି । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ କରି ଓଡ଼ିଶାକୁ ଇଣ୍ଡଷ୍ଟ୍ରିଆଲ୍ ହବ୍‌ରେ ପରିଣତ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ମାତ୍ର 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ନ୍ୟାୟରେ ରାଜ୍ୟରେ ଥିବା ପୁରୁଣା ଶିଳ୍ପଗୁଡ଼ିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଚାଲିଛି। କେବଳ ବଡ଼ ଶିଳ୍ପ ନୁହେଁ ରାଜ୍ୟର ଦୁଇ ତୃତୀୟାଂଶ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୁଡ଼ିକ ମଧ୍ୟରୁ ଅଧିକାଂଶ ସରକାରୀ ପ୍ରୋତ୍ସାହନ ଏବଂ ବଜାର ସୁବିଧା ନ ପାଇ ମୁହଁମାଡ଼ି ପଡ଼ିଛନ୍ତି। କରୋନା ମହାମାରୀ ବିପଦ ଆସିବା ପରେ ଶିଳ୍ପଗୁଡ଼ିକର ଅବସ୍ଥା ଆହୁରି ଖରାପ ହୋଇଛି। ଗତ ୪ ମାସ ହେବ ଶିଳ୍ପ କ୍ଷେତ୍ରଗୁଡ଼ିକ ଶୋଚନୀୟ ଅବସ୍ଥା



### ଓଡ଼ିଶାରେ ଶିଳ୍ପାୟନ
- ୧୫ ବର୍ଷରେ ପଛଘୁଞ୍ଚା ଦେଇଛନ୍ତି ୩୦ ବଡ଼ ଶିଳ୍ପ
- ୫ ବର୍ଷରେ ୧୫ ହଜାର କ୍ଷୁଦ୍ର ଶିଳ୍ପରେ ତାଲା
- କରୋନା ପାଇଁ ସମସ୍ୟା ଆହୁରି ବଢୁଛି

ଦେଇ ଗତିକରୁଛି। କଞ୍ଚାମାଲ ଅଭାବ ସାଙ୍ଗକୁ ଶ୍ରମିକ, ବଜାର ସୁବିଧା ଆଦି ଶିଳ୍ପ ବିକାଶରେ ପ୍ରତିବନ୍ଧକ ସାଜୁଛି। ଶିଳ୍ପ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୩୦ଟି ବଡ଼ ପ୍ରକଳ୍ପ ୨୦୦୫ରୁ ବିଭିନ୍ନ କାରଣ ଯୋଗୁ ରାଜ୍ୟରେ ପୁଞ୍ଜିନିବେଶ ନ କରି ଗୋଟିଏ ପରେ ଗୋଟିଏ ପଛଘୁଞ୍ଚା ଦେଇଛନ୍ତି। ସେଥିରୁ ୧୩ଟି ପ୍ରକଳ୍ପରେ ୧,୫୫,୪୫୮.୯୦ କୋଟି ଟଙ୍କାର ପୁଞ୍ଜିନିବେଶ ଆଶା ଧୂଳିସାତ୍ ହୋଇଯାଇଛି। ଅନ୍ୟପକ୍ଷରେ ଜମି ମିଳିବା ବିଳମ୍ବ କାରଣରୁ ୧୬ଟି ଶିଳ୍ପ ସଂସ୍ଥା ନିଜ ପ୍ରକଳ୍ପରୁ ଓହରି ଯାଇଛନ୍ତି। ଜମି ମିଳିଥିଲେ ମଧ୍ୟ ବିଭିନ୍ନ କାରଣରୁ ପୋସ୍କୋ ଜଗତ୍‌ସିଂହପୁର ଜିଲା ପ୍ରକଳ୍ପରୁ ଓହରି ଯାଇଥିଲା।

କେବଳ ବଡ଼ ଶିଳ୍ପ ନୁହେଁ ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ସ୍ଥିତି ମଧ୍ୟ ଅତ୍ୟନ୍ତ ଦୟନୀୟ। ଏମ୍ଏସ୍ଏମ୍ଇ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ଉଦ୍ୟୋଗରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧ ଲକ୍ଷ ୨୯ ହଜାର ୯୫୦ ବେରୋଜଗାର ହୋଇଛନ୍ତି। ୧୧ଟି ପଛୁଆ ଜିଲାରେ ଏହି ସମୟରେ ମୋଟ ୩୫୨୦୦୫.୩୭ ଲକ୍ଷ ଟଙ୍କାର ୩୧୩୩ଟି ଶିଳ୍ପ ବନ୍ଦ ହୋଇଛି। ଏସବୁ ଶିଳ୍ପ ବନ୍ଦ ହେବା ଯୋଗୁ ୩,୪୪,୬୧୫ ଲୋକ ଜୀବିକା ହରାଇଛନ୍ତି।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ୨୦୧୫ରେ ଶିଳ୍ପ ନୀତି କାର୍ଯ୍ୟକାରୀ କରିଥିବାବେଳେ ଏମ୍ଏସ୍ଏମ୍ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଥିଲେ। ୨୦୧୭-୧୮ରେ ୫୦୧୫୮ ଏମ୍ଏସ୍ଏମ୍ଇ ୟୁନିଟ୍ ସ୍ଥାପନ କରାଯାଇଥିଲା। ଯେଉଁଥିରେ ୨,୩୨୪.୪୬ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧.୪୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ଗତ ୫ ବର୍ଷରେ ରାଜ୍ୟରେ ୧୨ଟି କ୍ଷେତ୍ରରେ ୩,୯୧,୭୦୧ ଉଦ୍ୟୋଗ କାର୍ଯ୍ୟକ୍ଷମ ହୋଇଛି। ସେଥିରେ ୧୯,୧୪୧.୮୩ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଥିବା ବେଳେ ୧୫,୨୯,୪୬୩ ଜଣ ନିଯୁକ୍ତି ପାଇଛନ୍ତି। ☞ପୃଷ୍ଠା-୪

# ଆର୍‌ବିଆଇ ଅଧୀନକୁ ଆସିଲା ସମବାୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୭।୬

ଏଣିକି ସମସ୍ତ ଅର୍ବାନ ଓ ମଲ୍‌ଟିଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ(ଆର୍‌ବିଆଇ)ରେ କାର୍ଯ୍ୟ କରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣାଯାଇଥିବା ବ୍ୟାଙ୍କ ବିଧି ସଂଶୋଧନ ଅଧ୍ୟାଦେଶ-୨୦୨୦କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ସ୍ୱୀକୃତି ପ୍ରଦାନ କରିଛନ୍ତି। ହଜାର ହଜାର ଜମାକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ନୂଆ ଆଇନ ଆଣିବା ଲାଗି ଏଭଳି ଅଧ୍ୟାଦେଶ ଜାରି କରିଥିଲେ। ଜମାକାରୀଙ୍କ ଝାଳବୁହା ଅର୍ଥକୁ ହେରଫେର କରାଯାଉଥିଲା। ପିଏମ୍‌ସି ଦୁର୍ନୀତି ଏହାର ଏକ ଅଂଶ ରହିଥିଲା। ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ସୁରକ୍ଷିତ ରଖିବା ଲାଗି କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ରାଷ୍ଟ୍ରପତି ମୋହର ମାରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିବୃତିରେ କୁହାଯାଇଛି। ଏଣିକି କୋଅପରେଟିଭ ବ୍ୟାଙ୍କଗୁଡ଼ିକ ସୁଦୃଢ଼ ହେବା ସହ ଜମାକାରୀଙ୍କ ଟଙ୍କା ସୁରକ୍ଷିତ ରହିପାରିବ ବୋଲି ମନ୍ତ୍ରଣାଳୟ କହିଛି। ବ୍ୟାଙ୍କ ବିଧି ଅଧିନିୟମ -୧୯୪୯ରେ ସଂଶୋଧନ କରାଯିବା ଦ୍ୱାରା କୋଅପରେଟିଭ ସୋସାଇଟିର ରାଜ୍ୟ ରେଜିଷ୍ଟ୍ରାରମାନଙ୍କ କୌଣସି କ୍ଷମତା ପ୍ରଭାବିତ ହେବନାହିଁ। ଏହି ଅଧ୍ୟାଦେଶକୁ ମଞ୍ଜୁରୀ ମିଳିବା ପରେ ୧,୪୮୨ ଅର୍ବାନ ଓ ୫୮ ବିଭିନ୍ନ ରାଜ୍ୟ କୋଅପରେଟିଭ ବ୍ୟାଙ୍କ ଆର୍‌ବିଆଇ ଅଧୀନକୁ ଆସିଯାଇଛି।


**ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ**

# ୨୧ ଦିନ ଧରି ବଢୁଛି ତେଲ ଦର

ଭୁବନେଶ୍ୱର,୨୭।୬(ବ୍ୟୁରୋ)

### ୩ ସପ୍ତାହରେ ୧୧ଟଙ୍କା ବଢ଼ିଛି ଡିଜେଲ
### ଦେଶବ୍ୟାପୀ ଜନ ଅସନ୍ତୋଷ

ଗତ ୨୧ ଦିନ ହେବ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢିଚାଲିଛି। କରୋନା ପାଇଁ ବର୍ତ୍ତମାନ ଲୋକମାନେ ବିଭିନ୍ନ ସମସ୍ୟାରେ ଥିବାବେଳେ ତେଲ ଦରରେ ବିରତି ଲାଗୁ ନ ଥିବାରୁ ଏହା ଖାଉଟିଙ୍କୁ ସମସ୍ୟାରେ ପକାଇଛି। କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧିକୁ ନଜରରେ ରଖି ସରକାର ଲକ୍‌ଡାଉନ କଟକଣା ଜାରି କରିଥିଲେ। ଏହା ଦ୍ୱାରା ଲୋକଙ୍କର ଜୀବନ ଜୀବିକା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ଲଗାତର ତେଲ ଦର ବୃଦ୍ଧି ହେଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଯାଇଛି। ଏବେ ତେଲ ଦର ଆକାଶ ଛୁଆଁ ହୋଇଥିବା ବେଳେ ଶନିବାର ଡିଜେଲ ଲିଟର ପିଛା ୨୧ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢିଛି। ଫଳରେ ବର୍ତ୍ତମାନ ଖାଉଟି ଡିଜେଲ ଉପରେ ଲିଟର ପିଛା ୧୧.୦୨ ଟଙ୍କା ଏବଂ ପେଟ୍ରୋଲ ୯.୧୨ ଟଙ୍କା ଅତିରିକ୍ତ ଦେୟ ଦେବାକୁ ପଡୁଛି। ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮୦.୯୪ ଟଙ୍କା ଓ ଡିଜେଲ ୭୮.୫୫ ଟଙ୍କା ଛୁଇଁଥିବା ପ୍ରମୁଖ ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।



ସେହିଭଳି ଦିଲ୍ଲୀରେ ପେଟ୍ରୋଲ ଦର ୮୦.୧୩ ଟଙ୍କାରୁ ବୃଦ୍ଧି ଘଟି ୮୦.୩୮ଟଙ୍କା ଛୁଇଁଛି। ଏହି ସମୟରେ ଡିଜେଲ ଦର ୮୦.୧୯ ଟଙ୍କାରୁ ୮୦.୪୦ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର କୋଲକାତାରେ ପେଟ୍ରୋଲ ୮୨.୦୫ଟଙ୍କା ଓ ଡିଜେଲ ୭୫.୫୨ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୭.୧୪ଟଙ୍କା ଓ ଡିଜେଲ ୭୮.୭୧ ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୫୯ ଟଙ୍କା ଓ ଡିଜେଲ ୭୭.୬୧ଟଙ୍କା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବିଭିନ୍ନ ଟିକସ ତେଲ ଦର ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ବୋଲି ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଜୁନ ୭ ରୁ ଅଦ୍ୟାବଧି ଦେଶର ତେଲଦର ବଢି ଚାଲିଛି। ଦେଶର ବିଭିନ୍ନ ସ୍ଥାନରେ ଲୋକେ ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଉଛନ୍ତି।

**ଚାଇନା ନୁହେଁ, ଭାରତ ଦାୟୀ: ଚାଇନା ରାଷ୍ଟ୍ରଦୂତ**
........୩........




# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

ମାଲକାନଗିରି,୨୭।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗୁଣି ଗାରେଡି ସନ୍ଦେହରେ ପ୍ରତିବର୍ଷ ଅନେକ ଜୀବନ ଯାଉଛି। ଏବେ ମଧ୍ୟ ଆଦିବାସୀ ଅଞ୍ଚଳରେ ଗୁଣି ଗାରେଡ଼ିକୁ ବିଶ୍ୱାସକରି ହତ୍ୟାକାଣ୍ଡ ଘଟାଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଶନିବାର ଏପରି ଏକ ଘଟଣା ମାଲକାନଗିରି ଥାନା ଅନ୍ତର୍ଗତ ପେଣ୍ଟାଲଗୁଡ଼ା ଗ୍ରାମରେ ଘଟିଛି। ଗୁଣିଗାରେଡି ସନ୍ଦେହରେ ଗ୍ରାମର ସୋମା ମାଢ଼ି (୫୦) ଓ ତାଙ୍କ ସ୍ତ୍ରୀ ଶୁକ୍ରି ମାଢ଼ି (୪୫)ଙ୍କୁ ହତ୍ୟା କରାଯାଇଛି। ଖବର ପାଇ ମାଲକାନଗିରି ଥାନା ଆଇଆଇସି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଛଦ୍ମ ଜାତୀୟତା

**ଆଜିର ମନ୍ତବ୍ୟ**

"କୋଭିଡ୍ -୧୯ ବିରୋଧୀ ଯୁଦ୍ଧରେ ଦିଲ୍ଲୀ ବିଜୟୀ ହେବ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

# ୬୧ ମିନିଟ୍ ଭିଡିଓରେ ୧୦ ବର୍ଷର ସୂର୍ଯ୍ୟ


ୱାଶିଂଟନ,୨୭।୬

ସୂର୍ଯ୍ୟଙ୍କ ଉପରେ ୧୦ ବର୍ଷ ଧରି କ୍ରମାଗତ ନଜର ରଖିଥିଲା ଆମେରିକୀୟ ମହାକାଶ ସଂସ୍ଥା 'ନାସା'ର ସୋଲାର ଡାଇନାମିକ୍ସ ଅବଜରଭେଟୋରି (ଏସ୍‌ଡିଓ)। ସେହି ୧୦ବର୍ଷିଆ ଟାଇମ୍-ଲାପ୍ସ ଭିଡିଓକୁ ନେଇ ନାସା ପ୍ରସ୍ତୁତ କରିଛି ୬୧ ମିନିଟ୍‌ର ଭିଡିଓ। ନାସା ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବା ପରେ ତାହା ଭାଇରାଲ ହୋଇଛି। ୧୦ ବର୍ଷ ମଧ୍ୟରେ ଏସ୍‌ଡିଓ ସୂର୍ଯ୍ୟଙ୍କ ୪୨କୋଟି ୫୦ ଲକ୍ଷ ହାଇ-ରିଜୋଲ୍ୟୁଶନ ଚିତ୍ର ସଂଗ୍ରହ କରିଥିବା ନାସା ପକ୍ଷରୁ କୁହାଯାଇଛି।

ସୂର୍ଯ୍ୟଙ୍କ ୧୧ ବର୍ଷିଆ ସୌରଚକ୍ର ସମୟର ଗତିବିଧିରେ ବୃଦ୍ଧି ଏବଂ ହ୍ରାସ ହେଉଥିବା ଟାଇମ୍-ଲାପ୍ସ ଭିଡିଓ ଫୁଟେଜ୍‌ରୁ ଦେଖିବାକୁ ମିଳିଛି ବୋଲି ନାସା ପକ୍ଷରୁ କୁହାଯାଇଛି। ଏଥିରୁ ଆମ ନିକଟତମ ନକ୍ଷତ୍ର ସମ୍ପର୍କରେ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ ଅଧିକ ଜାଣିବାକୁ ମିଳିବ। ଏହାସହିତ ସୌର ପ୍ରଣାଳୀ ଉପରେ ଏହାର କିପରି ପ୍ରଭାବ ପଡୁଛି ତାହା ଜାଣିବାରେ ସହାୟକ ହେବ ବୋଲି କୁହାଯାଇଛି। ନାସା ଅନୁଯାୟୀ, ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ର ଏକ ଚକ୍ର ଦେଇ ଗତି କରେ, ଯାହାକୁ ସୌର ଚକ୍ର କୁହାଯାଏ। ପ୍ରତି ୧୧ ବର୍ଷରେ ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ର ସମ୍ପୂର୍ଣ୍ଣ ବଦଳିଯାଏ ଏବଂ ଏହାର ଉତ୍ତର ଓ ଦକ୍ଷିଣ ପୋଲଗୁଡ଼ିକ ସ୍ଥାନ ପରିବର୍ତ୍ତନ କରେ।

ନାସା ୬୧ ମିନିଟର ଭିଡିଓ ମାଧ୍ୟମରେ ୧୦ ବର୍ଷର ସୂର୍ଯ୍ୟଙ୍କୁ ଦେଖାଇଛି। ଏହି ସମୟ ମଧ୍ୟରେ ପ୍ରତି ଘଣ୍ଟାର ଗୋଟିଏ ଚିତ୍ରକୁ ବ୍ୟବହାର କରାଯାଇଛି। ଭିଡିଓଟି ଗୋଟିଏ ସେକେଣ୍ଡରେ ଗୋଟିଏ ଦିନ ଦେଖାଉଛି। ଭିଡିଓର ଶୀର୍ଷକ ରହିଛି 'ଏ ଡିକେଡ୍ ଅଫ୍ ସନ୍' ଅର୍ଥାତ୍ 'ଏକ ଦଶନ୍ଧିର ସୂର୍ଯ୍ୟ'। ଏହା ବୁଧବାର ରିଲିଜ୍ ହେବା ପରଠାରୁ ୟୁଟ୍ୟୁବ୍‌ରେ ୮.୪ ଲକ୍ଷରୁ ଊର୍ଦ୍ଧ୍ୱ ଥର ଦେଖାସରିଲାଣି। ନାସା କହିଛି ଯେ, ବାହ୍ୟ ବାତାବରଣକୁ କାବୁ କରିବା ପାଇଁ ୧୭.୧ ନାନୋମିଟର ବିଶିଷ୍ଟ ଅତ୍ୟଧିକ ଅତିବାଇଗଣୀ ତରଙ୍ଗଦୈର୍ଘ୍ୟରେ ଟାଇମ-ଲାପ୍ସ ଚିତ୍ରଗୁଡ଼ିକ ଉତ୍ତୋଳନ କରାଯାଇଛି। ଏଥିସହ ନାସା ସ୍ପଷ୍ଟ କରିଛି ଯେ, ପୃଥିବୀ କିମ୍ବା ଚନ୍ଦ୍ର ଦେଇ ଯାଉଥିବା ଏସ୍‌ଡିଓ ଯୋଗୁ ଭିଡିଓରେ କଳା ଫ୍ରେମ ଦେଖାଯାଉଛି। ୨୦୧୬ରେ ଏକ ଉପକରଣ ବିଫଳତାର ପରିଣାମସ୍ୱରୂପ ଲମ୍ବା ବ୍ଲାକଆଉଟ୍ ହୋଇଗଲା।

ସୂଚନାଥାଉ କି, ସୂର୍ଯ୍ୟଙ୍କୁ ପାର କରିବା ସମୟରେ ବୁଧଙ୍କ ଏକ ଟାଇମ୍-ଲାପ୍ସ ନାସା ପକ୍ଷରୁ ୨୦୧୬ରେ ଜାରି କରାଯାଇଥିଲା।



### ■ ନାସା ଜାରି କରିଛି ଭିଡିଓ
### ■ ସୋସିଆଲ ମିଡିଆରେ ଭାଇରାଲ




**ଗୋଆରେ ଗୋଷ୍ଠୀ ସଂକ୍ରମଣ**

ଗୋଆରେ ନୂଆ କରୋନା ମାମଲାଗୁଡ଼ିକର ପୁରୁଣା ଆକ୍ରାନ୍ତଙ୍କ ସହ ସମ୍ପର୍କ ନ ଥିବାରୁ ରାଜ୍ୟ ଏବେ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପ୍ରବେଶ କରିଥିବା ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି। ଗୋଆରେ ପ୍ରତିଦିନ ୪୪ରୁ ଅଧିକ ନୂଆ ମାମଲା ବାହାରୁଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦୦୦ ଟପିଲାଣି। ତେଣୁ ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା କଥାକୁ ମାନିନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଲକ୍ଷ୍ନୌରେ ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ କର୍ମକର୍ତ୍ତାଙ୍କ ଅଭିନବ ବିକ୍ଷୋଭ।

# କୋଭିଡ୍ ଚିକିତ୍ସା ଲାଗି ଡେକ୍ସାମିଥାସୋନ୍‌କୁ ଅନୁମତି

**ନୂଆଦିଲ୍ଲୀ,୨୭।୬(ପି.ଟି.)**

ବହୁଳ ଭାବେ ବ୍ୟବହୃତ ହେଉଥିବା ଅପେକ୍ଷାକୃତ ଶସ୍ତା ଔଷଧ ଷ୍ଟେରଏଡ୍ ଡେକ୍ସାମିଥାସୋନ୍‌କୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରିବା ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ଅନୁମତି ଦେଇଛି। ଅନ୍ୟାନ୍ୟ ଚିକିତ୍ସା ସହିତ ଏହାକୁ ମଧ୍ୟମରୁ ଗୁରୁତର ଅସୁସ୍ଥ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ମିଥାଇଲପ୍ରିଡ୍‌ନିସୋଲୋନର ବିକଳ୍ପ ଭାବେ ଡେକ୍ସାମିଥାସୋନ୍‌କୁ ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ସଦ୍ୟ ଉପଲବ୍ଧ ପ୍ରମାଣ ଏବଂ ବିଶେଷଜ୍ଞମାନଙ୍କ ପରାମର୍ଶକୁ ବିଚାରକୁ ନେଇ ଏଭଳି ପରିବର୍ତ୍ତନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସାଧାରଣତଃ ଡେକ୍ସାମିଥାସୋନ୍‌କୁ ଫୁସ୍‌ଫୁସ୍ ସଂକ୍ରମଣ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଜୁନ୍ ୧୩ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଣ୍ଟିଭାଇରାଲ ଔଷଧ ରେମଡେସିଭିର୍‌କୁ କରୋନା ଚିକିତ୍ସାରେ ବ୍ୟବହାର ପାଇଁ ଅନୁମତି ଦେଇଥିଲା। ସେହିପରି ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଔଷଧ ଦେବାକୁ ମଧ୍ୟ ମନ୍ତ୍ରଣାଳୟ ସୁପାରିସ କରିଥିଲା। ତେବେ ଗୁରୁତର ଅସୁସ୍ଥ ରୋଗୀଙ୍କୁ ଏହି ଔଷଧ ନ ଦେବା ପାଇଁ କୁହାଯାଇଥିଲା। ସଂଶୋଧିତ ଚିକିତ୍ସା ପ୍ରୋଟୋକଲ ଅନୁଯାୟୀ ମଧ୍ୟମ ଧରଣର କରୋନା ରୋଗୀଙ୍କ ପାଇଁ ମିଥାଇଲପ୍ରିଡ୍‌ନିସୋଲୋନ ୦.୫ରୁ ୧ ମିଲିଗ୍ରାମ/କେଜି କିମ୍ବା ଡେକ୍ସାମିଥାସୋନ୍ ୦.୧ରୁ ୦.୨ ମିଲିଗ୍ରାମ/କେଜି ତିନିଦିନ ଦେବା ଲାଗି ପରାମର୍ଶ ଦିଆଯାଉଛି। ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବାର ୪୮ ଘଣ୍ଟା ମଧ୍ୟରେ କିମ୍ବା ଅକ୍ସିଜେନ ଆବଶ୍ୟକତା ଓ ପ୍ରଦାହ ବଢ଼ୁଥିଲେ ଏହି ଔଷଧ ଦେବାକୁ କୁହାଯାଇଛି। ଶ୍ୱାସଜନିତ ସମସ୍ୟା ଥାଇ ମେକାନିକାଲ ଭେଣ୍ଟିଲେଶନ ଆବଶ୍ୟକତା ଥିବା ରୋଗୀଙ୍କ କ୍ଷେତ୍ରରେ ମିଥାଇଲପ୍ରିଡ୍‌ନିସୋଲୋନ ଦିନକୁ ୧ରୁ ୨ ମିଲିଗ୍ରାମ/କେଜି କିମ୍ବା ଡେକ୍ସାମିଥାସୋନ୍ ୦.୨ରୁ ୦.୪ ମିଲିଗ୍ରାମ/କେଜି ୫ରୁ ୭ ଦିନ ଦେବାକୁ କୁହାଯାଇଛି।




# ‘ଚାଇନାକୁ ବହୁମୂଲ୍ୟ ଦେବାକୁ ପଡ଼ିବ’

## ପୂର୍ବ ଲଦାଖରେ ସୈନ୍ୟ ଦୁଃସାହସ ଘଟଣା

**ନୂଆଦିଲ୍ଲୀ,୨୭।୬**

ଭାରତୀୟ ଭୂଖଣ୍ଡର ପୂର୍ବ ଲଦାଖ ଅଞ୍ଚଳରେ ଚାଇନାର ଆକ୍ରମଣାତ୍ମକ ସୈନ୍ୟ ଦୁଃସାହସ ଯୋଗୁ ବହୁମୂଲ୍ୟ ଦେବାକୁ ପଡ଼ିବ ଓ ବିଶ୍ୱରେ ଏକଘରକିଆ ହୋଇଯିବ ବୋଲି କୂଟନୈତିକ ବ୍ୟାପାର ସଂକ୍ରାନ୍ତୀୟ ବିଶେଷଜ୍ଞମାନେ ଶନିବାର ମତବ୍ୟକ୍ତ କରିଛନ୍ତି। ଗତ କିଛିମାସ ହେବ ପୂର୍ବ ଲଦାଖ ଓ ଦକ୍ଷିଣ ଚାଇନା ସ୍ଥିତି ବେଜିଂର ପ୍ରକୃତ ମୁଖା ଖୋଲିଦେଇଛି। ସାରା ବିଶ୍ୱ କରୋନା ଭାଇରସ୍ ସହ ଲଢ଼ୁଥିବା ବେଳେ ଚାଇନା ସେନାର ଏଭଳି ଦୁଃସାହସିକ କାର୍ଯ୍ୟ ମହଙ୍ଗା ପଡ଼ିବ ବୋଲି ସେମାନେ କହିଛନ୍ତି। ଆମେରିକା ସହ ଟାରିଫ ଯୁଦ୍ଧ, ବାଣିଜ୍ୟିକ ପ୍ରସଙ୍ଗକୁ ନେଇ ଅଷ୍ଟ୍ରେଲିଆ ସହ କଳହ ଓ ହଂକଂରେ ବିଗିଡ଼ିଥିବା ସ୍ଥିତି ଚାଇନାକୁ ବ୍ୟାପକ କ୍ଷତି ପହଞ୍ଚାଇବ।

ଜୁନ୍ ୧୫ରେ ଗଲୱାନ୍ ଉପତ୍ୟକାରେ ୨୦ ଭାରତୀୟ ଯବାନ ଶହୀଦ ହେବା ଦ୍ୱାରା ଭାରତ ସହ ଚାଇନାର ଥିବା ସୁସମ୍ପର୍କ ଛିନ୍ନ ହୋଇଛି। ପୂର୍ବତନ ସେନା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଗୁରମିତ୍ ସିଂ ଚାଇନାର ଅସଲ ମୁଖା ଖୋଲିଯାଇଛି ଓ ଏଥିଲାଗି ଦଶନ୍ଧି ଦଶନ୍ଧି ଧରି ତାକୁ ଭୟଙ୍କର ପରିଣାମ ଭୋଗ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଛନ୍ତି। ପିଏଲ୍‌ଏର ଏଭଳି ଆକ୍ରମଣାତ୍ମକ ମନୋଭାବ ଯୋଗୁ ଚରଇନା ଏକୁଟିଆ ହୋଇଯିବା ଆଶଙ୍କା ଅଧିକ ରହିଛି ବୋଲି ପୂର୍ବତନ ସେନା ଉପମୁଖ୍ୟ ଲ୍ୟୁଟନାଣ୍ଟ ଜେନେରାଲ ସୁବ୍ରତ ଶାହା କହିଛନ୍ତି। ଏଥିଲାଗି ଅର୍ଥନୈତିକ ଓ କୂଟନୈତିକ କ୍ଷେତ୍ରରେ ଚାଇନା ଅସୁବିଧା ଭୋଗିବା ଆଶଙ୍କା ଅଧିକ। ହଂକଂ, ଦକ୍ଷିଣ ଚାଇନା ସାଗର ଓ ପୂର୍ବ ଚାଇନା ସାଗରରେ ଦେଖାଦେଇଥିବା ବିବାଦରେ ବିଶ୍ୱ ମହାଶକ୍ତିମାନେ ମୁଣ୍ଡ ପୂରାଇ ଚାଇନାକୁ ଏକଘରକିଆ କରିଦେବାର ଆଶଙ୍କା ମଧ୍ୟ ରହିଛି।

ଗତ ୬ ସପ୍ତାହ ହେବ ପୂର୍ବ ଲଦାଖର ବିଭିନ୍ନ ସ୍ଥାନରେ ଭାରତ ଓ ଚାଇନା ସେନା ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଗଲୱାନ୍ ଉପତ୍ୟକାରେ ଦୁଇ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ୨୦ ଭାରତୀୟ ଯବାନ ଶହୀଦ ହେବା, ଏଲ୍‌ଏସିରେ ଥିବା ବେସ୍ କ୍ୟାମ୍ପ ନ ହଟାଇବା, ବାରମ୍ବାର ଆଲୋଚନା ସତ୍ତ୍ୱେ ଚାଇନା ନିଜ ଜିଦ୍‌ରେ ରହିବା ଯୋଗୁ ସୀମାରେ ଯୁଦ୍ଧସମ ପରିସ୍ଥିତି ଦେଖାଦେଇଛି। ଏଲ୍‌ଏସିକୁ ଭାରତ ଅତିରିକ୍ତ ସେନା ପଠାଇବା ଆରମ୍ଭ କରିଛି। ଅରୁଣାଞ୍ଚଳ ପ୍ରଦେଶ, ସିକିମ, ଉତ୍ତରାଖଣ୍ଡର ବିଭିନ୍ନ ସେକ୍ଟରକୁ ହଜାର ହଜାର ସେନା ପଠାଯାଉଛି। ସେହିଭଳି ଲେହ, ଶ୍ରୀନଗର ଭଳି ସୀମାଞ୍ଚଳରେ ଥିବା ପ୍ରମୁଖ ବାୟୁସେନା ଘାଟିକୁ ଜାଗୁଆର, ସୁଖୋଇ ୩୦, ମିରେଜ୍ ୨୦୦୦ ବିମାନ ସହ ଆପାଚେ ଲଢ଼ୁଆ ହେଲିକପ୍ଟର ପଠାଯାଇଛି। ଯଦିଓ ଏ ସମ୍ପର୍କରେ ୩ ଥର ଆଲୋଚନା କରାଯାଇଛି ଓ ଆଲୋଚନା ମାଧ୍ୟମରେ ସୀମାରେ ଶାନ୍ତିରକ୍ଷା କରାଯିବା ଉପରେ ଉଭୟ ଦେଶ ଗୁରୁତ୍ୱାରୋପ କରୁଛନ୍ତି, ତଥାପି ଚାଇନାର ବିଶ୍ୱାସଘାତକତା ଓ ଆକ୍ରମଣାତ୍ମକ ମନୋଭାବ ପରିସ୍ଥିତିକୁ ସରଗରମ କରି ରଖିଛି।

## ସୀମାରେ କ୍ଷେପଣାସ୍ତ୍ର ମୁତୟନ କଲା ଭାରତ

**ନୂଆଦିଲ୍ଲୀ,୨୭।୬(ଆଇଏଏନ୍‌ଏସ୍)**



ଚାଇନା ସହ ସୀମା ବିବାଦ ବଢ଼ୁଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭାରତ ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଅଧିକ ସୈନ୍ୟ ଓ ଯୁଦ୍ଧାସ୍ତ୍ର ଠୁଳ କରିଛି। ପୂର୍ବ ଲଦାଖ ସୀମାରେ ୮ ସପ୍ତାହ ହେଲା ଉଭୟ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଭାରତ ପକ୍ଷରୁ ଚାଇନା ସୀମାରେ ଏହା ସର୍ବାଧିକ ସୈନ୍ୟ ଓ ଯୁଦ୍ଧାସ୍ତ୍ର ମୁତୟନ ବୋଲି କୁହାଯାଉଛି। ଏଲ୍‌ଏସିରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ଲାଗି ପୂର୍ବ ଲଦାଖ ଅଞ୍ଚଳରେ ଭାରତୀୟ ସେନା ଅଧିକ ୩ ଡିଭିଜନ ଯବାନ ମୁତୟନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏଥିସହିତ ଟ୍ୟାଙ୍କ, କମାଣ ଏବଂ ଅତ୍ୟାଧୁନିକ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଉଥିବା ଆକାଶ କ୍ଷେପଣାସ୍ତ୍ର ସମେତ ଅନ୍ୟାନ୍ୟ ମିଶାଇଲ ଡିଫେନ୍ସ ସିଷ୍ଟମ ମହଜୁଦ୍ ରଖାଯାଇଛି। ଶତ୍ରୁପକ୍ଷରୁ ବିମାନ ଓ ଡ୍ରୋନ୍‌କୁ ଖସାଇବା ପାଇଁ ଏହା ସମର୍ଥ।

ସୂଚନାଯୋଗ୍ୟ ୪ ସପ୍ତାହ ପୂର୍ବରୁ ଭାରତୀୟ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ଡିଭିଜନ ଉଚ୍ଚ ପାର୍ବତ୍ୟାଞ୍ଚଳରେ ଯୁଦ୍ଧକୌଶଳର ଅଭ୍ୟାସ କରିଥିଲା ଏବଂ ୨ ସପ୍ତାହ ପୂର୍ବରୁ ସେମାନଙ୍କୁ ୧୮ ହଜାର ଫୁଟ ଉଚ୍ଚ ଡେପ୍‌ସାଙ୍ଗରେ ନିୟୋଜିତ କରାଯାଇଥିଲା। ଚାଇନା ସୀମାରେ ସୈନ୍ୟ ଉପସ୍ଥିତି ବଢ଼ାଇଥିବାରୁ ଏହାର ମୁକାବିଲା ପାଇଁ ଆଗୁଆ ଘାଟି ଅଞ୍ଚଳକୁ ରିଜର୍ଭ ଫୋର୍ସ ପଠାଯାଇଥିଲା। ସେହିପରି ଭାରତୀୟ ନୌସେନା ଓ ବାୟୁସେନା ମଧ୍ୟ ସମ୍ପୂର୍ଣ୍ଣ ଆଲର୍ଟ ରହିଛନ୍ତି। ବାୟୁସେନା ପକ୍ଷରୁ ଲଦାଖରେ ଅନେକ ଏସ୍‌ଏଜିଡବ୍ଲ୍ୟୁ ସିଷ୍ଟମ ମୁତୟନ କରାଯାଇଛି। ଲଦାଖର ଚୁଶୁଲ-ମୋଲଡୋରେ କମାଣ୍ଡର ସ୍ତରୀୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହେବା ପରେ ଭାରତ ପକ୍ଷରୁ ସୀମାରେ ଅଧିକ ସୈନ୍ୟ ଓ ଯୁଦ୍ଧାସ୍ତ୍ର ମୁତୟନ ହୋଇଥିବା ଜଣାପଡ଼ିଛି।

ଲଦାଖର ଗଲୱାନ ଉପତ୍ୟକା, ହଟ୍ ସ୍ପ୍ରିଙ୍ଗ୍‌ସ, ଡେପସାଙ୍ଗ ଏବଂ ପଙ୍ଗଓଙ୍ଗ ହ୍ରଦ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଛି। ଚାଇନା ଏହାର ସୈନ୍ୟଙ୍କୁ ଫିଙ୍ଗର ୪ ପର୍ଯ୍ୟନ୍ତ ପଠାଇଛି। ସେମାନେ ୧୨୦ରୁ ଊର୍ଦ୍ଧ୍ୱ ଗାଡ଼ି ଓ ଅନେକ ବୋଟ୍ ଆଣି ଆସିଛନ୍ତି। ଡେପସାଙ୍ଗ ବୁଲ୍‌ଗ ନିକଟରେ ଚାଇନା ସେନା ଏକ ନୂଆ ଫ୍ରଣ୍ଟ ଗଢ଼ିବା ସହ ସେଠାରେ କ୍ୟାମ୍ପ ପକାଇଛି। ଏହା ବ୍ୟତୀତ ଗଲୱାନ୍‌ର ପାଟ୍ରୋଲ ପଏଣ୍ଟ ୧୪, କୋଙ୍ଗ୍‌କା ଲାର ପାଟ୍ରୋଲ ପଏଣ୍ଟ ୧୫, ହଟ୍ ସ୍ପ୍ରିଙ୍ଗ୍‌ସର ପାଟ୍ରୋଲ ପଏଣ୍ଟ ୧୭ରେ ଚାଇନା ବିପୁଳ ପରିମାଣରେ ସୈନ୍ୟ ଠୁଳ କରିଛି। ଏହାର ଜବାବରେ ଭାରତକୁ ଉକ୍ତ ଅଞ୍ଚଳରେ ସେନା ଉପସ୍ଥିତି ବଢ଼ାଇବାକୁ ପଡ଼ିଛି।

## ଲଦାଖ ଘଟଣା ସରକାରଙ୍କ ବିଫଳତା ନୁହେଁ: ପାୱାର



**ସତାରା,୨୭।୬**

ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ-ଚାଇନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ କଂଗ୍ରେସ ଓ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଥିବା ବେଳେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଜାତୀୟ ସୁରକ୍ଷାକୁ ନେଇ ରାଜନୀତି କରା ନ ଯିବା ଉଚିତ ବୋଲି ପ୍ରକାଶ କରିଛନ୍ତି। ୧୯୬୨ ଯୁଦ୍ଧ ପରେ ଚାଇନା ଭାରତୀୟ ଭୂଖଣ୍ଡର ୪୫ ହଜାର ସ୍କୋୟାର କି.ମି. ମାଡ଼ିବସିଥିବା କଥାକୁ କେହି ଭୁଲିଯିବା ଅନୁଚିତ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ଗଲୱାନ ଉପତ୍ୟକାରେ ଦେଖାଦେଇଥିବା ଘଟଣାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଫଳତା ବୋଲି କହିବା ଠିକ୍ ନୁହେଁ। କାରଣ ଭାରତୀୟ ସେନା ପାଟ୍ରୋଲିଂ ସହ ସତର୍କ ରହିଥିଲେ। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଯୋଗାଯୋଗ ଲାଗି ଭାରତ ଗଲୱାନରେ ନିର୍ମାଣ କରିଥିବା ରାସ୍ତାକୁ ଚାଇନା ଜବରଦଖଲ କରିବାକୁ ଚେଷ୍ଟା କରୁଥିବା ବେଳେ ଆମ ଯବାନ ସେମାନଙ୍କୁ ଧକ୍କାମାରି ପଛକୁ ପେଲି ଦେଇଥିଲେ। ଏହାକୁ ବିଫଳତା କହିବା ଠିକ୍ ନୁହେଁ ବୋଲି ଶରଦ ମତ ଦେଇଛନ୍ତି।

## ‘ପଡ଼ୋଶୀଙ୍କ ବିରୋଧରେ ସାମରିକ ଉତ୍ତେଜନା ସୃଷ୍ଟିକରୁଛି ଚାଇନା’

**ୱାଶିଂଟନ,୨୭।୬**

ଚାଇନା ପଡ଼ୋଶୀ ଦେଶ ବିରୋଧରେ ସାମରିକ ଉତ୍ତେଜନା ସୃଷ୍ଟିକରିବା ଲାଗି ପ୍ରୟାସ କରୁଛି। ପୂର୍ବ ଲଦାଖରେ ଚାଇନା ସେନାର ଆକ୍ରମଣାତ୍ମକ ମନୋଭାବ ଏହାକୁ ସ୍ପଷ୍ଟ କରିଛି ବୋଲି ଆମେରିକାର ପ୍ରଭାବଶାଳୀ ସାଂସଦ ୟେଡ୍ ୟୋହୋ କହିଛନ୍ତି। ଅକାରଣରେ ଏକ ଶାନ୍ତିପ୍ରିୟ ଦେଶକୁ ଡରାଇ ତା ବିରୋଧରେ ଏଭଳି ଆଚରଣ ପ୍ରଦର୍ଶନ କରିବାକୁ ଆମେରିକା ବରଦାସ୍ତ କରିପାରିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବିଶ୍ୱ ସମୁଦାୟ ଏକାଠି ହୋଇ ଚାଇନା ବିରୋଧରେ ମୁହଁ ଖୋଲିବା ଦରକାର। ମହାମାରୀ କରୋନା ଦ୍ୱନ୍ଦ୍ୱଠାରୁ ସମସ୍ତଙ୍କ ନଜର ହଟାଇବା ଲାଗି ଚାଇନା ଭାରତ, ହଂକଂ, ଭିଏତନାମ୍, ତାଇୱାନ ଭଳି ପଡ଼ୋଶୀଙ୍କ ବିରୋଧରେ ଏଭଳି ଉଗ୍ରରୂପ ଦେଖାଉଛି। ପ୍ରକାଶଥାଉ କି, ଏହା ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟିଭ୍‌ର ସଦସ୍ୟ ଡଃ ଆମି ବେରା ଚାଇନାର ସାମରିକ ଉତ୍ତେଜନା ବିରୋଧରେ ମୁହଁଖୋଲି କୂଟନୈତିକ ଆଲୋଚନା ଜରିଆରେ ସମସ୍ୟାର ସମାଧାନ କରିବାକୁ କହିଥିଲେ। ସୀମାରେ ଦୁଇଦେଶ ସେନା ଠୁଳକରିବା ସମସ୍ୟାର ସମାଧାନ ନୁହେଁ ବୋଲି ସେ ମତ ଦେଇଥିଲେ।

## କର୍ତ୍ତାରପୁର କରିଡର ଖୋଲିବାକୁ ପାକିସ୍ତାନର ପ୍ରସ୍ତାବ

**ଭାରତର ପ୍ରତ୍ୟାଖ୍ୟାନ**

ନୂଆଦିଲ୍ଲୀ,୨୭।୬: କରୋନା ମହାମାରୀ ପାଇଁ ସୀମାପାର ଯାତାୟାତକୁ ବନ୍ଦ ରଖାଯାଇଥିବାବେଳେ ଜୁନ୍ ୨୯ରୁ କର୍ତ୍ତାରପୁର କରିଡର ପୁନର୍ବାର ଖୋଲିବା ଲାଗି ପାକିସ୍ତାନ ଦେଇଥିବା ପ୍ରସ୍ତାବକୁ ଭାରତ ସରକାର ଶନିବାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ୨ ଦିନରେ କରିଡର ଖୋଲିବା ପାଇଁ ପାକିସ୍ତାନର ପଦକ୍ଷେପ ସଦିଚ୍ଛାର ମରୀଚିକା ବୋଲି ସରକାର କହିଛନ୍ତି। ଦ୍ୱିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ଭ୍ରମଣର ସପ୍ତାହେ ପୂର୍ବରୁ ଏନେଇ ତଥ୍ୟ ଆଦାନପ୍ରଦାନ ହେବା ଆବଶ୍ୟକ। ମହାରାଜା ରଣଜିତ ସିଂଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ୨୯ରେ କର୍ତ୍ତାରପୁର ସାହିବ କରିଡର ଖୋଲିବା ପାଇଁ ପାକିସ୍ତାନ ପ୍ରସ୍ତୁତ ହେଉଛି।

## ପୁଣି କାର୍ଯ୍ୟସ୍ଥଳୀ ମୁହାଁ ପ୍ରବାସୀ ଶ୍ରମିକ

ନୂଆଦିଲ୍ଲୀ,୨୭।୬: କରୋନା ଭୟରେ ପ୍ରବାସୀ ଶ୍ରମିକମାନେ ଘରମୁହାଁ ହୋଇଥିଲେ। ଏବେ ସେମାନେ ପୁଣି ଡକରା ପାଇ କାର୍ଯ୍ୟସ୍ଥଳୀ ମୁହାଁ ହୋଇଛନ୍ତି। ଉତ୍ତରପ୍ରଦେଶ, ବିହାର ଆଦି ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ ଓ ମେଲ୍ ଯୋଗେ ସେମାନେ ବିଭିନ୍ନ ସହରକୁ ଯାଉଛନ୍ତି। ପ୍ରବଳ ମାତ୍ରାରେ ପ୍ରବାସୀ ଶ୍ରମିକମାନେ ନିଜ କର୍ମସ୍ଥଳୀକୁ ଯିବା ଲାଗି ଭିଡ଼ ଜମାଉଥିବା ଜଣାପଡ଼ିଛି। ଗତ ୨୬ ତାରିଖରୁ ୩୦ ପର୍ଯ୍ୟନ୍ତ ୬୪ ଟେନ୍‌ର ସବୁ ସିଟ୍ ରିଜର୍ଭ ହୋଇଥିବା ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଆସାମରେ ବନ୍ୟା ସ୍ଥିତି ଗମ୍ଭୀର



**ଗୁଆହାଟୀ,୨୭।୬(ପି.ଟି.)**

- ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି
- ୨.୫୩ ଲକ୍ଷ ପ୍ରଭାବିତ

ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ୧୬ଟି ଜିଲାରେ ବନ୍ୟାଜଳ ପ୍ରବେଶ କରିଥିବାବେଳେ ୨.୫୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ଘଟିଲାଣି। ଢେମାଜି ଜିଲା ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ଏହା ପଛକୁ ତିନ୍‌ସୁକିଆ, ମଜୁଲି ଏବଂ ଡିବ୍ରୁଗଡ଼ ରହିଛି। ବ୍ରହ୍ମପୁତ୍ର ଓ ଏହାର ଶାଖାନଦୀଗୁଡ଼ିକ ବିଭିନ୍ନ ସ୍ଥାନରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଫଳରେ ଢେମାଜି, ଲକ୍ଷ୍ମୀପୁର, ବିଶ୍ୱନାଥ, ଉଦଲଗୁରି, ଡରଙ୍ଗ, ବକ୍ସା, ନାଲବାରି, କୋକ୍ରାଝର, ବରପେଟା, ନାଗାଓଁ, ଗୋଲାଘାଟ, ଜୋର୍‌ହାଟ, ମଜୁଲି, ଶିବସାଗର, ଡିବ୍ରୁଗଡ଼ ଏବଂ ତିନ୍‌ସୁକିଆ ଜିଲା ବନ୍ୟାପ୍ଲାବିତ ହୋଇଛି। ଅଧିକ କ୍ଷତିଗ୍ରସ୍ତ ୬ଟି ଜିଲାରେ ୧୪୨ ରିଲିଫ କ୍ୟାମ୍ପ ଓ ବଣ୍ଟନ କେନ୍ଦ୍ର ଖୋଲାଯାଇ ୧୮ ହଜାର ଲୋକଙ୍କୁ ଆଶ୍ରୟ ଦିଆଯାଇଛି। ବନ୍ୟା ଯୋଗୁ ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟ ଜଳମଗ୍ନ ହେବାରୁ ସେଠାରୁ ଗଣ୍ଡା ସମେତ ଅନ୍ୟ ବନ୍ୟଜନ୍ତୁଙ୍କୁ ଉଚ୍ଚ ସ୍ଥାନକୁ ନିଆଯାଇଛି। ବନ୍ୟା ଯୋଗୁ ପ୍ରାୟ ୧୨ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ସାଧାରଣ ଶୈଶବ ଟିକା କୋଭିଡ୍ ଜଟିଳତାକୁ ରୋକିପାରିବ

**ବୈଜ୍ଞାନିକଙ୍କ ମତ**

ୱାଶିଂଟନ,୨୭।୬(ପି.ଟି.): ମିଳିମିଳା ପ୍ରତିକାର ପାଇଁ ବ୍ୟବହାର ହେଉଥିବା ଟିକା କୋଭିଡ୍-୧୯ ଜନିତ ଗୁରୁତର ଫୁସ୍‌ଫୁସ୍ ପ୍ରଦାହକୁ ରୋକିପାରିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଫଳରେ କରୋନା ମହାମାରୀର ବିପଦରୁ ମୁକୁଳିବା ଲାଗି ଏକ ନୂଆ ସୂତ୍ର ବାହାରିବାକୁ ଯାଉଛି। ଏମ୍‌ବାୟୋ ପତ୍ରିକାରେ ପ୍ରକାଶିତ ଉକ୍ତ ଗବେଷଣାରେ କୁହାଯାଇଛି, ଜୀବନ୍ତ ଦୁର୍ବଳ ଭୂତାଣୁରୁ ପ୍ରସ୍ତୁତ ଟିକା ରୋଗ ପ୍ରତିରୋଧକ ସେଲ୍‌ଗୁଡ଼ିକୁ ସକ୍ରିୟ କରିପାରେ। ଏହା ରୋଗ ପ୍ରତିରୋଧକ ବ୍ୟବସ୍ଥାର ହ୍ୱାଇଟ୍ ବ୍ଲଡ୍ ସେଲ୍‌ଗୁଡ଼ିକୁ ଅନ୍ୟ ସଂକ୍ରମଣକୁ ପ୍ରତିରୋଧ କରିବା ଲାଗି ତାଲିମ କରିଦିଏ। ଆମେରିକାର ଲୁଇସିଆନା ଷ୍ଟେଟ୍ ୟୁନିଭର୍ସିଟିର ଗବେଷକମାନେ ଏହା ଲାବରେଟୋରିରେ ପ୍ରମାଣିତ କରିଛନ୍ତି। ଶୈଶବାବସ୍ଥାରେ ପିଲାଙ୍କୁ ମିଳିମିଳା, ରୁବେଲା ଆଦି ରୋଗ ଦାଉରୁ ସୁରକ୍ଷା ପାଇଁ ଦିଆଯାଉଥିବା ଟିକାକୁ ସିଧାସଳଖ କୋଭିଡ୍-୧୯ ରୋଗୀଙ୍କ କ୍ଷେତ୍ରରେ ପ୍ରୟୋଗ କରିବାକୁ ବୈଜ୍ଞାନିକମାନେ ପ୍ରସ୍ତାବ ଦେଇନାହାନ୍ତି। ତେବେ କୋଭିଡ୍‌ର ଗୁରୁତର ଲକ୍ଷଣ ଥିବା ରୋଗୀଙ୍କ କ୍ଷେତ୍ରରେ ଏହା ପ୍ରତିଷେଧକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିପାରିବ ବୋଲି ସେମାନେ କହିଛନ୍ତି।

# ଦିଲ୍ଲୀ ଉପକଣ୍ଠରେ ପଙ୍ଗପାଳ

## ଜରୁରୀ ବୈଠକ ଡାକିଲେ ପରିବେଶ ମନ୍ତ୍ରୀ

**ଗୁରୁଗ୍ରାମ,୨୭।୬**

ହରିୟାଣାର ରେୱାରି ଓ ଗୁରୁଗ୍ରାମ ଜିଲାରେ ଶନିବାର ସକାଳେ ଦଳ ଦଳ ପଙ୍ଗପାଳ ପ୍ରବେଶ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ପଙ୍ଗପାଳଙ୍କ ଦାଉରୁ ଫସଲ ରକ୍ଷା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ଅପରାହ୍ନରେ ହଜାର ହଜାର ପଙ୍ଗପାଳ ଦିଲ୍ଲୀ ଉପକଣ୍ଠରେ ଦେଖିବାକୁ ମିଳିଛି। ଗୁରୁଗ୍ରାମର ସାଇବର ହବ୍ ଅଞ୍ଚଳର ଆକାଶକୁ ପଙ୍ଗପାଳ ଆଚ୍ଛାଦିତ କରି ରଖିଥିବାର ଭିଡିଓ ଦେଖିବାକୁ ମିଳିଛି। ସେହିପରି ଦିଲ୍ଲୀର ଛତ୍ରପୁର ଅଞ୍ଚଳରେ ଦଳଦଳ ପଙ୍ଗପାଳ ଉଡ଼ୁଥିବା ଜଣାପଡିବା ପରେ ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ ଏକ ଜରୁରୀ ବୈଠକ ଡାକି ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ପ୍ରଶାସନ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଲୋକମାନଙ୍କୁ ଝରକା ବନ୍ଦ କରିବାକୁ ଓ ସମ୍ଭବ ହେଲେ ଘର ପାଖ ଗଛଗୁଡ଼ିକୁ ପ୍ଲାଷ୍ଟିକ ଚାଦର ଘୋଡାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ରାତିରେ ଘର ଚାରିପଟେ କୀଟନାଶକ ସିଞ୍ଚନ କରିବାକୁ କୁହାଯାଇଛି। ପଙ୍ଗପାଳ ଦଳ ହରିୟାଣାର ପଲୱାଲ ଯାଉଥିବାବେଳେ ଅଳ୍ପ ସଂଖ୍ୟକ ଦିଲ୍ଲୀ ସୀମାବର୍ତ୍ତୀ ଜସୋଲା ଓ ଭଟି ଅଞ୍ଚଳରେ ପ୍ରବେଶ କରିଛନ୍ତି। ସେମାନଙ୍କୁ ତଡ଼ିବା ଲାଗି ଢୋଲ ଓ ଡ୍ରମ୍ ବାଡ଼େଇବାକୁ କୁହାଯାଇଛି। ମୌସୁମୀ ପ୍ରବାହ ସହ ପବନର ଦିଗ ବଦଳିବାରୁ ରାଜସ୍ଥାନରୁ ମହେନ୍ଦ୍ରଗଡ଼ ଦେଇ ପଙ୍ଗପାଳ ଦଳ ଶୁକ୍ରବାର ରାତିରେ ହରିୟାଣାର ରେୱାରୀ ଜିଲାରେ ପ୍ରବେଶ କରିଥିଲେ।



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍: ୧୫ ଗେଟ୍‌ରେ ଜଳ ନିଷ୍କାସନ

**ସମ୍ବଲପୁର,୨୭।୬(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ଶନିବାର ସକାଳ ସୁଦ୍ଧା ୧୫ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଡ୍ୟାମ୍‌ର ବାମ ପାର୍ଶ୍ୱରେ ୧୦ ଓ ଡାହାଣ ପାର୍ଶ୍ୱରେ ୫ଟି ସ୍ଲୁଇସ ଗେଟ୍ ଖୋଲା ଯାଇଛି। ବର୍ତ୍ତମାନ ଜଳସ୍ତର ୬୧୪.୨୯ ଫୁଟ ରହିଛି। ପ୍ରତି ସେକେଣ୍ଡରେ ହୀରାକୁଦ ଡ୍ୟାମ୍‌କୁ ୭୭ ହଜାର ୦୧୩ କ୍ୟୁସେକ ଜଳ ପ୍ରବେଶ କରୁଛି ଏବଂ ୨ ଲକ୍ଷ ୪୫ ହଜାର ୫୨୬ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ମିଳିଥିବା ରିପୋର୍ଟ ଅନୁସାରେ, ପଥର୍ଲାରେ ୨୩ ହଜାର ୧୬୮ କ୍ୟୁସେକ, ଖଇରମାଳରେ ୨ ଲକ୍ଷ ୭୭ ହଜାର, ବରମୁଳାରେ ୧ ଲକ୍ଷ ୮୮ ହଜାର ୭୫୦ କ୍ୟୁସେକ ଏବଂ ମୁଣ୍ଡଳିରେ ୧ ଲକ୍ଷ ୨୧ ହଜାର ୫୩୪ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୨୦୧୭ ବ୍ୟାଚର ୫ ଜଣ ଆଇଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ରବିବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓମ୍‌ଫେଡ ସିଜିଏମ୍ ଥିବା ୨୦୧୭ ବ୍ୟାଚ ଆଇଏଏସ୍ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କୁ ଟିଟିଲାଗଡ଼ ଉପଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ତାଙ୍କୁ ଟିଟିଲାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି ଓଏମ୍‌ସି ଇଡି ଥିବା ପି. ଅନଭେଶା ରେଡ୍ଡୀଙ୍କୁ ବାରିପଦା ଉପଜିଲାପାଳ ଓ ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଗ୍ରୀଡ୍‌କୋ ଇଡି ଥିବା ପାଟିଲ ଆଶିଷ ଈଶ୍ୱରଙ୍କୁ ବାଲେଶ୍ୱର ଉପଜିଲାପାଳ ଓ ବାଲେଶ୍ୱର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଓକାକ୍ ଓଏସ୍‌ଡି ଥିବା ଦିବାକର ଟି.ଏସ୍.ଙ୍କୁ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଭାବେ ନିଯୁକ୍ତି କରାଯାଇଥିବା ବେଳେ ଧର୍ମଗଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଓଟିଡିସି ଏମ୍‌ଡି ଥିବା ହେମକାନ୍ତ ସାଏଙ୍କୁ ଜୟପୁର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଜୟପୁର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ଥାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା

### ପୀଡିତାଙ୍କ ବୟାନ ରେକର୍ଡ

**ସୁନ୍ଦରଗଡ଼,୨୭।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ବେଆଇନ ଗର୍ଭପାତ ଘଟଣାର ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଶନିବାର ସନ୍ଧ୍ୟାରେ ତାଙ୍କୁ ରାଉରକେଲା ଏସ୍‌ଡିଜେଏମ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ସେଠାରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷେ ପୀଡିତାଙ୍କ ମା' ଦିଲୀରୁ ଫେରିଲା ପରେ ତାଙ୍କୁ ବୀରମିତ୍ରପୁର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।

# ଚାଇନା ନୁହେଁ, ଭାରତ ଦାୟୀ: ଚାଇନା ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୨୭।୬(ପି.ଟି.)**

ସୀମା ବିବାଦକୁ ନେଇ ପୂର୍ବ ଲଦାଖରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଚାଇନା ରାଷ୍ଟ୍ରଦୂତ ସନ୍ ୱିଡୋଙ୍ଗ ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)କୁ ଏକ ସାକ୍ଷାତକାର ଦେଇଛନ୍ତି। ଦୁଇ ପଡ଼ୋଶୀ ମଧ୍ୟରେ ଲାଗି ରହିଥିବା ସୀମା ବିବାଦ ପାଇଁ ସେ ଭାରତକୁ ଦାୟୀ କରିଛନ୍ତି।

ଗତ ୨୫ ତାରିଖରେ ସାକ୍ଷାତ୍‌କାରବେଳେ ୱିଡୋଙ୍ଗ କହିଥିଲେ, ଅଚଳାବସ୍ଥାର ଉପଯୁକ୍ତ ସମାଧାନ ଲାଗି ବେଜିଂ ଭାରତ ସହ ଏକାଠି କାମ କରିବାକୁ ପ୍ରସ୍ତୁତ। ତେବେ ସନ୍ଦେହ ଏବଂ ସଂଘର୍ଷ ଭୁଲ୍ ମାର୍ଗ ବୋଲି ସେ କହିଛନ୍ତି। ମତପାର୍ଥକ୍ୟ ଦୂର କରିବାରେ ଦୁଇଦେଶ ସମର୍ଥ। ପୂର୍ବ ଲଦାଖରେ ସ୍ଥିତିକୁ ଜଟିଳ କଲାଭଳି କୌଣସି ପଦକ୍ଷେପ ନ ନେବା ଲାଗି ୱିଡୋଙ୍ଗ ନୂଆଦିଲ୍ଲୀକୁ ଆହ୍ୱାନ ଦେଇଥିଲେ। ଆମେ ଆଶା କରୁଛୁ ଭାରତୀୟ ପକ୍ଷ ଚାଇନା ପକ୍ଷର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୀମାରେ ଜଟିଳ ପରିସ୍ଥିତି ଉପୁଜିବା ଭଳି କାର୍ଯ୍ୟରୁ ନିବୃତ୍ତ ରହୁ ଏବଂ ସେଠାରେ ସ୍ଥିରତା ବଜାୟ ରଖିବା ଦିଗରେ ବଳିଷ୍ଠ ପଦକ୍ଷେପ ନେଉ ବୋଲି ଚାଇନା ରାଷ୍ଟ୍ରଦୂତ କହିଥିଲେ। ୬ ସପ୍ତାହ ହେଲା ପୂର୍ବ ଲଦାଖର ବିଭିନ୍ନ ସ୍ଥାନରେ ଦୁଇଦେଶର ସେନା ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଗତ ୧୫ ତାରିଖରେ ଗଲୱାନ ଉପତ୍ୟକାରେ ହିଂସାତ୍ମକ ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହେବା ପରେ ଉତ୍ତେଜନା ବହୁଗୁଣିତ ହୋଇଛି। ପାରସ୍ପରିକ ସମ୍ମାନ ଓ ସମର୍ଥନ ଉଭୟ ଦେଶର ଦୀର୍ଘମିଆଦୀ ସ୍ୱାର୍ଥ ପାଇଁ ସୁନିଶ୍ଚିତ ଓ ଠିକ୍ ମାର୍ଗ। ସେଥିପାଇଁ ଉକ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବା ଭାରତର ଦାୟିତ୍ୱ ବୋଲି ୱିଡୋଙ୍ଗ କହିଥିଲେ।

ଚାଇନା ଓ ଭାରତ ଉଭୟ ବହୁଳ ଜନସଂଖ୍ୟା ବିଶିଷ୍ଟ ବୃହତ ବିକାଶଶୀଳ ରାଷ୍ଟ୍ର। ଉଭୟଙ୍କର ନିଜସ୍ୱ ବିକାଶ ଓ ପୁନରୁଦ୍ଧାରର ଇତିହାସ ରହିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ର ସମ୍ବେଦନଶୀଳ ଅଞ୍ଚଳରେ ଚାଇନା ସୈନ୍ୟ ଉପସ୍ଥିତି ବଢ଼ାଇଥିବାବେଳେ ଉଭୟ ପକ୍ଷ ଉତ୍ତେଜନା ହ୍ରାସ ଲାଗି ଗତ କିଛି ସପ୍ତାହ ମଧ୍ୟରେ କୂଟନୈତିକ ଓ ସାମରିକ ସ୍ତରରେ ଏକାଧିକ ପର୍ଯ୍ୟାୟ ଆଲୋଚନା କଲେଣି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଗୁରୁବାର ଗଣମାଧ୍ୟମକୁ କହିଥିଲେ, ଚାଇନା ପକ୍ଷ ପୂର୍ବରୁ ହୋଇଥିବା ବୁଝାମଣା ଚୁକ୍ତିରୁ ଓହରିଯାଇ ଗଲୱାନ ଉପତ୍ୟକାରେ ଭିତ୍ତିଭୂମି ନିର୍ମାଣ କରିବାକୁ ଚାହୁଁଛି। ସେମାନଙ୍କର ଏହି ଉଦ୍ୟମ ବିଫଳ ହେବା ପରେ ଚାଇନା ସୈନ୍ୟ ଜୁନ୍ ୧୫ରେ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଚାଇନା ରାଷ୍ଟ୍ରଦୂତ କହିଛନ୍ତି, ବର୍ତ୍ତମାନ ସ୍ଥିତିର ଉପଯୁକ୍ତ ସମାଧାନ ଲାଗି ଦୁଇଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତି ଆଧାରରେ ଆମେ ଭାରତ ସହ କାମ କରିବାକୁ ପ୍ରସ୍ତୁତ। ସୂଚନାଯୋଗ୍ୟ ୨୦୧୮ରେ ଉହାନ ସହରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଏକ ଅନୌପଚାରିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସହ ସୀମାର ସବୁ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଉଭୟ ନେତା ଗୁରୁତ୍ୱ ଦେଇଥିଲେ। ଡୋକଲାମ୍‌ରେ ଦୀର୍ଘ ୭୩ ଦିନ ଧରି ଦୁଇ ସେନା ମୁହାଁମୁହିଁ ଅବସ୍ଥାରେ ରହିବାର କିଛି ମାସ ପରେ ଏହି ସମିଟ୍ ଆୟୋଜନ କରାଯାଇଥିଲା।



ପିଟିଆଇକୁ ସାକ୍ଷାତ୍‌କାର ଦେବା ଅବସରରେ ଚାଇନା ରାଷ୍ଟ୍ରଦୂତ ସନ୍ ୱିଡୋଙ୍ଗ।

ସାକ୍ଷାତ୍‌କାର ବେଳେ ୱିଡୋଙ୍ଗ୍ ଚାଇନା ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବାରମ୍ବାର ଦୋହରାଇଥିଲେ, ଯାହାକୁ ଭାରତ ଅସ୍ୱୀକାର କରିଆସୁଛି। ଗଲୱାନ ଉପତ୍ୟକାରେ ସଂଘର୍ଷ ପାଇଁ ସେ ଭାରତୀୟ ସେନାକୁ ଦାୟୀ କରିବା ସହ ପୂର୍ବ ଲଦାଖ ସ୍ଥିତିରେ ଉନ୍ନତି ଆଣିବା ଦାୟିତ୍ୱ ଭାରତର ବୋଲି କହିଥିଲେ। ଭାରତୀୟ ସେନା ଏଲ୍ଏସି ଅତିକ୍ରମ କରି ଚାଇନା ସୀମାନ୍ତ ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲା। ଭାରତୀୟ ବାହିନୀ ଦୁଇ ଦେଶ ମଧ୍ୟରେ ଥିବା ସୀମା ରାଜିନାମାର ଗୁରୁତର ଉଲ୍ଲଂଘନ କରିଥିଲା। ଭାରତର ୨୦ ଯବାନ ଶହୀଦ ହେବା ପରେ ଏହା ଚାଇନାର ଯୋଜନାବଦ୍ଧ କାର୍ଯ୍ୟ ଥିଲା ବୋଲି ଭାରତ ଅଭିଯୋଗ କରୁଥିବା ୱିଡୋଙ୍ଗ କହିଥିଲେ।

ଗତ ୧୭ରେ ଦୁଇଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ସୂଚନା ଦେଇ ରାଷ୍ଟ୍ରଦୂତ କହିଥିଲେ, ଗଲୱାନ ସଂଘର୍ଷରୁ ସୃଷ୍ଟ ଗୁରୁତର ସ୍ଥିତିର ଉପଯୁକ୍ତ ସମାଧାନ ପାଇଁ ଉଭୟ ପକ୍ଷ ରାଜି। ଯଥାଶୀଘ୍ର ସମ୍ଭବ ସ୍ଥିତି ସୁଧାରିବାକୁ ଜୁନ୍ ୬ରେ ହୋଇଥିବା କମାଣ୍ଡର ସ୍ତରୀୟ ଆଲୋଚନାର ସହମତିକୁ ମିଳିତ ଭାବେ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରତିଜ୍ଞାବଦ୍ଧ। ଗଲୱାନ ଭଳି ସଂଘର୍ଷ ଚାଇନା ଚାହିଁବ ନାହିଁ। ଭାରତ ଏଥିପାଇଁ ଦାୟୀ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ଅଭିଯୋଗକୁ ୱିଡୋଙ୍ଗ୍ ପୁଣିଥରେ ଦୋହରାଇଥିଲେ। ଗଲୱାନରେ ଦଶନ୍ଧି ଦଶନ୍ଧି ଧରି ଶାନ୍ତି ବଜାୟ ରହିଆସିଛି। ୨୦୨୦ ଆରମ୍ଭରେ ଭାରତ ପକ୍ଷରୁ ଉପତ୍ୟକାରେ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ସ୍ଥିତାବାସ୍ଥା ବଦଳାଇବା ଲାଗି କ୍ରମାଗତ ଉଦ୍ୟମ ହେଉଛି। ମେ' ୬ ତାରିଖ ରାତିରେ ଭାରତୀୟ ଯବାନ ଗଲୱାନ ଉପତ୍ୟକାରେ ଏଲ୍ଏସି ଅତିକ୍ରମ କରି ଚାଇନା ପାର୍ଶ୍ୱରେ ପ୍ରବେଶ କରିଥିଲେ ବୋଲି ୱିଡୋଙ୍ଗ୍ ଅଭିଯୋଗ କରିଛନ୍ତି। ଦୁଇପକ୍ଷ ମଧ୍ୟରେ ମୁହାଁମୁହିଁ ଅବସ୍ଥାକୁ ବଜାୟ ରଖିବା ପାଇଁ ଭାରତୀୟ ସେନା ଚାହୁଁଛି ଓ ସ୍ଥାୟୀ ଉପସ୍ଥିତି ବଜାୟ ରଖିବା ଉଦ୍ୟମ କରି ଭିତ୍ତିଭୂମି ନିର୍ମାଣ କରୁଛି। ଗଲୱାନ ଉପତ୍ୟକାକୁ ଭାରତ ନିଜର ବୋଲି ଦାବି କରିବା ସହ ଏହା ଉପରେ ଚାଇନାର ସାର୍ବଭୌମତ୍ୱକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଆସୁଛି ବୋଲି ସେ କହିଥିଲେ।

ଏହି ଘଟଣା ପରେ ଚାଇନା ପକ୍ଷ ଅନେକ ଥର ସାମରିକ ଓ କୂଟନୈତିକ ଚ୍ୟାନେଲ ଦେଇ ଭାରତୀୟ ପକ୍ଷ ନିକଟରେ ଆପତ୍ତି ଜଣାଇଛି। ଭାରତ ମଧ୍ୟ ଉକ୍ତ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପାଇଁ ରାଜି ହୋଇଥିଲା। ଉଭୟଙ୍କ ମଧ୍ୟରେ ଜୁନ୍ ୬ରେ ଲ୍ୟୁଟନାଣ୍ଟ ଜେନେରାଲ ସ୍ତରୀୟ ବୈଠକ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିବା ଅଞ୍ଚଳରୁ ସେନା ହଟାଇବା ପାଇଁ ସହମତି ହୋଇଥିଲା। ଗଲ୍‌ୱାନ ନଦୀ ପାର ହୋଇ ଭାରତୀୟ ଯବାନ ପାଟ୍ରୋଲିଂ କରିବାକୁ ଓ ନିର୍ମାଣ କାର୍ଯ୍ୟ ଲାଗି ଯିବେନାହିଁ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଗଲୱାନ ନଦୀ ମୁହାଣର ଉଭୟ ପାର୍ଶ୍ୱରେ ପର୍ଯ୍ୟବେକ୍ଷଣ ଘାଟି ସ୍ଥାପନ ଲାଗି ମଧ୍ୟ ଦୁଇ ଦେଶ ରାଜି ହୋଇଥିଲେ। ତେବେ ଏଲ୍ଏସିର ଭାରତ ପାର୍ଶ୍ୱରେ ଗଲୱାନ ଉପତ୍ୟକା ସଂଘର୍ଷ ଘଟିଥିବା ଭାରତ ବାରମ୍ବାର କହିଆସୁଛି। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏକାଧିକ ରାଜିନାମା ଅନୁଯାୟୀ ଭାରତୀୟ ପକ୍ଷଙ୍କୁ ପଦକ୍ଷେପ ନେବାକୁ ହେବ ବୋଲି ଚାଇନା ରାଷ୍ଟ୍ରଦୂତ କହିଛନ୍ତି।




# ଚୁକ୍ତି ରଦ୍ଦ କରିପାରେ ପ୍ରସାର ଭାରତୀ

## ସନ୍ ୱିଡୋଙ୍ଗ୍‌ଙ୍କ ସାକ୍ଷାତ୍‌କାର ପ୍ରସଙ୍ଗ

**ନୂଆଦିଲ୍ଲୀ,୨୭।୬**

ଚାଇନା ରାଷ୍ଟ୍ରଦୂତ ସହିତ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ବିବାଦୀୟ ସାକ୍ଷାତ୍‌କାର ପରିପ୍ରେକ୍ଷୀରେ ଉକ୍ତ ନ୍ୟୁଜ୍ ଏଜେନ୍ସି ସହ ଚୁକ୍ତିନାମାର ସମୀକ୍ଷା କରୁଛି ପ୍ରସାର ଭାରତୀ। ଭାରତର ଅନ୍ୟତମ ସର୍ବପୁରାତନ ତଥା ସର୍ବବୃହତ୍ ଖବର ସଂଗ୍ରହ ସଂସ୍ଥା ପିଟିଆଇ କିଛିଦିନ ପୂର୍ବରୁ ଚାଇନା ରାଷ୍ଟ୍ରଦୂତଙ୍କ ସାକ୍ଷାତ୍‌କାର ପ୍ରକାଶ କରି ସମାଲୋଚିତ ହୋଇଛି। ଉକ୍ତ ସାକ୍ଷାତ୍‌କାରରେ ସନ୍ ଲଦାଖ ସୀମା ସଙ୍କଟ ଏବଂ ଗଲ୍‌ୱାନ ଉପତ୍ୟକାରେ ହୋଇଥିବା ଆକ୍ରମଣ ପାଇଁ ସିଧାସଳଖ ଭାରତକୁ ଦୋଷ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପ୍ରସାର ଭାରତୀ ନ୍ୟୁଜ୍ ସର୍ଭିସେସ୍ (ପିବିଏନ୍ଏସ୍) ଶନିବାର ପିଟିଆଇକୁ ପତ୍ର ଲେଖି ଉକ୍ତ ରିପୋର୍ଟ ପରିପ୍ରେକ୍ଷୀରେ ସଂସ୍ଥା ସହ ସମ୍ପର୍କ ରଖିବ କି ନାହିଁ ସମୀକ୍ଷା କରୁଥିବା ଜଣାଇଦେଇଛି। ଏଭଳି ସାକ୍ଷାତକାର ଭାରତର ଜାତୀୟ ସ୍ୱାର୍ଥବିରୋଧୀ ଏବଂ ଦେଶର ଆଞ୍ଚଳିକ ସଂହତି ପ୍ରତି କ୍ଷତି ପହଞ୍ଚାଇପାରେ ବୋଲି ପିବିଏନ୍ଏସ୍ ଅଭିଯୋଗ କରିଛି।

ବାର୍ଷିକ ଗ୍ରାହକ ଶୁଳ୍କ ବାବଦରେ ପ୍ରସାର ଭାରତୀ ପିଟିଆଇକୁ ୬.୭୫ କୋଟି ଟଙ୍କା ପଇଠ କରିଥାଏ। ଏହି ଚୁକ୍ତି ବାତିଲ କରିବା ନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ପିଟିଆଇର ମତାମତ ମିଳିପାରି ନାହିଁ। ଚାଇନା ରାଷ୍ଟ୍ରଦୂତଙ୍କ ସାକ୍ଷାତ୍‌କାରକୁ ନେଇ କରାଯାଉଥିବା ସମାଲୋଚନା ଏକପାଖିଆ ଓ ଏହା ଠିକ୍ ନୁହେଁ ବୋଲି ପୂର୍ବରୁ ପିଟିଆଇ କହିଥିଲା।

ରାଷ୍ଟ୍ରାୟତ୍ତ ସଂସ୍ଥା ଅଲ୍ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନର ମୂଳ ସଂସ୍ଥା ପ୍ରସାର ଭାରତୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛି, ପିଟିଆଇର କାର୍ଯ୍ୟ ଏକ ଜନସେବା ପ୍ରସାରଣକାରୀ ସଂସ୍ଥା ଭାବେ ଥିବା ଏହାର ମୂଲ୍ୟବୋଧର ବିଶେଷକରି ପ୍ରସାର ଭାରତୀୟ ଆଇନ, ୧୯୯୦ର ଧାରା ୧୨ରେ ଥିବା ନିୟମର ବିରୁଦ୍ଧାଚରଣ କରୁଛି। ତେଣୁ ପିଟିଆଇ ସେବା ବଳବତ୍ତର ରଖିବା ପ୍ରସାର ଭାରତୀ ପକ୍ଷେ ଉଚିତ ହୋଇ ନ ପାରେ ବୋଲି ଏଥିରେ କୁହାଯାଇଛି।

ପ୍ରସାର ଭାରତୀ ଆଇନର ଧାରା ୧୨ ୨(କ) ଅନୁଯାୟୀ ଜନସେବା ପ୍ରସାରଣକାରୀ ସଂସ୍ଥା କାର୍ଯ୍ୟ କଲାବେଳେ ଦେଶର ଏକତା ଓ ସଂହତି ବଜାୟ ରଖିବା ଲକ୍ଷ୍ୟ ଦ୍ୱାରା ପରିଚାଳିତ ହେବାକୁ ବାଧ୍ୟ। ପୂର୍ବରୁ ପିଟିଆଇର ଏଭଳି ଭୁଲ୍‌କୁ 'ସମ୍ପାଦକୀୟ ତ୍ରୁଟି' କହି ପ୍ରସାର ଭାରତୀ ଏହାର ପ୍ରତିବାଦ କରିଥିଲା। ଏଭଳି ଭୁଲ୍ ଖବରର ପ୍ରଚାର ଜନସ୍ୱାର୍ଥ ବିରୋଧୀ ବୋଲି ପ୍ରସାରଣ ସଂସ୍ଥା ପକ୍ଷରୁ ସତର୍କ କରାଇଦିଆଯାଇଥିଲା।

୨୦୧୬-୧୭ରୁ ବାର୍ଷିକ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦେୟକୁ ସଂଶୋଧନ କରିବା ଲାଗି ପ୍ରସାର ଭାରତୀ ଉଦ୍ୟମ କରିଆସୁଥିଲେ ହେଁ ପିଟିଆଇ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲା। ୨୦୧୭-୧୮ରେ ପ୍ରସାର ଭାରତୀ ଏକପାଖିଆ ଭାବେ ଦେୟ ୨୫ ପ୍ରତିଶତ କମାଇଦେଇଥିଲା ବୋଲି ଏହାର ଜଣେ ଅଧିକାରୀ କହିଛନ୍ତି। ୧୯୪୭ରେ ପଞ୍ଜୀକୃତ ହୋଇଥିବା ପିଟିଆଇ ୧୯୪୯ରୁ କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରସାର ଭାରତୀ ପିଟିଆଇକୁ ସର୍ବାଧିକ ଦେୟ ପ୍ରଦାନ କରୁଛି। ଏହା ସତ୍ତ୍ୱେ ଖବରଦାତା ଓ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ନେଇ ଗଠିତ ପିଟିଆଇ ବୋର୍ଡରେ ପ୍ରସାର ଭାରତୀ ପାଇଁ ସ୍ଥାନ ନାହିଁ। ପିଟିଆଇ ୱେବ୍‌ସାଇଟ ଅନୁଯାୟୀ ଏହାର ଦେଶ ବିଦେଶରେ ୪୦୦ରୁ ଅଧିକ ଖବରଦାତା ଏବଂ ୫୦୦ ଷ୍ଟ୍ରିଞ୍ଜର୍ ଦୈନିକ ୨୦୦୦ରୁ ଅଧିକ ନ୍ୟୁଜ୍ ଓ ୨୦୦ ଫଟୋ ପଠାଇଥାନ୍ତି। ସଂସ୍ଥା ବିଶ୍ୱ ସ୍ତରରେ ଏହାର ଉପସ୍ଥିତି ଜାରି କରିବା ଲାଗି ଅନେକ ବିଦେଶୀ ନ୍ୟୁଜ୍ ଏଜେନ୍ସି ସହ ଖବର ଆଦାନପ୍ରଦାନ କରିଥାଏ।




# ରଥଯାତ୍ରାକୁ ଜାତୀୟ ଛୁଟି ଘୋଷଣା କରାଯାଉ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଜାତୀୟ ଛୁଟି ଦିବସ ଭାବେ ଘୋଷଣା କରାଯାଉ। ଏନେଇ ଦାବି ଜୋର୍ ଧରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଦାବି ଉପସ୍ଥାପନ କରିଛି ଓଡ଼ିଶା କଲଚରାଲ୍ ସର୍କଲ। ଏହାର ଅଧ୍ୟକ୍ଷ ତଥା ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା (ଏଚ୍ଆର୍ଏଓ)ର ଅଧ୍ୟକ୍ଷ ଜେ.କେ. ମହାନ୍ତି ଲେଖିଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। କେବଳ ପୁରୀ କିମ୍ବା ଓଡ଼ିଶାରେ ରଥଯାତ୍ରା ସୀମିତ ନାହିଁ କି କେବଳ ଓଡ଼ିଆଙ୍କ ପର୍ବ ହୋଇ ରହିନାହିଁ। ଦେଶ ଓ ବିଦେଶରେ ମହାପ୍ରଭୁଙ୍କ ରଥ ଗଡୁଛି। ସାରା ବିଶ୍ୱବାସୀ ଏହି ଉତ୍ସବରେ ସାମିଲ ହେଉଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥରେ ଦେଖିବାକୁ ଓ ରଥ ଟାଣିବାକୁ ସାରା ଦେଶରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳୁଛି। ଏହି ପବିତ୍ର ଦିନକୁ ଜାତୀୟ ଛୁଟି ଘୋଷଣା କଲେ ସମସ୍ତେ ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ ନେଇପାରନ୍ତେ। ଏଥିସହ ଓଡ଼ିଶା ତଥା ଭାରତୀୟ ସଂସ୍କୃତି ଓ ଧାର୍ମିକ ଭାବନାର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ରଥଯାତ୍ରା ଆହୁରି ଲୋକପ୍ରିୟ ହୋଇପାରନ୍ତା ବୋଲି ଯୁକ୍ତି ଦର୍ଶାଇଛନ୍ତି।



■ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଗଲା ଚିଠି

■ ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିକାଶରେ ସହାୟକ ହେବ

କେବଳ ସେତିକି ନୁହେଁ, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନର ବିକାଶରେ ଏହା ବିଶେଷ ସହାୟକ ହେବ। ବିଶେଷକରି ଓଡ଼ିଶା ପର୍ଯ୍ୟଟନକୁ ରଥଯାତ୍ରା ମାଧ୍ୟମରେ ଆହୁରି ଆଗକୁ ନେଇ ହେବ। ବିଶ୍ୱ ଭ୍ରାତୃଭାବକୁ ପ୍ରଚାର କରିବାରେ ଓ ଭଗବାନଙ୍କ ସହ ଭକ୍ତଙ୍କୁ ନିକଟତର କରିବାରେ ଏହି ଯାତ୍ରା ଏକ ଅନନ୍ୟ ଉଦାହରଣ। ମହାପ୍ରଭୁ ନିଜେ ମନ୍ଦିର ବାହାରକୁ ଆସି ରଥାରୁଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେବା ଏକ ବିରଳ ତଥା ଅଦ୍ୱିତୀୟ ପରମ୍ପରା। ସବୁ ବର୍ଗ, ସବୁ ଜାତି, ସବୁ ଧର୍ମର ଲୋକ ରଥ ଟାଣିବା ପରି ଦୃଶ୍ୟ ଅନ୍ୟ କୌଣସି ଧାର୍ମିକ ଉତ୍ସବରେ ଦେଖିବାକୁ ମିଳେନି। ତେଣୁ ରଥଯାତ୍ରାର ବିଶେଷତ୍ୱ ଏବଂ ଭାରତୀୟ ତଥା ହିନ୍ଦୁ ସଂସ୍କୃତିର ଏହି ଅନନ୍ୟ ବିଭବକୁ ବିଚାରକୁ ନେଇ ଏହି ଦିନକୁ ଜାତୀୟ ଛୁଟି ଭାବେ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ମହାନ୍ତି ଅନୁରୋଧ କରିଛନ୍ତି। ଏନେଇ ଓଡ଼ିଶା କଲଚରାଲ୍ ସର୍କଲ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜମି ସମସ୍ୟାରେ ୫ ହଜାର ପ୍ରଜା

**ଅଭିଲାଷ ଦାସ**
ଯାଜପୁର ରୋଡ୍,୨୭।୬

## ବ୍ୟାସନଗର

- ଓଏସ୍ଏସ୍ ମାମଲାରୁ ମୁକ୍ତି ମିଳୁନି
- ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ୭୫% ସହରବାସୀ

ବ୍ୟାସନଗର ପୌର ପରିଷଦର ପ୍ରାୟ ୭୫% ବାସିନ୍ଦା ଜମି ସମସ୍ୟାରେ ଧନ୍ଦି ହେଉଛନ୍ତି। ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ କରାଯାଇଥିବା ଓଏସ୍ଏସ୍(ଓଡ଼ିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ) ମାମଲା ପ୍ରତ୍ୟାହାର କରିବାକୁ ବ୍ୟାସନଗର ଜମି ସୁରକ୍ଷା କମିଟି ଦାବି କରି ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏହି ଲୋକମାନେ ଫାଇନାଲ ପଟ୍ଟା ନ ପାଇ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି।

ବ୍ୟାସନଗର ସହରାଞ୍ଚଳର ଅଧିକାଂଶ ଜମି ସୁକିନ୍ଦା ଓ କେନ୍ଦୁଝର ରାଜଶାସନ ଅନ୍ତର୍ଭୁକ୍ତ ଥିଲା। ବ୍ୟାସନଗର ତହସିଲ ଅଧୀନ ମୁଣ୍ଡମାଳ, ଚୋରଦା, ରମ୍ଭାସ ଓ ଉମାପଦା ମୌଜା ଏହି ଶାସନଭୁକ୍ତ ଜମି । ରାଜଶାସନ ସମୟରେ ୧୯୩୨ରୁ ୧୯୪୮ ମଧ୍ୟରେ ସେତେବେଳର ଶାସକମାନେ ଚାଷ ଉଦ୍ଦେଶ୍ୟରେ ପ୍ରଜାମାନଙ୍କୁ ଲିଜ୍ ସୂତ୍ରେ ପଟ୍ଟା ପ୍ରଦାନ କରି ଖଜଣା ଆଦାୟ କରୁଥିଲେ। ୧୯୪୭ ଦେଶ ସ୍ୱାଧୀନତା ପରେ ଇଷ୍ଟେଟ ଆବୋଲିଶନ ଆକ୍ଟ-୧୯୫୨କୁ ଆଧାର କରି ତତ୍କାଳୀନ ଶାସକମାନେ ସରକାରଙ୍କୁ ନିଜର ଇଷ୍ଟେଟ ଓ ତତ୍‌ସଂଲଗ୍ନ କାଗଜପତ୍ର ହସ୍ତାନ୍ତର କରିଥିଲେ। ଏଭଳିସ୍ଥଳେ ପୂର୍ବରୁ ପ୍ରଜାମାନଙ୍କୁ ଲିଜ୍ ବା ବିଭିନ୍ନ ଆଧାରରେ ଦିଆଯାଇଥିବା ଜମି ପଟ୍ଟାକୁ ମଧ୍ୟ ସରକାର ସ୍ୱୀକାର କରିଥିଲେ। ଏହାସହିତ ପ୍ରଜାମାନଙ୍କ ନାମରେ ରାଜାଙ୍କ ପ୍ରଦତ୍ତ ଏକପାଦିଆକୁ ଭିତ୍ତିକରି ଟେନେଣ୍ଟ ଲେଜର ଖୋଲିଥିଲେ। ସେମାନଙ୍କୁ ପ୍ରଜା ବୋଲି ସ୍ୱୀକାର କରି ୧୯୫୨ରୁ ଖଜଣା ଆଦାୟ କରାଯାଉଛି। ୧୯୮୨ର ସେଟେଲମେଣ୍ଟ ଅପରେଶନ ପରଠାରୁ ଏହି ସ୍ୱୀକୃତିପ୍ରାପ୍ତ ପ୍ରଜାମାନେ ଯେଉଁ ବ୍ୟକ୍ତିବିଶେଷଙ୍କୁ ଜମି ବିକ୍ରି କରିଛନ୍ତି ସେମାନଙ୍କୁ ସରକାର ସ୍ଥାୟୀ ପ୍ରଜାଭାବେ ଗ୍ରହଣ କରି ନଟ୍ ଫାଇନାଲ ପଟ୍ଟା ପ୍ରଦାନ କରିଛନ୍ତି। ଉପରୋକ୍ତ ୪ ମୌଜାର ସମସ୍ତ ପ୍ରଜା ସରକାରଙ୍କ ବିଧିବିଧାନ ଅନୁସାରେ କେଏନ୍‌ଡିଏ(କଳିଙ୍ଗନଗର ଡେଭଲପମେଣ୍ଟ ଅଥରିଟି)ର ମଞ୍ଜୁରୀରେ ଗୃହ ନିର୍ମାଣ କରିଛନ୍ତି। ୨୦୧୨ରୁ ବ୍ୟାସନଗର ଜମି ସୁରକ୍ଷା କମିଟି ପକ୍ଷରୁ ଓଏସ୍ଏସ୍ ମାମଲା ପ୍ରତ୍ୟାହାର କରି ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଉଛି। କିନ୍ତୁ ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ କାରଣ ଦର୍ଶାଇ ଏହି ଦାବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଜମି ସୁରକ୍ଷା କମିଟି ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଦ୍ୱାରା ଗଠିତ ସବ୍‌କମିଟିର ସଭ୍ୟ ରମ୍ଭାସ ମୌଜାର ଦେବପ୍ରକାଶ ମହାନ୍ତି, ଚୋରଦା ମୌଜାର ବିଶ୍ୱନାଥ ସାହୁ, ଉମାପଦା ମୌଜାର ଦୁର୍ଗାଚରଣ ପ୍ରତିହାରୀ ଓ ମୁଣ୍ଡମାଳ ମୌଜାର ଅମୂଲ୍ୟ କୁମାର ତ୍ରିପାଠୀ କୁହନ୍ତି, ଫାଇନାଲ ପଟ୍ଟା ନ ମିଳିବାରୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ମିଳିପାରୁନାହିଁ। ରାଜସ୍ୱ ସଚିବ, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ସରକାର ଏହି ଗୁରୁତର ସମସ୍ୟାର ସମାଧାନ ଦିଗରେ କୌଣସି ଆଗ୍ରହ ପ୍ରକାଶ କରୁନାହାନ୍ତି। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହି ମାମଲା ବିଚାରାଧୀନ ରହିଛି। ଏହାର ସମାଧାନ ନହେଲେ ଅର୍ଥନୈତିକ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କରୋନା ପରିସ୍ଥିତି ଯୋଗୁ ଜମି ସଂକ୍ରାନ୍ତୀୟ ସ୍ଥିତି ଉପରେ କୌଣସି କାର୍ଯ୍ୟ ଆଗେଇ ପାରିନାହିଁ। ଏଥିପାଇଁ ସମୟ ଆବଶ୍ୟକ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଭିସୁଟ୍ ଛାତ୍ର ନିର୍ମାଣ କଲେ ବିଶୋଧନ ଯନ୍ତ୍ର

**ସମ୍ବଲପୁର,୨୭।୬(ବ୍ୟୁରୋ)**



ବୁର୍ଲା ଭିସୁଟ ଛାତ୍ର ତିଆରି କରିଥିବା ଯନ୍ତ୍ର ।

ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଭିସୁଟ ରୋବୋଟିକ୍ସ ସୋସାଇଟିର ଛାତ୍ରୀଛାତ୍ରମାନେ କଣ୍ଟାକ୍ଟଲେସ୍ ୟୁଭି ଡିସଇନଫେକ୍ଟାଣ୍ଟ (ୟୁଭିଆରଏଏସ୍) ନିର୍ମାଣ କରିଛନ୍ତି। ଏହି ଯନ୍ତ୍ରରୁ ବାହାରୁଥିବା ୟୁଭି ରଶ୍ମି ବିଶୋଧନ କରିବାରେ ସାହାଯ୍ୟ କରେ ଓ ମଣିଷ ଶରୀର ପାଇଁ କ୍ଷତିକାରକ ନୁହେଁ। ଏଥିରେ ଅତ୍ୟାଧୁନିକ କ୍ୟାମେରା ବ୍ୟବହାର ହୋଇଥିବାରୁ ଉକ୍ତ ସ୍ଥାନର ଭିଡିଓ ଦେଖାଯାଇ ପାରିବ। ଏହାକୁ ରିମୋଟ ଦ୍ୱାରା ନିୟନ୍ତ୍ରଣ କରାଯାଉଛି। ପୁଲହ ଛାତ୍ରାବାସରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ଏହାକୁ ପ୍ରଥମେ ବ୍ୟବହାର କରିବା ପାଇଁ ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ପରୀକ୍ଷା କରି ସ୍ୱୀକୃତି ଦେବା ପରେ ଅଧିକ ସଂଖ୍ୟାରେ ଏହି ଯନ୍ତ୍ର ନିର୍ମାଣ କରିବାର ଲକ୍ଷ୍ୟ ରଖିଛନ୍ତି ଏହି ଛାତ୍ରୀଛାତ୍ରମାନେ। ଏହାସହ ଏକ ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର ତିଆରି କରାଯାଇଛି। ଯେଉଁଥିରେ ବ୍ୟବହୃତ ସେନସର୍ ଦ୍ୱାରା କିଛି ସ୍ପର୍ଶ ନ କରି ଜଣେ ସାନିଟାଇଜରକୁ ବ୍ୟବହାର କରିପାରିବ। ଏଥିରେ ଉପଯୋଗ ହେଉଥିବା ସାନିଟାଇଜର ଭିସୁଟର ରସାୟନ (କେମେଷ୍ଟ୍ରି) ବିଭାଗରେ ପ୍ରସ୍ତୁତ କରାଯାଇଛି। ଏହି ଡିସ୍ପେନସର୍‌ର ମୂଲ୍ୟ ୨୫୦୦ ଟଙ୍କା ରହିଛି। ରୋବୋଟିକ୍ସ ସୋସାଇଟିର ସେକ୍ରେଟାରୀ ଅଭିଷେକ ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରଥମ ବର୍ଷ ଛାତ୍ର ଅଭ୍ୟୁଦୟ ଦାଶ, ଆୟୁଷ ସିଂ, ତ୍ରିଲୋଚନ ବସନ୍ତିଆ ଓ ଅଭିପ୍ସ ରାଜଙ୍କୁ ଏହାକୁ ନିର୍ମାଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ଏତେ**
**ମୁଦି ନାହିଁ ଗୋଡ଼ କଚାଡୁ କେତେ?**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡି ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭା ପାଇ ନ ଥାଏ। ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ଛଇ ଛଟକି ଦେଖେଇହେଉଥିବା ନାରୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ତୀର୍ଥ ପାଣି ଗୋଳିଆ**
**କୁଳ କନ୍ୟା କାଳିଆ।**

ତୀର୍ଥ ପାଣି ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେକରାଯାଏ। ସେହିପରି
ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଅଦୃତା ବା ଗ୍ରହଣୀୟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ପ୍ରଥମ ପୃଷ୍ଠାରୁ...

### ମୁହଁ ଫେରାଉଛନ୍ତି ...

ସରକାର ମଧ୍ୟ ମାନିଛନ୍ତି ଯେ, ଏମ୍ଏସ୍ଏମ୍ଇ କ୍ଷେତ୍ର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରୁଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଏମ୍ଏସ୍ଏମ୍ଇ ବିକାଶ ନୀତି ବଳରେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହୋଇଛି। କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ୨୦୧୮ ଷ୍ଟାର୍ଟ ଅପ୍ ର୍ୟାଙ୍କରେ ଓଡ଼ିଶା ଏକ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଜିଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଡିଏଲ୍ଏସ୍‌ଡବ୍ଲ୍ୟୁସିଏ) ଗଠନ କରି ଷ୍ଟାର୍ଟ ଅପ୍ ଓଡ଼ିଶା ଆରମ୍ଭ କରି ଏମ୍ଏସ୍ଏମ୍ଇଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି । ଏ ସବୁ ସତ୍ତ୍ୱେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବେଳକୁ ବେଳ ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ମହାସଚିବ ସ୍ୱସ୍ତିକ ସ୍ୱାଇଁ କହିଛନ୍ତି ଯେ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକ ଆର୍ଥିକ ଓ ବଜାର ସୁବିଧା ନ ଥିବା ଯୋଗୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କରୋନା ମହାମାରୀ ପରେ କ୍ଷୁଦ୍ରଶିଳ୍ପଗୁଡ଼ିକରେ ଆହୁରି ସମସ୍ୟା ବଢ଼ିଯାଇଛି। ଶ୍ରମିକ, ଆର୍ଥିକ ସଙ୍କଟ ଓ ଉତ୍ପାଦିତ ଦ୍ରବ୍ୟର ଅଭାବୀ ବିକ୍ରି ସମସ୍ୟାକୁ ବହୁଗୁଣିତ କରି ଦେଇଛି। ସରକାର ଉଦ୍ୟୋଗଗୁଡିକ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା ନ କଲେ ଏମ୍ଏସ୍ଏମ୍ଇ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହେବ। ଏଥିରେ ନିଯୁକ୍ତି ପାଇଥିବା ଲକ୍ଷ ଲକ୍ଷ ଲୋକ କାମଧନ୍ଦା ହରାଇ ବସିବେ। ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, କରୋନା ମହାମାରୀ ସମୟରେ ଶିଳ୍ପଗୁଡିକୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ରାଜ୍ୟ ସରକାର ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଅନ୍ୟପକ୍ଷରେ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଗତ ୫ ବର୍ଷ ମଧ୍ୟରେ ୮୬୬୨ ଜଣଙ୍କୁ ୭୩୦୯.୬୮ ଲକ୍ଷ ଟଙ୍କା ଆଇପିଆର ରିହାତି ଦିଆଯାଇଛି। ସେହିପରି ଓଡ଼ିଶା ଏମ୍ଏସ୍ଏମ୍ଇଡି ପଲିସି ମାଧ୍ୟମରେ ୧୭୦୦ ଜଣଙ୍କୁ ୧୦୭୪.୦୬ ଲକ୍ଷ ଟଙ୍କା ରିହାତି ଆକାରରେ ପ୍ରଦାନ କରାଯାଇଛି।

### ଗୁଣିଗାରେଡ଼ି ସନ୍ଦେହରେ ...

ରାମପ୍ରସାଦ ନାଗ ପେଣ୍ଡାଲଗୁଡା ଗ୍ରାମରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ କରିଛନ୍ତି। ସନ୍ଦେହରେ ଗ୍ରାମର ୨ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବ ବୋଲି ନାଗ କହିଛନ୍ତି। ସୂଚନାଯୋଗ୍ୟଯେ, ଗତ ଦୁଇଦିନ ତଳେ ମାଲକାନଗିରି ଜିଲା ମୋଟୁ ଥାନାର ବିନାୟକପୁର ଗ୍ରାମରେ ଗୋଟିଏ ପରିବାରର ମା' ଓ ଝିଅ ଶୋଇଥିବା ଅବସ୍ଥାରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଗୁରୁତର ଅବସ୍ଥାରେ ଏବେ ଚିକିତ୍ସାଧୀନ ଅଛନ୍ତି। ଗୁଣିଗାରେଡି ଯୋଗୁ କେହି ରାଗ ରଖି ଏପରି ଘଟାଇଥାଇପାରେ ବୋଲି ଗ୍ରାମରେ ମତ ପ୍ରକାଶ ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ପାପଗ୍ରହ ଯୁକ୍ତ ରବିଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ । ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକ ସମସ୍ୟାରେ ଛନ୍ଦି ହୋଇଯିବେ।

**ବୃଷ** — ଧନସ୍ଥାନରେ ରାହୁଙ୍କ ସହ ବୁଧ ପ୍ରଭାବରେ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ଗୌରବାନ୍ୱିତ ହେବେ। ମାତ୍ର ପଡୋଶିନୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** — କର୍ମସ୍ଥାନରେ ମଙ୍ଗଳଙ୍କ ସକାଶେ କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବନି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଆଶା କରୁଥିବା ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ।

**କର୍କଟ** — ଲାଭସ୍ଥାନରେ ଶୁକ୍ର ରହିଥିବା କାରଣରୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡା ଅନୁଭବ କରିପାରନ୍ତି।

**ସିଂହ** — ରାଶ୍ୟାଧିପ ରବି ଏକାଦଶସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ବନ୍ଧୁଙ୍କ ପ୍ରେରଣାରୁ ଉପକୃତ ହେବେ। ତଥାପି ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ।

**କନ୍ୟା** — ତୃତୀୟ ଅଷ୍ଟମାଧିପ ମଙ୍ଗଳ ସପ୍ତମସ୍ଥ ଯୋଗୁ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦ କ୍ଷେତ୍ରରେ ସଫଳତା ମିଳି ନ ପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି କେବଳ ଅଶାନ୍ତି ସୃଷ୍ଟିର କାରଣ ହେବ । ଅନ୍ୟମାନଙ୍କୁ ଖୁସୀରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା** — କର୍ମାଧିପତିଙ୍କୁ ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ କାର୍ଯ୍ୟବ୍ୟସ୍ତତା ଓ ମାନସିକଚାପ ବୃଦ୍ଧିଜନିତ ମନ ଅଶାନ୍ତ ରହିବ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା** — ଚତୁର୍ଥସ୍ଥ ବକ୍ରୀ ଗୁରୁ ଓ ଶନି ହେତୁକ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** — ସାମଗ୍ରିକ ଦୃଷ୍ଟିକୋଣରୁ ଆଜିର ଜୀବନଯାତ୍ରା ସରଳ ଓ ସାବଲୀଳ ରହିବ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।


**ମକର** — ସ୍ୱାସ୍ଥ୍ୟସମସ୍ୟା ନିରାକରଣ ଦିଗରେ ବନ୍ଧୁଙ୍କ ମାର୍ଗଦର୍ଶନ ହିତକାରୀ ହୋଇପାରେ । ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ମାନସିକ ସ୍ଥିତିରେ ଆଶାବାଦୀ ହୋଇପାରନ୍ତି । ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱଦୂର ହେବ ।

**କୁମ୍ଭ** — ସ୍ୱଗୃହୀ ସୁଖକାରକ ଶୁକ୍ର ଆପଣଙ୍କୁ ବିଳାସବ୍ୟସନ, ମନୋରଞ୍ଜନ ମାଧ୍ୟମରେ ଉତ୍ସାହିତ କରିପାରନ୍ତି। ପରିବାର ସଦସ୍ୟଙ୍କ କାର୍ଯ୍ୟ ପସନ୍ଦ ନ ହେଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ । କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**ମୀନ** — ବୃହସ୍ପତି ଲାଭ ଓ ବ୍ୟୟାଧିପ ଶନିଙ୍କ ସାନ୍ନିଧ୍ୟରେ ଥିବାରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଅପରିଣାମଦର୍ଶିତା କାରଣରୁ ସାଧାରଣ କଥାକୁ ଅସାଧାରଣ ସ୍ଥିତି ଯାଇପାରେ।

ଆଜି ଆଷାଢ଼ ଶୁକ୍ଳପକ୍ଷର ପରଶୁରାମାଷ୍ଟମୀ ରବିବାର, ଜୁନ୍ ୨୮ ତାରିଖ, ରାଶି ନକ୍ଷତ୍ର, ଦିବା ଘ.୦୮.୪୫ମି.ଗତେ, ହସ୍ତା/କନ୍ୟା,ବୃଷ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୦୦ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୦୧.୨୯ମି. ଗତେ ଘ.୦୨.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୦୭.୫୨ମି. ମଧ୍ୟେ, ରାତ୍ରି ଘ.୧୦.୪୫ମି. ଗତେ ଘ.୧୨.୫୫ମି. ମଧ୍ୟେ ଅମୃତ ବେଳା । ଅପରାହ୍ନ ଘ.୦୪.୪୦ମି. ଗତେ ଘ.୦୫.୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୪୬ମି. ଗତେ ଘ.୦୬.୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

Wanted a beautiful Kaibarta Girl for a Handsome Boy, 36+, 5'8" wellsettled Businessman. 7978615486. D-69319

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony". 7978736177. D-68250

**GROOM WANTED**

ବୟସ ୩୦, Nurse ଥିବା ଦରମା 27,000/-, Widow, ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 9178910847. D-17566

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ବରପାତ୍ର ପାଇଁ "Akankshya Matrimony". 7978736177. D-68249

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

automobile

**SALE**

ଦିଲ୍ଲୀ ଯିବା ପୂର୍ବରୁ ବିକ୍ରି ହେବାପାଇଁ ଅଛି ସ୍କୁଟି ପେପ୍ ଓ ସାମସଙ୍ଗ ଟିଭି Contact- 7008437072. within two days. D-67754

real estate

**SALE**

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner- 9090963952.** D-69112

"Residential Plot (55x45) Prime Location at Khandagiri, Bhubaneswar for sale. Sthitiban, Gharabari. Phone : 6371358272". D-69296

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot** କିଣନ୍ତୁ। **9937166932.** D-69317

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 6371569855. D-69110

ଭୁବନେଶ୍ୱର ପିତାପଲ୍ଲୀ ଛକ **NH side**ରେ **boundary wall, 30ft.** ରାସ୍ତା ସହିତ **plot** ମିଳୁଛି ଏବଂ ଜଟଣୀଗେଟ୍‌ରୁ **500,** ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। **6370292040.** D-69127

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

Tankapani road Sai Temple plots sqft. 1200/-, 1600/-, booking 2BHK simplex furnished house 34,50,000/, finance available. 7735738102. D-17583

**GENERAL**

**SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517

to-let

Furnished 1BHK AC House, Car parking, Oldtown, Bhubaneswar. 7,000/-, 9437388990. D-69417

**Two Bed Room, Toilet, Kitchen, Bike parking, Garden space in Tamando, Rs.6000 pm. Contact: 9439288171.** D-17575

Ground Floor with Bed Room, Drawing Cum, Dining, Bathroom, Kitchen and Garage for rent Jagamara. 8895529789, 6372496582. D-17576

Cold storage size 15 x 12 x 10, Rasulgarh, Bhubaneswar. Mob: 8917525377. D-17574

ସାମନ୍ତରାପୁର ପାଖ ରାସ୍ତାକଡ଼େ ଦୋକାନ, ଅଫିସ୍, ଗୋଦାମ, କଲେଜ, ସ୍କୁଲପାଇଁ ଭଡ଼ା ଦିଆଯିବ। 7609836849, 9861416754. D-67753

2320 sqft Go-down for Rent, Talasahi, Shikarpur, Cuttack Rs.20/-per sqft (Three month advance). Contact Saroj- 8895331410, 9437552432. D-17597

3 BHK semi furnished house in Banaja Apartment, Unit-6. Contact: 6372133218. D-17593

Unit No. 430,DLF, Patia, 1225 sft. semi furnished available for rent from 1st July 2020 (Commercial use). Mob: 9652457167. D-17549

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

A reputed take away restaurant specializing in variety snacks/ meals requires franchisees. Low investment. Call 8337068899. D-17612

astrology

Vastu ଅନୁସାରେ house designing construction layout A-Z solution କରିବାକୁ ଚାହୁଁଛନ୍ତି କି? Akankshya Vastu. 7978736177. D-68248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ରବିବାର, ୨୮ ଜୁନ୍, ୨୦୨୦



## ପୂର୍ବତନ ମନ୍ତ୍ରୀ ଲାଲ୍‌ବିହାରୀ ହିମିରିକା ଅସୁସ୍ଥ



**ରାୟଗଡ଼ା ଅଫିସ,୨୭।୬:** ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଉପବାଚସ୍ପତି ଲାଲ୍‌ବିହାରୀ ହିମିରିକା ଶୁକ୍ରବାର ରାତିରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଝାଡ଼ା, ପରିସ୍ରା ହେବାରେ ସମସ୍ୟା ରହୁଛି। ତେବେ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଦୀପକ ଗୁପ୍ତାଙ୍କୁ ଜାମିନ

**କେନ୍ଦୁଝର,୨୭।୬(ସ୍ୱ.ପ୍ର./ଡି.ଏନ.ଏ.):** ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା କେନ୍ଦୁଝର ଜେଲରୁ ଶନିବାର ସନ୍ଧ୍ୟାରେ ଜାମିନରେ ଆସିଛନ୍ତି। ୨୦୧୩ ସେପ୍ଟେମ୍ବର ୫ରେ ଗିରଫ ହୋଇ ସେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ହାଇକୋର୍ଟ ଶୁକ୍ରବାର ତାଙ୍କୁ ଏକ ମାସ ପାଇଁ ସର୍ତ୍ତମୂଳକ ଜାମିନ ଅନୁମତି ଦେଇଥିଲେ। କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ଶନିବାର ଜାମିନ ଆଦେଶ ମିଳିବା ପରେ ସନ୍ଧ୍ୟା ପ୍ରାୟ ୫ଟା ୫୫ରେ ସେ ଜେଲ୍‌ରୁ ବାହାରିଥିଲେ। ସ୍ଥାନୀୟ କୋର୍ଟରୁ ରିଲିଜ ଅର୍ଡର ମିଳିବା ପରେ ତାଙ୍କୁ ଛଡ଼ାଯାଇଥିବା ଜେଲ ଅଧୀକ୍ଷକ ଗରିବ ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଥିବା ଦୀପକ ଗୁପ୍ତା ୨୦୧୩ରେ ଗିରଫ ହୋଇଥିଲେ। ଏହି ଘଟଣାରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ, ଖଣି, ଜଙ୍ଗଲ ଓ ରାଜସ୍ୱ ବିଭାଗର ବହୁ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ମାମଲା ରୁଜୁକରି ଗିରଫ କରିଥିଲା। ଭିଜିଲାନ୍ସ ବିଭାଗ ଦୁଇଟି କମ୍ପାନୀ ସମେତ ୨୯ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଗିରଫ ପରେ ଏବେ କେତେଜଣ ଜାମିନରେ ଥିବାବେଳେ ଦୀପକଙ୍କ ପରିବାରର କେତେଜଣ ସଦସ୍ୟ ଫେରାର ରହିଥିବା ଜଣାପଡ଼ିଛି।

## ବାସିପଖାଳ ଖାଇ ୭ ଶ୍ରମିକ ଅସୁସ୍ଥ

**ଚାନ୍ଦବାଲି,୨୭।୬(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହି ପଞ୍ଚାୟତର ଆମ୍ବୁଲ କମ୍ଳପୁର ଗାଁର ୬ଜଣ ପୁରୁଷ ଓ ଜଣେ ମହିଳା ନିର୍ମାଣ ଶ୍ରମିକ ବାସିପଖାଳ ଖାଇ ଶନିବାର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆବଶ୍ୟକ ହେଲେ ସେମାନଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟ ପଠାଯିବ ବୋଲି ସୂଚନା ମିଳିଛି। ଶୁକ୍ରବାର ରନ୍ଧା ହୋଇଥିବା ଭାତର ପଖାଳ ଖାଇ ଏହି ଶ୍ରମିକମାନେ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେତେକ ରାଜମିସ୍ତ୍ରି ରହିଛନ୍ତି। ସମସ୍ତଙ୍କ ଘର ଚାନ୍ଦବାଲି ଏନଏସି ଅଧୀନ ବାଲିଗାଁ ୱାର୍ଡରେ। ଆମ୍ବୁଲ କମ୍ଳପୁର ଗାଁରେ ଏକ ପକ୍କାଘର ନିର୍ମାଣରେ ଏମାନେ ସମସ୍ତେ କାମ କରୁଥିଲେ। ସେମାନେ ପୂର୍ବାହ୍ନ ୧୧ଟା ବେଳେ କାର୍ଯ୍ୟସ୍ଥଳରେ ପଖାଳ ଖାଇବା ପରେ ସମସ୍ତଙ୍କର ବାନ୍ତି ହୋଇଥିଲା। ତେବେ ଫୁଡ୍ ପଏଜନ କାରଣରୁ ଏପରି ହୋଇଥିବା କୁହାଯାଉଛି।

## ଭିଜିଲାନ୍ସ ଜାଲରେ ସରପଞ୍ଚ



ସରପଞ୍ଚ ରଇଲା ମାଝି

**ଦଶମନ୍ତପୁର/ଜୟପୁର,୨୭।୬ (ନି.ପ୍ର./ଡି.ଏନ.ଏ.):** କୋରାପୁଟ ଜିଲା ଜୟପୁର ଭିଜିଲାନ୍ସ ପକ୍ଷରୁ ଶନିବାର ହିତାଧିକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ମହିଳା ସରପଞ୍ଚ ଧରାପଡ଼ିଛନ୍ତି। ତାଙ୍କଠାରୁ ଟଙ୍କା ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତରେ ଏପରି ଘଟଣା ଘଟିଛି। ଖବରରୁ ଜଣାପଡିଛି ବକଡାବେଡ଼ା ଗ୍ରାମର ଗଙ୍ଗାଧର ସାଉନ୍ତା ଏମ୍‌ଜିଏନଆରଇଜିଏସ୍‌ରେ ୧୦ ଲକ୍ଷ ଟଙ୍କା ମୂଲ୍ୟ ଅଟକଳର ଏକ ପୋଖରୀ ଖୋଳିବାକୁ ଚାହୁଁଥିଲେ। ଏଥିପାଇଁ ତାଙ୍କର କାର୍ଯ୍ୟାଦେଶ ପାଇଁ ସେ ସରପଞ୍ଚ ରଇଲା ମାଝିଙ୍କ ନିକଟକୁ ଯାଇଥିଲେ। କାର୍ଯ୍ୟାଦେଶ କରାଇ ଦେବାକୁ ସରପଞ୍ଚ ରଇଲା ତାଙ୍କୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ। ଏ ସମ୍ପର୍କରେ ଗଙ୍ଗାଧର ଜୟପୁର ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ମୁତାବକ ଗଙ୍ଗାଧର ସରପଞ୍ଚ ରଇଲା ରହୁଥିବା ସେମିଳିଗୁଡା ବ୍ଲକ ଭେଜିପୁଟ ଗ୍ରାମରେ ୨୦ ହଜାର ଟଙ୍କା ଦେଇଥିଲେ। ଏହି ଟଙ୍କା ନେଉଥିବା ବେଳେ ପୂର୍ବରୁ ଆସି ଡିଏସ୍‌ପି କେ.କେ. ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଗି ରହିଥିବା ଟିମ୍ ସରପଞ୍ଚଙ୍କୁ ଧରିଥିଲେ। ଚଢ଼ାଉରେ ଇନ୍ସପେକ୍ଟର ଶିବରାମ ସାହୁ, ସୂର୍ଯ୍ୟକାନ୍ତି ଟାକ୍ରିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ତାଙ୍କ ନାମରେ ୧୩/୨୦ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ମାଲକାନଗିରି ଜିଲାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣି ଅକ୍ଷୟ କୁମାର ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

# ହିଂସ୍ର ହେଉଛି 'ରାକେଶ'

**ଢେଙ୍କାନାଳ ଅଫିସ, ୨୭।୬**



କ୍ରାଲ୍‌ରେ ରାକେଶ

- ବଦଳୁଛି ବନ୍ଦୀ ଦନ୍ତାର ଆଚରଣ
- କ୍ରାଲ୍ ଭାଙ୍ଗିବାକୁ ଉଦ୍ୟମ କରୁଛି
- ଜଙ୍ଗଲରେ ଛାଡ଼ିଦେବାକୁ ଚିନ୍ତା କରୁଛି ବନ ବିଭାଗ

ଜଙ୍ଗଲରେ ମୁକ୍ତ ହୋଇ ବୁଲୁଥିଲା ସେ। ହିଂସ୍ର ଆଚରଣ ତାକୁ ବନ୍ଦୀ କରିଦେଲା ଚିଡ଼ିଆଖାନାରେ। ପ୍ରଥମେ ଶିକୁଳିରେ ବନ୍ଧା ହୋଇ ରହିଲା। ଆଉ ଏବେ କ୍ରାଲ୍ (ସ୍ୱତନ୍ତ୍ର କାଠ ଖୁଆଡ଼)ରେ କାଟୁଛି ବନ୍ଦୀ ଜୀବନ। ହେଲେ କ୍ରାଲ୍‌ର ବାତାବରଣରେ ନିଜକୁ ଖାପଖୁଆଇ ପାରୁନି ନରହନ୍ତା ଦନ୍ତାହାତୀ 'ରାକେଶ'। ଧୀରେ ଧୀରେ ତା'ର ଆଚରଣ ହିଂସ୍ର ହେଉଛି। କେତେବେଳ ସେ ଗର୍ଜନ କରୁଛି ତ ଆଉ କେବେ ଶୁଣ୍ଢ ବଢ଼ାଇ କାଠ ଖୁଆଡ଼କୁ ଭାଙ୍ଗିବାକୁ ଉଦ୍ୟମ କରୁଛି। ହାତୀର ଆଚରଣରେ ଏପରି ପରିବର୍ତ୍ତନ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି।

ତାଳଚେର ବନାଞ୍ଚଳରେ ଆତଙ୍କ ସୃଷ୍ଟି କରି ଗୋଟିଏ ଦିନରେ ୫ଜଣଙ୍କ ଜୀବନ ନେବା ପରେ ଗତ ଜାନୁୟାରୀ ୨୧ରେ 'ରାକେଶ'କୁ ଟ୍ରାଙ୍କୁଲାଇଜ୍ କରି ଢେଙ୍କାନାଳ କପିଳାସ ଚିଡ଼ିଆଖାନାର ହାତୀ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ତାକୁ ପ୍ରଥମେ ଏକ ଖୋଲାମଣ୍ଡପରେ ୪ ଗୋଡ଼ରେ ଶିକୁଳି ପକାଇ ରଖାଯାଇଥିଲା। ଦିନକ ପରେ ହାତୀ ୩ଟି ଚେନ୍ ଛିଣ୍ଡାଇ ଦେଇଥିଲା। ଏହାପରେ ପୁଣି ଚେନ୍ ଅଣାଯାଇ ଚାରି ଗୋଡ଼କୁ ବନ୍ଧାଯାଇଥିଲା। ତେବେ ଶିକୁଳିରେ ଘଷି ହୋଇ ବାରମ୍ବାର ଗୋଡ଼ରେ କ୍ଷତ ସୃଷ୍ଟି ହେବାପରେ 'ରାକେଶ'କୁ କ୍ରାଲ୍‌ରେ ରଖି ଚିକିତ୍ସା କରିବାକୁ ନିଷ୍ପତ୍ତି ନେଇଥିଲା ବନ ବିଭାଗ। ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାଠ ଖୁଆଡ଼ ତିଆରି କରି ଦନ୍ତାକୁ ରଖାଯାଇଥିଲା। ହେଲେ କ୍ରାଲ୍‌ରେ ରହିବାକୁ ଅମଙ୍ଗ ହେଉଛି 'ରାକେଶ'। ବାରମ୍ବାର ଶୁଣ୍ଢ ଏବଂ ଦାନ୍ତ ଦ୍ୱାରା ଖୁଆଡ଼ ଭାଙ୍ଗିଦେବାକୁ ଉଦ୍ୟମ କରୁଛି। ଏଥିରେ ବିଫଳ ହେଲେ ଗର୍ଜନ ଛାଡୁଛି। ଅପରପକ୍ଷେ ଖୁଆଡ଼ ଭିତରେ ବନ୍ଧାଯାଇ ନ ଥିବାରୁ 'ରାକେଶ' କ୍ରାଲ୍ ଭାଙ୍ଗି ବାହାରକୁ ବାହାରି ଆସିଲେ ଉଗ୍ରରୂପ ଦେଖାଇ କ୍ଷୟକ୍ଷତି କରିବା ଆଶଙ୍କା ରହିଛି। ଏହାକୁ ନେଇ ଚିନ୍ତାରେ ଥିବା ବନ ବିଭାଗ ଅଧିକାରୀମାନେ ଦନ୍ତାକୁ ନିକଟ ଭବିଷ୍ୟତରେ ଜଙ୍ଗଲରେ ଛାଡ଼ି ଦେବା ପାଇଁ ବିଚାର କରୁଥିବା ଜଣାପଡିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, 'ରାକେଶ' କ୍ରାଲ୍‌ଭିତରେ ଗର୍ଜନ କରିବା ସହ କାଠକୁ ଶୁଣ୍ଢରେ ଭାଙ୍ଗିବାକୁ ଉଦ୍ୟମ କରୁଛି। ହାତୀକୁ ବାହାର ଜଙ୍ଗଲରେ ଛାଡ଼ିଦେବା ପାଇଁ ଚିନ୍ତା କରାଯାଉଛି ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ

ହାତୀ ଭଳି ବିଶାଳକାୟ ଜୀବ ଜଙ୍ଗଲରେ ଦଳବଦ୍ଧ ଏବଂ ମୁକ୍ତ ଭାବେ ବିଚରଣ କରିବାକୁ ଭଲପାଏ। ହିଂସ୍ର ସ୍ୱଭାବର ହାତୀକୁ ଆୟତ୍ତ କରିବାକୁ ଟ୍ରାଙ୍କୁଲାଇଜ୍ କରି ରେସ୍କ୍ୟୁ ସେଣ୍ଟରକୁ ଅଣାଯାଏ। ରେସ୍କ୍ୟୁ ସେଣ୍ଟରରେ ହାତୀର ଗତିବିଧି ଉପରେ ନଜର ରଖିବାକୁ ଶିକୁଳିରେ ବନ୍ଦୀ କରି ରଖାଯାଏ। ହେଲେ ଏହାଦ୍ୱାରା ହାତୀର ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ ଘା' ହେବା ଆଶଙ୍କା ଥାଏ। କ୍ଷତର ଯନ୍ତ୍ରଣା ବଢ଼ିବା ସହ ହାତୀର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। 'ରାକେଶ' କ୍ଷେତ୍ରରେ ମଧ ସମାନ ଘଟଣା ଘଟିଛି। ଦୀର୍ଘ ୬ମାସ ଧରି ବନ୍ଦୀଜୀବନ କାଟିବା ପରେ ତାକୁ ଶିକୁଳି ମୁକ୍ତ କରାଯାଇଛି। କ୍ରାଲ୍ ଭିତରେ ହାତୀ ଶୃଙ୍ଖଳମୁକ୍ତ ହୋଇଥିଲେ ବି ଛୋଟିଆ ଖୁଆଡ଼ର ପରିବେଶରେ ଖାପଖୁଆଇ ପାରୁନାହିଁ। ନିଜକୁ ବେଶି ବନ୍ଦୀ ମନେକରୁଛି। ଶିକୁଳି ଯୋଗୁ ହାତୀ ଶରୀରରେ ହୋଇଥିବା ଘା' ଚିକିତ୍ସା କରିବାକୁ କ୍ରାଲ୍ ବ୍ୟବସ୍ଥାକୁ ଏକ ବଳିଷ୍ଠ ମାଧ୍ୟମ ବୋଲି କୁହାଯାଉଛି। ତେବେ ଏହି ଅବରୁଦ୍ଧ କାଠ ଖୁଆଡ଼ରେ 'ରାକେଶ'ର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ସେ କ୍ରାଲ୍ ଭିତରେ ଅସ୍ତବ୍ୟସ୍ତ ହେବା ସହ ଉତ୍‌କ୍ଷିପ୍ତ ହୋଇ ଗର୍ଜନ ଛାଡୁଥିବା ଜଣାପଡ଼ିଛି।

# କରୋନା ମୃତ୍ୟୁ ୧୮କୁ ବୃଦ୍ଧି

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

- ବିଗିଡ଼ିଗଲାଣି ଗଞ୍ଜାମର ସ୍ଥିତି
- ଜିଲାରେ ମୋଟ ୧୧୯୫ ଆକ୍ରାନ୍ତ, ୯ ମୃତ
- ରାଜ୍ୟରେ ନୂଆ ୧୭୦ ଆକ୍ରାନ୍ତ ଚିହ୍ନଟ, ୧୮୪ ସୁସ୍ଥ

ରାଜ୍ୟରେ କରୋନା ଗୋଟିଏ ପରେ ଆଉ ଗୋଟିଏ ମୁଣ୍ଡ ନେବାରେ ଲାଗିଛି। ଏବେ ଆଉଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲାର ୬୮ବର୍ଷୀୟ ପୁରୁଷ। ସେ ଡାଇବେଟିସ୍ ସହିତ ଅନ୍ୟ ରୋଗରେ ମଧ ପୀଡ଼ିତ ଥିଲେ ବୋଲି ଥିବା ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଏହାକୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ସେପଟେ ଗଞ୍ଜାମ ଜିଲା ପାଇଁ କରୋନା କାଳ ସାଜିଛି। ରାଜ୍ୟରେ ସର୍ବାଧିକ ଆକ୍ରାନ୍ତ ଓ ମୃତ୍ୟୁ ଗଞ୍ଜାମ ଜିଲାରେ ହୋଇଛି। ଏହି ଜିଲାରେ ବର୍ତ୍ତମାନ ୧୧୯୫ ଆକ୍ରାନ୍ତଙ୍କ ଥିବାବେଳେ ୯ଜଣଙ୍କ ଜୀବନ ନେଲାଣି କରୋନା ମହାମାରୀ। ସେହିପରି ଖୋର୍ଦ୍ଧାରୁ ୪ଜଣ, କଟକରୁ ୩, ପୁରୀରୁ ଜଣେ ଓ ବରଗଡ଼ ଜିଲାରୁ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ପୁଣି ୧୭୦ ରିପୋର୍ଟ ପଜିଟିଭ୍ ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୩ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୨୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମରୁ ସର୍ବାଧିକ ୫୮ଜଣ ଥିବାବେଳେ ନବରଙ୍ଗପୁର ଓ ଖୋର୍ଦ୍ଧାରୁ ୧୯ଜଣ ଲେଖାଏ, ରାୟଗଡ଼ା ଓ ଗଜପତିରୁ ୧୬ଜଣ ଲେଖାଏ, କଟକ ୧୪, କେନ୍ଦ୍ରାପଡ଼ା ଓ ପୁରୀରୁ ୬ଲେଖାଏ, ମାଲକାନଗିରି ୫, ଯାଜପୁର ଓ ନୟାଗଡ଼ରୁ ୩ଜଣ ଲେଖାଏ, ସମ୍ବଲପୁର ୨, ବରଗଡ଼ ଓ କୋରାପୁଟରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗ ଫେରନ୍ତା ଆଉଜଣେ ଏନ୍‌ଡିଆର୍‌ଏଫ୍ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ନୂଆ ପଜିଟିଭ୍‌କୁ ମିଶାଇଲେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୩୫୦କୁ ବୃଦ୍ଧି ପାଇଛି।

ସେପଟେ ଦିନକୁ ଦିନ ବହୁ ଆକ୍ରାନ୍ତ ସୁସ୍ଥ ହେଉଥିବାରୁ ରାଜ୍ୟବାସୀ ଓ ରାଜ୍ୟ ସରକାରଙ୍କୁ ଆଶ୍ୱସ୍ତି ମିଳିଛି। ଶନିବାର ମଧ ରାଜ୍ୟରେ ପୁଣି ୧୮୪ଜଣ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ୪୮ଜଣ ଥିବାବେଳେ ଖୋର୍ଦ୍ଧାରୁ ୪୫, ବାଲେଶ୍ୱରରୁ ୩୧, ଗଜପତିରୁ ୧୨, ଭଦ୍ରକରୁ ୧୦, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାରୁ ୬ଜଣ ଲେଖାଏ, କେନ୍ଦ୍ରାପଡ଼ା ଓ ପୁରୀରୁ ୫ଜଣ ଲେଖାଏ, ସୁନ୍ଦରଗଡ଼ରୁ ୪, ବଲାଙ୍ଗୀର ଓ କେନ୍ଦୁଝରରୁ ୩ଜଣ ଲେଖାଏ, କଟକ ୨, ଅନୁଗୋଳ, ଯାଜପୁର, କନ୍ଧମାଳ ଓ ମୟୂରଭଞ୍ଜରୁ ଜଣେ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୪୬୦୬ରେ ପହଞ୍ଚିଛି ଓ ବର୍ତ୍ତମାନ ୧୭୨୧ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# 'ଅନୁଗୋଳ ବନସାଥୀ' ଆପ୍ ଆରମ୍ଭ

**ଅନୁଗୋଳ ଅଫିସ, ୨୭।୬**




ଉଦ୍‌ଘାଟିତ ହୋଇଥିବା ମୋବାଇଲ୍ ଆପ୍।

### ହାତୀ ସହ ମୁହାଁମୁହିଁ ଏଡ଼ାଇବାରେ ହେବ ସହାୟକ

ଚଲାପଥ ଛାଡ଼ି ହାତୀ ଜନବସତି ଆଡ଼େ ଯାଉଥିଲେ ଏବେ ଆଗୁଆ ସତର୍କ କରିହେବ ଲୋକଙ୍କୁ। ଏହାଦ୍ୱାରା ହାତୀ ସହ ମଣିଷର ମୁହାଁମୁହିଁକୁ ଏଡ଼ାଇ ଦିଆଯିବା ସହ ହାତୀକୁ ଜଙ୍ଗଲ ମଧ୍ୟକୁ ତୁରନ୍ତ ଘଉଡ଼ାଇ ଦିଆଯାଇପାରିବ। ତେବେ ଏସବୁ ସମ୍ଭବ କରିବାରେ ବନ ବିଭାଗକୁ ସହଯୋଗ କରିବେ ସ୍ଥାନୀୟ ଜନସାଧାରଣ। ଏଥିପାଇଁ ବନ ବିଭାଗ ପକ୍ଷରୁ 'ଅନୁଗୋଳ ବନସାଥୀ' ମୋବାଇଲ୍ ଆପ୍ ବିକଶିତ କରାଯାଇଥିବା ବେଳେ ଶନିବାର ଅନୁଗୋଳ ବନଖଣ୍ଡରେ ଏହାର ଆରମ୍ଭ କରାଯାଇଛି।

ଅନୁଗୋଳ ବନଖଣ୍ଡ ଅଧିକାରୀ ଭି.କାର୍ତ୍ତିକଙ୍କ ଉପସ୍ଥିତିରେ ଅନୁଗୋଳ ରେଞ୍ଜର କଲେଜ୍‌ରେ ଏହି ମୋବାଇଲ୍ ଆପ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାର ଅନୁଗୋଳ, ବଅଁରପାଳ, ତାଳଚେର, କାଣିହାଁ ଓ ଛେଣ୍ଡିପଦା ରେଞ୍ଜ୍‌ରେ ଏହି ବନସାଥୀ ଆପ୍ କାର୍ଯ୍ୟ କରିବ। ଗୁଗୁଲ ପ୍ଲେ ଷ୍ଟୋରରୁ ଏହି ଆପ୍ ମାଗଣାରେ ସ୍ଥାନୀୟ ଲୋକେ ଡାଉନ୍‌ଲୋଡ କରିବା ସହ ଏଥିରେ ଯୋଡ଼ି ହୋଇପାରିବେ ବୋଲି ବନଖଣ୍ଡ ଅଧିକାରୀ କାର୍ତ୍ତିକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଆପ୍ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷଙ୍କ ମଧ୍ୟରେ ଅନେକ ସମୟରେ ଉପୁଜୁଥିବା ମୁହାଁମୁହିଁ ସ୍ଥିତିକୁ ରୋକିହେବ। ବନ୍ୟଜନ୍ତୁମାନଙ୍କ ଗତିବିଧି ସମ୍ବନ୍ଧୀୟ ସୂଚନା ପ୍ରଭାବିତ ହେଉଥିବା ଗ୍ରାମର ଲୋକଙ୍କ ନିକଟରେ ପହଞ୍ଚାଇହେବ। ସ୍ଥାନୀୟ ଲୋକେ ମଧ ଆପ୍ ମାଧ୍ୟମରେ ବନ୍ୟଜନ୍ତୁଙ୍କ ସୂଚନା ବିଭାଗକୁ ଦେଇପାରିବେ। ଏଥିପାଇଁ ଅନୁଗୋଳ ବନଖଣ୍ଡରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ରହିବ। ଲୋକେ ଟୋଲ ଫ୍ରି ନମ୍ବର-୧୮୦୦୩୧୫୫୫୫୫କୁ କଲ୍ କରି ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିପାରିବେ। ଏହି ଆପ୍ ବନ୍ୟଜନ୍ତୁଙ୍କ ସମ୍ପର୍କରେ ସୂଚନା, ଅଭିଯୋଗ ପଞ୍ଜୀକରଣ ସହ ସମାଧାନ ଓ ଚାରା ଆବଶ୍ୟକତା ଆଦି ୩ ପ୍ରକାର ସେବା ଦେଇପାରିବ ବୋଲି ବନଖଣ୍ଡ ଅଧିକାରୀ କାର୍ତ୍ତିକ ପ୍ରକାଶ କରିଛନ୍ତି।

# ଗ୍ୟାଙ୍ଗଷ୍ଟର ସକିଲଙ୍କ ନାଁରେ ଏନ୍‌ଏସ୍‌ଏ



**କଟକ ଅଫିସ,୨୭।୬**

ହତ୍ୟା, ଟେଣ୍ଡର ଫିକ୍ସିଂ, ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ଭଳି ଘଟଣାରେ ସମ୍ପୃକ୍ତ ଥିବା ଗ୍ୟାଙ୍ଗଷ୍ଟର ସକିଲ୍ ଅହମ୍ମଦ (୨୮)ଙ୍କ ଉପରେ ଲାଗିଛି ଏନ୍‌ଏସ୍‌ଏ (ଜାତୀୟ ସୁରକ୍ଷା ଆଇନ)। ଏବେ କେନ୍ଦୁଝର ଜିଲା ଜେଲରେ ସକିଲଙ୍କୁ ଅଟକ ରଖାଯାଇଛି। କଟକ ସଦର ଥାନା ପକ୍ଷରୁ ଅର୍ଡର ନଂ ୧୩/ସିପି ଜରିଆରେ ଏନଏସ୍‌ଏ ଲାଗୁ ହୋଇଥିବା ଜଣାପଡ଼ିଛି। କୌଣସି ବଡ଼ଧରଣର ଆପରାଧିକ ଯୋଜନା କରୁଥିବା ସନ୍ଦେହରେ କମିଶନରେଟ ପୋଲିସ ସକିଲଙ୍କ ଉପରେ ବିଶେଷ ଦୃଷ୍ଟି ରଖିଛି। ଖୁବଶୀଘ୍ର ପୋଲିସର ଏକ ଟିମ୍ କେନ୍ଦୁଝର ଜିଲା ଜେଲକୁ ଯାଇ ପଚରାଉଚରା କରିବ। ଅନ୍ୟପକ୍ଷରେ ଏନଏସ୍‌ଏ ଲାଗୁ ହେବା ପରେ ୧ବର୍ଷ ପାଇଁ ସକିଲଙ୍କୁ ଜାମିନ ମିଳିପାରିବ ନାହିଁ। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ ଜୁନ ୬ରେ ସକିଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଚୌଦ୍ୱାର ଜେଲରେ ରଖାଯାଇଥିବା ବେଳେ କିଛି ନିର୍ଦ୍ଦିଷ୍ଟ କାରଣରୁ ତାଙ୍କୁ କେନ୍ଦୁଝର ଜିଲା ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସହରର ବିଭିନ୍ନ ଥାନାରେ ସକିଲଙ୍କ ନାମରେ ଏକାଧିକ ମାମଲା ରହିଛି।

# ରାସ୍ତାରେ କଲେ ପ୍ରସବ

**ଟିକିରି,୨୭।୬**

### ୩ କି.ମି. ଚାଲି ଚାଲି ଗଲେ



ପୁଣି ଜନନୀ ଯନ୍ତ୍ରଣା। ଗର୍ଭବତୀଙ୍କୁ ଚଲାଇ ଚଲାଇ ନେବା ସମୟରେ ରାସ୍ତାରେ ପ୍ରସବ କରିଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୋଡ଼ିପାରି ପଞ୍ଚାୟତ ଅନ୍ତର୍ଗତ ଭେଜାପଦର ଗ୍ରାମରୁ ଆସିଛି ଏପରି ଖବର। ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନି। ଶନିବାର ଗାଁର ଡୁଲାରାମ ନାୟକଙ୍କ ସ୍ତ୍ରୀ ମୋନାଲି ଗର୍ଭଯନ୍ତ୍ରଣା ଅନୁଭବ କରିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁ ଗାଡ଼ି ଆସି ସିଲାଫାସ ଗ୍ରାମରେ ଅଟକିଥିଲା। ପରିବାର ଲୋକେ ମୋନାଲିଙ୍କୁ ଚଲାଇ ଚଲାଇ ୩ କି.ମି. ବାଟ ନେଉଥିବାବେଳେ କାଲିଆଚଚରା ଗ୍ରାମ ନିକଟରେ ସେ ପ୍ରସବ କରିଥିବା ଜଣାପଡ଼ିଛି। ଖବର ପାଇ ୧୦୮ କର୍ମଚାରୀ ପହଞ୍ଚି ଷ୍ଟ୍ରେଚର ସାହାଯ୍ୟରେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ତାଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବାବେଳେ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ଆବଶ୍ୟକ ସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ମେଡିକାଲ ଅଫିସର ଅନୀଲ ବେହେରା କହିଛନ୍ତି।

# ପୁଅଙ୍କୁ କବାଟ କିଳି ମା'ଙ୍କୁ ବଳାତ୍କାର ଉଦ୍ୟମ

**ମାହାଙ୍ଗା,୨୭।୬(ସ୍ୱ.ପ୍ର.)**

### ଅଭିଯୁକ୍ତ ଶିକ୍ଷକ ଫେରାର

ମାହାଙ୍ଗା ଥାନା ପୋଡାମରାଇ ପଞ୍ଚାୟତରେ ୨ ନାବାଳକ ପୁଅଙ୍କୁ ଘରେ କବାଟ କିଳି ମା'ଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏନେଇ ପୀଡିତା ଶନିବାର ମାହାଙ୍ଗା ଥାନା ଓ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ହେଲେ ରାଜକିଶୋର ବେହେରା। ତାଙ୍କ ଘର ଏହି ପଞ୍ଚାୟତରେ ହୋଇଥିବା ବେଳେ କୋରାପୁଟ ଜିଲାରେ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ। ସେ ଏହି ପଞ୍ଚାୟତରେ ଥିବା ଜଣେ ସମ୍ପର୍କୀୟ ମାଇଁଙ୍କ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ପୀଡ଼ିତା ୨ ନାବାଳକ ପୁତ୍ରଙ୍କ ସହ ନିଜ ଘରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଘରେ ସ୍ୱାମୀ ନ ଥିବା ସମୟରେ ରାଜକିଶୋର ଶିଡ଼ି ଦେଇ ତାଙ୍କ ଘର ଭିତରକୁ ପଶିଥିଲେ। ମହିଳାଙ୍କ ୨ ପୁତ୍ରଙ୍କୁ ଗୋଟିଏ ଘରେ କବାଟ କିଳି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସ୍ୱାମୀ ଘରକୁ ଫେରି ଅଭିଯୁକ୍ତ ରାଜକିଶୋରଙ୍କୁ ଉଲଗ୍ନ ଅବସ୍ଥାରେ କାବୁ କରିଥିଲେ। ମାତ୍ର କୌଣସିମତେ ସେ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୩୬/୨୦)ରୁଜୁ ହୋଇଛି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଘରୋଇ ନର୍ସିଂହୋମ୍‌ରୁ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୨୭।୬**

କଟକ ଜିଲାରେ ଶନିବାର ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ନିଆଳି ବ୍ଲକର ୮ଜଣ ଥିବାବେଳେ ଅଡ଼ଶପୁରର ୩ ଜଣ ରହିଛନ୍ତି। କଟକ ସହରସ୍ଥିତ ସୃଷ୍ଟି ଘରୋଇ ନର୍ସିଂହୋମ୍‌ରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କ ଘର ଟିଗିରିଆ ବ୍ଲକରେ। ସେ କିଛି ଦିନ ତଳେ ଏହି ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ଭୁବନେଶ୍ୱରର କେତେକ ଘରୋଇ ନର୍ସିଂହୋମ୍‌ରୁ ପଜିଟିଭ୍ ବାହାରିଥିଲେ। ଏବେ କଟକର ଏକ ନର୍ସିଂହୋମ୍‌ରୁ ମଧ ପଜିଟିଭ୍ ବାହାରିବା ସାଧାରଣରେ ଚିନ୍ତାର ବିଷୟ ହୋଇଛି। ନର୍ସିଂହୋମ୍‌ଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ହେଉଛି କି ନାହିଁ, ସେ ନେଇ ସିଏମ୍‌ସି ପକ୍ଷରୁ ଚଢ଼ାଉ ଜାରି ରହିଛି। ଏଯାଏ କେବଳ ଏସ୍‌ସିବି ମେଡିକାଲ ଓ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରୁ ପଜିଟିଭ ବାହାରୁଥିଲେ। ହେଲେ ଘରୋଇ ନର୍ସିଂହୋମ୍‌ରୁ ବାହାରିବା ଏହା ପ୍ରଥମ ଘଟଣା। ଏଥିସହ ଶନିବାର ସୁଦ୍ଧା କଟକ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୪୯ରେ ପହଞ୍ଚିଛି।

# ୮ ଜିଲାରେ ହାଲୁକା ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ସମେତ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଉପକୂଳ ଓଡ଼ିଶା ସମେତ ସୋନପୁର, ବୌଦ୍ଧ, ରାୟଗଡ଼ା, ଗଜପତି, କଳାହାଣ୍ଡି, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଏବଂ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଆଜି ଯୁବ ଭର୍ଚୁଆଲ ରାଲିକୁ ସମ୍ବୋଧନ କରିବେ ଧର୍ମେନ୍ଦ୍ର, ପୁନମ୍

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇଛି। ଏହି ଅବସରରେ ସାରା ଦେଶରେ ଭର୍ଚୁଆଲ ରାଲି ମାଧ୍ୟମରେ ସାଧାରଣ ଜନତାଙ୍କୁ ମୋଦି ସରକାରଙ୍କ ସଫଳତା ଏବଂ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଯୁବ ଭର୍ଚୁଆଲ ରାଲି ଆୟୋଜନ ହେବ। ଏହି ରାଲିକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ତଥା ଏମ୍‌ପି ପୁନମ୍ ମହାଜନ ସମ୍ବୋଧିତ କରିବେ। ଏହି ରାଲିରେ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନାରେ ଯୁବବର୍ଗଙ୍କ ପାଇଁ ଥିବା ସୁଯୋଗ ସମ୍ପର୍କରେ ପ୍ରଧାନ ଏବଂ ମହାଜନ ସମ୍ବୋଧିତ କରିବେ।

# ବାଲିଘାଟ ଶ୍ମଶାନରେ ତହସିଲଦାର-ଜନତା ମୁହାଁମୁହିଁ

**ବାଲେଶ୍ୱର ଅଫିସ, ୨୭।୬**

### ମାସ୍କ ନ ପିନ୍ଧିବାରୁ ଗଣ୍ଡଗୋଳ



ତହସିଲଦାରଙ୍କ ସହ ଯୁବକଙ୍କ ଯୁକ୍ତିତର୍କ।

ବାଲେଶ୍ୱର ବାଲିଘାଟସ୍ଥିତ ଶ୍ମଶାନରେ ଶନିବାର ଶବଦାହ କରିବା ଲାଗି ଉପସ୍ଥିତ ଥିବା କେତେଜଣ ଯୁବକ ମାସ୍କ ପିନ୍ଧି ନ ଥିବାରୁ ସଦର ତହସିଲଦାର ପୂର୍ଣ୍ଣଚନ୍ଦ୍ର ପାତ୍ର ଚଢାଉ କରି ତାଗିଦ୍ କରିଥିଲେ। ଏହାକୁ ନେଇ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା। ଏନେଇ ଟାଉନ୍ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

ମହାମାରୀ କରୋନା ଯୋଗୁ ଗତ ଏପ୍ରିଲ ୭ରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସଦର ତହସିଲଦାର ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରି ଶଟ୍‌ଡାଉନ୍ ସମୟରେ ବିଭିନ୍ନ ଅଞ୍ଚଳ ତଦାରଖ କରିବାର ଦାୟିତ୍ୱ ନେଇଛନ୍ତି। ଜିଲା ରେଡ୍‌ଜୋନ୍‌ରେ ଥିବାରୁ ଶନିବାର ଓ ରବିବାର ଦୁଇଦିନିଆ ଶଟ୍‌ଡାଉନ ଜାରି ରହିଛି। ଶନିବାର ପୂର୍ବାହ୍ନ ସମୟରେ ଉକ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍ ବାରବାଟୀ ଦେଇ ବଇଁଚା, ପରିଖି, ଓଲନ୍ଦା ଆଦି ଗ୍ରାମାଞ୍ଚଳକୁ ଯାଉଥିବା ବେଳେ ବାଲିଘାଟସ୍ଥିତ ଶ୍ମଶାନକୁ ଶବ ଦାହ ପାଇଁ ଆସିଥିବା ୭ରୁ ୮ ଜଣ ଯୁବକ ଅଳ୍ପ ଦୂରରେ ମାସ୍କ ନ ପିନ୍ଧି ବସି କଥାବାର୍ତ୍ତା ହେଉଥିବା ଦେଖିଥିଲେ। ଏନ୍‌ଫୋର୍ସମେଣ୍ଟ ଟିମ୍ ଗାଡ଼ି ଅଟକାଇ ସେମାନଙ୍କ ବସିବା ଓ ମାସ୍କ ପିନ୍ଧି ନ ଥିବାର କାରଣ ପଚାରିଥିଲେ। ଏହି ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଘଟଣା ଅଣାୟତ୍ତ ହେବାରୁ ତହସିଲଦାର ପାତ୍ର ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକଙ୍କୁ ଫୋନ୍ ଯୋଗେ ଡକାଇଥିଲେ। ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚିବା ପରେ ଉତ୍ତେଜନା କମିଥିଲା। ଏନେଇ ତହସିଲଦାର ପାତ୍ର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ. ୧୪୬/୨୦) ରୁଜୁ ହୋଇଛି। ସେହିପରି ତହସିଲଦାର ପାତ୍ର ଲୋକମାନଙ୍କୁ ଦୁର୍ବ୍ୟବହାର କରି ଗାଳିଗୁଲଜ କରିବା ସହ ବାଡ଼ିରେ ସେମାନଙ୍କ ଗାଡ଼ିକୁ ପ୍ରହାର କରିଥିବା ନେଇ ବାରବାଟୀ ଅଞ୍ଚଳର ଯୋଗେନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ଏନେଇ ଟାଉନ୍ ଥାନାରେ ମାମଲା (ନଂ. ୧୪୭/୨୦) ରୁଜୁ କରାଯାଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରାଯାଉଥିବା ଆଇଆଇସି ସରୋଜିନୀ ନାୟକ ସୂଚନା ଦେଇଛନ୍ତି।

ଏନେଇ ତହସିଲଦାର ପୂର୍ଣ୍ଣଚନ୍ଦ୍ର ପାତ୍ର କୁହନ୍ତି, ଶଟ୍‌ଡାଉନ୍ ସମୟରେ ଏକ ସରକାରୀ କାର୍ଯ୍ୟରେ ଉକ୍ତ ରାସ୍ତାରେ ଯାଉଥିବା ବେଳେ ୭/୮ ଜଣ ଯୁବକ ମାସ୍କ ନ ପିନ୍ଧି ସେଠାରେ ବସି କଥାବାର୍ତ୍ତା ହେଉଥିଲେ। ସେଠାରୁ ଯିବା ପାଇଁ କହିବାରୁ ସେମାନେ ଦୁର୍ବ୍ୟବହାର କରିବା ସହ ମାରପିଟ କରିବାକୁ ଧମକ ଦେଇଥିଲେ। ଉକ୍ତ ଯୁବକଙ୍କ ଶବଦାହ ସହିତ କୌଣସି ସମ୍ପର୍କ ନ ଥିବା ସେ କହିଛନ୍ତି।

ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଉଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍ୟ ବିକୃତ ଖେଦ ଭିତରେ ବପନ କରିଛନ୍ତି ସେ ସତ୍ୟକୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। -ଶ୍ରୀଅରବିନ୍ଦ



# ଛଦ୍ମ ଜାତୀୟତା

ଆକାର ପଟେଲ

ଚାଇନାର ଅନୁପ୍ରବେଶ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ସମସ୍ତେ ବିସ୍ମିତ ହୋଇଛନ୍ତି। ମୋଦି ନିଜକୁ ଜଣେ ଜାତୀୟତାବାଦୀ ବୋଲି ବିଜ୍ଞାପିତ କରିଆସିଛନ୍ତି। ତେଣୁ କେହି ଆଶା କରି ନ ଥିଲେ ଯେ ଭାରତମାତାଙ୍କ ଉପରେ ଆକ୍ରମଣ ହେଉଥିଲା ବେଳେ ସେ ଏହାକୁ ଅସ୍ୱୀକାର କରିବେ। ଚାଇନା ପ୍ରସଙ୍ଗରେ ମୋଦି କେବଳ ଗୋଟିଏ ସାର୍ବଜନୀନ ବିବୃତି ଦେଇଛନ୍ତି ଏବଂ ଏହା ହେଉଛି: ''ନ କୋଇ ଓହାଁ ହମାରୀ ସୀମା ମେଁ ଘୁସ୍ ଆୟା ହୈ, ନହି କୋଇ ଘୁସା ହୁଆ ହୈ, ନହି ହମାରୀ କୋଇ ପୋଷ୍ଟ କିସି ଦୁସ୍‌ରେ କେ କବ୍‌ଜେ ମେଁ ହୈଁ।'' ମୋଦିଙ୍କର ଏହି ବିବୃତିକୁ ବ୍ୟବହାର କରି ଚାଇନା ଦାବି କରିଛି ଯେ ସମଗ୍ର ଗଲୱାନ୍ ଉପତ୍ୟକା ଉପରେ ତା'ର ନିୟନ୍ତ୍ରଣ ରହିଛି। ପ୍ରକୃତରେ ଗଲୱାନ୍ ଉପତ୍ୟକା ଭାରତର ଏବଂ ଚାଇନା ଏହା ଭିତରକୁ ଅନୁପ୍ରବେଶ କରିଛି।

ମୋଦିଙ୍କ ଏହି ବିବୃତି ଏତେ ଲଜ୍ଜାଜନକ ଯେ ତାହାକୁ ସରକାରୀ ପିଏମ୍‌ଓ ଭିଡିଓରୁ ହଟାଇ ଦିଆଯାଇଛି। ଏହାପରେ ମୋଦି ଏହି ପ୍ରସଙ୍ଗରେ କିଛି କହିନାହାନ୍ତି ଏବଂ ଏହା କୌଣସି ଅନୁପ୍ରବେଶ ହୋଇନାହିଁ ବୋଲି ଦର୍ଶାଉଛି। କିନ୍ତୁ ସାଟେଲାଇଟ୍ ଚିତ୍ରରୁ ଜଣାପଡୁଛି ଯେ ଆମ ସୈନିକମାନେ ଯେଉଁସବୁ ତମ୍ବୁ ଅପସାରଣ କରିବାକୁ ଚେଷ୍ଟା କଲାବେଳେ ଚାଇନା ସେନାର ଆକ୍ରମଣରେ ନିହତ ହୋଇଛନ୍ତି, ସେଗୁଡ଼ିକ ଆମ ପାର୍ଶ୍ୱରେ ଚାଇନା ତିଆରି କରିଥିଲା। ସରକାର ଅସ୍ୱୀକାର କରି ନ ଥିବା ରିପୋର୍ଟରେ କୁହାଯାଇଛି ଯେ, ଭାରତ ଭିତରକୁ ୧୮ କିଲୋମିଟର ଦୂରରେ ଥିବା ଡେପ୍‌ସାଙ୍ଗରେ ଚାଇନା ଚତୁର୍ଥ ଥର ଅନୁପ୍ରବେଶ କରିଛି। ଏ ବାବଦରେ ଆମର ପ୍ରତିକ୍ରିୟା ଏତେ ନିଃଶବ୍ଦ ଯେ ବିସ୍ମୟକର। ସରକାରରେ ସମସ୍ତେ ଚିନ୍ତିତ ଥିବା ପରି ମନେହୁଏ। ବୈଦେଶିକ ମନ୍ତ୍ରଣାଳୟର ଏକ ଦୀର୍ଘ ବିବୃତିରେ ଏବଂ ବେଜିଂରେ ଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଏକ ସାକ୍ଷାତ୍‌କାରରେ ଚାଇନାକୁ ଲାଇନ୍ ଅଫ୍ ଆକ୍‌ଚୁଆଲ୍ କଣ୍ଟ୍ରୋଲ (ଏଲ୍‌ଏସି)କୁ ସମ୍ମାନ ଦେବାକୁ କୁହାଯାଇଛି। କିନ୍ତୁ ଏଥି ସହ ଚାଇନା ଅନୁପ୍ରବେଶ କରିଛି ବୋଲି କେହି କହୁ ନାହାନ୍ତି, କାରଣ ସେମାନେ ମୋଦିଙ୍କ କଥାକୁ ବିରୋଧ କଲାଭଳି କଥା କହିବାକୁ ଭୟ କରୁଛନ୍ତି।

ପ୍ରତିରକ୍ଷା ମନ୍ତ୍ରଣାଳୟ ସାମ୍ବାଦିକମାନଙ୍କୁ କାହାରି ନାମ ନ ନେଇ କହିଛନ୍ତି ଯେ, ସେନାକୁ ପୂର୍ଣ୍ଣ ସ୍ୱାଧୀନତା (ଫ୍ରି ହ୍ୟାଣ୍ଡ) ଦିଆଯାଇଛି। ଅର୍ଥାତ୍ ପରିସ୍ଥିତିକୁ ଚାହିଁ ସେମାନେ ପ୍ରତିଆକ୍ରମଣ କରିପାରିବେ। କିନ୍ତୁ ଆମେ ଚାଇନା ସହିତ ଯୁଦ୍ଧ କରିବୁ କି ନାହିଁ ତାହା ସେନା ସ୍ଥିର କରିପାରିବ ନାହିଁ। ଏହା ଏକ ରାଜନୈତିକ ନିଷ୍ପତ୍ତି। ମୋଦି ହିଁ ନିଷ୍ପତ୍ତି ନେବେ ଚାଇନାକୁ ତଡ଼ିବା ପାଇଁ ଭାରତ ସାମରିକ ଶକ୍ତି ପ୍ରୟୋଗ କରିବ କି ନାହିଁ, ଯେପରି ନେହେରୁ ନିଷ୍ପତ୍ତି ନେଇଥିଲେ ଏବଂ ତା'ପରେ ହିଁ ସୈନ୍ୟବାହିନୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

ଏହି ପରିସ୍ଥିତିରେ ସେନାକୁ ସ୍ୱାଧୀନତା (ଫ୍ରି ହ୍ୟାଣ୍ଡ୍) ଦିଆଗଲା ବୋଲି କହିବା ଅର୍ଥ ହେଉଛି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧରୁ ଦୂରେଇଯିବା ଏବଂ ସେନାକୁ ରାଜନୈତିକ ଉତ୍ତରଦାୟିତ୍ୱ ଦେଇଦେବା। ସରକାର ଏହାକୁ ଏକ ସ୍ଥାନୀୟ ଆଇନଶୃଙ୍ଖଳା ରକ୍ଷା ଭଳି ପ୍ରସଙ୍ଗ ଭାବରେ ଦେଖୁଛନ୍ତି, ଯଦିଓ ଚାଇନାର ଉଦ୍ଦେଶ୍ୟ ରଣନୀତିପୂର୍ଣ୍ଣ। ଭାରତ ବିପଦର ସମ୍ମୁଖୀନ ହେଉଥିବା ବେଳେ ସରକାର ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି।

ଆମେ ଭିନ୍ନ ଭିନ୍ନ ସ୍ୱରରେ କହୁଥିବାରୁ ଚାଇନା ବିରୋଧରେ ଅନ୍ତର୍ଜାତୀୟ ସମର୍ଥନ ହାସଲ କରିବାର ସୁଯୋଗ ହରାଉଛୁ। ଯଦି ଆମେ ଚାଇନାର ଅନୁପ୍ରବେଶ ଓ ଆକ୍ରମଣ ବିଷୟରେ ସ୍ୱଚ୍ଛ ହୋଇଥା'ନ୍ତେ, ତା'ହେଲେ ସି. ଜିନ୍‌ପିଙ୍ଗ ଆମ ଅପେକ୍ଷା ଅଧିକ ଅସୁବିଧାଜନକ ସ୍ଥିତିରେ ଥାନ୍ତେ। କିନ୍ତୁ ଚାଇନା ମୋଦିଙ୍କ ବିବୃତିକୁ ବ୍ୟବହାର କରି ଦାବି କରୁଛି ଯେ, ଏହା ଭାରତ ଭିତରେ ଅନୁପ୍ରବେଶ କରିନାହିଁ ଏବଂ ଭାରତର ଆଭିମୁଖ୍ୟକୁ ଦୋଷ ଦେଇ ଆମ ଜମି ଉପରେ ନିଜର ଦାବିକୁ ଦୋହରାଇଛି। ମୋଦିଙ୍କ ସମର୍ଥକମାନେ ଏହା ଉପରେ ନୀରବ ରହିଛନ୍ତି କାରଣ ଏହାକୁ ଯେପରି ଦକ୍ଷତାହୀନଭାବେ ପରିଚାଳନା କରାଯାଇଛି ତାକୁ ନେଇ ସେମାନେ ବିସ୍ମିତ ହୋଇଛନ୍ତି।

ଆମେ ପୁଣି ମୂଳକୁ ଫେରିବା– ଏଭଳି ପ୍ରସଙ୍ଗରେ ମୋଦି ନରମ ହେବେ ବୋଲି କେହି ଭାବି ନ ଥିଲେ। ଉପା କ୍ଷମତାରେ ଥିବାବେଳେ ଚାଇନାର ସାମୟିକ ଅନୁପ୍ରବେଶକୁ ନେଇ ମୋଦି ଯେଉଁ ସାହସିକ ବାକ୍ୟବାଣ ମାରୁଥିଲେ, ଏବେ ସେମାନେ ଅନୁପ୍ରବେଶକୁ ସ୍ଥାୟୀ କରିବାକୁ ଗଲାବେଳେ ସେ ସାହସ କୁଆଡ଼େ ଗଲା ?

ଏହା ତାଙ୍କର କିଭଳି ଜାତୀୟତା ? ଆମେ ଏହାକୁ କୃତ୍ରିମ ଜାତୀୟତା ବୋଲି କହିପାରିବା। ଏହା ନକଲି। ଅଭିଧାନରେ ଜାତୀୟତା ମାନେ ଏକ ଦେଶପ୍ରେମୀ ଭାବନା ଏବଂ ନିଜର ଦେଶ ପ୍ରତି ଅତ୍ୟଧିକ ଭକ୍ତି। ଏହା ଏକ ଆଦର୍ଶ ଯାହା ନିଜ ଦେଶର ସାର୍ବଭୌମତ୍ୱକୁ ରକ୍ଷା କରିବା ସହିତ ବିଦେଶୀ ପ୍ରଭାବକୁ ପ୍ରତିରୋଧ କରେ।

ଲଦାଖରେ ଆମେ ଯାହା ଦେଖୁଛୁ ତାହା ଏହାର ବିପରୀତ। ଏହା ହେଉଛି ଛଦ୍ମ ଜାତୀୟତା ଯେଉଁଥିରେ କେବଳ ବଡ଼ବଡ଼ କଥା କୁହାଯାଏ, କିନ୍ତୁ କାମରେ ଶୂନ। ଆମେ ଚାଇନା ଅପେକ୍ଷା ଏକ ଗରିବ, ଛୋଟ ଓ କମ୍ ଶକ୍ତିଶାଳୀ ରାଷ୍ଟ୍ର ଅଟୁ କି ନାହିଁ ସେଥିରେ କିଛି ଯାଏ ଆସେ ନାହିଁ। କିନ୍ତୁ ବର୍ତ୍ତମାନ ଯାହା ଘଟୁଛି, ବିନା ପ୍ରତିରୋଧରେ ସେମାନେ ଆମ ଅଞ୍ଚଳକୁ ଜବରଦଖଲ କରିବାକୁ ଯାଉଛନ୍ତି। ଏହି ସମୟରେ ମୋଦି ଆମର ଏକତାର ମୂଲ୍ୟ ବୁଝିବା ଦରକାର। ଯଦି ସେ କହିବେ ଯେ ଚାଇନାର ଆକ୍ରମଣାତ୍ମକ ଅନୁପ୍ରବେଶ ଦ୍ୱାରା ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ଆସିଛି, ତା'ହେଲେ ଏପରି କି ଯେଉଁମାନେ ତାଙ୍କୁ ପସନ୍ଦ କରନ୍ତି ନାହିଁ (ମୋଦି ବିରୋଧୀ), ସେମାନେ ମଧ୍ୟ ତାଙ୍କ ଆହ୍ୱାନରେ ଏକଜୁଟ ହୋଇଯିବେ। ଆମ ଭିତରେ ଅନ୍ୟାନ୍ୟ ରାଜନୈତିକ ବାଦବିବାଦ ଯାହା ଥାଉନା କାହିଁକି, ସେସବୁ ଦୂରରେ ରଖି ବାହ୍ୟ ବିପଦ ହଟିବା ପର୍ଯ୍ୟନ୍ତ ଭାରତବାସୀ ମୋଦିଙ୍କ ହାତରେ ହାତ ମିଳେଇ ଲଢ଼ିବା ପାଇଁ ବାହାରି ଆସିବେ। ବିଦେଶୀ ଶତ୍ରୁ ବିରୋଧରେ ଲୋକଙ୍କୁ ଏକଜୁଟ କରିବା ହେଉଛି ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ। କିନ୍ତୁ ତା' ବଦଳରେ ଶତ୍ରୁଙ୍କୁ ସୁହାଇଲା ଭଳି କୌଣସି ଆକ୍ରମଣ ବା ଅନୁପ୍ରବେଶ ହୋଇନାହିଁ ବୋଲି ସେ କହିଛନ୍ତି। ଏହାକୁ କେବେହେଲେ ଜାତୀୟତା କୁହାଯାଇପାରିବ ନାହିଁ।

Email:aakar.patel@gmail.com

# ନେପୋଟିଜମ୍: ମାନବିକତାର କଳଙ୍କିତ ଅଧ୍ୟାୟ

ଡ.ମୌସୁମୀ ପରିଡ଼ା

ଆଜିକାର ମିଡିଆରେ ବହୁ ଚର୍ଚ୍ଚିତ ଶବ୍ଦ 'ନେପୋଟିଜିମ୍', ଯାହା ପ୍ରିୟାପ୍ରୀତିତୋଷଣ ବା ପକ୍ଷପାତିତାକୁ ନେଇ ଝଡ଼ ସୃଷ୍ଟି କରିଛି। ଏହି ନେପୋଟିଜିମ୍ ଶବ୍ଦଟି ଲାଟିନ୍ ଭାଷା 'ନିପୋଟେ' ଶବ୍ଦରୁ ଉଦ୍ଧୃତ (ନେଫ୍ୟୁ), ଯାହାର ଅର୍ଥ ଭଣଜା ବା ପୁତୁରା। 'ଇଜ୍‌ମ' ଅର୍ଥ ବାଦ। ଏ ଦୁଇଟିକୁ ମିଶେଇଲେ ଯେଉଁ ଅର୍ଥଟି ପରିପ୍ରକାଶ ହୁଏ ତାହା ହେଉଛି ଆକ୍ଷରିକ ଅର୍ଥରେ ଭଣଜା ବା ପୁତୁରାଙ୍କୁ ପଦପଦବୀ, କ୍ଷମତା ଆଦି ପ୍ରଦାନ କରିବା କିମ୍ବା ସେହିଭଳି ପ୍ରକ୍ରିୟା ; ଯାହାକୁ ଆମେ ଆଜିକାଲି ସାଧାରଣତଃ ପ୍ରିୟାପ୍ରୀତିତୋଷଣ ବା ପକ୍ଷପାତିତା କହିପାରିବା। ହିନ୍ଦୀ ଭାଷାରେ ଏହାକୁ 'ଭାଇଭତିଜା ବାଦ' ମଧ୍ୟ କୁହାଯାଇଥାଏ। ଗୁଣ ନ ଥାଇ ଆତ୍ମୀୟଙ୍କୁ ପଦପଦବୀ ପ୍ରଦାନ କରିବା ଏହାର ଅନ୍ତର୍ଭୁକ୍ତ, ଯେଉଁ ପରମ୍ପରାରେ ନିଜ ପ୍ରଭାବ ଓ ପତିଆରା ବଜାୟ ରଖିବା ପାଇଁ ଭଣଜା ବା ପୁତୁରାକୁ ଉତ୍ତରାଧିକାରୀ ରୂପେ ବଛାଯାଏ କିମ୍ବା ବିଭିନ୍ନ ପଦପଦବୀ ପ୍ରଦାନ କରାଯାଏ। ଏହା ଅନୁଚିତ ପ୍ରକ୍ରିୟା ହେଲେ ମଧ୍ୟ ସେଥିପାଇଁ ସେମିତି କିଛି ଦୃଢ ନ୍ୟାୟିକ ବ୍ୟବସ୍ଥା ନ ଥିବାରୁ ପ୍ରତିଷ୍ଠିତ ଲୋକେ କାଳକାଳରୁ ଏହାର ଫାଇଦା ଉଠାଇ ଆସିଛନ୍ତି।

ରାଜନୀତି, ଖେଳକୁଦ, ବ୍ୟବସାୟ, ଧର୍ମ, କଳା ତଥା ସାହିତ୍ୟ କ୍ଷେତ୍ରରେ ମଧ୍ୟ ନେପୋଟିଜିମ୍ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଏହି ପରମ୍ପରା ଖ୍ରୀଷ୍ଟିଆନମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବାର ଇତିହାସ ଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଦେଶ, ଧର୍ମ, କାଳ, ବର୍ଣ୍ଣ ନିର୍ବିଶେଷରେ ପ୍ରାୟ ସମସ୍ତ ସ୍ତରରେ ଏହା ପ୍ରାଧାନ୍ୟ ବିସ୍ତାର କରିବାରେ ଲାଗିଛି। ଯଦିଓ ଆରିଷ୍ଟଟଲ୍, କନ୍‌ଫୁସିଅସ୍, ଥିରୁଭଲ୍ଲୁଭର୍‌ଙ୍କ ପରି କିଛି ଦାର୍ଶନିକ ଓ ବୁଦ୍ଧିଜୀବୀ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ତେବେ ବି ଏହା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ସମୟାନୁସାରେ ଏହା ବିପକ୍ଷରେ ଯେତେ ପ୍ରତିକ୍ରିୟା ଆସିଲେ ବି ଏହାର ମୂଳୋତ୍ପାଟନ ହୋଇପାରିନାହିଁ କିମ୍ବା ହେବାର ସମ୍ଭାବନା ମଧ୍ୟ ନାହିଁ। ପ୍ରଖ୍ୟାତ ତାମିଲ୍ କବି ତଥା ଦାର୍ଶନିକ ଥିରୁଭଲ୍ଲୁଭର୍‌ଙ୍କ ମତରେ 'ଯଦି ତୁମେ ଜଣେ ଅଯୋଗ୍ୟ ଲୋକକୁ ଯୋଗ୍ୟ ବିବେଚନା କରୁଛ, ତୁମେ ତାକୁ ଭଲପାଅ ଓ ପସନ୍ଦ କର ବୋଲି, ତେବେ ସେ ତୁମକୁ ସୀମାହୀନ ଅଜ୍ଞତା ବା ମୂର୍ଖତା ଆଡକୁ ନେଇଯିବ। ନେପୋଟିଜିମ୍ ଅନୈତିକ, ଅସତ୍ ଓ ଅନୁପଯୋଗୀ।' ଅନେକ ସ୍ଥଳରେ ଏହା କୌଣସି ବିଧ୍ୱଂସୀ ଭୂତାଣୁ ପରି ଭୟଙ୍କର।

ଇତିହାସ ଅନୁସାରେ ମଧ୍ୟଯୁଗଠାରୁ ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ଭିତରେ କିଛି କ୍ୟାଥୋଲିକ୍ ପୋପ୍ ବା ବିଶପ୍‌ମାନେ ବ୍ରହ୍ମଚର୍ଯ୍ୟରେ ବ୍ରତୀ ଥିବାରୁ ପ୍ରାୟତଃ ସେମାନଙ୍କର ସନ୍ତାନସନ୍ତତି ନ ଥିଲେ। ସେଥିପାଇଁ ଭଣଜା, ପୁତୁରା ବା ନିଜର ସମ୍ପର୍କୀୟଙ୍କୁ ଉତ୍ତରାଧିକାରୀ ରୂପେ ଚୟନ କରୁଥିଲେ କିମ୍ବା ବିଭିନ୍ନ ପଦପଦବୀରେ ଅଭିଷିକ୍ତ କରାଉଥିଲେ। ନିଜର ପତିଆରା ବନାଇ ରଖିବାକୁ ଏହା ଏକ ସହଜ ଉପାୟ ରୂପେ ଅତୀତରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଅବଶ୍ୟ କ୍ରମଶଃ ଏହାର ଆକାର ପ୍ରକାର କିଛି ପରିମାଣରେ ବଦଳିଛି। ନିଜ ଆତ୍ମୀୟ କିମ୍ବା ଅନୁଗତମାନଙ୍କୁ ବିଭିନ୍ନ ପ୍ରକାରର ସୁଖସୁବିଧା ସହିତ ପଦପଦବୀ ବଣ୍ଟନ କରାଯାଉଛି। କ୍ଷମତାର ଅପବ୍ୟବହାର କରି ନିଜକୁ ଅଧିକ ଶକ୍ତିଶାଳୀ କରିବାକୁ ହୀନ ଚକ୍ରାନ୍ତ କରାଯାଉଛି।

ଅତ୍ୟଧିକ କ୍ଷମତାଲାଳସାରୁ ନେପୋଟିଜିମ୍‌ର ଜନ୍ମ ବୋଲି ଜଣାଯାଏ। ଆମ ଦେଶରେ ମଧ୍ୟ ରାଜରାଜୁଡା ଅମଳରୁ ଏସବୁ ଚାଲିଆସୁଛି। ମହାଭାରତ ଯୁଦ୍ଧକୁ ବିଚାର ପରିସରଭୁକ୍ତ କଲେ ଏଥିରେ ବି ନେପୋଟିଜିମ୍ ଦେଖିବାକୁ ମିଳେ। ଧୃତରାଷ୍ଟ୍ରଙ୍କ ରାଜା ନ ହେବାର କାରଣ ପଛରେ ଥିଲା ତାଙ୍କ ଦୃଷ୍ଟିହୀନ ହେବାର ବିଡମ୍ବନା। ଏଥିପାଇଁ ସେ କମ୍ ଅସନ୍ତୁଷ୍ଟ ନ ଥିଲେ! ନିୟମତଃ କନିଷ୍ଠ ଭ୍ରାତା ପଣ୍ଡୁ ଥିଲେ ରାଜସିଂହାସନର ଅଧିକାରୀ। ତାଙ୍କ ଅବର୍ତ୍ତମାନରେ ଧୃତରାଷ୍ଟ୍ର ତାଙ୍କ ପ୍ରତିନିଧି ରୂପେ ରାଜ୍ୟ ଚଳାଉଥିଲେ। କିନ୍ତୁ ଉଭୟଙ୍କ ପୁତ୍ରମାନେ ଜନ୍ମ ନେବା ପରେ ସିଂହାସନର ମୋହ ଉଭୟ ଧୃତରାଷ୍ଟ୍ର ଓ ତାଙ୍କ ପୁତ୍ରମାନଙ୍କ ଭିତରେ ବୃଦ୍ଧି ପାଇବାକୁ ଲାଗିଲା। ସେ ଭାବିନେଲେ ଯେ ସେ ରାଜା ପଣ୍ଡୁଙ୍କ ପ୍ରତିନିଧି ନୁହନ୍ତି, ଖୋଦ୍ ରାଜା। ତେଣୁ ଉତ୍ତରାଧିକାରୀ ତାଙ୍କ ପୁତ୍ର ହିଁ ହେବା ଉଚିତ, ପଣ୍ଡୁପୁତ୍ର ନୁହନ୍ତି। ସେମାନଙ୍କ ଭିତରେ ରାଜସିଂହାସନର ମୋହ ଆଶାତୀତ ଭାବେ ବୃଦ୍ଧି ପାଇବାର କାରଣ ହେଉଛି ମହାଭାରତ ଯୁଦ୍ଧ। କ୍ଷମତା ହାସଲ କରିବାକୁ ଅତୀତରେ ଅନେକ ଯୁଦ୍ଧ ସଂଘଟିତ ହୋଇଛି। କେବେକେବେ ନେପୋଟିଜିମ୍ ଏହାର କାରଣ ହୋଇ ଛିଡାହୋଇଛି।

ଇତିହାସ ସାକ୍ଷୀ ଏହା ବିଭିନ୍ନ ଦେଶମାନଙ୍କରେ କି କି ଅଘଟଣ ନ ଘଟାଇଛି! ମଣିଷ ନିଜ କ୍ଷମତାର ଅପବ୍ୟବହାର କରି ଆତ୍ମୀୟମାନଙ୍କୁ କ୍ଷମତାଶାଳୀ କରିଛି, ସେମାନେ ଅଯୋଗ୍ୟ ଥିଲେ ବି। ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଯୁଗରେ ମଧ୍ୟ ଏଭଳି କୁତ୍ସିତ ପରମ୍ପରା କମିନାହିଁ ବରଂ ଆଶାତୀତ ଭାବେ ବୃଦ୍ଧି ପାଇଛି। ରାଜନୀତିଠାରୁ ଆରମ୍ଭ କରି ନ୍ୟାୟିକ ବ୍ୟବସ୍ଥା ତଥା ବିଭିନ୍ନ ଅନୁଷ୍ଠାନ, ସେ କଳା ହେଉ ବା ବ୍ୟବସାୟ ସମ୍ବନ୍ଧୀୟ, ସବୁଠାରେ ଆଜିକାଲି ନେପୋଟିଜିମ୍‌ର ଝଲକ। ରାଜନୀତିରେ ଏହାର ପ୍ରକୃଷ୍ଟ ଉଦାହରଣମାନ ଦେଖିବାକୁ ମିଳେ। କାରଣ ଗଣତନ୍ତ୍ର ଶାସନ ଆଢୁଆଳରେ ବି କୋଉଠି ନା କୋଉଠି ଏକଛତ୍ରବାଦ ଚାଲିଥିଲା ପରି ମନେହୁଏ। ଏହା ସହ ବିଭିନ୍ନ ସରକାରୀ, ବେସରକାରୀ କ୍ଷେତ୍ରରେ ସର୍ବତ୍ର ଚିହ୍ନାଜଣାମାନଙ୍କୁ ପ୍ରାଧାନ୍ୟ ଦିଆଯାଏ। ତେଣୁ ଯୋଗ୍ୟ ବ୍ୟକ୍ତିମାନେ ବାଦ୍ ପଡନ୍ତି।

ଏହି ନେପୋଟିଜିମ୍‌ର କଳଙ୍କ ଆଜିକାଲି ଚରମ ଶିଖରକୁ ସ୍ପର୍ଶ କରି ସ୍ଥଳବିଶେଷରେ ଜୀବନ ନେଉଛି। ଅବଶ୍ୟ ଏହି ବ୍ୟବସ୍ଥା ଏବେ ଆଉ ଭଣଜା ବା ପୁତୁରାଙ୍କୁ ନେଇ ଚାଲିନି, ବରଂ ନିଜ ସନ୍ତାନସନ୍ତତି ବା ଅନୁଗତମାନଙ୍କୁ ନେଇ ଚାଲିଛି। ସଦ୍ୟତମ ଅଘଟଣଟିଏ ଏଭଳି କୁତ୍ସିତ କାରନାମାକୁ ପୁଣିଥରେ ପଦାରେ ପକେଇଛି! ହିନ୍ଦୀ ଫିଲ୍ମ ତଥା ଟିଭି ପରଦାର ଲୋକପ୍ରିୟ ଉଦୀୟମାନ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଏହି ନେପୋଟିଜିମ୍ ଯୋଗୁ ହୋଇଛି ବୋଲି କିଛି ଫିଲ୍ମ କଳାକାରଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ସେ ନିଜ ଅଦମ୍ୟ ସାହସ ଓ ପରିଶ୍ରମ ବଳରେ ଶିଖର ଛୁଇଁବାର ଦମ୍ଭ ରଖିଥିଲେ ବୋଲି କେତେକ ନିର୍ଦ୍ଦେଶକ ତଥା ତାରକା ଅଭିନେତାଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାକୁ ଏକମାତ୍ର ପନ୍ଥା ଭାବେ ବାଛି ନେଇଥିଲେ। ପ୍ରଚ୍ଛଦରେ ଏଭଳି ଘୃଣ୍ୟ ପରମ୍ପରାକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ପ୍ରୋତ୍ସାହିତ କରୁଥିବାର ବିଶ୍ୱାସ ହେଉଛି। ଖାଲି ଫିଲ୍ମ ଇଣ୍ଡଷ୍ଟ୍ରି କାହିଁକି ପ୍ରାୟ ଅଧିକାଂଶ କ୍ଷେତ୍ରରେ ଏଭଳି ମାନସିକତା ବଳବତ୍ତର ରହିଥିବାରୁ ଉଦୀୟମାନ ବ୍ୟକ୍ତିମାନେ ବଳି ପଡୁଛନ୍ତି!

ଏଥିପାଇଁ କ୍ଷମତାଶାଳୀ ଲୋକେ ହିଁ ଦାୟୀ, ଯେଉଁମାନେ ଶକ୍ତି ବଳ ଓ କ୍ଷମତାର ଅପବ୍ୟବହାର କରି ଅଳ୍ପଯୋଗ୍ୟ ବା ଅଯୋଗ୍ୟ ଲୋକମାନଙ୍କୁ ପଦାସୀନ କରି ପରୋକ୍ଷରେ ନିଜ ସାମ୍ରାଜ୍ୟ ପ୍ରତିଷ୍ଠା କରିଛନ୍ତି। ଏହା କ'ଣ ମାନବିକତାର ଅବକ୍ଷୟ ନୁହେଁ? ବିଦ୍ୟାବୁଦ୍ଧିର ଦେବୀ ମା' ସରସ୍ୱତୀଙ୍କ ଅବମାନନା ନୁହେଁ? ବିଭିନ୍ନ ଷଡଯନ୍ତ୍ର ରଚି କ୍ଷମତା ଉପଭୋଗ କରୁଥିବା ଲୋକଙ୍କ ସମ୍ପର୍କୀୟ ଭାବେ କିମ୍ବା ଆବଶ୍ୟକ ସ୍ଥଳେ ସେମାନଙ୍କ ଶିଷ୍ୟତ୍ୱ ଗ୍ରହଣ ପୂର୍ବକ ଗୁଣଗାନ କରି ସର୍ବତ୍ର ବିରାଜମାନ କରୁଥିବା କିଛି ନ୍ୟସ୍ତ ସ୍ୱାର୍ଥପର ବ୍ୟକ୍ତିବିଶେଷଙ୍କର ଲାଭ କାଳେ କାଳେ। ସେମାନଙ୍କର ନିଜ ବୁଦ୍ଧି ଉପରେ କାଣିଚାଏ ବିଶ୍ୱାସ ନ ଥାଏ ବୋଲି ହୁଏତ ଛଳନା ଆଚରନ୍ତି। ସବୁ ପ୍ରକାରର ସୁଯୋଗ ହାତେଇବାରେ ସମର୍ଥ ହୁଅନ୍ତି।

ଏଠି ମେଧା, ବିଦ୍ୟା, କଳା ସବୁ କ୍ଷମତାଶାଳୀ ଲୋକମାନଙ୍କ କବ୍ଜାରେ। ସେମାନେ ଯାହାକୁ ବାଛିପାରିବେ ସେ ହିଁ କ୍ଷମତା ଉପଭୋଗ କରିପାରିବ। କ୍ଷମତା ହାସଲ କରୁଥିବା ନବାଗତମାନେ ସେମାନଙ୍କୁ ଗଡ୍‌ଫାଦର ବୋଲି ଗ୍ରହଣ କରି ନିଜର କାୟା ବିସ୍ତାର କରିବେ। ଫଳରେ ମୁକ୍ତ ହୋଇପାରିବନି ଏ ସମାଜ ନେପୋଟିଜିମ୍‌ର କରାଳ ଛାୟାରୁ। ଯୋଗ୍ୟ ଲୋକଟେ ରହିଯିବ ଅନ୍ଧାକାରର ଘେରରେ, ଯାହାକୁ ନେଇ ଆଜିକାଲି ସୋସିଆଲ୍ ମିଡିଆରେ ତର୍କବିତର୍କ। ନେପୋଟିଜିମ୍ ଯୋଗୁ ସୁଶାନ୍ତ ସିଂ ରାଜପୁତ୍ କେତୋଟି ଫିଲ୍ମ ହରାଇ ମାନସିକ ଅବସାଦ ଭୋଗୁଥିଲେ। କେହି ଦିଗ୍‌ଦର୍ଶକ ନ ଥିବା କାରଣରୁ ତାଙ୍କୁ ସହଯୋଗର ହାତ କେହି ବଢାଇ ନ ଥିଲେ।

ଫଳରେ ଅସୁରକ୍ଷିତ ଭାବନା ନେଇ ସେ ଆତ୍ମହତ୍ୟା କଲେ। ଯଦିଓ ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ, କିନ୍ତୁ ସେସବୁ ଦୁଃସ୍ଥିତି ସୃଷ୍ଟି କରିଥିବା ଓ ତା'ର କାରଣ ପାଲଟିଥିବା ଲୋକେ ନିଶ୍ଚିତ ଭାବେ ଦାୟୀ। କିଛିଦିନ ତଳେ ପ୍ରତିଷ୍ଠିତ ଗାୟକ ସୋନୁ ନିଗମ୍‌ଙ୍କ ପ୍ରସଙ୍ଗ ବି ମନରେ ହଇଚଇ ସୃଷ୍ଟି କରିଥିଲା। ତାହା ହେଲା– ଖୁବ୍‌ଶୀଘ୍ର ସଙ୍ଗୀତ କ୍ଷେତ୍ରରେ ମଧ୍ୟ ନେପୋଟିଜିମ୍ ଯୋଗୁ ଏଭଳି ଖବର ଆସିପାରେ।

ଏ ସମ୍ପର୍କିତ କିଛି ପ୍ରଶ୍ନ ମନଭିତରକୁ ସ୍ୱତଃ ପଶିଆସେ। ଯେଉଁ କାରଣରୁ ଯୋଗ୍ୟ ମଣିଷ ଅଲୋଡ଼ା ସେ ପରମ୍ପରା ଏ ଜାତିକୁ ଉଚିତ ଦିଗ୍‌ଦର୍ଶନ ଦେଇପାରିବ ତ? କ୍ଷମତାଲିପ୍ସୁ ବ୍ୟକ୍ତିମାନେ ମାନବିକତାକୁ ଅନ୍ଧାରକୁ ଠେଲିଦେଇ ନିଜ କର୍ତ୍ତବ୍ୟ ଠିକ୍‌ଭାବରେ ସଂପାଦନ କରୁଛନ୍ତି ବୋଲି ଛାତିରେ ହାତ ଦେଇ କହିପାରିବେ! ସମୟ ସବୁ ସିଦ୍ଧ କରେ। କ୍ଷମତାରେ ସବୁଦିନ ପାଇଁ କେହି ରହିପାରିନି କି ପାରିବନି। କୌଣସି ସମୟ ସବୁକାଳ ପାଇଁ ରହେନାହିଁ। ଏ ନିୟମାନୁଯାୟୀ ଅସ୍ଥାୟୀ ସିଂହାସନରୁ ବିଦାୟ ନେଇଥିବା ଅଧିକାରୀମାନେ ପରିଣତ ବୟସରେ ନିଜକୁ ମୁହଁ ଦେଖେଇପାରିବେ ତ ? ନିଜ ବିବେକକୁ କହିପାରିବେ ଯେ ସେମାନେ ଭୁଲ୍ କରିନାହାନ୍ତି ବୋଲି! କିଛି ପ୍ରଶ୍ନ ମୃତ୍ୟୁ ପର୍ଯ୍ୟନ୍ତ ଘାରିବ ନିଶ୍ଚୟ ଓ ଉଚିତ ବି।

ଏହା ଭିତରେ ନେପୋଟିଜିମ୍‌ର କାୟା ବୃଦ୍ଧି ହେଉଥିବ। କାରଣ ସେ କ୍ଷମତା ଅପବ୍ୟବହାରକାରୀଙ୍କ ଅନୁଗତମାନେ କ୍ଷମତାସୀନ ହୋଇ ସାରା ସଂସାରକୁ ଅନ୍ଧକାରମୟ କରିଚାଲିଥିବେ। ଯୋଗ୍ୟ ବ୍ୟକ୍ତିଟେ ନ୍ୟାଯ୍ୟ ଅଧିକାରରୁ ବାରମ୍ବାର ବଞ୍ଚିତ ହେଉଥିବ। ଏ ସମସ୍ୟାରୁ ନିସ୍ତାର ନାହିଁ, ଯାହା ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହିତ ପ୍ରିୟାପ୍ରୀତିତୋଷଣ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରିଚାଲୁଥିବ।

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର,
୩ଆର/୪୧, ଜଗତ୍‌ସିଂହପୁର

# ଉଦ୍ୟୋଗୀ ନେତୃତ୍ୱଧାରିଣୀ

ଭାରତରେ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ବା ଫିକି ଏକ ଶୀର୍ଷ ସଂସ୍ଥା ଭାବେ ପରିଚିତ। ଏହାର ମହିଳା ଶାଖା ଫିକି ଲେଡିଜ୍ ଅର୍ଗାନାଇଜେଶନ ବା ଏଫ୍‌ଏଲ୍‌ଓ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଦିଗରେ ଅନେକ ପଦକ୍ଷେପ ନେଉଛି। ୧୯୮୩ରେ ଏଫ୍‌ଏଲ୍‌ଓ ଗଢ଼ା ଯାଇଥିଲା। ମହିଳାମାନଙ୍କ ପାଇଁ ଏକ ସର୍ବଭାରତୀୟ ସଙ୍ଗଠନ ରୂପେ ଏହା ତାହାର ଉପସ୍ଥିତି ଦେଶର ୧୭ଟି ସ୍ଥାନ ଯଥା ଅହମଦାବାଦ, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ହାଇଦ୍ରାବାଦ, ଇନ୍ଦୋର, ଜୟପୁର, କୋଲକାତା, ଲକ୍ଷ୍ନୌ, କାନପୁର, ଲୁଧିଆନା, ମୁମ୍ବାଇ, ଉତ୍ତରପୂର୍ବାଞ୍ଚଳ, ପୁଣେ, ଅମୃତସର ଏବଂ ଉତ୍ତରାଖଣ୍ଡରେ ରହିଛି। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଅଛି। ମହିଳାଙ୍କ ମଧ୍ୟରେ ଔଦ୍ୟୋଗିକ ବିକାଶ ସୃଷ୍ଟି କରିବା ଲକ୍ଷ୍ୟରେ ଗଢ଼ାଯାଇଥିବା ସଙ୍ଗଠନର ସଦସ୍ୟ ଭାବେ ଉଦ୍ୟୋଗୀ, ବୃତ୍ତିଧାରୀ ଏବଂ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍ ରହିଛନ୍ତି। ନିକଟରେ ଏହାର ୩୭ତମ ଜାତୀୟ ସଭାପତି ରୂପେ ଜାହ୍ନବୀ ଫୁକନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଔଦ୍ୟୋଗିକ ସାମର୍ଥ୍ୟ ମାଧ୍ୟମରେ ମହିଳା ସଶକ୍ତୀକରଣ ଦିଗରେ କାର୍ଯ୍ୟ କରିବେ ବୋଲି ଜାହ୍ନବୀ କହିଛନ୍ତି। ମହିଳାମାନେ କିଭଳି ନୂଆ ଆହ୍ୱାନକୁ ସମ୍ମୁଖୀନ ହୋଇ ଆଗକୁ ଉଠିପାରିବେ, ସେହି ଦିଗରେ ଔଦ୍ୟୋଗିକ ନେତୃତ୍ୱ ନେଉଥିବା ଜାହ୍ନବୀଙ୍କ ବ୍ୟକ୍ତିତ୍ୱ ଏବେ ଯୁବ ମହିଳା ବର୍ଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ବ୍ୟକ୍ତିତ୍ୱ



ଜାହ୍ନବୀ ଫୁକନ

ଜାହ୍ନବୀ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଦିଲ୍ଲୀସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରୁ ସ୍ନାତକୋତ୍ତର କରିଥିଲେ। ଆମେରିକାର ଇଣ୍ଡିଆନା ୟୁନିଭର୍ସିଟିର ସେ ମଧ୍ୟ ପୁରାତନ ଛାତ୍ରୀ ଥିଲେ। ଉଚ୍ଚଶିକ୍ଷା ପରେ ଉଦ୍ୟୋଗୀ ହେବା ଲକ୍ଷ୍ୟରେ ସେ କ୍ୟାରିୟର ଗଢ଼ିଥିଲେ। ଫଳରେ ଜେଟିଆଇ ଗ୍ରୁପ୍ ଅଧୀନ ଜଙ୍ଗଲ ଟ୍ରାଭେଲ୍ସ ଇଣ୍ଡିଆ ଓ ଆସାମ ବେଙ୍ଗଲ ନାଭିଗେଶନ କମ୍ପାନୀରେ ସହ-ପ୍ରତିଷ୍ଠାତା ହୋଇଥିଲେ। ଏହିସବୁ କମ୍ପାନୀ ଭ୍ରମଣ ଓ ଅଭ୍ୟର୍ଥନା, ବଟିକ୍ ରିଭର କ୍ରୁଇଜିଂ, ସ୍ୱତନ୍ତ୍ର ଯାତ୍ରା ଲାଗି ଏକ କ୍ଷୁଦ୍ର ଦଳର ବ୍ୟବସ୍ଥା, ଚା' ଓ କପଡ଼ା ଉଦ୍ୟୋଗ ଜରିଆରେ କାର୍ଯ୍ୟ କରି ମହିଳା ସଶକ୍ତୀକରଣ ଦିଗରେ ନୂଆ ବାଟ ଦେଖାଇଚାଲିଛି। ସୂଚନା ଦିଆଯାଇପାରେ ଯେ, ଜେଟିଆଇ ଗ୍ରୁପ୍ ୧୯୮୯ରେ ଗଠନ କରାଯାଇ ଉତ୍ତର ପୂର୍ବାଞ୍ଚଳ ଜଙ୍ଗଲର ଅନାବିଷ୍କୃତ ଅଞ୍ଚଳ, ବନ୍ୟପ୍ରାଣୀ, ଘଞ୍ଚ ଜଙ୍ଗଲ ଏବଂ ବୃହତ୍ ଜଳାଶୟ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଚାଲିଛି। ତେବେ ୨୦୦୩ରେ ଆସାମ ବେଙ୍ଗଲ ନାଭିଗେଶନ କମ୍ପାନୀ (ଏବିଏନ୍) ପ୍ରତିଷ୍ଠା କରାଯାଇ ପର୍ଯ୍ୟଟନର ବିକାଶ ଲାଗି ନିରନ୍ତର ପ୍ରୟାସ କରିଆସୁଛି। ବିଶେଷକରି ବ୍ରହ୍ମପୁତ୍ର ଓ ଗଙ୍ଗା ନଦୀରେ ହାଉସ୍ ବୋଟ୍ ଚଳାଚଳ କରିବା, ରିଭର କ୍ରୁଜ୍ ଶିପ୍ ଭଳି ପର୍ଯ୍ୟଟନ ଦିଗରେ କାର୍ଯ୍ୟ କରୁଛି। ୨୦୦୭ରେ ଜାହ୍ନବୀ ଏଫଏଲ୍‌ଓ ଉତ୍ତର ପୂର୍ବାଞ୍ଚଳର ଚାପ୍ଟର କାର୍ଯ୍ୟାଳୟ ଖୋଲି ଉପ-ସଭାପତି ହୋଇଥିଲେ। ତାଙ୍କର ସେହି ସମୟର ନେତୃତ୍ୱ ବେଳେ ସେ 'ଆଇକନିକ୍ ଆୱାର୍ଡ ଅଫ୍ ନର୍ଥଇଷ୍ଟ' ପ୍ରତିଷ୍ଠା କରିଥିଲେ। ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ବର୍ଗରେ ଉତ୍କର୍ଷଲାଭ କରିଥିବା ୫ ଜଣ ମହିଳା, ଯେଉଁମାନେ କି ଜୀବନକାଳ ମଧ୍ୟରେ କଠୋର ପରିଶ୍ରମ କରି ଆଗକୁ ଉଠିଛନ୍ତି ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।

ମହିଳାମାନଙ୍କ ଜୀବନ ଓ ଜୀବିକାରେ ଉନ୍ନତି ଆଣିବା ସକାଶେ ଜାହ୍ନବୀ ସର୍ବଦା କାମ କରିଚାଲିଛନ୍ତି। ଏମାନଙ୍କ ଲାଗି ଆର୍ଥିକ ସ୍ୱଚ୍ଛଳତା, ନୀତି ଓ ବୈଧାନିକ ସ୍ତରରେ ନିଷ୍ପତ୍ତି, ସମାନତା ଏବଂ ଦକ୍ଷତା ବିକାଶ ଦିଗରେ କିଭଳି ପରିବର୍ତ୍ତନ ଅଣାଯାଇପାରେ ସେହି ଦିଗରେ ସେ ନିରନ୍ତର ପରୀକ୍ଷାନିରୀକ୍ଷା କରୁଛନ୍ତି। ଫଳରେ ଜାହ୍ନବୀ ୨୦୧୨ରୁ ସୂକ୍ଷ୍ମ, ମଧ୍ୟମ ଓ ଲଘୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ବୋର୍ଡ ଅଫ୍ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରିନ୍ୟୁୟରଶିପ୍ (ଆଇଆଇଇ)ରେ ସଦସ୍ୟ ରହିଆସିଛନ୍ତି। ଏବେ ଏଫ୍‌ଏଲ୍‌ଓର ୮,୦୦୦ ମହିଳା ସଦସ୍ୟଙ୍କ ପ୍ରତିନିଧି ଭାବେ ଜାହ୍ନବୀ ସେମାନଙ୍କ ଆର୍ଥିକ ସଶକ୍ତୀକରଣ ଓ ପ୍ରତି କ୍ଷେତ୍ରରେ ସମାନ ସୁଯୋଗ କିଭଳି ଅଣାଯାଇପାରିବ ସେଥିଲାଗି ସମ୍ଭାବ୍ୟ ଦିଗ ଉନ୍ମୋଚନ କରିଚାଲିଛନ୍ତି। ଆଜିର ଡିଜିଟାଲ ଯୁଗରେ ମହିଳାଙ୍କ ମଧ୍ୟରେ ଔଦ୍ୟୋଗିକ ସାମର୍ଥ୍ୟ ବଜାୟ ରଖିବା ସହ ବୃତ୍ତିଗତ ଉତ୍କର୍ଷ ଆଣିବା ଲକ୍ଷ୍ୟରେ ଜାହ୍ନବୀ ଏଫ୍‌ଏଲ୍‌ଓ ଜରିଆରେ ପ୍ରୟାସ ଜାରି ରଖିଛନ୍ତି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କେରଳର ଏକ ଓପନ୍ ଜେଲ ବା ମୁକ୍ତାକାଶ କାରାଗାର ଚାଷରୁ ବର୍ଷକୁ ପାଖାପାଖି ୨ କୋଟି ଟଙ୍କା ରୋଜଗାର କରିବା କିଛି କମ୍ କଥା ନୁହେଁ। ଥିରୁଭାନନ୍ତପୁରମ୍ ସହରଠାରୁ ୩୫ କି.ମି. ଦୂର ନେଟ୍ଟୁକାଲଥେରିସ୍ଥିତ ମୁକ୍ତାକାଶ କାରାଗାରର ୩୧୦ ଜଣ ଅନ୍ତେବାସୀ ଚାଷରେ ଲାଗିଛନ୍ତି। ୧୯୬୨ରେ ପ୍ରତିଷ୍ଠା କରାଯାଇଥିବା ଏହି ଜେଲରେ ଲକ୍‌ଅପ୍ ବଦଳରେ ଡର୍ମିଟୋରୀ ସିଷ୍ଟମ୍ ରହିଛି। ଏଠାରେ ବିଚାରାଧୀନ କଏଦୀଙ୍କ ସହ ୨୫୦ରୁ ଊର୍ଦ୍ଧ୍ୱ କଏଦୀ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। କାରାଗାର ଚାରିପାଖରେ ଥିବା ୪୭୪ ଏକର ଜମି ସେମାନେ ଚାଷ କରୁଛନ୍ତି। ୨୦୦ ଏକର ଜମିରେ ରବର ଗଛ ଲଗାଇଛନ୍ତି। ୨୦ ଏକରରେ ପରିବା ଚାଷ କରିବା ସହ ଏକ ଡାଏରି ଫାର୍ମ, ଛେଳି ଫାର୍ମ, କୁକୁଡା ଫାର୍ମ ରହିଛି। ସେମାନେ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳସେଚନ ସୁବିଧା କରିବା ସହ ସେଥିରେ ମାଛ ଚାଷ ବି କରୁଛନ୍ତି। ରାଜ୍ୟର ସବୁ ଜିଲାରୁ କଏଦୀମାନଙ୍କୁ ଚୟନ କରାଯାଇ ଏହି ଜେଲରେ ସେମାନଙ୍କୁ ଚାଷରେ ଲଗାଯାଉଛି। ସେମାନଙ୍କ ଉତ୍ପାଦିତ ଶସ୍ୟ ଓ ପନିପରିବା ଜେଲ ମେସ୍‌ରେ ଲାଗିବା ପରେ ବଳକାକୁ ବିକ୍ରି କରି ବର୍ଷକୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୨୦୦ ଏକର ରବର ଚାଷରୁ ବର୍ଷକୁ ୧ କୋଟି ଟଙ୍କା ମିଳୁଛି। ସବୁ ପ୍ରକାର ଚାଷରୁ ବର୍ଷକୁ ପାଖାପାଖି ୨ କୋଟି ଟଙ୍କା ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୫

- ଆରବ ରାଷ୍ଟ୍ର କାତାରର ଯୁବରାଜ ଶେଖ ହମାଜ ବିନ ଖଲିଫା ଆଲ-ଥାନି ତାଙ୍କର ପିତା ଶେକ ଖଲିଫାଙ୍କୁ ଗାଦିଚ୍ୟୁତ କରି ଅମୀର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମ ଜରିଆରେ ଶିକ୍ଷା ଏବଂ ସୂଚନା ପହଞ୍ଚାଇବା ସକାଶେ ଏକ ତାଲିମ ଏବଂ ପ୍ରଡକ୍‌ସନ୍ ସେଣ୍ଟର ସ୍ଥାପନ କରାଯିବା ନେଇ ଭାରତ ଏବଂ ଇଟାଲୀ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

ନିଭିଲା ଦୂର
ଶଇଳ-ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି।
(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 7 | | | | 6 | | | 0 | | | | |
| 0 | | 8 | | 2 | 9 | B | A | | | | 1 | | D | |
| | | | 0 | | | | 3 | 2 | 5 | | 9 | B | | C |
| | | | 3 | E | | 9 | | | | 2 | | 1 | | |
| | 7 | 3 | 6 | | | 1 | | 4 | | | C | 9 | | |
| | | | | | A | 0 | | | | D | | 6 | | 2 |
| | | 7 | | | 3 | | C | A | | 6 | | | | |
| | 9 | | | | 6 | | | | 0 | A | 5 | | | |
| | C | | | | 5 | 2 | 4 | | | | 3 | 0 | | 8 |
| 8 | | | | 9 | 0 | | | | 1 | E | 4 | 7 | | |
| E | 8 | | | | | | D | | 2 | | 7 | | | |
| B | 4 | | | | 8 | | 5 | | | | | | | 9 |
| D | | | | C | | | 1 | | | 3 | | | | |
| | | | | B | | | | | 9 | | 0 | 5 | 3 | 6 |
| 5 | | | | | | C | | 9 | | 4 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 5 | 0 | 2 | 9 | 1 | D | 4 | C | A | 3 | 6 | 7 | 8 |
| D | 8 | 2 | B | A | 3 | E | 0 | 7 | 6 | 5 | 1 | 4 | C | 9 |
| 0 | 3 | 7 | 1 | D | 6 | C | 8 | A | 4 | E | 9 | 2 | 5 | B |
| 9 | 6 | C | E | 4 | 7 | 3 | 5 | 2 | D | B | 8 | 0 | A | 1 |
| 1 | 4 | A | C | 8 | 5 | 9 | B | 6 | 7 | 0 | 2 | D | 3 | E |
| C | 7 | B | 6 | 3 | 4 | D | E | 0 | 8 | 2 | 5 | 9 | 1 | A |
| 5 | 1 | 6 | 8 | 7 | B | 4 | C | 9 | 0 | D | A | 3 | E | 2 |
| 2 | E | D | A | C | 1 | B | 7 | 8 | 9 | 3 | 4 | 5 | 6 | 0 |
| 8 | 0 | 9 | D | E | 2 | A | 3 | 5 | 1 | 6 | C | B | 4 | 7 |
| 3 | A | 4 | 5 | 9 | 0 | 2 | 6 | 1 | B | 7 | E | C | 8 | D |
| A | D | 8 | 4 | B | C | 0 | 1 | 3 | 5 | 9 | 7 | E | 2 | 6 |
| 4 | 9 | 0 | 7 | 6 | 8 | 5 | 2 | E | A | C | B | 1 | D | 3 |
| 7 | 5 | 3 | 2 | 0 | D | 8 | 9 | C | E | 1 | 6 | A | B | 4 |
| 6 | 2 | 1 | 9 | 5 | E | 7 | A | B | 3 | 4 | D | 8 | 0 | C |
| B | C | E | 3 | 1 | A | 6 | 4 | D | 2 | 8 | 0 | 7 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାହା ସ୍ୱାର୍ଥରେ କଲେଜ ଖୋଲାଗଲା

ମହାଶୟ,

କରୋନା ମୁକାବିଲା କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ହେଲେ କେଉଁ କାରଣରେ ଏବଂ କାହା ସ୍ୱାର୍ଥରେ ଅଯଥାରେ କଲେଜ ଖୋଲାଗଲା ତାହା ବୁଝାପଡୁ ନାହିଁ। କୁଣ୍ଡେ ଅମୃତ ଭିତରେ ବୁନ୍ଦାଏ ବିଷ ପରି ଏଭଳି ନିଷ୍ପତ୍ତି ସରକାରଙ୍କୁ ଅଡୁଆରେ ନ ପକାଉ। ଯାଜପୁର ଜିଲାର ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ କଲେଜରେ କ୍ୱାରାଣ୍ଟାଇନ କେନ୍ଦ୍ର ହୋଇଥିଲେ ବି ସରକାର ଏହି କଲେଜ ଖୋଲିଦେଲେ ଏବଂ ଅଧ୍ୟାପକ, କର୍ମଚାରୀମାନେ କଲେଜ ଆସିଲେ। ଏହାଦ୍ୱାରା କଲେଜ କର୍ମଚାରୀମାନଙ୍କ ପାଇଁ କରୋନା ଗ୍ରାସର ଆଶଙ୍କା ସୃଷ୍ଟି କରିଛି। ସବୁଠାରୁ ବଡ କଥାଟି ହେଉଛି, ଅଦ୍ୟାବଧି ଏହି କଲେଜକୁ ଜୀବାଣୁମୁକ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ବିଶୋଧନ କିମ୍ବା ସାନିଟାଇଜ କରାଯାଇ ନାହିଁ। କେଉଁଥିପାଇଁ ଏବଂ କାହା ତ୍ରୁଟି କାରଣରୁ ଅଦ୍ୟାବଧି ସାନିଟାଇଜ କରାଯାଇ ନାହିଁ, ସେଥିନେଇ ସରକାର କାହାକୁ ଉତ୍ତରଦାୟୀ କରି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। କାରଣ ଏହା ଏକ ଦୃଷ୍ଟାନ୍ତ ମାତ୍ର। ସମଗ୍ର ରାଜ୍ୟରେ ଅନେକ କଲେଜରେ ଏଭଳି ସମସ୍ୟା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରଦୀପ ମହାନ୍ତି, ବ୍ରହ୍ମପୁର, ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୦ ରାତିରୁ ପୁରୀ ଜିଲାରେ କର୍ଫ୍ୟୁ

**ପୁରୀ ଅଫିସ,୨୭।୬**

ରଥଯାତ୍ରା ଭଳି ବାହୁଡ଼ା ଯାତ୍ରା ବି ହେବ ଭକ୍ତଶୂନ୍ୟ। ବିନା ଭକ୍ତରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାହୁଡ଼ା ଯାତ୍ରା ପାଇଁ ବିଶେଷ କଟକଣା ଜାରି କରିଛି ପୁରୀ ଜିଲା ପ୍ରଶାସନ। ଆସନ୍ତା ୩୦ ତାରିଖ ରାତି ୧୦ରୁ ଜୁଲାଇ ୨ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ସମଗ୍ର ଜିଲାରେ କର୍ଫ୍ୟୁ ଲଗାଯିବ। ୧ରୁ ୪ ତାରିଖ ପର୍ଯ୍ୟନ୍ତ ଯାତ୍ରୀ, ପର୍ଯ୍ୟଟକଙ୍କୁ ନ ରଖିବା ପାଇଁ ହୋଟେଲ, ଲଜ୍ ଓ ବିଭିନ୍ନ ଧର୍ମଶାଳାକୁ କୁହାଯାଇଛି। ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଥିବା ବ୍ୟକ୍ତିଗତ ଘର, ଧାର୍ମିକ ଅନୁଷ୍ଠାନର ମଧ୍ୟ ସର୍ଭେ ହେବ। ବାହାର ଲୋକଙ୍କୁ ଘରେ ରଖିଥିଲେ ସମ୍ପୃକ୍ତ ଘର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବଲଓ୍ୱନ୍ତ ସିଂ କହିଛନ୍ତି।

### ବାହୁଡ଼ା ଯାତ୍ରା କଟକଣା

- ଜୁଲାଇ ୨ ରାତି ୧୦ ପର୍ଯ୍ୟନ୍ତ ରହିବ ବଳବତ୍ତର
- ଜିଲାକୁ ସଂଯୋଗ କରୁଥିବା ସବୁ ପ୍ରବେଶ ପଥ ସିଲ୍ ହେବ
- ୪ ଦିନ ପର୍ଯ୍ୟଟକଙ୍କୁ ହୋଟେଲ, ଲଜ୍‌ରେ ରଖିବା ମନା
- ବଡ଼ଦାଣ୍ଡରେ ବ୍ୟକ୍ତିଗତ ଘର, ଧାର୍ମିକ ଅନୁଷ୍ଠାନର ସର୍ଭେ ହେବ
- ଘରେ ବାହାର ଲୋକଙ୍କୁ ରଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ଚଳିତବର୍ଷର ରଥଯାତ୍ରା ଅତୁଳନୀୟ, ଅବିଶ୍ୱସନୀୟ ଓ ଅଦ୍ଭୁତ। ଗୁଣ୍ଡିଚା ଯାତ୍ରା ଦିନ ସମସ୍ତ ପୁରୀ ଜିଲାବାସୀ ଅଭୂତପୂର୍ବ ସହଯୋଗ କଲେ। ସେହିପରି ଅନୁଶାସନ ବାହୁଡ଼ା ଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଦେଖାଇବେ ବୋଲି ଆଶା ରଖିଛୁ। ଆଗକୁ ଜୁଲାଇ ୧ ତାରିଖ ବାହୁଡ଼ା, ୨ରେ ସୁନାବେଶ, ୩ରେ ଅଧରପଣା ଏବଂ ୪ ତାରିଖରେ ନୀଳାଦ୍ରିବିଜେ ରହିଛି। ତେଣୁ ଏହି ୪ଦିନ ଭକ୍ତଙ୍କ ପାଇଁ କଟକଣା ରହିବ। ସମସ୍ତେ ଘରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିଲାଗି ୩୦ ତାରିଖ ରାତି ୧୦ଟାରୁ ଜୁଲାଇ ୨ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ପୁରୀ ଜିଲାରେ କର୍ଫ୍ୟୁ ଜାରି ହେବ। ଶଟ୍‌ଡାଉନ ମଧ୍ୟ ଘୋଷଣା କରାଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସେବା (ମେଡିକାଲ କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା) ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଚଳାଚଳ କରିବ ନାହିଁ। ପୁରୀ ଜିଲାକୁ ସଂଯୋଗ କରୁଥିବା ଅନ୍ୟ ଜିଲାର ସବୁ ପ୍ରବେଶ ପଥ ସିଲ୍ କରାଯିବ। ବିଶେଷକରି ପୁରୀ ସହରବାସୀ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ସହରରେ ଥିବା ସମସ୍ତ ହୋଟେଲ, ଲଜ୍, ଧର୍ମଶାଳା ଆଦିରେ କୌଣସି ଲୋକ ରହିପାରିବେ ନାହିଁ। ଏଥିପାଇଁ ହୋଟେଲ, ଲଜ୍ ମାଲିକମାନଙ୍କୁ ଉପରୋକ୍ତ ୪ ଦିନ କୌଣସି ବାହାର ପର୍ଯ୍ୟଟକ, ଯାତ୍ରୀ କିମ୍ବା ଭକ୍ତଙ୍କୁ ନ ରଖିବା ପାଇଁ ଅନୁରୋଧ କରାଯାଇଛି। ୪ ତାରିଖ ପରେ ସେମାନେ ତାଙ୍କର ବୁକିଂ ରଖିପାରିବେ। ବଡ଼ଦାଣ୍ଡରେ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଏତଦ୍‌ବ୍ୟତୀତ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱସ୍ଥ ମଠ, ମନ୍ଦିର, ଧର୍ମ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଘରଗୁଡ଼ିକର ରବିବାର ସର୍ଭେ କରାଯିବ। ଯେଉଁ ଘରେ ଯେତିକି ସଦସ୍ୟ ଅଛନ୍ତି ସେମାନଙ୍କ ଛଡ଼ା ଯଦି କଟକଣା ସମୟରେ ବାହାର ଲୋକଙ୍କ ଉପସ୍ଥିତି ଜଣାପଡ଼େ ତେବେ ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ୍ ଦିଆଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଘରେ ରହି ପ୍ରଭୁଙ୍କୁ ଦର୍ଶନ କରିବା ଲାଗି ସମସ୍ତଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି।

କରୋନା ପାଇଁ ଏଥର ରଥଯାତ୍ରା ହେବ କି ନ ହେବ ସେ ନେଇ ଶେଷ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଲାଗିରହିଥିଲା। ତେବେ ଶେଷ ମୁହୂର୍ତ୍ତରେ ଭକ୍ତ ଶୂନ୍ୟ ରଥଯାତ୍ରା ଲାଗି ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ଦେଇଥିଲେ। କୋଭିଡ୍ ସଂକ୍ରମଣ ଯେପରି ନ ବ୍ୟାପେ ସେଥିପ୍ରତି ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏହିସବୁ ନିଷ୍ପତ୍ତି ନେଇଛି।

## ସଂକ୍ଷେପରେ

### ଆଡ଼ପ ମଣ୍ଡପରେ ଆଜିଠୁ ରାସଲୀଳା

**ପୁରୀ ଅଫିସ,୨୭।୬:** ନବଦିନାତ୍ମକ ଯାତ୍ରାରେ ଆସି ଜନ୍ମବେଦିରେ ଅବସ୍ଥାନ କରିଛନ୍ତି ମହାପ୍ରଭୁ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରରେ ଆଗେଇ ଚାଲିଛି। ରବିବାରଠାରୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆରମ୍ଭ ହେବ ତିନିଦିଆ ରାସଲୀଳା। ଗୋପୀମାନଙ୍କ ସହିତ ରାସଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସବୁ ଯୁଗର ଦେବତା। ସେ ସତ୍ୟ ଯୁଗର ନୃସିଂହ ଓ ବାମନ। ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଆଉ ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କର ମନକଥା ଜାଣିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଭଗବାନଙ୍କୁ କ'ଣ ସୁଖ ଲାଗିବ ସେହିଭଳି କାର୍ଯ୍ୟ କରୁଥିଲେ ଗୋପୀମାନେ। ତେଣୁ ଏଠାରେ ମଧ୍ୟ ଶ୍ରୀଗୁଣ୍ଡିଚା ମଣ୍ଡପ ତିନିଦିନ ଧରି ରାସମଣ୍ଡପରେ ପରିଣତ ହୁଏ। ମହାପ୍ରଭୁ ପତିତପାବନ ଯାତ୍ରା କରିବା ପାଇଁ ଜନ୍ମବେଦିକୁ ଆସିଥିବା ସମୟରେ ଗୋପୀମାନଙ୍କ ସହିତ ଏହି ମଣ୍ଡପରେ ରାସ ରସରେ ମଗ୍ନ ହୁଅନ୍ତି। ସେଥିପାଇଁ ସାଙ୍ଗରେ ଅର୍ଦ୍ଧାଙ୍ଗିନୀ ମହାଲକ୍ଷ୍ମୀଙ୍କୁ ଆଣି ନ ଥାନ୍ତି। ତଥାପି ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଠାକୁରଙ୍କଠାରୁ ଆଜ୍ଞାମାଳ ପାଇବା ପରେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଯାଇଥାନ୍ତି। ଏହା ପରଦିନଠାରୁ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଶ୍ରୀଗୁଣ୍ଡିଚା ମଣ୍ଡପରେ ଗୋପୀମାନଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ସର୍ପାମଣୋହି ହୁଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାସ ନୀତି ବୋଲି କୁହାଯାଏ। ଏହିଭଳି ଭାବେ ତିନିଦିନ ଧରି ରାସବିହାରୀ ଶ୍ରୀଜଗନ୍ନାଥ ବର୍ଷାକାଳୀନ ରାସଲୀଳା ଶ୍ରୀଗୁଣ୍ଡିଚା ମଣ୍ଡପରେ କରିଥାନ୍ତି। ମହାପ୍ରଭୁଙ୍କର ଏହି ରାସଲୀଳାକୁ ଯେଉଁମାନେ ଭକ୍ତି ପୂର୍ବକ ଦର୍ଶନ କରନ୍ତି ସେମାନେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

### ସୁରଜ ପ୍ରକାଶଙ୍କ ଜନ୍ମ ଶତବାର୍ଷିକୀ

**ପୁରୀ ଅଫିସ,୨୭।୬**

ଭାରତ ବିକାଶ ପରିଷଦର ପ୍ରତିଷ୍ଠାତା ଡ. ସୁରଜ ପ୍ରକାଶଙ୍କ ଶତବାର୍ଷିକୀ ସମାରୋହ ଶନିବାର ତ୍ରିଦେବ ଭିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ଡ. ପ୍ରକାଶ ରାଷ୍ଟ୍ର ପ୍ରତି ସମର୍ପିତ ଏକ ସଙ୍ଗଠନ କରିବାରେ ନିଜ ଜୀବନକୁ ସମର୍ପିତ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ବୁଦ୍ଧଦେବ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ, ପୁରୀ ଶାଖା ସଚିବ ସୁପ୍ରୀତି ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଙ୍କ ଜୀବନବ୍ୟାପୀ ସାଧନାକୁ ଦୃଷ୍ଟିରେ ରଖି ତାଙ୍କ ନାମରେ ଏକ ଡାକଟିକେଟ ପ୍ରକାଶନ ଏବଂ ମରଣୋତ୍ତର ଭାବେ ପଦ୍ମ ସମ୍ମାନରେ ସମ୍ମାନିତ କରିବା ପାଇଁ ଦାବି ନେଇ ଶାଖା ତରଫରୁ ପ୍ରାନ୍ତ ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟଙ୍କୁ ପତ୍ର ପ୍ରଦାନ କରାଯାଇଛି।

# ସରିଲା ତିନିରଥ ଯାଞ୍ଚ



ରଥ ଯାଞ୍ଚ କରାଯାଉଛି।

**ପୁରୀ ଅଫିସ,୨୭।୬**

ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଛନ୍ତି ତିନିରଥ। ବାହୁଡ଼ା ପାଇଁ ରଥତ୍ରୟଙ୍କ ରବିବାର ଦକ୍ଷିଣ ମୋଡ଼ ହେବ। ଅର୍ଥାତ୍ ତିନିରଥଙ୍କୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି ପର୍ବ। ଶନିବାର ତିନିରଥର ଯାଞ୍ଚ କରାଯାଇଛି। ଭୋଇ ସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନି ରଥକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ସେମିତି କିଛି ବଡ଼ଧରଣର ମରାମତିର ଆବଶ୍ୟକ ନ ଥିଲା। ଯାହା କିଛି ଛୋଟ ଧରଣର ମରାମତି ଦରକାର ଥିଲା ତାହା ଶେଷ ହୋଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିବା ପରେ ଦକ୍ଷିଣ ମୋଡ଼ ପୂର୍ବରୁ ଯାଞ୍ଚ କରାଯାଇଥାଏ। ଶନିବାର ଏହି ଯାଞ୍ଚ କରାଯାଇଛି। ଏଥିରେ ଇଞ୍ଜିନିୟର, ୧୦ ଜଣ ମହାରଣା ସେବକ, ଭୋଇ ଓ କମାର ସେବକ ଏବଂ ରଥ ନିର୍ମାଣ କମିଟି କର୍ମକର୍ତ୍ତା ସାମିଲ ଥିଲେ। ତେବେ ଯାଞ୍ଚ ସମୟରେ କିଛି ବଡ଼ଧରଣର ତ୍ରୁଟି ଦେଖିବାକୁ ମିଳିନାହିଁ। କେଉଁଠି ଏଲ୍ କ୍ଲାମ୍ପ ଛାଡ଼ିଯାଇଥିଲା ତ ଆଉ କେଉଁଠାରେ ୟୁ କ୍ଲାମ୍ପ ବାହାରିଯାଇଥିଲା। ସେସବୁକୁ ମରାମତି କରାଯାଇଛି। ବାହୁଡ଼ା ପୂର୍ବରୁ ମଧ୍ୟ ଆଉ ଥରେ ତିନିରଥ ଯାଞ୍ଚ କରାଯିବ। ରଥ ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଥିବା ତତ୍ତ୍ୱାବଧାରକ କହିଛନ୍ତି। ରବିବାର ତିନିରଥ ଦକ୍ଷିଣ ମୋଡ଼ କରାଯିବ। ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ଅଭିମୁଖେ ଫେରିଯିବେ। ତିନିରଥକୁ ଆଜ୍ଞାମାଳ ବିଜେ ହେବା ହେବା ପରେ ଦକ୍ଷିଣ ମୋଡ଼ ହେବ ବୋଲି ଜଣାପଡ଼ିଛି।

### ଆଜି ଦକ୍ଷିଣ ମୋଡ଼

# ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ଠାକୁରାଣୀ

- ହେରାପଞ୍ଚମୀ ନୀତି ସମ୍ପନ୍ନ
- ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅଂଶ

**ପୁରୀ ଅଫିସ,୨୭।୬**

ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ନୀତିକାନ୍ତି। ଘୋଷଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ। ଶନିବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି। ତେବେ ଏହି ଲୀଳା ଦେଖିବାକୁ କୌଣସି ଭକ୍ତ ନ ଥିଲେ। ଏଥର ରଥଯାତ୍ରା ଭଳି ହେରାପଞ୍ଚମୀ ନୀତି ମଧ୍ୟ ବିନା ଭକ୍ତରେ ହୋଇଥିଲା।

ମହାପ୍ରଭୁ ଓ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା। କିନ୍ତୁ ଗଇଁଠାଳ ଫିଟି ନ ଥିଲା ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି। ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ସ୍ନାନ କରି ଜ୍ୱରରେ ପଡ଼ିଲେ। ବିଭିନ୍ନ ପଥ୍ୟ ଖାଇ ସୁସ୍ଥ ହେଲେ। ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭଉଣୀଭାଇଙ୍କୁ ସାଥିରେ ନେଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ବିରହ ବେଦନାରେ ଥିବା ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇ ନେବା ଲାଗି ଆସିଥିଲେ। ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ଫେରିବା ଅନୁରୋଧକୁ ରଖିଲେ ନାହିଁ। ଏଥିରେ ରୋଷ କରି ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ଫେରିବା ବେଳେ ସାହିବାସୀଙ୍କ ଦ୍ୱାରା ପନ୍ତିଭୋଗ ଗ୍ରହଣ କରିଥିଲେ। ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟାଧୂପ ପୂର୍ବରୁ ମହାଲକ୍ଷ୍ମୀଙ୍କ ମାଜଣା ହୋଇଥିଲା। ପରେ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ପଟୁଆରରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଏବଂ ଦହି ପଟି ମଣୋହି କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବାବେଳେ ମହାଲକ୍ଷ୍ମୀ ଜଗମୋହନକୁ ବିଜେ କରି ଜୟ ବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତି ମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁ ଫେରି ନ ଥିଲେ। ଏହାପରେ ମହାଲକ୍ଷ୍ମୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇ ରଥର କିଛି ଅଂଶ ଭାଙ୍ଗିଥିଲେ।



### ପୁରୀ: ୬ ପଜିଟିଭ୍ ଚିହ୍ନଟ, ୫ ସୁସ୍ଥ

**ପୁରୀ ଅଫିସ,୨୭।୬:** ପୁରୀ ଜିଲାରୁ ଶନିବାର ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୫ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨୪୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଶନିବାରର ୫ଜଣଙ୍କୁ ମିଶାଇ ୨୦୭ଜଣ ସୁସ୍ଥ ହୋଇଥିବା ବେଳେ ୩୯ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନାରେ ଜୀବନ ଯାଇଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଶନିବାର ଚିହ୍ନଟ ସଂକ୍ରମିତଙ୍କ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଫଳରେ ସେମାନଙ୍କ ମଧ୍ୟରୁ କେତେଜଣ ସଙ୍ଗରୋଧରେ ଥିଲେ ଏବଂ କେତେଜଣ ସ୍ଥାନୀୟ ଆକ୍ରାନ୍ତ ତାହା ଜଣାପଡ଼ି ନାହିଁ।

# ଖୋର୍ଦ୍ଧାରୁ ୭, ରେଞ୍ଚରୁ ଜଣେ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ/ଡେଲାଙ୍ଗ,୨୭।୬(ଡି.ଏନ୍.ଏ):** ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଶନିବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବୋଲଗଡ଼ର ୨, ଟାଙ୍ଗୀର ୨ ଓ ବାଲକାଟୀ ନିକଟରୁ ୨ଜଣ ଚିହ୍ନଟ ହୋଇଥିବା ବେଳେ ବାଲୁଗାଁର ଜଣେ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟପଟେ ୧୦୮ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଚିହ୍ନଟ ବ୍ୟକ୍ତି ଜଣକ ପୁରୀରେ ଟ୍ରାଫିକ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ସେ ସେଠାରୁ ନିଜ ଘର ରେଞ୍ଚ ପଞ୍ଚାୟତକୁ ଆସିଥିବାବେଳେ ଗାଁରେ ପିଲାମାନଙ୍କ ସହିତ ଖେଳକୁଦ କରିବା ସହ ଭୋଜିରେ ସାମିଲ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ତାଲିକା ପ୍ରସ୍ତୁତି ଚାଲିଥିବାବେଳେ ସ୍ୱାବ ଟେଷ୍ଟ କରାଯିବ।

# ୧.୫୮ ଲକ୍ଷ ହେକ୍ଟର ଜମିରେ ହେବ ଚାଷ

**ପୁରୀ ଅଫିସ,୨୭।୬:** ପୁରୀ ଜିଲାରେ ଖରିଫ ଋତୁ ନିମନ୍ତେ କୃଷି ନିର୍ଦ୍ଧାରଣ ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଋତୁରେ ଜିଲାର ୧ଲକ୍ଷ ୫୮ ହଜାର ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ କରାଯିବ। ସେଥି ମଧ୍ୟରୁ ୧ଲକ୍ଷ ୧୭ ହଜାର ହେକ୍ଟର ଜଳସେଚିତ ହେବ। ହେକ୍ଟର ପିଛା ୫୦ କିଗ୍ରା ବିହନ ଏବଂ ହେକ୍ଟର ପିଛା ୬୫ କିଗ୍ରା ସାର ବ୍ୟବହାର କରାଯିବ। ହେକ୍ଟର ପିଛା ୬୦ କୁଇଣ୍ଟାଲ ଶସ୍ୟ ଅମଳ ହେବା ଲକ୍ଷ୍ୟ ରଖାଯାଇଛି। ଜିଲାରେ ମୃତ୍ତିକା ପରୀକ୍ଷଣ ନିମନ୍ତେ ୫୨୩୩ ନମୁନା ସଂଗ୍ରହ ସହ ଜୈବିକ ଖତ ଓ ଜିଆ ଖତ ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯିବ। ପ୍ରାୟ ୪୩ ହଜାର ହେକ୍ଟର ଜମିରେ ରୋଗ ପୋକ ନିୟନ୍ତ୍ରଣ, ବିହନ ବିଶୋଧନ ଓ ଘାସମରା ଔଷଧ ବ୍ୟବହାର କରାଯିବ। ଋଣ ନେଇଥିବା ୧ଲକ୍ଷ ଚାଷୀ ଓ ଋଣ ନେଇ ନ ଥିବା ୩୦ ହଜାର ଚାଷୀଙ୍କୁ ଶସ୍ୟବୀମା ଅନ୍ତର୍ଭୁକ୍ତ କରାଯିବ। ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ ମାଧ୍ୟମରେ ୧୩୮ କୋଟି ଟଙ୍କା ଋଣ ଦିଆଯିବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ୨୪୦୦ ହେକ୍ଟରରେ ଏକକ ମିଶନ ଭାବେ ନଡ଼ିଆ ଚାରା ଲଗାଯିବ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍

ପତ୍ର ସଂଖ୍ୟା:୨୧୭୦ ତାରିଖ:୨୫।୦୬।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ପରିଷଦ ଅଧୀନସ୍ଥ ନିମ୍ନ ପୋଖରୀର ନିଲାମି ତା୧୫।୦୭।୨୦୨୦ଠାରୁ ତା୧୪।୦୭।୨୦୨୩ (ତିନି ବର୍ଷ) ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିଲାମ କରାଯିବ । ନିଲାମ ସମ୍ବନ୍ଧୀୟ ବିବରଣୀ ତଳଲିଖିତ ସାରଣୀରେ ଦିଆଗଲା। ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟର କାର୍ଯ୍ୟଦିବସମାନଙ୍କରେ ପହଞ୍ଚି ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଓ ନିୟମ ବାବଦକୁ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ଅଥବା କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଝୁଲାଇ ଦିଆଯାଇଥିବା ନିଲାମ ଇସ୍ତାହାରକୁ ପଢ଼ି ବୁଝିପାରିବେ ।

| କ୍ର. ନଂ. | ପୋଖରୀର ନାମ ଓ ଉପସ୍ଥିତି | ସର୍ବନିମ୍ନ ନିର୍ଦ୍ଧାରିତ ଦର | ଦରଖାସ୍ତ ଫର୍ମର ମୂଲ୍ୟ | ଟେଣ୍ଡର ଫର୍ମ କ୍ରୟ ତାରିଖ ଓ ସମୟ | ଟେଣ୍ଡର ଗ୍ରହଣର ଶେଷ ତାରିଖ | ଟେଣ୍ଡର ଖୋଲିବା ତାରିଖ ଓ ସମୟ |
|---|---|---|---|---|---|---|
| ୧ | ମୋଙ୍ଗରାପାଲି ପୋଖରୀ, ୱାର୍ଡ ନଂ.୧୭ | ୨,୯୦,୦୦୦/- | ୪,୦୦୦/- | ତା୨୫.୦୬.୨୦୨୦ ଠାରୁ ତା୦୭।୦୭।୨୦୨୦ ଅପରାହ୍ନ ଘ.୫.୦୦ ଟିକା ପର୍ଯ୍ୟନ୍ତ (କାର୍ଯ୍ୟଦିବସ ମଧ୍ୟରେ) | ତା୧୦.୦୭.୨୦୨୦ ଅପରାହ୍ନ ଘ.୪.୦୦ଟିକା | ତା୧୩.୦୭.୨୦୨୦ ଅପରାହ୍ନ ଘ.୩.୩୦ଟିକା |
| ୨ | ଢୁମେରଡିହି ତଳ ପୋଖରୀ, ୱାର୍ଡ ନଂ.୧୬ | ୧,୮୦,୦୦୦/- | ୨,୦୦୦/- | | | |
| ୩ | ଢୁମେରଡିହି ଉପର ପୋଖରୀ, ୱାର୍ଡ ନଂ.୧୬ | ୧,୮୦,୦୦୦/- | ୨,୦୦୦/- | | | |
| ୪ | କୁରୁମୁଣ୍ଡା ପୋଖରୀ, ୱାର୍ଡ ନଂ.୦୭ | ୯୦,୦୦୦/- | ୨,୦୦୦/- | | | |
| ୫ | କୁରୁମୁଣ୍ଡା ସରାଇ, ୱାର୍ଡ ନଂ.୦୭(ନୂଆ) | ୩୦,୦୦୦/- | ୧,୦୦୦/- | | | |

ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୫।୦୬।୨୦୨୦ରୁ ତା୦୭।୦୭।୨୦୨୦ ଅପରାହ୍ନ ଘ.୫.୦୦ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବ୍ ସାଇଟ: www.nuapada.nic.inରୁ ଦେଖିପାରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## ODISHA COAL AND POWER LTD.

Odisha Coal and Power Limited — OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha

**Advertisement No. OCPL/HR/2020/01** **Date: 28.06.2020**

Odisha Coal and Power Limited (OCPL), a Government of Odisha company invites online applications from the eligible Indian Citizens for the following post.

| Sl. No. | Name of the Post | Grade (Pay Scale) | Total Post |
|---|---|---|---|
| 01 | Manager (HR) | E-4 (73, 300-2, 06, 100) | 01 |
| | TOTAL | | 01 |

For detailed advertisement, pay scale, how to apply and other details, please visit our website **www.ocpl.org.in**.

Opening of online submission of application : 10 AM of 1st July, 2020
Last date for submission of online application : 5 PM of 21st July, 2020
Last date for receipt of hard copy of application : 5 PM of 28th July, 2020
# Corrigendum, if any, will be published in OCPL website only.

Company Secretary
Odisha Coal and Power Limited,
Bhubaneswar (Odisha), Tel: 0674-2300654/2300664

## ପୂର୍ବ ତଟ ରେଳପଥ
### ରୋଷେଇ କାର୍ଯ୍ୟକଳାପର ବହିଃସ୍ରୋତ

ଟେଣ୍ଡର ବିଜ୍ଞପ୍ତି ନଂ. 04/ET/SBP/ENGG/2020-21, ତା:19.06.2020

1) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 09-eT-SDENE-SBP-20
**କାର୍ଯ୍ୟର ନାମ :** 24 ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଟ୍ରାକ୍ ମେସିନ୍ କାର୍ଯ୍ୟ ପ୍ରକ୍ରିୟା ପାଇଁ ରୋଷେୟା ସାଥୀ (Cook mate) ବ୍ୟବସ୍ଥା ଦ୍ୱାରା କ୍ୟାମ୍ପିଙ୍ଗ୍ କୋଚ୍‌ଗୁଡ଼ିକରେ ରୋଷେଇ କାର୍ଯ୍ୟକଳାପର ବହିଃସ୍ରୋତ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 26,57,214.60, EMD (ଟଙ୍କାରେ) : ₹ 53,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶ)ମାସ ।

### ଭଡ଼ା ସୂତ୍ରରେ ଗାଡ଼ି

2) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 05-eT-SDENE-SBP-20
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(P.Way)/ବଲାଙ୍ଗୀରଙ୍କ ପାଇଁ ଗୋଟିଏ ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ଗୋଟିଏ ମିନି ଟ୍ରକ୍) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 16,45,418.55, EMD (ଟଙ୍କାରେ) : ₹ 32,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶ)ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 06-eT-SDENE-SBP-20
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(P.Way)/ସର୍ଣ୍ଣତଳାଙ୍କ ପାଇଁ ଗୋଟିଏ ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ଗୋଟିଏ ମିନି ଟ୍ରକ୍) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 16,45,418.55, EMD (ଟଙ୍କାରେ) : ₹ 32,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.17.07.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-121/L/20-21

## ପୂର୍ବ ତଟ ରେଳପଥ
### ସିଗ୍‌ନାଲିଙ୍ଗ୍ କାର୍ଯ୍ୟ

1.ଇ-ଟେଣ୍ଡର ବିଜ୍ଞପ୍ତି ନଂ. STCVSKP-3EIARKGPJDPC-OT95, ତା:13.06.2020
**କାର୍ଯ୍ୟର ନାମ :** ଭାରତର ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ରାଜ୍ୟରେ ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KK ଲାଇନ୍‌ରେ କୋଟାଭାଲସା-କୋରାପୁଟ ସେକ୍ସନ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଫେଜ୍ ଅନୁଯାୟୀ କାର୍ଯ୍ୟ ପ୍ରକ୍ରିୟା ସହିତ ଅରକୁ, ଗୋରାପୁର ଏବଂ ଡାରଲିପୁଟ ଷ୍ଟେସନ ଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ ତଥା ଅରକୁ, ଗୋରାପୁର ଏବଂ ଡାରଲିପୁଟରେ ଉପଯୋଗିତା ସ୍ଥାନାନ୍ତରଣ (ଷ୍ଟେସନ ଏବଂ ସେକ୍ସନରେ ଲେଭେଲ କ୍ରସିଙ୍ଗ୍ ଫାଟକ ସଂ.KK-24 ଏବଂ KK-26, କେବୁଲ, ଲୋକେଶନ ବାକ୍ସ, ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା ଅନ୍ୟ ସିଗ୍‌ନାଲିଙ୍ଗ୍ ଏବଂ ଟେଲିକମ୍ୟୁନିକେସନ ଗିଅର) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹16,68,26,248/-, EMD (ଟଙ୍କାରେ) : ₹9,84,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

2.ଇ-ଟେଣ୍ଡର ବିଜ୍ଞପ୍ତି ନଂ. STCVSKP-KTVKRPUShiftOT96, ତା: 17.06.2020
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ଇଂଜିନିୟରିଙ୍ଗ କାର୍ଯ୍ୟକୁ ସୁଗମ କରିବା ପାଇଁ କୋଟାଭାଲସା-କୋରାପୁଟ ଲାଇନ୍‌ରେ କରକାଭାଲସା-କୋରାପୁଟ ସେକ୍ସନରେ ବାଧା ପହଞ୍ଚାଉଥିବା ଅବଶିଷ୍ଟ ସିଗ୍‌ନାଲିଙ୍ଗ୍ ଏବଂ ଟେଲିକମ୍ୟୁନିକେସନ ଗିଅର ଏବଂ କେବୁଲଗୁଡ଼ିକର ସ୍ଥାନାନ୍ତରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,27,81,276/-, EMD (ଟଙ୍କାରେ) : ₹2,13,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

3.ଇ-ଟେଣ୍ଡର ବିଜ୍ଞପ୍ତି ନଂ. STCVSKP-KRPURGDAShiftOT97, ତା:17.06.2020
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ଇଂଜିନିୟରିଙ୍ଗ କାର୍ଯ୍ୟକୁ ସୁଗମ କରିବା ପାଇଁ କୋରାପୁଟ-ରାୟଗଡ଼ା ଲାଇନ୍‌ରେ ଏକ୍ସ-କୋରାପୁଟ-ଟିକିରି ସେକ୍ସନରେ ବାଧା ପହଞ୍ଚାଉଥିବା ଅବଶିଷ୍ଟ ସିଗ୍‌ନାଲିଙ୍ଗ୍ ଏବଂ ଟେଲିକମ୍ୟୁନିକେସନ ଗିଅର ଏବଂ କେବୁଲଗୁଡ଼ିକର ସ୍ଥାନାନ୍ତରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,91,28,226/-, EMD (ଟଙ୍କାରେ) : ₹2,45,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ/ଖୋଲା ହେବା ତାରିଖ ଓ ସମୟ :** ତା.14.07.2020 ରିଖ (କ୍ରମ ସଂ.01 ନିମନ୍ତେ) ଏବଂ ତା.09.07.2020 ରିଖ (କ୍ରମ ସଂ.02 ଏବଂ 03 ନିମନ୍ତେ) 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/କୋରାପୁଟ
PR-20/CD/20-21

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟାଙ୍ଗୀ ପଞ୍ଚାୟତର ୨ ୱାର୍ଡ କଣ୍ଟେନମେଣ୍ଟ ଜୋନ୍ ଘୋଷିତ

**ଖୋର୍ଦ୍ଧା ଅଫିସ,୨୭।୬:** ଖୋର୍ଦ୍ଧା ଜିଲା ଟାଙ୍ଗୀ ପଞ୍ଚାୟତର ୧୦ ଓ ୧୧ନଂ. ୱାର୍ଡକୁ ଶନିବାର ଜିଲାପାଳ ଶୀତାଂଶୁ କୁମାର ରାଉତ ୪ଦିନ ଲାଗି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ୨୭ତାରିଖ ଅପରାହ୍ନ ୨ଟା ୩୦ରୁ ୩୦ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ବଳବତ୍ତର ରହିବ। ସୂଚନାଥାଉ କି, ଏହି ପଞ୍ଚାୟତର ୧୦ନଂ. ୱାର୍ଡରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଣ୍ଟେନମେଣ୍ଟ ଜୋନ ଅଞ୍ଚଳରୁ କୌଣସି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ, କିମ୍ବା ବାହାର ବ୍ୟକ୍ତି ଏହି ଜୋନ ମଧ୍ୟରେ ପ୍ରବେଶ କରିବେ ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଉକ୍ତ ଅଞ୍ଚଳକୁ ଦିନକୁ ଦୁଇଥର ସାନିଟାଇଜ୍ କରାଯିବ ବୋଲି ଜିଲାପାଳ କହିଛନ୍ତି।

### ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**କଟକ ଅଫିସ,୨୭।୬:** ଏଆଇୟୁଟିୟୁସି ପକ୍ଷରୁ ଶନିବାର ପ୍ରତିବାଦ ଦିବସ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୈନିକ ଶ୍ରମ ସମୟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି, ଶ୍ରମ ଆଇନ ସଂଶୋଧନ, ପେଟ୍ରୋଲ ଡିଜେଲ ଦର ବୃଦ୍ଧି, ସରକାରୀ ଉଦ୍ୟୋଗର ଘରୋଇକରଣ, ଆଶା, ଅଙ୍ଗନୱାଡ଼ି, ପାଚିକା, ସ୍ୱାବଲମ୍ବୀ କାରିଗରଙ୍କୁ ସରକାରୀ ମାନ୍ୟତା ଓ ସର୍ବନିମ୍ନ ମଜୁରି ପ୍ରଦାନ, ନିତ୍ୟ ପ୍ରୟୋଜନୀୟ ଜିନିଷପତ୍ରର ଆକାଶଛୁଆଁ ଦରଦାମ ବୃଦ୍ଧି ପ୍ରତ୍ୟାହାର ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଦାବି, ଅସନ୍ତୋଷ ଦେଖାଦେଇଥିଲା। ଏଥିରେ ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ, କୋଷାଧ୍ୟକ୍ଷ ଗଣେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ଦୀପକ ଦାସ, ସସ୍ମିତା ମହାନ୍ତି, ସ୍ୱାଧୀନୀ ବେହେରା, ମାନଗୋବିନ୍ଦ ପଣ୍ଡା ଓ ଯୋଗେନ୍ଦ୍ର ରାଉତ ଭାଗ ନେଇଥିଲେ। ଜୁଲାଇ ୩ରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରିବେ।

# ବସ୍ତି ନାଁ ଶୁଣିଲେ ଭୟ ଘାରୁଛି

**ସ୍ୱାସ୍ଥ୍ୟ ପରୀକ୍ଷା, ଥର୍ମାଲ ସ୍କାନିଂ, ଯାଞ୍ଚ ଠପ୍**

- ୪୦% ଆକ୍ରାନ୍ତ ଘରୋଇ ହସ୍ପିଟାଲ ଓ ବସ୍ତି ଅଞ୍ଚଳର
- ଭୁବନେଶ୍ୱରରୁ ୯ ଚିହ୍ନଟ, ୨୮୮ରେ ପହଞ୍ଚିଲେ ସଂକ୍ରମିତ
- ଲକ୍ଷ୍ମୀବଜାର ବସ୍ତିରୁ ଆଉ ୪, ଘରୋଇ ହସ୍ପିଟାଲରୁ ୩ ପଜିଟିଭ୍

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ରାଜ୍ୟର ଆଉ ଏକ ହଟ୍‌ସ୍ପଟ୍ ପାଲଟିବାକୁ ଯାଉଛି ରାଜଧାନୀ। ବସ୍ତି ପାଇଁ ବିଗିଡି ଗଲାଣି ସ୍ଥିତି। ସାଲିଆ ସାହି ବସ୍ତିରୁ ପଜିଟିଭ୍ ଠାବ ହେବାର ମାତ୍ର କେଇଟା ଦିନ ଭିତରେ ଏହି ମହାମାରୀ ଏବେ ସହରର ୧୦ରୁ ଉର୍ଦ୍ଧ୍ୱ ବସ୍ତିକୁ ବ୍ୟାପିଗଲାଣି। ଜାରି କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ ବସ୍ତିଗୁଡିକରେ ଖୋଲାଖୋଲି ଉଲ୍ଲଂଘନ କରାଯିବାରୁ ଏପରିସ୍ଥିତି ଉପୁଜିଥିବା କୁହାଯାଉଛି। ବିଏମ୍‌ସିର ଢିଲା ଆଭିମୁଖ୍ୟ ଯୋଗୁ ନେଡିଗୁଡ଼ କହୁଣିକୁ ବୋହିଯାଇଛି। ଏବେ ଭୁବନେଶ୍ୱରର ମୋଟ ଆକ୍ରାନ୍ତ ୨୮୮ରେ ପହଞ୍ଚିଥିବାବେଳେ ୪୦ ପ୍ରତିଶତ ହେଉଛନ୍ତି ହସ୍ପିଟାଲ କର୍ମଚାରୀ ଓ ବସ୍ତି ବାସିନ୍ଦା। ବିଏମ୍‌ସି ନିୟମ ଉଲ୍ଲଂଘନ କରୁଥିବା ହୋଟେଲ, ଘରୋଇ ହସ୍ପିଟାଲ ଓ ଦୋକାନକୁ ସିଲ୍ କରୁଥିଲେ ମଧ୍ୟ ବିଶେଷକରି ବସ୍ତି ଅଞ୍ଚଳରେ କିଛି ବି ଫରକ ପଡୁନି। ବିଭିନ୍ନ ବସ୍ତିରେ ସଂକ୍ରମଣ ହୁ ହୁ ହୋଇ ବଢୁଥିବାରୁ ଏବେ ବସ୍ତି କଥା ପଡ଼ିଲେ ଲୋକଙ୍କ ମନରେ ଭୟ ଘାରୁଛି। ସବୁଠାରୁ ବଡ଼ କଥାହେଲା କରୋନା ମୁକାବିଲାରେ ସାମିଲ୍ ଥିବା କର୍ମଚାରୀମାନେ ବସ୍ତି ଅଞ୍ଚଳକୁ ଯିବାକୁ ଡରିଲେଣି। ଫଳରେ ବସ୍ତିଅଞ୍ଚଳରେ ଏବେ ସ୍ୱାସ୍ଥ୍ୟ ପରୀକ୍ଷା, ଥର୍ମାଲ ସ୍କାନ୍ ଆଦି କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି।

ସୂଚନା ମୁତାବକ, ବସ୍ତି ଅଞ୍ଚଳରେ ଆକ୍ଟିଭ୍ ସର୍ଭିଲାନ୍ସ ଜାରି ରହିଥିବା ବିଏମ୍‌ସି କହୁଛି। ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା, ଯାଞ୍ଚ, ଥର୍ମାଲ ସ୍କାନି ଆଦି କାର୍ଯ୍ୟରେ ମହିଳା ସମିତି ସଦସ୍ୟା, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସାମାଜିକ କର୍ମୀଙ୍କୁ ନିୟୋଜିତ କରାଯାଇଛି। ହେଲେ ସେମାନେ ନିୟମିତ ବସ୍ତି ଅଞ୍ଚଳକୁ ଯାଉନାହାନ୍ତି କି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଥର୍ମାଲ ସ୍କାନିଂ କରିବାକୁ ଆଦୌ ଆଗ୍ରହ ଦେଖାଉନାହାନ୍ତି ବୋଲି ବସ୍ତିବାସିନ୍ଦା ଅଭିଯୋଗ କରୁଛନ୍ତି। ପଚାରିଲେ କରୋନା ଭୟ କଥା କହୁଛନ୍ତି। ତେଣୁ ଆଗକୁ ବସ୍ତିରେ ସଂକ୍ରମଣ ଆହୁରି ବଢ଼ିବା ସହ ଭୁବନେଶ୍ୱରର ସ୍ଥିତିକୁ ସମ୍ପୂର୍ଣ୍ଣ ଅଣାୟତ୍ତ କରିଦେବାର ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ଶେଷ ୨୪ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜଣେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୮ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଲକ୍ଷ୍ମୀବଜାର ବସ୍ତିରୁ ଆଉ ୪ଜଣ ଚିହ୍ନଟ ହୋଇଛନ୍ତି। ୨ଜଣ ମହିଳା ୩୧ ଓ ୩୮ବର୍ଷ ବୟସର ହୋଇଥିବାବେଳେ ଅନ୍ୟ ଦୁଇଜଣ ପୁରୁଷଙ୍କ ବୟସ ୫୦ ଓ ୧୮। ଏମାନଙ୍କୁ ମିଶାଇଲେ ଉକ୍ତ ବସ୍ତିରେ ସଂକ୍ରମିତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ସେହିପରି ଘରୋଇ ହସ୍ପିଟାଲରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ପୁରୁଷ ହୋଇଥିବାବେଳେ ବୟସ ଯଥାକ୍ରମେ ୩୮, ୪୨ ଓ ୪୧ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସେହିପରି ଅନ୍ୟଜଣେ ଆକ୍ରାନ୍ତ ବିଡିଏ କାର୍ଯ୍ୟାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବୟସ ୫୨ ବର୍ଷ ବୋଲି ଜଣାପଡ଼ିଛି।

### ବିଡିଏ ଦ୍ୱିତୀୟ ମହଲା ସିଲ୍

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡ କରୋନାରେ ଆକ୍ରାନ୍ତ ହେବା ପରେ ଶନିବାର ଦ୍ୱିତୀୟ ମହଲାକୁ ସିଲ୍ କରାଯାଇଛି। ଏହି ମହଲାରେ ଥିବା ପ୍ଲାନିଂ, ଓଇ ଓ ଆଲଟମେଣ୍ଟ ବିଭାଗକୁ ସିଲ୍ କରାଯାଇଛି। ରବିବାର, ସୋମବାର, ମଙ୍ଗଳବାର ଓ ବୁଧବାର ଉକ୍ତ ମହଲାକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ସହ ସାନିଟାଇଜ୍ କରାଯିବ ବୋଲି ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଆକ୍ରାନ୍ତ ଜଣକ ଦ୍ୱିତୀୟ ମହଲା ଫାଟକ ନିକଟରେ କାର୍ଯ୍ୟରତ ଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀ ଓ ଲୋକଙ୍କୁ ଖୋଜା ଚାଲିଛି।

## ନିର୍ମାଣାଧୀନ କୋଠା ସିଲ୍ କଲା ବିଏମ୍‌ସି

**କ୍ୱାରାଣ୍ଟାଇନ୍‌ରେ ମୁର୍ଶିଦାବାଦର ୨୧ ଶ୍ରମିକ**

**ଭୁବନେଶ୍ୱର, ୨୭।୬(ବ୍ୟୁରୋ):** କରୋନା ସଂକ୍ରମଣ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଶନିବାର ଭୁବନେଶ୍ୱର ଶ୍ରୀବିହାର ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ କୋଠାକୁ ବିଏମ୍‌ସି ଟିମ୍ ସିଲ୍ କରିଛି। ଏଠାରେ ମୁର୍ଶିଦାବାଦ୍‌ରୁ ୨୧ଜଣ ଶ୍ରମିକ ଆସି କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଏମ୍‌ସିର ଅଧିକାରୀମାନେ ତୁରନ୍ତ ସେଠାରେ ପହଞ୍ଚି ଉକ୍ତ କୋଠାକୁ ସିଲ୍ କରିବା ସହ ସେଠାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ସୂଚନା ଦିଆଯାଇଛି। ବିଏମ୍‌ସି ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଉକ୍ତ ଶ୍ରମିକମାନେ ଦୀର୍ଘଦିନ ହେବ ସେଠାରେ ରହି କାମ କରୁଥିଲେ। ଏହି ମଧ୍ୟରେ ସେମାନେ ବିଭିନ୍ନ ଅଞ୍ଚଳ, ହାଟ ବଜାର ବୁଲାବୁଲି କରିଛନ୍ତି। କ୍ୱାରାଣ୍ଟାଇନ୍ ଅବଧି ମଧ୍ୟରେ ସେମାନଙ୍କଠାରେ ଲକ୍ଷଣ ଦେଖାଦେଲେ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତରିତ କରାଯିବ। ନଚେତ୍ ସେମାନଙ୍କୁ ଛାଡ଼ି ଦିଆଯିବ। ତେବେ ଶ୍ରମିକମାନେ ଆଖପାଖ ଅଞ୍ଚଳରେ ବୁଲାବୁଲି କରିଥିବାରୁ ସତର୍କତା ଅବଲମ୍ବନ କରିବା ପାଇଁ ବିଏମ୍‌ସି କମିଶନର ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ସୁଭଦ୍ରା ଆପାର୍ଟମେଣ୍ଟ ହେଲା କଣ୍ଟେନମେଣ୍ଟ ଜୋନ

**ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ(ଡି.ଏନ୍.ଏ.),୨୭।୬:** ଭୁବନେଶ୍ୱର ବ୍ଲକ୍ କଳାରାହାଙ୍ଗ ପଞ୍ଚାୟତ ୱାର୍ଡ ନଂ-୮ରେ ଥିବା ସୁଭଦ୍ରା ଆପାର୍ଟମେଣ୍ଟକୁ ଶନିବାର ସନ୍ଧ୍ୟା ୭ଟାରୁ ଜିଲାପାଳ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଆପାର୍ଟମେଣ୍ଟରୁ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩୦ ତାରିଖ ସନ୍ଧ୍ୟା ୭ଟା ଯାଏଁ କଟକଣା ବଳବତ୍ତର ରହିବ। ଏ ନେଇ ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି, କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟକୁ କୌଣସି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ। ଏହାସହ ସ୍ଥାନୀୟ ଅଞ୍ଚଳରେ ତଥା ଆପାର୍ଟମେଣ୍ଟ ନିକଟସ୍ଥ ସମସ୍ତ ଦୋକାନ ବଜାରକୁ ତୁରନ୍ତ ବନ୍ଦ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟରେ ରହୁଥିବା ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ, ମେଡିସିନ୍ ଏବଂ ଅନ୍ୟାନ୍ୟ ମେଡିକାଲ ଉପକରଣ ହୋମ୍ ଡେଲିଭରି କରିବେ। ଜୋନ୍ ମଧ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି।




ଶନିବାର ଶଟ୍‌ଡାଉନ୍ ଯୋଗୁ ଗାଡ଼ି ନ ପାଇ ଟ୍ରେନ୍‌ରେ ଆସିଥିବା ଯାତ୍ରୀମାନେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଦେଇ ରାସ୍ତାରେ ଚାଲିଚାଲି ଯାଉଛନ୍ତି।

## ଏନ୍‌ଟିଓଆର୍‌ସି ପଞ୍ଜୀକୃତ ହେଉନାହାନ୍ତି ହସ୍ପିଟାଲ

**ପ୍ରଭାବିତ ହେଲାଣି କାଡାଭରିକ ଅଙ୍ଗ ପ୍ରତିରୋପଣ**

କଟକ ଅଫିସ,୨୭।୬



ଓଡ଼ିଶାରେ ପ୍ରଥମ କାଡାଭରିକ ଅଙ୍ଗ ପ୍ରତିରୋପଣ ଗତ ଫେବୃଆରୀ ୪ରେ ଆରମ୍ଭ ହୋଇଥିଲା। ସେବେଠାରୁ ରାଜ୍ୟରେ ଏକ ସୁସ୍ଥ ଇତିହାସ ଆରମ୍ଭ ହୋଇଛି। ଗୋଟିଏ ପରେ ଗୋଟିଏ ଏବେ ମୃତ୍ୟୁ ପୂର୍ବରୁ ଅଥବା ବ୍ରେନ ଡେଡ୍ ପରେ ଅଙ୍ଗଦାନ ପାଇଁ ଆଗ୍ରହ ବଢ଼ିଲାଣି। ରାଜ୍ୟରେ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀଙ୍କ ପାଇଁ ଏହା ଭଲ ଖବର ନିଶ୍ଚୟ। କିନ୍ତୁ ଏକ୍ଷେତ୍ରରେ ସମସ୍ୟାଟି ହେଉଛି ଯେ, ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ରାଜ୍ୟର ହସ୍ପିଟାଲଗୁଡ଼ିକ ଅଙ୍ଗ ପୁନରୁଦ୍ଧାର ପାଇଁ ଆନୁଷଙ୍ଗିକ ପଞ୍ଜୀକରଣ କରୁ ନ ଥିବା ଅଭିଯୋଗ ହୋଇଛି। ଗତ ଫେବୃଆରୀ ୪ରେ ରାଜ୍ୟରେ ପ୍ରଥମ ଅଭିଯାନ ସଫଳ ହେବା ପରେ କିଛି ଦିନ ତଳେ ଆଉ କେତୋଟି କାଡାଭରିକ ଅଙ୍ଗ ପ୍ରତିରୋପଣ ପାଇଁ ସୋଟୋ (ରାଜ୍ୟ ଟିସୁ ଓ ଅଙ୍ଗ ପ୍ରତିରୋପଣ ସଂସ୍ଥା) ଅଣ୍ଟା ଭିଡ଼ିଥିଲା। କିନ୍ତୁ ବାଧହୋଇ ଏହାକୁ ବାତିଲ କରାଯାଇଥିଲା। ହସ୍ପିଟାଲଗୁଡ଼ିକ ନନ୍ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନ ରିଟ୍ରିଭାଲ ସେଣ୍ଟର (ଏନ୍‌ଟିଓଆର୍‌ସି) ଭାବେ ନିଜକୁ ପଞ୍ଜୀକୃତ ନ କରିବା ଏହାର ପ୍ରମୁଖ କାରଣ। ଏ ବାବଦରେ ସୋଟୋ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉଭୟ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକୁ ଲିଖିତ ଭାବେ ଅବଗତ କରାଯାଇଛି। କିନ୍ତୁ ଏବେଯାଏ ହାତଗଣତି ଅନୁଷ୍ଠାନକୁ ଛାଡ଼ିଦେଲେ ଅନ୍ୟ କେହି ବି ଏହି ପଞ୍ଜୀକରଣ କରି ପ୍ରମାଣପତ୍ର ହାସଲ କରିନାହାନ୍ତି। ନିୟମ ମୁତାବକ ଯେ କୌଣସି ହସ୍ପିଟାଲରେ ସର୍ବନିମ୍ନ ୫ଟି ଆଇସିୟୁ ବେଡ୍, ଓଟିର ସୁବିଧା ଥିଲେ ଉକ୍ତ ହସ୍ପିଟାଲ ଏହି ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଆବେଦନ ଗ୍ରହଣ ପରେ ସରକାରୀ ପ୍ରତିନିଧି ଦଳ ଅନୁଧ୍ୟାନ କରି ଏଥିପାଇଁ ଅନୁମତି ଦିଅନ୍ତି। ହସ୍ପିଟାଲଗୁଡ଼ିକ ତୁରନ୍ତ ଏନେଇ ଆବେଦନ କରି ନିଜକୁ ପଞ୍ଜୀକୃତ କରିବାକୁ ସୋଟୋ ନିର୍ଦ୍ଦେଶ ଦେଇଛି।

### ନନ୍ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନ ରିଟ୍ରିଭାଲ ସେଣ୍ଟର କ'ଣ

ଅଙ୍ଗ ପୁନରୁଦ୍ଧାର ପାଇଁ ପଞ୍ଜୀକୃତ ହେଲେ ଯେକୌଣସି ହସ୍ପିଟାଲ ନନ୍ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନ ରିଟ୍ରିଭାଲ ସେଣ୍ଟର ଭାବେ ମାନ୍ୟତା ପାଇପାରିବ। କିନ୍ତୁ ଏଥିପାଇଁ ଏକ ପ୍ରାବଧାନ ରହିଛି। ସର୍ବନିମ୍ନ ୫ଟି ଆଇସିୟୁ ବେଡ କିମ୍ବା ଟ୍ରମା କେୟାର ଓ କୃତ୍ରିମ ଭାବେ ଅଙ୍ଗ ସଚଳ କରିବା ସିଷ୍ଟମ ଥିବା ହସ୍ପିଟାଲ ହିଁ ଏହି ପଞ୍ଜୀକରଣ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ଭୁବନେଶ୍ୱର ଓ କଟକ ସହରର ହାତଗଣତି ହସ୍ପିଟାଲକୁ ଛାଡ଼ିଦେଲେ ଅନ୍ୟ ପ୍ରମୁଖ ହସ୍ପିଟାଲ ଓ ଜିଲାସ୍ତରୀୟ ମେଡିକାଲ ଏହି ପଞ୍ଜୀକରଣ କରିନାହାନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ଏଥିପାଇଁ ସେତେଟା ଆଗ୍ରହ ଦେଖାଉ ନାହାନ୍ତି। ରାଜ୍ୟରେ ଯେତେ ଅଧିକ ହସ୍ପିଟାଲ ଏହି ପଞ୍ଜୀକରଣ ମାନ୍ୟତା ପାଇବେ, ଓଡ଼ିଶାରେ ଅଙ୍ଗଦାନ ଓ ଅଙ୍ଗ ପ୍ରତିରୋପଣ ଅଭିଯାନ ସେତିକି ତ୍ୱରାନ୍ୱିତ ହୋଇପାରିବ।

## ସଂକ୍ରମଣ ଭୟ: ଟ୍ରେନ୍‌ରେ ଯାତ୍ରୀଙ୍କ ସଂଖ୍ୟା କମିଛି

ଭୁବନେଶ୍ୱର,୨୭।୬(ବ୍ୟୁରୋ)



କରୋନା ସଂକ୍ରମଣ ଭୟ ଯୋଗୁ ସାଧାରଣ ପରିବହନ ବ୍ୟବସ୍ଥା ବିଶେଷଭାବେ ପ୍ରଭାବିତ ହୋଇଛି। ଦେଶରେ ସର୍ବାଧିକ ଯାତ୍ରୀ ପରିବହନ ମାଧ୍ୟମ ରେଳଯାତ୍ରା ସର୍ବାଧିକ ପ୍ରଭାବିତ ହୋଇଛି। ସଂକ୍ରମଣ ଭୟ ଯୋଗୁ ଲୋକେ ଜରୁରୀ ନ ଥିଲେ ଟ୍ରେନ୍‌ରେ ଯାତ୍ରା କରିବାକୁ ସୁରକ୍ଷିତ ମଣୁନାହାନ୍ତି। କରୋନା କଟକଣା କୋହଳ ପରେ ଲୋକଙ୍କୁ ଯାତାୟାତରେ ସୁବିଧା କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ମେ' ୧୩ଠାରୁ ୬ ଯୋଡ଼ା ଆନ୍ତଃରାଜ୍ୟ ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି। ଏହାସହ ମେ' ପହିଲାରୁ ରାଜଧାନୀ ସ୍ପେଶାଲ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ସେହିଭଳି ଜୁନ୍ ପହିଲାରୁ ଓଡ଼ିଶା ଭିତରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ତେବେ ରାଜଧାନୀ ସ୍ପେଶାଲ ଟ୍ରେନ୍‌ରେ ମେ' ୧୩ରୁ ଜୁନ୍ ୨୪ ମଧ୍ୟରେ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ମାତ୍ର ୪୫.୪୭ ପ୍ରତିଶତ ଯାତ୍ରୀ ଯାଇଛନ୍ତି। ସେହିଭଳି ପୁରୀ-ସିଆଲଦା ସ୍ପେଶାଲ୍ ଟ୍ରେନ୍‌ରେ ୧୩.୬୮% ଯାତ୍ରୀ ଆସିଥିବାବେଳେ ୧୫.୭୧% ଯାତ୍ରୀ ଯାଇଛନ୍ତି। ଭୁବନେଶ୍ୱର-ହାୱାଡା ସ୍ପେଶାଲ ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ୫୧% ଯାତ୍ରୀ ଆସିଥିବାବେଳେ ମାତ୍ର ୩୪.୦୭% ଯାତ୍ରୀ ଯାଇଛନ୍ତି। ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ସ୍ୱତନ୍ତ୍ର ଏକ୍ସପ୍ରେସ୍‌ରେ ୫୨.୬୯% ଯାତ୍ରୀ ଭୁବନେଶ୍ୱରରୁ ମୁମ୍ବାଇ ଯାଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ଭିତରେ ଯାତାୟାତ କରୁଥିବା ଟ୍ରେନ୍‌ଗୁଡ଼ିକରେ ଅକ୍ୟୁପାନ୍ସି ଆହୁରି କମ୍ ରହୁଛି। ସମ୍ବଲପୁର-ଖୋର୍ଦ୍ଧାରୋଡ୍ ଇଣ୍ଟରସିଟି ସ୍ପେଶାଲ ଟ୍ରେନ୍‌ରେ ମାତ୍ର ୧୭.୭୭% ଯାତ୍ରୀ ଆସୁଥିବା ବେଳେ ୯.୭୬% ଯାତ୍ରୀ ଯାଉଛନ୍ତି। ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ସ୍ପେଶାଲ୍ ଟ୍ରେନ୍‌ରେ ୨୦.୮୯% ଯାତ୍ରୀ ଯାଉଥିବାବେଳେ ୧୭.୬୪% ଯାତ୍ରୀ ଆସୁଛନ୍ତି। ସେହିଭଳି ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍‌ରେ ମାତ୍ର ୪.୧% ଯାତ୍ରୀ ଯାଇଥିବା ବେଳେ ୮.୫୨% ଯାତ୍ରୀ ଆସିଛନ୍ତି। ଭୁବନେଶ୍ୱର-ବ୍ରହ୍ମପୁର ସ୍ୱତନ୍ତ୍ର ଟ୍ରେନ୍‌ରେ ୧୦.୪୮% ଯାତ୍ରୀ ଯାଇଛନ୍ତି ଏବଂ ୨୫.୭୬% ଆସିଛନ୍ତି। ଭୁବନେଶ୍ୱର-କୋରାପୁଟ ସ୍ୱତନ୍ତ୍ର ଟ୍ରେନ୍‌ରେ ୪୨.୬୭% ଯାତ୍ରୀ ଯାଇଛନ୍ତି ଏବଂ ୪୧.୫୮% ଆସିଛନ୍ତି। ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ୍‌ରେ ୨୩.୦୫% ଯାତ୍ରୀ ଯାଇଥିବାବେଳେ ୨୦.୪୯% ଯାତ୍ରୀ ଆସିଥିବା ପୂର୍ବତଟ ରେଳପଥର ତଥ୍ୟରୁ ଜଣାପଡ଼ିଛି। ତେବେ କୋଭିଡ୍-୧୯ ନିର୍ଦ୍ଦେଶନାମା ଅନୁସାରେ ପୂର୍ବତଟ ରେଳପଥ ପରିସୀମା ଷ୍ଟେଶନ ଅଞ୍ଚଳରେ ସ୍ୱଚ୍ଛତା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ନିୟମିତ ବ୍ୟବଧାନରେ ଷ୍ଟେଶନ୍, ଟ୍ରେନ୍, ଷ୍ଟେଶନ୍ ଅଞ୍ଚଳ, ଆବାସିକ ସ୍ଥାନ ବିଶୋଧିତ କରାଯାଉଛି। ଯାତ୍ରୀଙ୍କ ଶରୀରର ତାପମାତ୍ରା ମପାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି। ସୁରକ୍ଷିତ ଯାତ୍ରା ପ୍ରତି ବିଶେଷ ଧ୍ୟାନ ଦିଆଯାଇ ଟ୍ରେନ୍ କୋଚ୍‌ଗୁଡ଼ିକର ନିୟମିତ ବିଶୁଦ୍ଧିକରଣ କରାଯାଉଛି। ଏହାସତ୍ତ୍ୱେ ଲୋକଙ୍କ ମଧ୍ୟରେ କରୋନା ସଂକ୍ରମଣ ଭୟ ରହୁଥିବାରୁ ସାଧାରଣ ଲୋକେ ଅତ୍ୟାବଶ୍ୟକ ନ ଥିଲେ ଟ୍ରେନ୍‌ରେ ଯାତ୍ରା କରୁ ନ ଥିବା ଦେଖାଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ପିୟର୍ ଲିଡର୍ ହେବେ କୋଭିଡ୍ ସଚେତକ

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେଶନ୍ ଅଧୀନରେ ସୋସିଆଲି ସ୍ମାର୍ଟ ପ୍ରକଳ୍ପରେ କାର୍ଯ୍ୟରତ ପିୟର୍ ଲିଡରମାନେ କୋଭିଡ୍ ସଚେତକ ହେବେ। ବିଏମ୍‌ସି ଡାକ୍ତର ଏବଂ କର୍ମଚାରୀମାନେ ସ୍ଥାନୀୟ ଶହୀଦନଗର କଲ୍ୟାଣ ମଣ୍ଡପରେ ୨ଦିନିଆ କୋଭିଡ୍ ସଚେତକ ଟ୍ରେନିଂ ଆୟୋଜନ କରାଯାଇଥିଲା। ଉକ୍ତ ପିୟର ଲିଡରମାନେ ନିଜ ଗୋଷ୍ଠୀରେ କୋଭିଡ୍ ସଚେତକ ହୋଇ କାର୍ଯ୍ୟ କରିବେ। କାହାଠି କୋଭିଡ୍ ଲକ୍ଷଣ ଦେଖିଲେ ସମ୍ପୃକ୍ତ ଜୋନାଲ ଡେପୁଟି କମିଶନର୍‌ଙ୍କୁ ଜଣାଇବେ। ଭୁବନେଶ୍ୱରର ୧୦୦ଟି ବସ୍ତିରେ ଏହି ପ୍ରକଳ୍ପ ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସାମିଲ୍ ଥିବାବେଳେ, ୧୨୦ ଜଣ ଯୁବପିଢ଼ି ଲାଇଫ୍ ସ୍କିଲ୍ ଏଜୁକେଶନ୍ ବାବଦରେ ଟ୍ରେନିଂ ନେଇଛନ୍ତି। ଜଗନ୍ନାଥ ବସ୍ତି ପ୍ରେସ୍ କଲୋନୀର ଦୀପାଞ୍ଜଳି ସାହୁ କହିଛନ୍ତି, ଏହି ଟ୍ରେନିଂ ପାଇବା ଦ୍ୱାରା ଆମେ ନିଜ ବସ୍ତିରେ ଲୋକଙ୍କୁ କରୋନା ମୁକାବିଲା ନିମନ୍ତେ ପ୍ରସ୍ତୁତ କରାଇବୁ। ଆମେ ଏକ କୋଭିଡ୍ ସଚେତକ ଦଳ ଗଢ଼ି କୋଭିଡ୍ ପ୍ରତିରୋଧ ଜନିତ ସଚେତନତାକୁ ଆଗେଇ ନେବୁ।

## ମହିଳା ରୋଡ୍ ସେଫ୍ଟି ଇନ୍‌ସ୍ପେକ୍ଟରଙ୍କୁ ମାଡ଼, ଅସଦାଚରଣ

ଭୁବନେଶ୍ୱର,୨୭।୬ (ବ୍ୟୁରୋ)

**ଲଜ୍ ମାଲିକ ଗିରଫ**

ରାୟଗଡ଼ା ଜିଲାର ଜଣେ ମହିଳା ରୋଡ଼ ସେଫ୍ଟି ଇନ୍ସପେକ୍ଟରଙ୍କୁ ଭୁବନେଶ୍ୱରରେ ମାଡ଼ ସହ ଅସଦାଚରଣ କରାଯାଇଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବି.କେ. ଆର୍ଟ କଲେଜ ନିକଟରେ ରହୁଥିବା ସୌରଭ ଦାଶ। ଆଇପିସି ଦଫା ୩୪୧, ୩୫୪, ୩୫୪(ଏ), ୨୯୪, ୩୨୩, ୫୦୬ ଓ ୩୬ରେ ପୋଲିସ ମାମଲା ନଂ.୩୬୦/୨୦ ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ମହିଳା ରୋଡ୍ ସେଫ୍ଟି ଇନ୍ସପେକ୍ଟର ଜଣକ ନିଜର ଚିକିତ୍ସା ପାଇଁ ଗତ ୨୨ ତାରିଖରେ ସ୍ୱାମୀଙ୍କ ସହ ଭୁବନେଶ୍ୱର ଆସି ଖଣ୍ଡଗିରିସ୍ଥିତ ଏକ ଲଜ୍‌ରେ ରହିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସେମାନଙ୍କ କାର୍‌କୁ ଜଣେ ଯୁବକଙ୍କ ଗାଡି ଧକ୍କା ଦେଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସେମାନେ ରହୁଥିବା ଲଜ୍ ନିକଟରେ ଥିବା ଅନ୍ୟ ଏକ ଲଜ୍‌ର ମାଲିକ ସୌରଭ ଉକ୍ତ ମହିଳା ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ସେ ଏହାର ବିରୋଧ କରିବାକୁ ତାଙ୍କୁ ମାଡ଼ ମାରିଥିଲେ। ଏପରି କି ମହିଳାଙ୍କ ସ୍ୱାମୀ ବିରୋଧ କରିଥିଲେ ମଧ୍ୟ ସୌରଭ ଓ ତାଙ୍କ ଲଜ୍‌ର ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅଭିଯୋଗ ହେବା ପରେ ଖଣ୍ଡଗିରି ଥାନା ପୋଲିସ ଘଟଣାର ତଦନ୍ତ କରିବା ସହ ପଦକ୍ଷେପ ଆରମ୍ଭ କରିଛି। ସମ୍ପୃକ୍ତ ଲଜ୍ ମାଲିକ ସୌରଭଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

# ନିୟମ ଭାଙ୍ଗି ରଥଯାତ୍ରା ବୁଲିଥିଲେ ଏସିପି, ଡିଏସ୍‌ପି

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**ଖାକି କ୍ଷମତାର ଦୁରୁପଯୋଗ**

- ତଦନ୍ତ କରାଯାଇ ଡିଜିପିଙ୍କୁ ଦିଆଗଲା ରିପୋର୍ଟ
- ଘଟଣାକୁ ଚପାଇଦେବାକୁ ଉପରସ୍ତରରୁ ଉଦ୍ୟମ

ବହୁ ବାଦବିବାଦ ଭିତରେ ସୁପ୍ରିମ୍‌କୋର୍ଟଙ୍କ ଅନୁମତି ପରେ ଗତ ୨୩ ତାରିଖରେ ପୁରୀରେ ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରା। ବିଶେଷକରି ଖୁବ୍‌କମ୍ ସମୟ ଭିତରେ ଶୃଙ୍ଖଳାରକ୍ଷା ଓ ସୁରୁଖୁରୁରେ ରଥଯାତ୍ରା କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ପୋଲିସ ଡିଜି ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତିର ସମୀକ୍ଷା କରିଥିଲେ। କେଉଁ ଅଧିକାରୀମାନେ କେଉଁ ଦାୟିତ୍ୱରେ ରହିବେ ଓ ରଥଯାତ୍ରାରେ କେଉଁମାନେ ସାମିଲ ହେବେ ତାହାର ମଧ୍ୟ ଚିକିନିଖି ତାଲିକା ହୋଇଥିଲା। ଏହାବାଦ୍ ଅନ୍ୟମାନଙ୍କୁ ସେଠାକୁ ଯିବା ଉପରେ କଟକଣା ଲାଗୁ କରାଯାଇଥିଲା। ହେଲେ ପୋଲିସ କରିଥିବା ନିୟମକୁ ଖୋଦ୍ ପୋଲିସ ବିଭାଗର ଦୁଇ ଉଚ୍ଚ ପଦସ୍ଥ ଅଧିକାରୀ ଭାଙ୍ଗିଥିବା ଘଟଣା ଏବେ ପଦାକୁ ଆସିଛି। କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ଜଣେ ଏସିପି ଓ ଏକ ଜିଲାର ଜଣେ ଡିଏସ୍‌ପି ନିଜ କ୍ଷମତାର ଦୁରୁପଯୋଗ କରି ପୁରୀ ଯାଇ ରଥଯାତ୍ରାରେ ସାମିଲ ହୋଇଥିଲେ। ଏନେଇ ଅଭିଯୋଗ ଉପରସ୍ତରରେ ପହଞ୍ଚିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ଡିଜିପିଙ୍କୁ ରିପୋର୍ଟ ଦିଆଯାଇଥିବାବେଳେ ବଦନାମ ଭୟରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଚାଲିଥିବା କୁହାଯାଉଛି।

ମିଳିଥିବା ସୂଚନାନୁସାରେ, ଦୁଇ ଅଫିସର ପୃଥକ ଭାବେ ସରକାରୀ ଗାଡି ବ୍ୟବହାର କରି ପୁରୀ ଯାଇଥିଲେ। ଏସିପି ଜଣକ ପୋଲିସ ପୋଷାକରେ ଓ ଡିଏସ୍‌ପି ଜଣକ ସାଦାପୋଷାକରେ ଥିଲେ। ବିଭିନ୍ନ ସ୍ଥାନରେ କଡ଼ା ଯାଞ୍ଚ ହୋଇଥିଲେ ମଧ୍ୟ ପୋଲିସ ଗାଡ଼ି ଯୋଗୁ ଅଟକାଯାଇ ନ ଥିଲା। ତେବେ ଡିଏସ୍‌ପି ଜଣକ ସାଦା ପୋଷାକରେ ଥିବା ଦେଖି ଗୋଟିଏ ସ୍ଥାନରେ ଡ୍ୟୁଟିରେ ଥିବା ଅଧିକାରୀ ଅଟକାଇଥିଲେ। ଏହାକୁ ନେଇ ସେଠାରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ସେମାନେ ବଡ଼ଦାଣ୍ଡରେ ପହଞ୍ଚିବା ପରେ ରଥଟଣାରେ ମଧ୍ୟ ସାମିଲ ହୋଇଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। କେତେଜଣ ପୋଲିସ ଅଧିକାରୀ ଏ ସମ୍ପର୍କରେ ଏସ୍‌ପିଙ୍କୁ ଜଣାଇବା ପରେ ଘଟଣା ଡିଆଇଜିଙ୍କ ପାଖରେ ପହଞ୍ଚିଲା। ପୁରୀ ଏସ୍‌ପି ଓ ଡିଆଇଜି ସ୍ତରୀୟ ତଦନ୍ତ ରିପୋର୍ଟ ପୋଲିସ ଡିଜିଙ୍କୁ ଦିଆଯାଇଥିବା ପୋଲିସ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ଜଣାପଡିଛି। ଉକ୍ତ ସୂତ୍ର ଅନୁସାରେ, ପୋଲିସର ଅଫିସରମାନେ ନିଜର ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଏଭଳି ନିୟମକୁ ଉଲ୍ଲଂଘନ କରି ପୁରୀ ଯାଉଥିବାରୁ ଗତ ୨୪ ତାରିଖରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ତରବରିଆ ଭାବେ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଟକଣା ସମୟରେ ବିନା କାର୍ଯ୍ୟରେ କୌଣସି ପୋଲିସ ଅଫିସର ପୁରୀ ଯାଇପାରିବେ ନାହିଁ। କାମ ଥିଲେ ପୋଲିସ ମୁଖ୍ୟାଳୟରୁ ଅନୁମତି ନେଇଯିବାକୁ ନିର୍ଦ୍ଦେଶ ରହିଛି।

ତେବେ ଏହି ଦୁଇ ଅଫିସର ପୂର୍ବରୁ ଏକାଧିକ ଘଟଣାରେ ବିବାଦକୁ ଆସିଛନ୍ତି। କମିଶନରେଟ ପୋଲିସର ସମ୍ପୃକ୍ତ ଏସିପିଙ୍କ ବିରୋଧରେ ମଧ୍ୟ ପୂର୍ବରୁ ଶୃଙ୍ଖଳା ଭଙ୍ଗ ଅଭିଯୋଗ ହୋଇଛି। ଏଥିପାଇଁ ସେ ନିଲମ୍ବିତ ହୋଇଥିବାବେଳେ ଡିଏସ୍‌ପିଙ୍କ ନାଁରେ ମଧ୍ୟ ବହୁ ସମୟରେ ଅଭିଯୋଗ ଆସିଛି। ସେହିଭଳି ପୂର୍ବରୁ ମଧ୍ୟ ବଡଚଣା ଥାନା ଅଧିକାରୀ ଲକ୍‌ଡାଉନ ନିୟମ ଭାଙ୍ଗି ଚୋରା ଗାଡିରେ ପରିବାର ସହ ପୁରୀ ବୁଲିବାକୁ ଆସି ନିଲମ୍ବିତ ହୋଇଛନ୍ତି। ଏଭଳି କେତେଜଣ ଅମାନିଆ ପୋଲିସ ଅଧିକାରୀଙ୍କ ପାଇଁ ଖାକିରେ କଳଙ୍କ ଲାଗିଛି। ତେବେ ବର୍ତ୍ତମାନର ଘଟଣା ସମ୍ପର୍କରେ ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ପଚାରିବାରୁ ସେ ଏହାକୁ ଏଡାଇ ଯାଇ କ'ଣ ହୋଇଛି ମୁଁ ବୁଝୁଛି ବୋଲି କହି ଫୋନ୍ କାଟି ଦେଇଥିଲେ।

## ସଂକ୍ଷେପରେ

### ଜେଫ୍ ବେଜୋସଙ୍କୁ କପି କ୍ୟାଟ୍ କହିଲେ ଏଲନ ମସ୍କ

ନୂଆଦିଲ୍ଲୀ,୨୭।୬ : ସେଲ୍ଫ ଡ୍ରାଇଭିଂ ଷ୍ଟାର୍ଟ ଅପ୍ ଜକ୍ସ ଇଙ୍କ୍‌କୁ ଆମାଜନ ଡଟ୍ କମ୍ ଅଧିଗ୍ରହଣ କରିଛି। ଏହାର ଗୋଟିଏ ଦିନ ପରେ ଟେସଲା ଇଙ୍କ୍‌ର ପ୍ରତିଷ୍ଠାତା ଏଲନ ମସ୍କ ଆମାଜନ ସିଇଓ ଜେଫ୍ ବେଜୋସଙ୍କୁ ଟୁଇଟରେ ତାଚ୍ଛଲ୍ୟ କରି କପି କ୍ୟାଟ୍ ବୋଲି କହିଛନ୍ତି। ମସ୍କ ବେଜୋସଙ୍କୁ ପ୍ରଥମଥର ଏଭଳି କହିନାହାନ୍ତି। ପୂର୍ବରୁ ଆମାଜନର ରକେଟ ଲଞ୍ଚିଂ ପ୍ଲାଟ୍‌ଫର୍ମ ବ୍ଲୁ ଅରିଜିନ ଦ୍ୱାରା ସାଟେଲାଇଟ ଭିତ୍ତିକ ଇଣ୍ଟରନେଟ ସେବା ଯୋଗାଣକୁ ମଧ ମସ୍କ କପି କ୍ୟାଟ ବୋଲି ଟୁଇଟରେ କହିଥିଲେ। ସୂଚନାଯୋଗ୍ୟ ଜକ୍ସକୁ ଅଧିଗ୍ରହଣ କରିବା ଲାଗି ଆମାଜନ ୧ ବିଲିୟନ ଡଲାର ଡିଲରେ ସାମିଲ ହୋଇଛି। ଏହା ଦ୍ୱାରା ଆମାଜନ ଅଟୋନୋମସ ଭେଇକିଲ କ୍ଷେତ୍ରରେ ପ୍ରବେଶ କରିବ।

### ଦୀପାବଳିରେ ଚାଇନା ସାମଗ୍ରୀ ବିକ୍ରିବେନି ବ୍ୟବସାୟୀ

ନୂଆଦିଲ୍ଲୀ,୨୭।୬: ଚଳିତ ବର୍ଷ ସ୍ୱଦେଶୀ ଉପାୟରେ ଦୀପାବଳି ପାଳନ କରିବା ଲାଗି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଦୀପାବଳିକୁ ଶତ ଏହି ଉପାୟରେ ପାଳନ କରିବା ଲାଗି ବ୍ୟବସାୟୀମାନେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥି ଲାଗି ବ୍ୟବସାୟୀମାନେ ଚଳିତ ବର୍ଷ ଚାଇନା ସାମଗ୍ରୀ ଆମଦାନୀ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ଦୀପାବଳିରେ ଚାଇନା ସାମଗ୍ରୀ ବିକ୍ରି ଉପରେ ରୋକ ଲଗାଇବା ଲାଗି ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଭାରତୀୟ ସାମାନ ହମାରା ଅଭିମାନ ନାମକ ଅଭିଯାନକୁ ସିଏଆଇଟି ଏଭଳି ନିଷ୍ପତ୍ତି ଦ୍ୱାରା ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛି। ଲୋକମାନେ ମଧ ଦୀପାବଳିରେ ଚାଇନା ସାମଗ୍ରୀ ନ ବ୍ୟବହାର କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଯଦି କୌଣସି ବ୍ୟବସାୟୀଙ୍କ ନିକଟରେ ଚାଇନା ସାମଗ୍ରୀର ଷ୍ଟକ୍ ରହିଛି ତାକୁ ୧୫ ଜୁଲାଇ ମଧରେ ବିକ୍ରି କରି ଦେବାକୁ ସଂଘ ପକ୍ଷରୁ କୁହାଯାଇଛି।

# ୯୦ କମ୍ପାନୀ ଫେସ୍‌ବୁକ୍ ବିଜ୍ଞାପନ ବନ୍ଦକଲେ

ନୂଆଦିଲ୍ଲୀ,୨୭।୬



■ମାର୍କ ଜୁକରବର୍ଗଙ୍କୁ ୭ ବିଲିୟନ ଡଲାର କ୍ଷତି

■ରାଜସ୍ୱ ଉପରେ ବ୍ଲାକ୍ ଆଣ୍ଡ ହ୍ୱାଇଟର ପ୍ରଭାବ

ଆମେରିକାରେ କଳାଗୋରା ଭେଦଭାବକୁ ନେଇ ଉଠିଥିବା ବିବାଦ ବର୍ତ୍ତମାନ ସାରା ବିଶ୍ୱରେ ପ୍ରଭାବ ପକାଇଛି। ଏହାଦ୍ୱାରା ସୋସିଆଲ ମିଡିଆ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବା ଜଣାପଡିଛି। ପ୍ରାୟ ୯୦ କମ୍ପାନୀ ସୋସିଆଲ ମିଡିଆରେ ସେମାନଙ୍କ ବିଜ୍ଞାପନ ବନ୍ଦ କରି ଦେଇଛନ୍ତି। ଏହାଦ୍ୱାରା ଫେସ୍‌ବୁକ ସବୁଠାରୁ କ୍ଷତି ସହିଛି। ଏହି ସମୟରେ କମ୍ପାନୀର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ସମ୍ପତ୍ତିରେ ୭ ବିଲିୟନ ଡଲାରର କ୍ଷତି ହୋଇଛି। ଶୁକ୍ରବାର ହିନ୍ଦୁସ୍ଥାନ ୟୁନିଲିଭର ପକ୍ଷରୁ କୁହାଯାଇଛି ଯେ, ଫେସ୍‌ବୁକ୍‌ରେ ବିଜ୍ଞାପନ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ଗତ କିଛିଦିନରେ ପ୍ରାୟ ୯୦ କମ୍ପାନୀ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ଟୁଇଟରରେ ବିଜ୍ଞାପନ ଦେବା ବନ୍ଦ କରିଛନ୍ତି। ବିଜ୍ଞାପନ ରୋକିଥିବା କମ୍ପାନୀଙ୍କ ମଧରେ ଭେରିଜନ, ଲେଣ୍ଡିଂ କ୍ଲବ, ନାଥଫେସ୍ ଭଳି ଅନ୍ୟ କମ୍ପାନୀ ରହିଛନ୍ତି। ସେହିଭଳି ଡୋଭ ସାବୁନ ଭଳି ଅନ୍ୟ ବ୍ରାଣ୍ଡ ଫେସ୍‌ବୁକରେ ବିଜ୍ଞାପନ ନ ଦେବା ଲାଗି ଆଗେଇ ଆସିଛନ୍ତି।

ଫେସ୍‌ବୁକରେ ବିଜ୍ଞାପନ ବୟକଟ ଖବର ଏହାର ନିବେଶକଙ୍କ ମନୋଭାବ ଉପରେ ପଡ଼ିଛି। ଫଳରେ ଏହାର ଶେୟାର ୮.୩% ଖସିଛି। ଏହାବାଦ କମ୍ପାନୀର ମାର୍କେଟ ଭାଲ୍ୟୁରେ ୫୬ ବିଲିୟନ ଡଲାର କ୍ଷତି ହୋଇଛି। ସୋସିଆଲ ମିଡିଆ ବିଜ୍ଞାପନ ବନ୍ଦ ନିଷ୍ପତ୍ତି ଯୋଗୁ ଫେସ୍‌ବୁକ ଉପରେ ଚାପ ପଡିଥିବା ଜଣାପଡିଛି। ସେହିଭଳି କୋକାକୋଲା ମଧ ଆଗାମୀ ୩୦ ଦିନ ଯାଏ ସୋସିଆଲ ମିଡିଆରେ କୌଣସି ବିଜ୍ଞାପନ ଦେବ ନାହିଁ। ହୋଣ୍ଡା ମୋଟରର କମ୍ପାନୀ ସହ ଅନ୍ୟ ବ୍ରାଣ୍ଡଗୁଡିକ ଏହାକୁ ସମର୍ଥନ ଜଣାଇଛନ୍ତି। ଫେସ୍‌ବୁକ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ (ସିଇଓ) ଏ ନେଇ ଚିନ୍ତା ପ୍ରକଟ କରିବା ସହ ସମସ୍ୟାକୁ ସମାଧାନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। କମ୍ପାନୀର ବିଜ୍ଞାପନ ଏବଂ ପ୍ରଡକ୍ଟ ନୀତିରେ କିଛି ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି। ଫେସ୍‌ବୁକ ଏହାର ପ୍ଲାଟ୍‌ଫର୍ମରେ ହେଟସ୍ପିଚ ଓ ଭୁଲ୍ ସୂଚନା ବ୍ୟାପିବାକୁ ରୋକିବା ଦିଗରେ ବିଫଳ ହୋଇଥିବା ସମାଲୋଚକ କହିଛନ୍ତି। ଫଳରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଏହାବାଦ ପ୍ରସାଧନ ବ୍ରାଣ୍ଡ ଲରିଆଲ ମଧ ଫେୟାର ଏବଂ ଲାଇଟନିଂ ଭଳି ଶବ୍ଦ ଏହାର ବ୍ରାଣ୍ଡରୁ ହଟାଇବ ବୋଲି ଜଣାପଡ଼ିଛି।

## ନରେଶ ଗୋୟଲଙ୍କ ବିରୋଧରେ ତଦନ୍ତ ବନ୍ଦକୁ ଇଡିର ବିରୋଧ

ନୂଆଦିଲ୍ଲୀ,୨୭।୬

ଜେଟ୍ ଏୟାରୱେଜର ପ୍ରମୋଟର ନରେଶ ଗୋୟଲ ଏବଂ ତାଙ୍କ ସ୍ତ୍ରୀ ଅନୀତାଙ୍କ ବିରୋଧରେ ତଦନ୍ତ ବନ୍ଦକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବିରୋଧ କରିଥିବା ଜଣାପଡିଛି। ବର୍ତ୍ତମାନ ଜେଟ୍ ଏୟାରୱେଜ ବନ୍ଦ ହୋଇ ପଡିଛି। ନରେଶ ଗୋୟଲଙ୍କ ବିରୋଧରେ ଚାଲିଥିବା ଠକେଇ ମାମଲାର କ୍ଲୋଜର ରିପୋର୍ଟ ମୁମ୍ବାଇ ପୋଲିସ ଫାଇଲ କରିଛି। ଏହି ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପୋଲିସ ଗ୍ରହଣ କରୁ ନ ଥିବା ଇଡି ପ୍ରକାଶ କରିଛି। ଏହାକୁ ନେଇ ଏହି ପ୍ରମୁଖ ଏଜେନ୍ସି କୋର୍ଟରେ ଏକ ହସ୍ତକ୍ଷେପ ଆବେଦନ କରିଛି। ଗୋୟଲଙ୍କ ବିରୋଧରେ ଚଳିତ ବର୍ଷ ଫେବୃୟାରୀରେ ୪୬ କୋଟି ଟଙ୍କାର ଏକ ଠକେଇ ମାମଲା ହୋଇଥିଲା। ଏହି ମାମଲାରେ କୌଣସି ଠୋସ୍ ପ୍ରମାଣ ନ ଥିବା ଦର୍ଶାଇ ପୋଲିସ କ୍ଲୋଜର ରିପୋର୍ଟ ପ୍ରଦାନ କରିଛି। ତାଙ୍କ ବିରୋଧରେ ଠିକ୍ ତଥ୍ୟ ପ୍ରମାଣକୁ ବ୍ୟବହାର କରିବାରେ ପୋଲିସ ବିଫଳ ହୋଇଛି ବୋଲି ଇଡି ଆବେଦନରେ କହିଛି। ଏହି ମାମଲାରେ ଗୋୟଲଙ୍କ ବିରୋଧରେ ଆକବର ଟ୍ରାଭେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଅଭିଯୋଗ ଆଣିଥିଲା। କ୍ଲୋଜର ରିପୋର୍ଟକୁ ଆକବର ଟ୍ରାଭେଲ୍ସ ପକ୍ଷରୁ ମଧ ଚ୍ୟାଲେଞ୍ଜ କରାଯାଇଛି। ପୋଲିସ ଠିକ୍ ତଦନ୍ତ ନ କରି ଏଭଳି ରିପୋର୍ଟ ପ୍ରଦାନ କରିଛି ବୋଲି ଆକବର ଟ୍ରାଭେଲ ପକ୍ଷରୁ ମାମଲା ଲଢୁଥିବା ଓକିଲ ଧର୍ମେଶ ଜୋଷୀ କହିଛନ୍ତି। ବିଗତ ଦିନଗୁଡିକରେ ଜେଟ ଏୟାର ଏହି ସଂସ୍ଥା ସହ ୯୦୦ କୋଟି ଟଙ୍କାର କାରବାର କରିଛି। ବିମାନ କମ୍ପାନୀ କ୍ଷତିରେ ଚାଲିଥିଲେ ମଧ ନରେଶ ଗୋୟଲ ବୁକିଂ ବାବଦ ଏହି ଅର୍ଥ ନେଇ ଆଉ ଫେରାଇ ନାହାନ୍ତି। ବେଆଇନ କଳାଟଙ୍କା କାରବାର ନିରୋଧୀ ଆଇନ ଏବଂ ବିଦେଶୀ ବିନିମୟ ପରିଚାଳନା ଆଇନରେ ଇଡି ନରେଶ ଗୋୟଲ ଏବଂ ଜେଟ ଏୟାରୱେଜ ବିରୋଧରେ ତଦନ୍ତ ଜାରି ରଖିଛି।

## ୪ ଲକ୍ଷ ଏମ୍‌ଏସ୍‌ଏମ୍‌ଇଙ୍କୁ ଏସ୍‌ବିଆଇର ସହାୟତା

ନୂଆଦିଲ୍ଲୀ,୨୭।୬

କେନ୍ଦ୍ର ସରକାର ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଲାଗି ଘୋଷଣା କରିଥିବା ୩ ଲକ୍ଷ କୋଟି ଟଙ୍କାର ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍(ଇସିଏଲଜିଏସ୍)ରେ ଏସ୍‌ବିଆଇ ୪ ଲକ୍ଷ ଆକାଉଣ୍ଟରେ ଋଣ ଯୋଗାଇ ଦେଇଛି। ଲକ୍‌ଡାଉନରେ କରୋନା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କମ୍ପାନୀଗୁଡିକୁ ଏଭଳି ଜରୁରୀ ପାଣ୍ଠି ଭାବେ ପ୍ରାୟ ୨୦ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସି.ଏସ୍.ସେଟ୍ଟୀ ଶୁକ୍ରବାର ସୂଚନା ଦେଇଛନ୍ତି। ସେ ଭିଡିଓ କନ୍‌ଫରେନ୍ସ ଯୋଗେ ଏମ୍‌ଏସ୍‌ଏମ୍‌ଇ କଷ୍ଟମର ଏବଂ ଗ୍ରାହକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏସ୍‌ଏସ୍‌ଏମ୍‌ଇଗୁଡିକ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଠିକ୍ ପ୍ରଡକ୍ଟର ଚୟନ କରିବା ନେଇ ବର୍ତ୍ତମାନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜରୁରିକାଳୀନ ପାଣ୍ଠି ଭାବେ ମଞ୍ଜୁର ହୋଇଥିବା ଋଣ ମୋଟ ଋଣକୁ ବ୍ୟାଙ୍କଗୁଡିକ ଅକ୍ଟୋବର ୩୧ ସୁଦ୍ଧା ବଣ୍ଟନ କରିବେ।

## ନଗଦ ଉଠାଣ ଲାଗି ବ୍ୟାଙ୍କଗୁଡ଼ିକୁ ଅଧିକ ସମୟ

ନୂଆଦିଲ୍ଲୀ,୨୭।୬

କରୋନା ଭାଇରସ୍ ଲାଗି ବଜାର ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇ ରହିଛି। ବ୍ୟାଙ୍କଗୁଡିକର ନଗଦ ଅସୁବିଧାକୁ ସମାଧାନ କରିବା ଲାଗି ବର୍ଦ୍ଧିତ ଋଣ ସୁବିଧାର ସୀମାକୁ ସରକାର ସେପ୍ଟେମ୍ବର ୩୧ ଯାଏ ବୃଦ୍ଧି କରିବାକୁ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ଗ୍ରହଣ କରିଛି। ଏହାଦ୍ୱାରା ବ୍ୟାଙ୍କଗୁଡିକ ନଗଦ ଉଠାଣ ଲାଗି ଅଧିକ ସମୟ ପାଇବେ ବୋଲି କୁହାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨୭ ପରଠାରୁ ଏହି ସୁବିଧାର ଘୋଷଣା କରାଯାଇଥିଲା। ଏହାଦ୍ୱାରା ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କଠାରୁ ନିଜର ନେଟ୍ ଚାହିଦା ଏବଂ ସମୟ ଲାଏବିଲିଟି ମୁତାବକ ୨% ପରିବର୍ତ୍ତେ ୩% ଋଣ ଉଠାଇପାରିବେ। ବ୍ୟାଙ୍କଗୁଡିକ ନଗଦ ଉଠାଣ ସଂକ୍ରାନ୍ତ ପୂର୍ବରୁ ୩୦ ଜୁନ ଯାଏ ଉପଲବ୍ଧ ରହିଥିଲା। ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ବର୍ତ୍ତମାନ ଏହାକୁ ସେପ୍ଟେମ୍ବର ଶେଷ ଯାଏ ବୃଦ୍ଧି କରାଯାଇଛି ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ରହିଛି।

## ରେଲୱେ ଲଗାଇବ କୋଭିଡ୍ ସର୍ଭିଲାନ୍ସ କ୍ୟାମେରା

ନୂଆଦିଲ୍ଲୀ,୨୭।୬

କରୋନା ବିରୋଧରେ ଲଢ଼େଇ ଜାରି ରଖିବା ସହ ରେଲୱେ ନିରନ୍ତର ଟେକ୍ନୋଲୋଜିର ସହାୟତା ନେଉଛି। ଏହାଦ୍ୱାରା ସଫଳତା ମଧ ମିଳୁଛି। ଷ୍ଟେଶନ ପରିସରରେ କୋଭିଡ୍ ସର୍ଭିଲାନ୍ସ କ୍ୟାମେରା ବର୍ତ୍ତମାନ ରେଲୱେ ନିଷ୍ପତ୍ତି ନେଇଛି। ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରରେ ପରିଚାଳିତ ହେବ। ଏହା ଦ୍ୱାରା ଷ୍ଟେଶନ ପରିସରରେ ପ୍ରବେଶ କରୁଥିବା ଲୋକଙ୍କ ବଡି ଟେମ୍ପରେଚର ମପାଯାଇ ପାରିବ। ସେହିଭଳି କିଏ ମାସ୍କ ନ ପିନ୍ଧିଥିଲେ ମଧ ଏଥିରୁ ସ୍ପଷ୍ଟ ଭାବେ ଜଣାପଡିଯିବ। ଏହି ଯୋଜନା ଅନ୍ତର୍ଗତ ରେଲଟେଲ ପକ୍ଷରୁ ୮୦୦ରୁ ଊର୍ଦ୍ଧ୍ୱ କ୍ୟାମେରା କ୍ରୟ କରିବା ଲାଗି ଟେଣ୍ଡର ଜାରି କରାଯାଇଛି। ରେଲୱେର ମୁମ୍ବାଇ ଜୋନ ପକ୍ଷରୁ ଏଭଳି ପ୍ରଥମ କ୍ୟାମେରା କ୍ରୟ କରାଯାଇଛି। ଅନ୍ୟ ଜୋନଗୁଡିକ ମଧ ଏ ଦିଗରେ ଅଗ୍ରସର ହେଉଛନ୍ତି। ବର୍ତ୍ତମାନ ରେଲୱେ କେବଳ ସ୍ୱତନ୍ତ୍ର ଟ୍ରେନଗୁଡିକୁ ଚଳାଉଛି। ଅଗଷ୍ଟ ୧୨ ଯାଏ ନିୟମିତ ରେଲ ସେବା ବନ୍ଦ ରହିଛି।

## ହ୍ୟୁଣ୍ଡାଇର ମନ୍‌ସୁନ ଏସି ଚେକ୍‌ଅପ୍ କ୍ୟାମ୍ପ



ନୂଆଦିଲ୍ଲୀ,୨୭।୬

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ମନ୍‌ସୁନ ଏସି ଚେକ୍‌ଅପ୍ କ୍ୟାମ୍ପ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୯ରୁ ୫ ଜୁଲାଇ ମଧରେ ଆୟୋଜନ କରାଯିବ। ମନ୍‌ସୁନ ଏବଂ ଗ୍ରୀଷ୍ମର ପାଗକୁ ବିଚାରକରି କମ୍ପାନୀ ପକ୍ଷରୁ ଏଭଳି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଯେକୌଣସି ପାଗ ହେଲେ ମଧ ଗ୍ରାହକ କିଭଳି ଉନ୍ନତ ଡ୍ରାଇଭିଂ ଅଭିଜ୍ଞତାର ଲାଭ ନେଇପାରିବେ ତାକୁ ବିଚାରକରି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଗ୍ରାହକ ଏହି ସମୟରେ କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ସୁବିଧା ସୁଯୋଗର ଲାଭ ନେଇପାରିବେ ବୋଲି ସୂଚନା ରହିଛି।

## ରାଜ୍ୟ ଖବର

### ମହାନଦୀରେ ପ୍ରଥମ ବନ୍ୟାଜଳ: ଆଶଙ୍କାରେ ଚାଷୀକୁଳ



କେନ୍ଦ୍ରାପଡ଼ା ଅଫିସ/ପାଟକୁରା (ଡି.ଏନ୍.ଏ.),୨୭।୬: ୨୦ଟି ଗେଟ ଖୋଲାଯିବା ପରେ ମହାନଦୀ ସିଷ୍ଟମରେ ପ୍ରଥମ ବନ୍ୟାଜଳ ଶନିବାର କେନ୍ଦ୍ରାପଡ଼ା ଜିଲାକୁ ଆସିଛି। ଏହି ଜଳ ମହାନଦୀ ସିଷ୍ଟମରେ ଥିବା ମହାନଦୀ, ପାଇକା, ଲୁଣା, ଚିତ୍ରୋତ୍ପଳା, ଗୋବରୀ ନଦୀ ସମେତ କେନ୍ଦ୍ରାପଡା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ ସମ୍ପ୍ରସାରଣ କେନାଲରେ ପ୍ରବାହିତ ହୋଇଛି। ଖରିଫ ଧାନଚାଷ ଆରମ୍ଭରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଜିଲାର ପ୍ରାୟ ୫୦ ହଜାର ହେକ୍ଟର ଅଞ୍ଚଳର କ୍ଷେତ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ମହାକାଳପଡା ଜମ୍ବୁର ଚାଷୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ପ୍ରଥମ ବନ୍ୟା ଜଳ ଆସିଥିବାରୁ ଚଳିତବର୍ଷର କ୍ଷେତ ନଷ୍ଟ ହେବ। ନଦୀଗୁଡିକ ତଳମୁଣ୍ଡରେ ଥିବା ୫୫ଟି ରାଜସ୍ୱ ଗ୍ରାମରେ ବନ୍ଧ ନାହିଁ। ପୁଣି ନିଷ୍କାସନ ପଥ ନ ଥିବାରୁ ଏହି ଜଳ ବହୁଦିନ ଧରି ଜମି ରହି କ୍ଷେତକୁ ନଷ୍ଟ କରିବ। ଚଳିତ ବର୍ଷ କରୋନା ପାଇଁ ପ୍ରବାସୀ କୃଷି କ୍ଷେତକୁ ଓହ୍ଲାଇଥିବା ବେଳେ ପ୍ରଥମରୁ ବନ୍ୟାଜନିତ କ୍ଷତି ଚାଷ ପ୍ରତି ଥିବା ଆଗ୍ରହକୁ ନଷ୍ଟ କରିବ। କୃଷକନେତା ଗୟାଧର ଧଳ କହିଛନ୍ତି, ପ୍ରତିବର୍ଷ ଜୁନ ମାସ ପୂର୍ବରୁ ନଦୀବନ୍ଧ ସୁଦୃଢ଼ କରିବା କଥା। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ୨୪ ଦୁର୍ବଳ ନଦୀବନ୍ଧକୁ ମରାମତି କରାଯାଇନାହିଁ। ସେହିପରି ଫନୀ ଓ ଅମ୍ଫାନ୍ ସାମୁଦ୍ରିକ ଝଡ ଯୋଗୁ ଆର୍ଥିକ ଦୁରବସ୍ଥାରେ ଥିବା ଚାଷୀଙ୍କର ବନ୍ୟାଜନିତ କ୍ଷତି ହେଲେ କୃଷିଋଣ ଶୁଝିବା କଷ୍ଟ ହେବ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହନ୍ତି, ନଦୀବନ୍ଧ ମରାମତି ଚାଲିଛି। ମୁଣ୍ଡଳୀଠାରେ ମାତ୍ର ୧ଲକ୍ଷ ୧୦ ହଜାର ୬୦୦ କ୍ୟୁସେକ ଜଳ ଆସିଥିବାରୁ ଚାଷ କାର୍ଯ୍ୟ ବ୍ୟାହତ ହେବନାହିଁ।

# ତଦନ୍ତ ରିପୋର୍ଟ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇନି

ନିଶ୍ଚିନ୍ତକୋଇଲି,୨୭।୬(ସ୍ୱ.ପ୍ର.)

■ମଧାହ୍ନଭୋଜନ, ସରକାରୀ ଅର୍ଥ ଅନିୟମିତତା ଘଟଣା

■ଖଣ୍ଡାୟତ ପଟିକିରା ନୋଡାଲ ଉଚ୍ଚ ବିଦ୍ୟାଳୟ

କଟକ ଜିଲା ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ମଧାହ୍ନଭୋଜନ ଓ ସରକାରୀ ଅର୍ଥ ଦୁରୁପଯୋଗ କରିଥିବା ଶିକ୍ଷକଙ୍କୁ ପ୍ରଶାସନିକ ଉଚ୍ଚ ଅଧିକାରୀ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। କାରଣ ସିଆରସିସି, ଦୁଇ ଏବିଇଓ ଏହି ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ ହେଁ ଉକ୍ତ କର୍ତ୍ତୃପକ୍ଷ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ଥିବା ଖଣ୍ଡାୟତ ପଟିକିରା ନୋଡାଲ ଉଚ୍ଚ ବିଦ୍ୟାଳୟ ମଧାହ୍ନଭୋଜନରେ ଅନିୟମିତତା ଓ ସରକାରୀ ଅର୍ଥର ଦୁରୁପଯୋଗ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସିଆରସିସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସିଆରସିସି ଗତିକୃଷ୍ଣ ରାଉତ ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଏକ ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ନ ନେବାରୁ ସିଆରସିସି ରାଉତ ମଧାହ୍ନଭୋଜନ ରାଜ୍ୟ ନୋଡାଲ ଅଧିକାରୀ ଗଙ୍ଗାଧର ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରାଜ୍ୟ ନୋଡାଲ ଅଧିକାରୀ ପତ୍ର ନଂ:୧୨୮/ତା: ୧୫/୦୨/୨୦୨୦ରେ ବିଇଓ ଏବଂ ଡିଇଓଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ଦୁଇ ଏବିଇଓ ନିକୁଞ୍ଜ ବିହାରି ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ତଦନ୍ତ କରାଇ ରିପୋର୍ଟ ଜିଲା ଶିକ୍ଷାଧିକାରୀ ଓ ରାଜ୍ୟ ନୋଡାଲ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ତେବେ ଉକ୍ତ ରିପୋର୍ଟ ରାଜ୍ୟ ନୋଡାଲ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ରାଜ୍ୟ ନୋଡାଲ ଅଧିକାରୀ ପତ୍ର ନଂ–୩୪୫/ତା: ୧୭/୬/୨୦୨୦ରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଏକ ରିମାଇଣ୍ଡର ମାଧମରେ ଜଣାଇଥିଲେଯେ, କୌଣସି ରିପୋର୍ଟ ପାଇନାହାନ୍ତି। ତେଣୁ ତୁରନ୍ତ ତାଙ୍କୁ ସବିଶେଷ ତଥ୍ୟ ବ୍ୟକ୍ତିଗତଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ନୋଡାଲ ଅଧିକାରୀଙ୍କ ତାଗିଦ ପରେ ବ୍ଲକ ଶିକ୍ଷାଧିକାରୀ ପତ୍ର ନଂ–୭୮୬/ତା: ୧୮/୬/୨୦ରେ ରାଜ୍ୟ ନୋଡାଲ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବା ସହ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇଥିବା ଦର୍ଶାଇଛନ୍ତି। ଅପରପକ୍ଷରେ ଜିଲା ଶିକ୍ଷାଧିକାରୀ ପତ୍ର ନଂ–୫୩୦୮/ତା: ୪/୫/୨୦୨୦ରେ ମାଧମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିବାବେଳେ ପତ୍ର ନଂ–୫୩୦୬/ତା: ୪/୫/୨୦୨୦ରେ ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କୁ ୩୦ ଦିନ ଭିତରେ ପକ୍ଷ ରଖିବା ପାଇଁ ତାଗିଦ କରିଥିଲେ। ଇତି ମଧରେ ଏକ ମାସ ବିତି ଯାଇଥିଲେ ମଧ ମାଧମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାଯାଇଛି। ଅପରପକ୍ଷରେ ଏହି ଘଟଣା ଉପରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ସିଆରସିସି ଲୋକାୟୁକ୍ତରେ ମଧ ଆବେଦନ କରି ପକ୍ଷ ରଖିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ କହିଛନ୍ତି, ତଦନ୍ତ ରିପୋର୍ଟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ। ମାଧମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ଚିଠି ପାଇଛୁ। ଏନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଖୁବ୍‌ଶୀଘ୍ର ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଭୁନନ୍ଦନଙ୍କ ମୁହଁରେ ମହାକାଶ

ରାୟଗଡ଼ା ଅଫିସ,୨୭।୬



ବିଭୁନନ୍ଦନ।

ବୟସ ମାତ୍ର ୭ ବର୍ଷ। ହେଲେ ମହାକାଶ, ସୌରମଣ୍ଡଳ ବିଷୟରେ ରହିଛି ଗଭୀର ଜ୍ଞାନ। ମହାକାଶର ସୃଷ୍ଟି, ଏହାର ସ୍ଥିତି ଏବଂ ପୃଥିବୀ ଧ୍ୱଂସ ଆଦି ବିଷୟରେ ଏହି ବାଳକଙ୍କ ଜ୍ଞାନ ଅବିଶ୍ୱସନୀୟ। ଉକ୍ତ ବିସ୍ମୟ ବାଳକ ହେଲେ ରାୟଗଡ଼ା ସହର କଲେକ୍ଟରେଟ୍‌ରୋଡ୍‌ନିବାସୀ ଗୌରହରି ନାଥଙ୍କ ସୁପୁତ୍ର ବିଭୁନନ୍ଦନ ନାଥ।

ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବିଭୁଙ୍କ ବିଜ୍ଞାନ କ୍ଷେତ୍ରରେ ଏତେ ଆଗ୍ରହ ରହିଛି ବୋଲି ପ୍ରଥମେ ପରିବାର ଲୋକେ ମଧ ଆଭାସ ପାଇ ନ ଥିଲେ। ହେଲେ ବଡ଼ଭଉଣୀଙ୍କୁ ଘରେ ଟ୍ୟୁଶନ ପଢ଼ାଉଥିବା ଶିକ୍ଷକ ଅରବିନ୍ଦ ଟାକ୍ରି ବାଳକଙ୍କ ଜ୍ଞାନକୁ ଜାଣିପାରିଥିଲେ। ଭଉଣୀ ନିକଟରେ ବସି ସେ ଶିକ୍ଷକଙ୍କଠାରୁ ଅନେକ ଜ୍ଞାନ ଆହରଣ କରୁଥିଲେ। ଏପରିକି ସେ ଶିକ୍ଷକଙ୍କୁ ବିଜ୍ଞାନ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ପ୍ରଶ୍ନ ପଚାରୁଥିଲେ, ଯାହାର ଉତ୍ତର ସାର୍‌ଙ୍କ ନିକଟରେ ମଧ ନ ଥିଲା। ପରେ ଶିକ୍ଷକ ବିଭିନ୍ନ ସମୟରେ ବିଭୁଙ୍କୁ କେତେକ ପ୍ରଶ୍ନ ପଚାରିଥିଲେ। ବାଳକ ସମସ୍ତ ପ୍ରଶ୍ନର ଅତି ଚମତ୍କାର ଉତ୍ତର ରଖୁଥିଲେ। ପୃଥିବୀ ଧ୍ୱଂସ ହେଲେ କ'ଣ ହୁଏ, ୨ଟି ତାରା ମିଶିଲେ କିଭଳି ଆଲୋକ ଜାତ ହୁଏ ଭଳି ଅନେକ ପ୍ରଶ୍ନର ଉତ୍ତର ତାଙ୍କ ନିକଟରେ ରହିଛି। ଏହା ଜାଣିବା ପରେ ଅରବିନ୍ଦ ଏ ବିଷୟରେ ବିଭୁଙ୍କ ମା', ବାପାଙ୍କୁ ଜଣାଇଥିଲେ। ଏହାକୁ ନେଇ ସେମାନେ ବେଶ୍ ଖୁସି ବ୍ୟକ୍ତ କରିବା ସହ ପୁଅକୁ ଏ କ୍ଷେତ୍ରରେ ଅଧିକ ଉତ୍ସାହିତ କରୁଥିବା କୁହନ୍ତି। ଏତେ କମ୍ ବୟସରେ ଅନେକ ଜ୍ଞାନ ହାସଲ କରିଥିବା ବିଭୁ ଭବିଷ୍ୟତରେ 'ନାସା'ରେ ଯୋଗଦେଇ ଗବେଷଣା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପୁଅର ଉତ୍ସାହ ଦେଖି ପରିବାର ଲୋକେ ମଧ ବେଶ୍ ଆଶାବାଦୀ। ବାପା ଗୌରହରି କହିଛନ୍ତି, ପୁଅ ଦୀର୍ଘ ୨ ବର୍ଷ ହେଲା ମୋବାଇଲ ମାଧମରେ ୟୁଟ୍ୟୁବ୍ ଏବଂ ଗୁଗଲରୁ ବିଭିନ୍ନ ଭିଡିଓ ଦେଖୁଥଲା। ହେଲେ ଛୋଟ ପିଲା କ'ଣ ଦେଖୁଛି ବୋଲି ଆମେ ଏହାକୁ ଗୁରୁତ୍ୱ ଦେଇ ନ ଥିଲୁ।

## ଟଙ୍କା ଆଦାୟ କରି ନାଳ ସଫାକଲେ ଚାଷୀ

ରସୁଲପୁର,୨୭।୬(ଡି.ଏନ.ଏ.)



ଜେସିବି ସାହାଯ୍ୟରେ ନାଳ ସଫା କରାଯାଉଛି।

**ମିଳିଲାନି ସରକାରୀ ସହଯୋଗ**

ପ୍ରଶାସନକୁ ଅନେକ ଗୁହାରି କରିବା ପରେ ମଧ ନାଳ ସଫେଇ ହୋଇ ପାରିଲାନି। ଶେଷରେ ଚାଷୀ ନିଜେ ଟଙ୍କା ଆଦାୟ କରି ନାଳ ସେଫଇ କରୁଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଶ୍ରୀବନ୍ତପୁର ଓ ଜାବରା ପଞ୍ଚାୟତ ଚାଷୀଙ୍କ କ୍ଷେତ୍ରରେ ଏହା ଦେଖାଯାଇଛି। ଏଠାରେ ଥିବା କାଣ୍ଡସରା ନାଳ ଦେଇ ୧୦ ବର୍ଷ ହେଲା ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଯାଉଛି। ତେଣୁ ଏହାର ସମାଧାନ ପାଇଁ ଚାଷୀମାନେ ଅନେକ ଥର ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ହେଲେ କେହି ନ ଶୁଣିବାରୁ ଶେଷରେ ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ଏହି ନାଳ ସଫା କରିବା ପାଇଁ ଅନୁମତି ଲୋଡ଼ିଥିଲେ। ଜିଲାପାଳ ଅନୁମତି ଦେବାପରେ ଚାଷୀ ଜେସିବି ସହାୟତାରେ ନାଳ ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ କେତେଜଣ ଚାଷୀ କହିଛନ୍ତି, ଜନପ୍ରତିନିଧିଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ ନିରାଶ କରିବା ପରେ ଆମେ ଏପରି ପନ୍ଥା ଆପଣାଇଛୁ। ଆଗକୁ ଯଦି ଜିଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ କରନ୍ତେ ତେବେ ଆମ ଦୁଃଖ ଦୂର ହୁଅନ୍ତା।

ସୂଚନା ଅନୁସାରେ, ଶ୍ରୀବନ୍ତପୁର ଓ ଜାବରା ପଞ୍ଚାୟତର ମରାଗାଡ଼ିଆ, କାଳିମା ଗଡ଼ା, କାଣ୍ଡସରା ଆଦି ପାଟରେ ୭୦୦ଏକରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି। ତେବେ ନାଳ ପୋତି ହୋଇଯିବା କାରଣରୁ ଏଥିରେ ପାଟର ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଚାଷଜମି ବୁଡ଼ି ରହୁଛି।

## ନଗଡ଼ାରେ ବ୍ୟାପୁଛି ଚର୍ମରୋଗ

କାଳିଆପାଣି,୨୭।୬(ଡି.ଏନ.ଏ.)

ନଗଡ଼ାରେ ଏବେ ଚର୍ମରୋଗ ବ୍ୟାପିବାରେ ଲାଗିଛି। ତଳ ନଗଡ଼ାରେ ରହୁଥିବା ଗୁରୁ ପ୍ରଧାନଙ୍କ ପୁଅ ରାଜନ(୧୨) ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଘା' ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ପିଲା ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଦେଖାଯାଇଛି। ଶନିବାର ଜିଲାପାଳଙ୍କ ଗସ୍ତ ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତ ଶିଶୁଙ୍କୁ ଜିଲାପାଳଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଇଥିବା ଅଭିଯୋଗ ହୋଇଛି। ସମୀକ୍ଷା ବୈଠକରେ ଚର୍ମରୋଗ ବ୍ୟାପୁଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ଲୁଚାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଗୁଣିଆ ଭରସାରେ ସାପ କାମୁଡ଼ା ମହିଳାଙ୍କ ଜୀବନ ଗଲା


ପାଟଣା, ୨୭।୬(ସ୍ୱ.ପ୍ର.)

ଆଧୁନିକ ସମାଜରେ ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ ଏବେ ବି ଲୋକେ ଅନ୍ଧବିଶ୍ୱାସକୁ ଛାଡିପାରି ନାହାନ୍ତି। ଗୁଣିଆ ଉପରେ ନିର୍ଭର କରି ଜୀବନକୁ ବାଜି ଲଗାଇବାକୁ ପଛାଉ ନାହାନ୍ତି। ଫଳରେ ଅକାଳରେ ଜୀବନହାନି ହେଉଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ମିରିଗୋଖୋଜି ପଞ୍ଚାୟତ ଭାଲିଆଡାଳ ଗ୍ରାମରେ। ଗୁଣିଆ ଭରସାରେ ସାପ କାମୁଡିଥିବା ଜଣେ ୩୨ବର୍ଷୀୟା ବିବାହିତା ମହିଳାଙ୍କ ଶନିବାର ମୃତ୍ୟୁ ଘଟିଛି। ସମ୍ପୃକ୍ତ ମହିଳା ହେଲେ ଚନ୍ଦ୍ରଶେଖର ଦଳସିଆଙ୍କ ସ୍ତ୍ରୀ ଲଳିତା। ସାପ କାମୁଡାରେ ଗୁରୁତର ହୋଇଥିବା ଲଳିତାଙ୍କୁ ବଞ୍ଚାଇବା ପାଇଁ ତାଙ୍କ ପରିବାର ଲୋକେ ଗୁଣିଗାରେଡି ଆପଣେଇ ଚିକିତ୍ସାରେ ବିଳମ୍ବ କରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଲଳିତା ଶୁକ୍ରବାର ରାତିରେ ସ୍ୱାମୀ ଓ ପିଲାଙ୍କ ସହ ତଳେ ଶୋଇଥିବା ବେଳେ ଏକ ଚିତ୍ତିସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଜଣେ ଗୁଣିଆଙ୍କ ପାଖକୁ ନିଆଯାଇଥିଲା। ଗୁଣିଆ ଶନିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଝଡାଫୁଙ୍କା କରୁଥିଲେ। ହେଲେ ମହିଳାଙ୍କର ଚେତା ଫେରି ନ ଥିଲା। ଏହାପରେ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୦/୨୦) ରୁଜୁ କରାଯାଇଛି।



ରାଜକୁମାର ହ୍ୟାରି ଏବଂ ତାଙ୍କ ସ୍ତ୍ରୀ ମେଘନା ମାର୍କେଲ ବ୍ରିଟିଶ ରାଜପରିବାର ଛାଡ଼ିବା ପରେ ସେମାନଙ୍କର ଆୟର ମାଧ୍ୟମ କ'ଣ ହେବ ସେ ନେଇ ଚର୍ଚ୍ଚା ହୋଇଥିଲା। ଏବେ ହ୍ୟାରି ଓ ମେଘନାଙ୍କୁ ଏକ ବଡ଼ ଅଫର ମିଳିଛି। 'ଦି ହ୍ୟାରି ୱାର୍କର' ଏଜେନ୍ସି ପକ୍ଷରୁ ଦୁହିଁଙ୍କ ପାଇଁ ନୂଆ ରୋଜଗାରର ମାଧ୍ୟମ ସୃଷ୍ଟି ହୋଇଛି। ଏହି ସଂସ୍ଥା ପ୍ରତି ଭାଷଣ ଲାଗି ୯ କୋଟି ଟଙ୍କାର ପାରିଶ୍ରମିକ ଦେବାକୁ ହ୍ୟାରି-ମେଘନାଙ୍କ ସହ ଚୁକ୍ତି କରିଛି।

# ମହାକାଶରେ ହଜିଗଲା ଦର୍ପଣ



**ୱାଶିଂଟନ:** ମହାକାଶରେ ଠୁଳ ହେଉଥିବା ବର୍ଜ୍ୟରେ ସାମିଲ ହୋଇଛି ଏକ ଛୋଟିଆ ଦର୍ପଣ। ଅନ୍ତଃରାଷ୍ଟ୍ରୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ସ୍ପେସ୍ ୱାକ୍ କରିବା ସମୟରେ ଜଣେ ମହାକାଶଚାରୀଙ୍କ ଅସାବଧାନତା ଯୋଗୁ ଏହା ଘଟିଛି। ଏହା ଯଦି ପୃଥିବୀ ପୃଷ୍ଠରେ ଘଟିଥାନ୍ତା, ତେବେ ଏହାକୁ ଅତି ମାମୁଲି କଥା କହି ଲୋକେ ଭୁଲିଯାଇଥା'ନ୍ତେ। ହେଲେ ମହାକାଶରେ ଏପରି ଘଟଣା ପ୍ରଥମ ବୋଲି କୁହାଯାଉଛି। ଗତ ୨୬ ଜୁନ୍‌ରେ ଆଇଏସ୍‌ଏସ୍‌ରୁ ସ୍ପେସ୍ ୱାକ୍ ପାଇଁ ବାହାରକୁ ବାହାରିଥିଲେ ମହାକାଶଚାରୀ କ୍ରିଶ୍ କେସିଡି ଏବଂ ବବ୍ ବେନ୍‌କେନ। କମାଣ୍ଡର କ୍ୟାସିଡି ସ୍ପେସ୍‌ଶୁଟ୍‌ର ହାତରେ ଲାଗିଥିବା ଉକ୍ତ ଦର୍ପଣ ଉପରୁ ନିଜର ନିୟନ୍ତ୍ରଣ ହରାଇଥିଲେ। ଫଳରେ ପ୍ରତି ସେକେଣ୍ଡରେ ଦର୍ପଣଟି ଗୋଟିଏ ଫୁଟ ହିସାବରେ ଦୂରକୁ ଦୂରକୁ ଚାଲିଯାଇଥିଲା। ତେବେ ଏହି ଘଟଣାରେ ଆଇଏସ୍‌ଏସ୍ କିମ୍ବା ମହାକାଶଚାରୀଙ୍କ କୌଣସି କ୍ଷତି ହୋଇନାହିଁ।

କ୍ୟାସିଡି ଏବଂ ବେନ୍‌କେନ ପୁରୁଣା ହାଇଡ୍ରୋଜେନ ବ୍ୟାଟେରି ବଦଳାଇବାକୁ ସ୍ପେସ୍ ଷ୍ଟେଶନ ବାହାରକୁ ଆସିଥିଲେ। ଦୀର୍ଘ ସମୟ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟ ଲାଗି ଦୁହେଁ ଜୁନ୍ ୨୬ରେ ସ୍ପେସ୍‌ୱାକ୍ ଆରମ୍ଭ କରିଥିଲେ। ଆଗରେ କ୍ୟାସିଡି ଯାଉଥିବାବେଳେ ଦର୍ପଣଟି ସ୍ପେସ୍‌ଶୁଟ୍‌ରୁ ଅଲଗା ହୋଇଯାଇଥିଲା। ତେବେ ଅନ୍ଧାରରେ ଏହି ଘଟଣା ଘଟିଥିବାରୁ କ୍ୟାସିଡି ଜାଣିପାରି ନ ଥିଲେ। ଆଲୁଅକୁ ଆସିବା ପରେ ଦର୍ପଣଟି ସ୍ପେସ୍‌ଶୁଟ୍‌ରୁ ବାହାରି ଯାଇଥିବା ଜଣାପଡ଼ିଥିଲା। ଏ ନେଇ ନାସା ପକ୍ଷରୁ କୁହାଯାଇଛି, ୫ ଇଞ୍ଚ ଲମ୍ବା ଏବଂ ୩ ଇଞ୍ଚ ଚଉଡ଼ା ବିଶିଷ୍ଟ ଏହି ଦର୍ପଣର ଓଜନ ୪୫ ଗ୍ରାମ୍। ଏହି ଦର୍ପଣ ମହାକାଶଚାରୀଙ୍କୁ କାମ କରିବା ବେଳେ ବେଶ୍ ସହାୟକ ହୋଇଥାଏ।

ଆଇଏସ୍‌ଏସ୍‌ରେ ନିକେଲ ହାଇଡ୍ରୋଜେନ ବ୍ୟାଟେରି ଲାଗିଛି। ଏହା ତୁଳନାରେ ଲିଥିୟମ ଆୟନ ବ୍ୟାଟେରି ଅଧିକ ଶକ୍ତିଶାଳୀ। ଆଇଏସ୍‌ଏସ୍‌ର କାର୍ଯ୍ୟକ୍ଷମତା ବଢ଼ାଇବା ଲାଗି ନିକେଲ ହାଇଡ୍ରୋଜେନ ବ୍ୟାଟେରିକୁ ବଦଳାଇ ଲିଥିୟମ ଆୟନ୍ ବ୍ୟାଟେରି ଲଗାଯିବାକୁ ଯୋଜନା କରାଯାଇଛି। କ୍ୟାସିଡି ଏବଂ ବେନକେନ୍‌ଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହେଲେ ଏହି କାମ ବହୁତ କଷ୍ଟକର। କାରଣ ଗୋଟିଏ ବ୍ୟାଟେରିର ଲମ୍ବ ଏକ ମିଟର ଏବଂ ଓଜନ ୧୮୦ କିଲୋଗ୍ରାମ। ଏହି ବ୍ୟାଟେରି ବଦଳାଇବା କାମ ୨୦୧୭ରୁ ଆରମ୍ଭ ହୋଇଛି। ଅଦ୍ୟାବଧି ୧୮ଟି ଲିଥିୟମ ବ୍ୟାଟେରି ଲଗାଯାଇ ସାରିଲାଣି। ସ୍ପେସ୍ ୱାକ୍ ଜୁଲାଇ ଶେଷଯାଏ ଚାଲିବ। ଏହାପରେ ମହାକାଶଚାରୀ ପୃଥିବୀକୁ ଫେରି ଆସିବେ।

### ୨୦୨୪ରେ ସରିବ ଆଇଏସ୍‌ଏସ୍ ଅଭିଯାନ

୧୯୯୮ରୁ ଆରମ୍ଭ ହୋଇଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍) ଅଭିଯାନ ୨୦୨୪ରେ ଶେଷ ହେବ। ଚଳିତବର୍ଷ ନାସା ପକ୍ଷରୁ ଚନ୍ଦ୍ର ଅଭିଯାନ ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏହା ଏକ ମାନବ ମିଶନ। ଆଇଏସ୍‌ଏସ୍ ଅଭିଯାନରେ ନାସା, ରୁଷିଆ, ୟୁରୋପୀୟ ସ୍ପେସ୍ ଏଜେନ୍ସି, ଜାପାନ, କାନାଡ଼ା ମିଳିତ ଭାବେ କାମ କରୁଛନ୍ତି।

# 'ରଙ୍ଗ ଯୋଗୁ ଅପମାନିତ ହୋଇଥିଲି'



ବିପାଶା ବସୁ

**ମୁମ୍ବାଇ:** ନିକଟରେ ଆମେରିକାରେ ବର୍ଣ୍ଣବୈଷମ୍ୟ ଯୋଗୁ ଦେଶବ୍ୟାପୀ ପ୍ରଦର୍ଶନ ହୋଇଥିଲା। ଏବେ ବିୟୁଟି କ୍ରିମ୍ ଉତ୍ପାଦକୁ ନେଇ ବିବାଦ ମଧ୍ୟ ଜାରି ରହିଛି। ଏଭଳି ରଙ୍ଗ ଭେଦଭାବ ଯୋଗୁ ପିଲାଦିନେ ମାନସିକସ୍ତରରେ ବେଶ୍ ଆଘାତ ପାଇଥିବା ଅଭିନେତ୍ରୀ ବିପାଶା ବସୁ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ପିଲାଦିନେ ତାଙ୍କର ଶ୍ୟାମଳୀ ରଙ୍ଗ ଯୋଗୁ ବହୁ ଅପମାନ ଶୁଣିବାକୁ ପଡ଼ିଥିବା ସେ କହିଛନ୍ତି। ତାଙ୍କ କାମ ଅପେକ୍ଷା ଶରୀର ରଙ୍ଗକୁ ନେଇ ଅଧିକ ଚର୍ଚ୍ଚା ହେଉଥିଲା। ଏହା ସେତେବେଳେ ତାଙ୍କୁ ବେଶ୍ ହତୋତ୍ସାହିତ କରିଥିବା ବିପାଶା କହିଛନ୍ତି। ସେ ସୁପର ମଡେଲ କଣ୍ଟେଷ୍ଟରେ ବିଜୟୀ ହେବାପରେ ପ୍ରତି ଖବର କାଗଜରେ କୋଲକାତାର ଶ୍ୟାମଳୀ ଯୁବତୀ ୱିନର ହୋଇଥିବା ଖବର ପ୍ରକାଶିତ ହୋଇଥିଲା। ତେବେ ଲୋକଙ୍କ ଏଭଳି ମାନସିକତା ତାଙ୍କର କାର୍ଯ୍ୟଧାରା ଉପରେ ପ୍ରଭାବ ପକାଇ ପାରି ନ ଥିବା ବିପାଶା କହିଛନ୍ତି। ଗତ ୧୮ ବର୍ଷ ମଧ୍ୟରେ ବଡ଼ ବଜେଟର ବହୁ ବିୟୁଟି ଉତ୍ପାଦର ବିଜ୍ଞାପନରେ କାମ କରିବାକୁ ସେ ମନା କରିଦେଇଛନ୍ତି। ଏହାଦ୍ୱାରା କେବଳ ଗ୍ରାହକଙ୍କୁ ଠକା ଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିସ୍ଥଳେ ଫେୟାର ଆଣ୍ଡ ଲଭ୍ଲି ପକ୍ଷରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ସେ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ବଲିଉଡ୍‌ରେ ୨ଟି ଫିଲ୍ମରେ କାମ କରିବାକୁ ମନା କରିବା ପରେ ବିପାଶା ୨୦୦୧ରେ 'ଅଜ୍‌ନବୀ' ଫିଲ୍ମ ମାଧ୍ୟମରେ ଡେବ୍ୟୁ କରିଥିଲେ। ଏହାପରେ ୨୦୦୨ରେ ତାଙ୍କ ଫିଲ୍ମ 'ରାଜ୍' ବକ୍ସ ଅଫିସରେ ହିଟ୍ ରହିଥିଲା।

# ୩୦ ବର୍ଷୀୟ ମହିଳା ହେଲେ ପୁରୁଷ



**କୋଲକାତା:** ଜଣେ ୩୦ ବର୍ଷୀୟା ମହିଳା ଆରମ୍ଭରୁ ସାଧାରଣ ଜୀବନ ବିତାଉଥିଲେ। ୯ ବର୍ଷର ବୈବାହିକ ଜୀବନ ବିତାଇବା ପରେ ହଠାତ୍ ଦିନେ ଜାଣିବାକୁ ପାଇଲେ ଯେ, ସେ ମହିଳା ନୁହନ୍ତି, ପୁରୁଷ ବୋଲି। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଏପରି ଘଟଣା ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ବୀରଭୂମରେ। ତେବେ ଜାଣନ୍ତୁ ଏସବୁ କିପରି ଘଟିଲା।

ଏଠାକାର ଜଣେ ମହିଳାଙ୍କ ପେଟ ଦରଜ ହେବାରୁ ସେ ଚିକିତ୍ସା ପାଇଁ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଡାକ୍ତର ପରୀକ୍ଷା ପରେ କହିଥିଲେ, ସେ ମହିଳା ନୁହନ୍ତି ପୁରୁଷ ବୋଲି। କାରଣ ଯେଉଁ କ୍ୟାନ୍‌ସର ପୁରୁଷଙ୍କଠାରେ ହୋଇଥାଏ ତାହା ତାଙ୍କଠାରେ ଦେଖାଯାଇଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମହିଳାଙ୍କ ୨୮ ବର୍ଷୀୟା ଭଉଣୀ ବି ପୁରୁଷ ଭାବେ ଚିହ୍ନଟ ହୋଇଥିଲେ। ପରୀକ୍ଷା କରିବାରୁ ଜଣାପଡ଼ିଥିଲା ଏହି ଦୁଇ ଭଉଣୀ ଆଣ୍ଡ୍ରୋଜେନ୍ ଇନ୍‌ସେଟିଭିଟି ସିଣ୍ଡ୍ରୋମ୍(ଏଆଇଏସ୍) ରୋଗରେ ପୀଡ଼ିତ। ଏଆଇଏସ୍‌ର ବିଶେଷଜ୍ଞମାନେ କୁହନ୍ତି, ଏହା ବିରଳ ରୋଗ। ଜନ୍ମ ସମୟରେ ଏମାନଙ୍କ ଜିନ୍ ପୁରୁଷ ହୋଇଥାଏ। କିନ୍ତୁ ଶରୀର ମହିଳାଙ୍କ ପରି ବିକାଶ ହୋଇଥାଏ।

ପଶ୍ଚିମବଙ୍ଗ ବୀରଭୂମରେ ରହୁଥିବା ୩୦ ବର୍ଷୀୟା ମହିଳା ପେଟ ଦରଜ ହେବାରୁ ଚିକିତ୍ସା ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କ୍ୟାନ୍‌ସର ହସ୍ପିଟାଲ ଯାଇଥିଲେ। ଏହି ହସ୍ପିଟାଲର ଡାକ୍ତର ଅନୁପମ ଦତ୍ତ ଏବଂ ଡାକ୍ତର ସୌମେନ୍ ଦାସ ପରୀକ୍ଷା କରି ଜାଣିଥିଲେ ଯେ, ଏହି ମହିଳା ଜଣକ ପୁରୁଷ। ଡାକ୍ତରଙ୍କ କହିବା ଅନୁସାରେ, ବାହାରକୁ ଏମାନେ ଦେଖିବାକୁ ମହିଳା। ତାଙ୍କ କଣ୍ଠସ୍ୱର, ଶରୀର ଏବଂ କିଛି ଅଙ୍ଗ ମହିଳାଙ୍କ ପରି। ମାତ୍ର ୟୁଟ୍ରେସ୍ ଏବଂ ଅଣ୍ଡକୋଶ ନ ଥାଏ। ଦୁଇ ଡାକ୍ତର କହିଛନ୍ତି, ଏହି ମହିଳାଙ୍କୁ ଟେଷ୍ଟିକ୍ୟୁଲାର କ୍ୟାନସର ହୋଇଛି। ଯାହା ପୁରୁଷଙ୍କୁ ହୋଇଥାଏ। ଏହି ରୋଗ ୨୨ ହଜାର ଲୋକଙ୍କ ମଧ୍ୟରେ ଜଣକୁ ହୋଇଥାଏ।

# ଶୁଆ ପାଳିଲେ ଜେଲଦଣ୍ଡ

**ଲକ୍ଷ୍ନୌ:** ଆପଣ ଶୁଆ ପାଳିଛନ୍ତି କି? ତା'ହେଲେ ସାବଧାନ ହୋଇଯାଆନ୍ତୁ, ଆପଣଙ୍କୁ ଜରିମାନା ତ ଦେବାକୁ ପଡ଼ିବ ତା' ସହ ୩ ବର୍ଷ ଜେଲ ଦଣ୍ଡ ବି ଭୋଗିବାକୁ ହେବ। ଏମିତି ଏକ ଆଇନ ହୋଇଛି ଉତ୍ତରପ୍ରଦେଶର କାନପୁରରେ। ଏଠାରେ ବନବିଭାଗ ପକ୍ଷରୁ ଶୁଆ ଏବଂ ମାଙ୍କଡ଼କୁ ଘରେ ପାଳିବା ନେଇ କଟକଣା ଜାରି କରାଯାଇଛି। ବନବିଭାଗ ଆଇନ ଅନୁସାରେ ଏମାନଙ୍କୁ ଘରେ ପାଳିବା ଅର୍ଥ ବନ୍ଦୀ କରିରଖିବା ସହ ସମାନ। ତେଣୁ ବନ୍ୟଜନ୍ତୁ ସଂରକ୍ଷଣ ଅଧିନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କେହି ଯଦି ଏହି ଜୀବଙ୍କୁ ଘରେ ରଖିବେ ତା'ହେଲେ ତାଙ୍କୁ ୩ ବର୍ଷର ଜେଲ ଦଣ୍ଡ ସହିତ ୨୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ।

ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଏହି ନିୟମରେ ସଂଶୋଧନ କରାଯାଇ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ କେହି ବି ଏଭଳି ଜୀବଙ୍କୁ ଘରେ ପାଳିଥିଲେ ସେମାନେ ଦଣ୍ଡିତ ହେବେ। ତେଣୁ ବନ ବିଭାଗ ଏହି ନିୟମ ଜାରି କରିବା ପରେ ଲୋକଙ୍କୁ ସଚେତନ କରାଇଛି। କୌଣସି ପରିସ୍ଥିତିରେ ବି ଏହି ଜୀବମାନଙ୍କୁ ଯେପରି କେହି ଘରେ ନ ରଖନ୍ତି ସେଥି ନେଇ ନିର୍ଦ୍ଦେଶ ଜାରି କରିଛି। ବର୍ତ୍ତମାନ ପରିସ୍ଥିତିରେ ସବୁ ଅଞ୍ଚଳରେ ଜଙ୍ଗଲ ସଂଖ୍ୟା କମିବା ସହିତ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ କମିଯାଉଛି। ଏମିତି କି କେତେକ ପ୍ରଜାତିର ଜୀବଜନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇଗଲେଣି। ମଣିଷ ସମାଜର ଅତ୍ୟାଚାର ଯୋଗୁ ଜଙ୍ଗଲ ଓ ଜୀବଜନ୍ତୁଙ୍କ ଏପରି ଅବସ୍ଥା ସୃଷ୍ଟି ହୋଇଛି। ତେଣୁ ଲୋକଙ୍କ ବ୍ୟବହାର ବଦଳାଇବା ଉଦ୍ଦେଶ୍ୟରେ ବନ ବିଭାଗ ଏପରି ପଦକ୍ଷେପ ନେଇଥିବା ସ୍ପଷ୍ଟ କରିଛି।



# ଧ୍ୱଂସ ଆଡ଼କୁ ମୁହାଁଉଛି ବିଶ୍ୱ

### ଚେତାବନୀ ଦେଲେ ବୈଜ୍ଞାନିକ

**ୱାଶିଂଟନ:** ପୃଥିବୀ ସୃଷ୍ଟି ନେଇ ରହିଥିବା ତଥ୍ୟ ବେଶ୍ ରୋଚକ। ଏକ ତଥ୍ୟ ଅନୁସାରେ ୬ କୋଟି ୬୦ ଲକ୍ଷ ବର୍ଷ ତଳେ ଏକ ବିରାଟ ଉଲ୍‌କାପିଣ୍ଡ ପୃଥିବୀକୁ ଧକ୍କା ଦେଇଥିଲା। ସେତେବେଳେ ପୃଥିବୀ ପୃଷ୍ଠରେ ଭୟଙ୍କର ଭୂକମ୍ପ ସହିତ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗୀରଣ ହୋଇଥିଲା। ଫଳରେ ୭୫ ପ୍ରତିଶତ ଜୀବଜନ୍ତୁ ଲୋପ ପାଇଥିଲେ। ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗୀରଣ ଯୋଗୁ ସୃଷ୍ଟି ହୋଇଥିବା ବହଳ ଧୂଆଁ ବାୟୁମଣ୍ଡଳରେ ବ୍ୟାପି ଯାଇଥିଲା। ଏହାକୁ ଭେଦକରି ସୂର୍ଯ୍ୟ ରଶ୍ମୀ ଭୂପୃଷ୍ଠକୁ ଆସିପାରି ନ ଥିଲା। ଫଳରେ ଅବଶିଷ୍ଟ ଜୀବଜଗତ ତଥା ଉଦ୍ଭିଦ ଜଗତ ଧ୍ୱଂସ ହୋଇଯାଇଥିଲା। ଏହାପରେ ସାଧାରଣ ସ୍ଥିତି ଫେରି ଆସିବା ପରେ ପୁଣି ପୃଥିବୀରେ ଜୀବନ ସୃଷ୍ଟି ଆରମ୍ଭ ହୋଇଥିଲା। ସେହିପରି ୩କୋଟି ୬୦ ଲକ୍ଷ ବର୍ଷ ତଳେ ଓଜନସ୍ତରର ସାନ୍ଦ୍ରତା କମି ଯିବା ଯୋଗୁ ପୃଥିବୀରେ ଅତ୍ୟଧିକ ଉତ୍ତାପ ସୃଷ୍ଟି ହୋଇଥିଲା। ଏଥିରେ ସମଗ୍ର ଜୀବଜଗତ ଜଳି ଯାଇଥିଲା। ଏନେଇ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏହାର ରିପୋର୍ଟ ସାଇନ୍ସ ଆଡଭାନ୍ସ ପତ୍ରିକାରେ ପ୍ରକାଶ ପାଇଛି। ଗବେଷକଙ୍କୁ ପଥରରେ ତଳେ ଚାପି ହୋଇ ରହିଥିବା କିଛି ଉଦ୍ଭିଦର ଜୀବାଶ୍ମ ମିଳିଥିଲା। ଏହାର ଅନୁଧ୍ୟାନ କରିବା ସମୟରେ ଜଣାପଡ଼ିଥିଲା ଯେ, ଉଦ୍ଭିଦଗୁଡ଼ିକ ସୂର୍ଯ୍ୟର ଅଲ୍‌ଟ୍ରାଭାୟୋଲେଟ ରଶ୍ମୀ ପ୍ରଭାବରେ ଜଳି ଯାଇଥିଲା। ଉଦ୍ଭିଦଗୁଡ଼ିକର ଡିଏନ୍‌ଏ ପରୀକ୍ଷା ସମୟରେ ଏହି ତଥ୍ୟ ଜଣାପଡ଼ିଥିଲା। ଯାହାକି ପ୍ରାୟ ୩ କୋଟି ୬୦ ଲକ୍ଷ ବର୍ଷ ତଳେ ହୋଇଥିବା ଅନୁମାନ କରାଯାଇଥିଲା। ଓଜନସ୍ତରର ସାନ୍ଦ୍ରତା କମି ଯିବାରୁ ଏଭଳି ଘଟିଥିବା ଗବେଷକ କହିଛନ୍ତି। ଏବେ ମଧ୍ୟ ଧୀରେଧୀରେ ସେଭଳି ସ୍ଥିତି ଜାରିରହିଛି। ମେରୁ ଅଞ୍ଚଳରେ ଓଜନସ୍ତରର ସାନ୍ଦ୍ରତା କମୁଥିବାରୁ ସମସ୍ୟା ଦେଖାଦେଇଛି। ଏଥିରେ ସୁଧାର ନ ଆସିଲେ ପୃଥିବୀ ପୁଣି ଥରେ ଧ୍ୱଂସ ହେବ ବୋଲି ବୈଜ୍ଞାନିକ ଚେତାବନୀ ଦେଇଛନ୍ତି।



# ବିବାଦରେ ସ୍ୱରାଙ୍କ 'ରସ୍‌ଭରି'



ସ୍ୱରା ଭାସ୍କର

**ମୁମ୍ବାଇ:** ନିକଟରେ ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ 'ରସ୍‌ଭରି' ଆମାଜନ୍ ପ୍ରାଇମ୍‌ରେ ରିଲିଜ୍ ହୋଇଥିଲା। ଏହି ୱେବ୍‌ସିରିଜ୍ ପାଇଁ ସେ ବିବାଦକୁ ଟାଣି ହୋଇଯାଇଛନ୍ତି। ଚାରିଆଡେ ତାଙ୍କୁ ସମାଲୋଚନା କରାଯାଉଛି। ଲେଖକ ତଥା ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନର ଚେୟାରମ୍ୟାନ ପ୍ରସୂନ ଯୋଷୀ ଏହି ୱେବ ସିରିଜ୍‌ର ଏକ ସିନ୍‌କୁ ନାପସନ୍ଦ କରିଛନ୍ତି। ଏସମ୍ପର୍କରେ ପ୍ରସୂନ ଏକ ଟୁଇଟର୍‌ରେ ଲେଖିଛନ୍ତି ଯେ, ୱେବ୍‌ସିରିଜ୍‌ରେ ରସ୍‌ଭରିର ଦାୟିତ୍ୱହୀନ କଣ୍ଟେଣ୍ଟ ଦେଖି ମୁଁ ଦୁଃଖିତ। ଏଥିରେ ଗୋଟିଏ ଛୋଟ ଝିଅ ମଦ୍ୟପାନ କରୁଥିବା କେତେଜଣ ପୁରୁଷଙ୍କ ସାମ୍ନାରେ ଉତ୍ତେଜକ ନୃତ୍ୟ ପରିବେଷଣ କରୁଛନ୍ତି। ନିର୍ମାତା ଓ ଦର୍ଶକ ଏହାକୁ ନେଇ ଆଉଥରେ ଗଭୀର ଭାବେ ଚିନ୍ତା କରନ୍ତୁ। ଏହା କେଉଁ ପ୍ରକାରର ସ୍ୱାଧୀନତା କିଛି ବୁଝି ହେଉନାହିଁ। ଏଭଳି ସାଂଘାତିକ ମନୋରଞ୍ଜନରୁ ଆମେ ପିଲାମାନଙ୍କୁ ବାଦ୍ ଦେବା ଦରକାର। ପ୍ରସୂନ ଯୋଷୀଙ୍କର ଏହି ଟୁଇଟ୍‌ର ଜବାବ ଦେଇ ସ୍ୱରା ଲେଖିଛନ୍ତି ଯେ, 'ମୋର ପ୍ରିୟ ସାର୍' ଆପଣ ସିନ୍‌କୁ ବୋଧେ ଭୁଲ ବୁଝୁଛନ୍ତି। ଯେମିତି ବର୍ଣ୍ଣନା କରାଯାଇଛି, ସିନ୍ ତା'ର ଠିକ୍ ଓଲଟା। ଝିଅଟି ତା' ଇଚ୍ଛାରେ ନାଚୁଛି। ତାଙ୍କ ବାପା ଏସବୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ଲଜ୍ଜିତ ହେଉଛନ୍ତି। ନୃତ୍ୟ ଉତ୍ତେଜକ ନୁହେଁ। ଝିଅଟି ଜାଣିନି ଯେ, ସମାଜ ତାକୁ ବି କାମ ପ୍ରବୃତ୍ତିରେ ଦେଖିବ। ସିନ୍‌ରେ ଏହା ଦେଖାଯାଇଛି। ଏହାପୂର୍ବରୁ ସ୍ୱରା 'ରସ୍‌ଭରି'ର ଟ୍ରେଲର ଶେୟାର କରି ଲେଖିଥିଲେ ଯେ, ଏହାର ଯାଦୁରୁ କେହି ମୁକୁଳିପାରିବେ ନାହିଁ। ଏପରି ଲେଖିଥିବାରୁ ସ୍ୱରାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ ହେବାକୁ ପଡ଼ିଛି।

# ମାମି ଫିଲ୍ମ ଫେଷ୍ଟିଭାଲ ବୋର୍ଡରୁ କରନ ଜୋହରଙ୍କ ଇସ୍ତଫା

**ମୁମ୍ବାଇ:** ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ କରନ ଜୋହର ଫିଲ୍ମ ଫେଷ୍ଟିଭାଲ ବୋର୍ଡ ମୁମ୍ବାଇ ଏକାଡେମୀ ଅଫ୍ ମୁଭିଂ ଇମେଜ'ର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରଠାରୁ ନେପୋଟିଜିମ୍‌କୁ କରନ ଜୋହର ପ୍ରୋତ୍ସାହିତ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ସହ ତାଙ୍କୁ ସିନେପ୍ରେମୀମାନେ କ୍ରମାଗତ ସମାଲୋଚନା କରିବା ଯୋଗୁ ସେ ଏପରି କରିଥିବା ଚର୍ଚ୍ଚା ଜୋର ଧରିଛି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ କରି କରନ ମାମି ନିର୍ଦ୍ଦେଶକ ସ୍ମୃତି କିରଣଙ୍କ ନିକଟକୁ ତାଙ୍କ ଇସ୍ତଫା ପଠାଇଛନ୍ତି। ବୋର୍ଡ଼ର ଚେୟାର ପର୍ସନଙ୍କ ସମେତ ସଦସ୍ୟ ଥିବା ଦୀପିକା ପାଦୁକୋନ କରନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ ସେ ମାନି ନ ଥିଲେ। ଅନ୍ୟପକ୍ଷରେ ସିନେପ୍ରେମୀ କରନଙ୍କ ଉପରେ ବିଭିନ୍ନ ଆରୋପ ଲଗାଉଥିଲେ ହେଁ କୌଣସି ସେଲିବ୍ରିଟି ତାଙ୍କ ସପକ୍ଷରେ ବାହାରି ନ ଥିବାରୁ କରନ ସେମାନଙ୍କ ଉପରେ ରାଗିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଉଛି। କିଛି ଦିନ ତଳେ ସେ କେବଳ ୮ ଜଣ(ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ଶାହରୁଖ ଖାନ, ନରେନ୍ଦ୍ର ମୋଦି ଓ ତାଙ୍କ ଅଫିସ୍‌ର କେତେଜଣ ସଦସ୍ୟ)ଙ୍କୁ ଛାଡିଦେଲେ ଅନ୍ୟ ସମସ୍ତଙ୍କୁ ଟୁଇଟରରୁ ଅନଫଲୋ କରିଦେଇଥିଲେ। ଏଥିସହ ତାଙ୍କ ଇନଷ୍ଟାଗ୍ରାମ ଆକାଣ୍ଟରେ ଲୋକଙ୍କ ପାଇଁ ଥିବା କମେଣ୍ଟ ବିଭାଗକୁ ମଧ୍ୟ ଲକ୍ କରିଦେଇଛନ୍ତି।




## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର**

ଗ୍ରାମ: ଆଳିଶି ଶାସନ, ବ୍ଲକ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା,
ବର୍ତ୍ତମାନ ବାସସ୍ଥାନ: ଢୁମୁଢୁମା ହାଉସିଙ୍ଗ ବୋର୍ଡ କଲୋନୀ, ଏଲ୍-୧୧୦୮, ୨ୟ ପର୍ଯ୍ୟାୟ
ଆବିର୍ଭାବ: ୨୫।୦୨।୧୯୪୯ (ଶୁକ୍ରବାର)
ତିରୋଧାନ: ୧୭।୦୬।୨୦୨୦ (ବୁଧବାର)

ବାବା, ତୁମର ଅକାଳ ବିୟୋଗ ଆମ୍ଭମାନଙ୍କୁ ଗଭୀର ଆଘାତ ହେଇଛି, ତୁମର ତ୍ୟାଗ, ଶ୍ରଦ୍ଧା, ସ୍ନେହ ଓ କର୍ତ୍ତବ୍ୟନିଷ୍ଠାକୁ ଆମ୍ଭେମାନେ ସ୍ମରଣ କରୁଛୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ମାଆ, ପୁଅ: ଟୁଟୁ, ବୁଟୁ, କୁବୁଲା, ବୋହୂ: ରୁନା, ଲଲି, ଜିନି, ପିଲାମାନେ: ଗୁଡ଼ି, ବୁଲୁବୁଲ୍, କାହ୍ନା, ଗୁନ୍‌ଗୁନ୍, ସୋନୁ, ରାଣୀ, ଲିଟି ଓ ମିଟୁ, ଝିଅ: ଲିଲି, ଜ୍ୱାଇଁ: ରବି

ଧ-୧୭୬୧୩

### ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ ନିନିରାଣୀ ଦାସ**

ସ୍ୱାମୀ: ୰ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧

ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।

-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୭୫୯୧

# ଅପେକ୍ଷା ଆର ବର୍ଷକୁ





ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ...
ଅର୍ଥାତ୍ ରଥରେ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପୁନର୍ଜନ୍ମ ଏବଂ ଏ ମାୟା ସଂସାର ବନ୍ଧନରୁ ମୁକ୍ତି ଦିଏ। ବୋଧହୁଏ ଏହି ବିଶ୍ୱାସ ଖରା, ବର୍ଷା, ପ୍ରବଳ ଗହଳି ଏବଂ ଦଳାଚକଟାର ଭୟକୁ ପଛରେ ପକାଇ ରଥଯାତ୍ରା ସମୟରେ ଟାଣି ଆଣେ ଲକ୍ଷ ଲକ୍ଷ ଭକ୍ତଙ୍କୁ ବଡ଼ଦାଣ୍ଡକୁ। ତେବେ ଚଳିତବର୍ଷ କରୋନା ଲାଗି ବିନା ଭକ୍ତରେ ହୋଇଛି ମହାପ୍ରଭୁଙ୍କ ରଥଯାତ୍ରା, ଆଉ ଏହାକୁ ନେଇ ଭକ୍ତଙ୍କ ମନରେ ଦୁଃଖ ଓ ଅବସୋସ...

### ଶରୀର ଘରେ ହେଲେ ଆତ୍ମା ଥିଲା ବଡଦାଣ୍ଡରେ



ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଓଡିଶାବାସୀଙ୍କ ଉପରେ ରହିଛି । ସେ ହିଁ ସବୁକିଛିର ପ୍ରଣେତା। ଆଉ ଏ କରୋନା ବା ତାଙ୍କ ଆଗରେ କ'ଣ। ତେଣୁ ତାଙ୍କ ଯାତ ଯାହା ହେଲେ ବି ହୋଇଥାନ୍ତା ଏବଂ ହୋଇଛି ମଧ୍ୟ । କାରଣ ସୁପ୍ରିମକୋର୍ଟ ରାୟ ପ୍ରଚ୍ଛଦପଟ୍ଟରେ ବି ତାଙ୍କର ଲୀଳାଖେଳା ରହିଛି । କିଛିମାସ ହେବ ମନ୍ଦିର ଭିତରକୁ ଭକ୍ତଙ୍କ ପ୍ରବେଶ ମନା ଥିବାରୁ ପ୍ରଭୁ ନିଜେ ବଡ ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି। ପ୍ରତ୍ୟକ୍ଷରେ ନ ହେଲେ ବି ଟିଭି ପରଦାରେ ପ୍ରଭୁଙ୍କ ଘୋଷଯାତ୍ରା ଦେଖିବାର ସୌଭାଗ୍ୟ ପାଇ ଭକ୍ତ ବିଭୋର। ପ୍ରତିବର୍ଷ ଭଳି ଏଥର ରଥଯାତ୍ରାରେ ମୁଁ ସ୍ୱଶରୀରେ ପୁରୀ ଯାଇ ରଥଟାଣିବାରୁ ବଞ୍ଚିତ ହୋଇଛି ସତ ହେଲେ ମୋ ଆତ୍ମା ବଡଦାଣ୍ଡରେ ଥିବା ଭଳି ଅନୁଭବ କରିଛି।

–**ସସ୍ମିତା ସାହୁ**, କଟକ

### ଏମିତି ପରିସ୍ଥିତି ଆଉ ନ ଆସୁ



ଏମିତିରେ ପିଲାବେଳୁ ବଡଦାଣ୍ଡରେ ରଥଯାତ୍ରାରେ ରଥ ଦଉଡି ଟାଣିବାକୁ ନିଶ୍ଚୟ ଯାଏ। ହେଲେ କିଛି ବର୍ଷ ହେବ ମହାପ୍ରଭୁଙ୍କ ଘୋଷଯାତ୍ରା ଏବଂ ବାହୁଡାଯାତ୍ରାରେ ସେବା କାର୍ଯ୍ୟ କରି ଆସୁଛି। ମହାପ୍ରଭୁ ଯେତେବେଳେ ପହଣ୍ଡି ବିଜେ ହୋଇ ବଡଦାଣ୍ଡକୁ ଓହ୍ଲାଇ ଆସନ୍ତି ଭକ୍ତ ଆଉ ଭଗବାନଙ୍କ ଭେଟର ସେ ଭାବପୂର୍ଣ୍ଣ ପରିବେଶ ଯେ କେତେ ଅପୂର୍ବ ତାହା ଭାଷାରେ ବର୍ଣ୍ଣନା କରିବା କଷ୍ଟ। ତେବେ ପ୍ରଭୁଙ୍କ ଦର୍ଶନ ଲାଗି କାହିଁ କେଉଁ ଦୂର ଦୂରାନ୍ତରୁ ଧାଇଁ ଆସିଥିବା ଭକ୍ତଙ୍କ ସେବାରେ ବି ଏକ ଆନନ୍ଦ ମିଳେ। ତେବେ ଚଳିତବର୍ଷ ସେବା ତ ଦୂରର କଥା ପୁରୀରେ ଥାଇ ସୁଦ୍ଧା ରଥାରୂଢ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ବି ମିଳିପାରିନି। ଭକ୍ତ ପାଇଁ ଏମିତି ଏକ ପରିସ୍ଥିତି ଜୀବନରେ କେବେ ନ ଆସୁ ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା। ଆରବର୍ଷକୁ ତାଙ୍କ ରଥ ଦଉଡି ଟାଣିବା ଏବଂ ଭକ୍ତଙ୍କ ସେବା କରିବାର ସୁଯୋଗ ପାଇବାକୁ ଅପେକ୍ଷା।

– **ସୌମ୍ୟରଞ୍ଜନ ପାତ୍ର**, ଯୁବ ସାମାଜିକ କର୍ମୀ, ପୁରୀ

### ପ୍ରଭୁଙ୍କ ଲୀଳାଖେଳା ଅପାର



ସବୁବର୍ଷ ରଥଯାତ୍ରାରେ ଜଗନ୍ନାଥଙ୍କ ଡୋରି ଲାଗିଲେ ପୁରୀକୁ ଯାଏ । ସେଠାରେ କିଛି ଦିନ ରହି ରଥ ଟାଣିବା, ରଥ ଖଳାରେ ଏବଂ ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନର ଆନନ୍ଦ ନିଏ। ସଂଧ୍ୟାରେ ସମୁଦ୍ର କୂଳରେ ବୁଲିବାର ମଜା ନିଏ। କେବଳ ଏତିକି ନୁହେଁ, ବର୍ଷକୁ ଥରେ ରୋଷଶାଳା ଭିତରକୁ ଯାଇ ଚୁଲାରେ ହାତ ପୂରାଇବାକୁ ମିଳୁଥିବା ସୌଭାଗ୍ୟକୁ ଆଦୌ ହାତଛଡା କରେନି। ହେଲେ ଏଥର ଏସବୁଥିରୁ ବଞ୍ଚିତ କରାଇଛି କରୋନା। ହେଲେ ହୁଏତ ଭକ୍ତଙ୍କ ମଙ୍ଗଳ ପାଇଁ ପ୍ରଭୁଙ୍କର ଏହା ହିଁ ଇଚ୍ଛା। ହେଲେ ମହାପ୍ରଭୁଙ୍କର କ'ଣ ଲୀଳା ଅପାର। ଯାହା ଏଥର ସମଗ୍ର ବିଶ୍ୱବାସୀ ଦେଖିଲେ । ଏତେ ବାଦ ବିବାଦ ସନ୍ଦିହାନ ଭିତରେ ଶେଷରେ ତାଙ୍କ ଘୋଷଯାତ୍ରା ସଫଳ ହୋଇଛି ତା'ଠୁ ବଡ ଖୁସି କଥା ଭକ୍ତ ପାଇଁ ଆଉ କ'ଣ ବା ହୋଇପାରେ।

–**ମଞ୍ଜୁଲତା ସାହୁ** , ହାଟଡିହୀ, କେନ୍ଦୁଝର

### ଟିଭି ପରଦାରେ ଦେଖି ମନକୁ ବୁଝାଇ ଦେଉଛି



ଯେବେ ଯେବେ ସୁଯୋଗ ମିଳେ ଶ୍ରୀମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ଚାଲିଯାଏ। ହେଲେ ବର୍ଷକୁ ଥରେ ରଥରେ ମହାପ୍ରଭୁଙ୍କ ଦର୍ଶନ କରିବାର ଅପୂର୍ବ ସୁଯୋଗକୁ ଆଦୌ ହାତଛଡା କରେନି। ରଥ ଟାଣିବାର ମଉକା ମିଳୁ ବା ନ ମିଳୁ ନବ ଦିନ ଧରି ଗୁଣ୍ଡିଚା ବାଡିରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ନିଶ୍ଚୟ ଯାଏ। ଚଳିତବର୍ଷ କରୋନା କଟକଣା ଯୋଗୁ ଗୁଣ୍ଡିଚା ଦର୍ଶନ ତ ଦୂରର କଥା ରଥାରୂଢ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନରୁ ବି ବଞ୍ଚିତ। ଏମିତି ଏକ ସମସ୍ୟା ଜୀବନରେ କେବେ ଆସିନି। ପୁରୀ ଭିତରେ ଥାଇ ମଧ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବାର ଦୁଃଖ ଅବର୍ଣ୍ଣନୀୟ। ପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନରେ ଯେଉଁ ଆନନ୍ଦ ଅଛି ତାହା ଟିଭି ପରଦାରେ କାହିଁ। ତଥାପି ବିନା ଭକ୍ତରେ ହେଉ ପଛେ ରଥଯାତ୍ରା ହୋଇଛି ସେତିକି ଟିଭିରେ ଦେଖି ମନକୁ ବୁଝାଇ ଦେଉଛି।

–**ସଞ୍ଜନା ମହାପାତ୍ର**, ପୁରୀ

### ଅପେକ୍ଷା ଆର ବର୍ଷକୁ



ରଥାରୁଢ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନର ସୌଭାଗ୍ୟ କିଏ ବା ଛାଡିବାକୁ ଚାହେଁ। ଏହି ସୁଯୋଗ ଭାଗ୍ୟରେ ଥିଲେ ମିଳେ। ହେଲେ ବିବାହର ପ୍ରଥମ ବର୍ଷରେ ନିଜ ସ୍ୱାମୀଙ୍କ ସହ ଯାଇ ରଥ ଛୁଇଁବାରୁ ବଞ୍ଚିତ ହୋବା ମନରେ ଏକ ଅବସୋସ। କରୋନା ଲାଗି କେବଳ ପୁରୀ ବଡଦାଣ୍ଡକୁ ଛାଡି ଅନ୍ୟ ସବୁଠାରେ ତ ରଥଯାତ୍ରା ବନ୍ଦ, ତେଣୁ ନିକଟସ୍ଥ ଏକ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରି ଆସିଲୁ। ରଥଟଣା ହେବା ସମୟରେ ଟିଭିରେ ପରଦାରେ ପ୍ରଭୁଙ୍କ ଦର୍ଶନ କରି ରଥ ଛୁଇଁଲୁ। ଭଗବାନଙ୍କ ଆଶୀର୍ବାଦରୁ ଆରବର୍ଷକୁ ନିଶ୍ଚେ ପୁରୀ ଯାଇ ରଥାରୁଢ଼ ଦିଅଁ ଦର୍ଶନ ସହ ରଥ ଛୁଇଁବୁ ବୋଲି ଆଶା।

– **ଇପ୍ସିତା ସେନାପତି**, ରାଜଗାଙ୍ଗପୁର


ଯୁ | ଥ୍ | ଆ | ଲ | ର୍ଟ

# ସ୍ମାର୍ଟ ଫୋନ୍ ସଫା କରୁଥିଲେ

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ବର୍ତ୍ତମାନ ସମସ୍ତେ ବ୍ୟବହାର କରୁଥିବା ପ୍ରତ୍ୟେକ ସାମଗ୍ରୀକୁ ପରିଷ୍କାର ବା ସାନିଟାଇଜ୍ କରୁଛନ୍ତି। ଯେଉଁଥିରେ ସବୁଠୁ ଅଧିକ ସମୟ ବ୍ୟବହାର ହେଉଥିବା ସ୍ମାର୍ଟ ଫୋନ୍ ବି ରହିଛି। ହେଲେ ଏହାକୁ ସଫା କରିବା ସମୟରେ କେତେକ ଦିଗ ପ୍ରତି ଦୃଷ୍ଟି ନ ଦେଲେ ତାହା ଖରାପ ହୋଇଯିବାର ଆଶଙ୍କା ରହିଛି...



- ସ୍ମାର୍ଟଫୋନ୍ ସାନିଟାଇଜ୍ କରିବା ବେଳେ ଏହା ଯେପରି ଚାର୍ଜରେ ନ ଲାଗିଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଚାର୍ଜ ହେଉଥିବା ସମୟରେ ଏପରି କରିବା ଦ୍ୱାରା ଆଲ୍‌କହଲ୍ ବେସ୍‌ଡ ସାନିଟାଇଜର ସଂସ୍ପର୍ଶରେ ଆସି ମୋବାଇଲ୍‌ରେ ନିଆଁ ଲାଗିବା କିମ୍ବା କରେଣ୍ଟ ଚାର୍ଜ ହେବାର ଆଶଙ୍କା ରହିଛି।
- ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାନିଟାଇଜ୍ କରିବା ପରେ ଫୋନ ସାମାନ୍ୟ ଓଦାଳିଆ ଥିବା ଅବସ୍ଥାରେ ଏହାକୁ ଅନ୍ କିମ୍ବା ଚାର୍ଜରେ ବସାଇବା ଭଳି ଭୁଲ ଆଦୌ କରନ୍ତୁ ନାହିଁ। ଏହାଦ୍ୱାରା ମଧ୍ୟ ଫୋନ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତେଣୁ ଫୋନ ଭଲ ଭାବେ ଶୁଖିବା ପରେ ଅନ୍ କରନ୍ତୁ।
- ସ୍ମାର୍ଟଫୋନ୍‌ର ଚାର୍ଜିଂ ପଏଣ୍ଟ, ସ୍ପିକର ହେଉ କିମ୍ବା ହେଡ୍‌ଫୋନ୍ ଜ୍ୟାକ୍ ଭଳି ଖୋଲା ସ୍ଥାନରେ ସିଧାସଳଖ ସାନିଟାଇଜର ଲିକ୍ୱିଡ୍ କିମ୍ବା ସ୍ପ୍ରେ ବ୍ୟବହାର କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ସାନିଟାଇଜର୍ ମୋବାଇଲ୍ ଭିତରକୁ ପଶିଯିବା ସହ ମେସିନେରି ଡିଫେକ୍ଟ ଦେଖାଦେବ। ଏମିତି କି ଏପରି କରିବା ଦ୍ୱାରା ଫୋନ୍ ଖରାପ ମଧ୍ୟ ହୋଇଯାଇପାରେ।
- ମୋବାଇଲ୍ ଫୋନ୍‌କୁ ସଫା କରିବା ଲାଗି କେବଳ ସାନିଟାଇଜର ନୁହେଁ ଆଇସୋପ୍ରୋପିଲ୍ ଆଲ୍‌କହଲ୍‌ଯୁକ୍ତ ଓ୍ୱେଟ୍ ଓ୍ୱାଇପ୍ ସାହାଯ୍ୟରେ ପୋଛି ମଧ୍ୟ ଡିସ୍‌ଇନ୍‌ଫେକ୍ଟ କରିପାରିବେ।
- ଫୋନ୍‌ର ଡିସ୍‌ପ୍ଲେ ଏଥିରେ ପୋଛନ୍ତୁ ନାହିଁ ନଚେତ୍ ଦାଗ ହୋଇଯିବ। ଏହାକୁ ପୋଛିବା ଲାଗି ଲେନ୍ସ କ୍ଲିନର ବା ଚଷମା ଗ୍ଲାସ୍ କ୍ଲିନର ଭଳି ନରମ କପଡା ବ୍ୟବହାର କରନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– ମିଲିୟନ୍ ଡଲାର୍ ଚେସ୍‌ଏବଲ୍ ମାଷ୍ଟର୍ସ ଟୁର୍ନାମେଣ୍ଟରେ ଭାଗ ନେଇଥିବା ପ୍ରଥମ ଭାରତୀୟ ଗ୍ରାଣ୍ଡମାଷ୍ଟର................. ?
୨– କୋଭିଡ୍–୧୯ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ ୨୦୨୦ରେ ଭାଗ ନେଇ ସ୍ପେଶାଲ୍ ଜୁରି ଆୱାର୍ଡ ପାଇଥିବା ଓଡ଼ିଆ ଫିଲ୍ମ........................ ?
୩– ଡିଏସ୍‌ସିଆଇର ଫୁଲ୍‌ଫର୍ମ.................. ?
୪– ଖାଦ୍ୟରେ................ର ମାତ୍ରା ହ୍ରାସ ହେଲେ ମାରାସ୍‌ମସ୍ ରୋଗ ଦେଖା ଦେଇଥାଏ ?
୫– ପୃଥିବୀର ସବୁଠାରୁ ଶୀତଳ ସ୍ଥାନ..................... ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ସୁଇଜରଲାଣ୍ଡ
୩ ଇଣ୍ଡସ୍‌ଲାଣ୍ଡ ବ୍ୟାଙ୍କ
୪ ମାର୍ଚ୍ଚ ୧
୫ ବେଉସା ଛାଡି ଯାଆ।

## ଉତ୍ତରଦାତା



ପିନାକ୍ଷୀ ନାୟକ, ଭୁବନେଶ୍ୱର



ସ୍ନେହଲତା ପଟ୍ଟନାୟକ, ଭୁବନେଶ୍ୱର



ସୋନାଲି ମୁର୍ମୁ, ମୟୂରଭଞ୍ଜ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଭଲ ମୁଭି ଥିଏଟର



୧– ସିନେମାଥିକ୍ ଫ୍ରାନ୍ସାଇଜ୍, ପ୍ୟାରିସ୍.................................... ଫ୍ରାନ୍ସ
୨– ରାଜ୍ ମନ୍ଦିର ସିନେମା, ଜୟପୁର.................................... ଭାରତ
୩– ସିନେ ଥିସିଓ, ଏଥେନ୍ସ.................................... ଗ୍ରୀସ୍
୪– ଟିସିଏଲ୍ ଚାଇନିଜ୍ ଥିଏଟର, ଲସ୍ ଏଞ୍ଜେଲ୍ସ......................... ଆମେରିକା
୫– ଆଲାମୋ ଡ୍ରାଫ୍ଟହାଉସ୍, ଅଷ୍ଟିନ୍................................. ଆମେରିକା
୬– କିନୋ ଇଣ୍ଟରନ୍ୟାଶନାଲ, ବର୍ଲିନ................................. କସ୍ମୋପଲିସ୍
୭– ଅପ୍‌ଲିଙ୍କ୍ ଏକ୍ସ, ଟୋକିଓ.................................... ଜାପାନ
୮– ୪ଡିଏକ୍ସ, ସିଓଲ୍.................................... ସାଉଥ୍ କୋରିଆ
୯– ଦି କ୍ୟାଷ୍ଟ୍ରୋ ଥିଏଟର, ସାନ୍ ଫ୍ରାନ୍ସିସ୍କୋ......................... ଆମେରିକା
୧୦– ସିନେ ଡେ ସେଫ୍, ସିଓଲ୍.................................... ସାଉଥ୍ କୋରିଆ

# ସ୍ୱାସ୍ଥ୍ୟୋପକାରୀ ଉଷୁମ ପାଣି

ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣ ଯେଉଁ ଭଳି ବଢିବାରେ ଲାଗିଛି, ସେ ସମୟରେ ପ୍ରତିଦିନ ଉଷୁମ ପାଣି ପିଇବା ଶରୀର ପକ୍ଷେ ବେଶ୍ ଉପକାରୀ। ଏହା କରୋନା ଭୂତାଣୁକୁ ଗଳାରୁ ହିଁ ନଷ୍ଟ କରି ପେଟ ଭିତରକୁ ଯିବାକୁ ଦିଏ ନାହିଁ। ଜାଣି ରଖନ୍ତୁ ଉଷୁମ ପାଣିର ବିଭିନ୍ନ ଉପକାରିତା ସମ୍ପର୍କରେ...

– ଉଷୁମ ପାଣି ପିଇବା କିମ୍ବା ଗରମ ଲୁଣ ପାଣି କୁଳି କରିବା ଦ୍ୱାରା ପାଟିରେ ଥିବା ଭୂତାଣୁ ନଷ୍ଟ ହୋଇଥାଏ। ବର୍ତ୍ତମାନ ସମୟରେ ବିଶେଷ କରି କୌଣସି କାମ ଲାଗି ବାହାରକୁ ଯାଉଥିଲେ ଘରକୁ ଫେରିବା ମାତ୍ରେ ଉଷୁମ ପାଣି ପିଇବା ଆବଶ୍ୟକ। କେବଳ ଉଷୁମ ପାଣି ନୁହେଁ କାଢା ବି ପିଇବା ଉପକାରୀ।

– ଦୈନିକ ଦୁଇରୁ ତିନି ଗ୍ଲାସ୍ ଉଷୁମ ପାଣି ପିଇଲେ ତ୍ୱଚାର ଜଳୀୟାଂଶ ଠିକ୍ ରହିଥାଏ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ। ଏହା ମେଦ ହ୍ରାସ କରି ଆପଣଙ୍କ ଫିଗର ସୁନ୍ଦର ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

– ଏହା ଥଣ୍ଡା, କାଶ, ନାକ ବନ୍ଦ ଆଦି ସମସ୍ୟାରୁ ଦୂରେଇ ରଖିଥାଏ।

– ପ୍ରତିଦିନ ଉଷୁମ ପାଣି ପିଇବା ଅଭ୍ୟାସ ହଜମ କ୍ରିୟା ଠିକ୍ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିଥାଏ।

– ତ୍ୱଚା ରୁକ୍ଷ ନ ଲାଗି ଚିକ୍କଣ ଏବଂ ଉଜ୍ଜ୍ୱଳ ଲାଗିଥାଏ। ଉଷୁମ ପାଣିରେ ଅଳ୍ପ ଲେମ୍ବୁ ରସ କିମ୍ବା ମହୁ ମିଶାଇ ପିଇଲେ ଏହା ଅଧିକ ଲାଭଦାୟକ ହୋଇଥାଏ।

– ବାହାରକୁ ଯାଉଥିବା କେତେକ ଯୁବପିଢିଙ୍କଠାରେ ଧୂଳି ଏବଂ ପ୍ରଦୂଷଣ ଯୋଗୁ ବ୍ରଣ ସମସ୍ୟା ଦେଖାଯାଉଛି। ପ୍ରତିଦିନ ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଉଷୁମ ପାଣି ଶରୀର ଭିତରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ଏଜ୍ ଲାଇନ୍ ଦୂର କରିଥାଏ।

– ଯେଉଁମାନଙ୍କଠାରେ ସ୍କିନ୍ ଇନ୍‌ଫେକ୍ସନ୍ ସମସ୍ୟା ରହିଛି, ସେମାନଙ୍କ ଲାଗି ଉଷୁମ ପାଣି ସବୁଠୁ ଉପକାରୀ। ଏହା ରକ୍ତ ସଫା କରିବା ସହ ତ୍ୱଚାରୁ ଇନ୍‌ଫେକ୍ସନ ସମସ୍ୟା ଦୂର କରି ସଫା ରଖିଥାଏ।



## ଲକ୍ଷ୍ମୀବଜାର ବସ୍ତି କଣ୍ଟେନମେଣ୍ଟ ଜୋନ

ଭୁବନେଶ୍ୱର,(ବ୍ୟୁରୋ)–ଶିଶୁପୁର ନିକଟ ଲକ୍ଷ୍ମୀବଜାର ବସ୍ତିରେ ଗତ କିଛିଦିନ ମଧ୍ୟରେ ପାଖାପାଖି ୧୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବିଏମ୍‌ସି ଉକ୍ତ ଅଞ୍ଚଳକୁ ଶନିବାର କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଏହି ବସ୍ତିର ତ୍ରିନାଥ ମନ୍ଦିର ଛକରୁ ବିମାନବନ୍ଦର ପାଚେରି ଯାଏ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଲକ୍ଷ୍ମୀବଜାର ବସ୍ତି ବର୍ତ୍ତମାନ ୨୪ ଘଣ୍ଟା ବିଏମ୍‌ସିର ଆକ୍ଟିଭ୍ ସର୍ଭିଲିଏନ୍ସରେ ରହିବ। ଉକ୍ତ ମସୟ ମଧ୍ୟରେ ସେ ଅଞ୍ଚଳରେ କୌଣସି ବ୍ୟବସାୟିକ କୋଠା ଓ ଶିକ୍ଷାନୁଷ୍ଠାନ ଖୋଲା ଯାଇପାରିବ ନାହିଁ। ବିଏମ୍‌ସି ପକ୍ଷରୁ ଲୋକଙ୍କୁ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# ହଟ୍‌ସ୍ପଟ୍ ହୋଇପାରେ ରେଡ୍ ଲାଇଟ୍ ଅଞ୍ଚଳ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

■ମାଳିସାହି ବନ୍ଦ ରହିଲେ ଭୁବନେଶ୍ୱରରେ ସଂକ୍ରମଣ ଆଶଙ୍କା ୩୫% କମିବ
■ବିକଳ୍ପ ନିଯୁକ୍ତି ସୁଯୋଗ ପାଇଁ ଦେହଜୀବୀଙ୍କୁ ପରାମର୍ଶ

ଦେଶରେ ରେଡ୍ ଲାଇଟ ଅଞ୍ଚଳ ଖୋଲା ରହିବା ଦ୍ୱାରା ଭାରତରେ କୋଭିଡ–୧୯ ସଂକ୍ରମଣରେ ଦ୍ରୁତ ଅଭିବୃଦ୍ଧି ଦେଖାଦେବାର ସମ୍ଭାବନା ରହିଛି। ଏହି ଅଞ୍ଚଳ ବନ୍ଦ ରହିଲେ ସଂକ୍ରମଣ ହ୍ରାସ ପାଇବା ସହ ଏହି ମହାମାରୀଜନିତ ମୃତ୍ୟୁକୁ ୬୦% ପର୍ଯ୍ୟନ୍ତ କମ୍ କରାଯାଇପାରିବ। ହାର୍ଭାର୍ଡ ମେଡିକାଲ ସ୍କୁଲ ଓ ୟେଲ୍ ସ୍କୁଲ ଅଫ୍ ମେଡିସିନ୍ ପକ୍ଷରୁ ଏନେଇ ତଥ୍ୟ ପ୍ରକାଶ ପାଇଥିବାବେଳେ ବିଶେଷଜ୍ଞମାନେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ନଚେତ ଆଗାମୀ ବର୍ଷକ ମଧ୍ୟରେ ଭାରତରେ ଥିବା କେବଳ ରେଡ୍ ଲାଇଟ ଅଞ୍ଚଳଗୁଡ଼ିକରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମଣ ଓ ୧୨ ହଜାର ଆକ୍ରାନ୍ତଙ୍କ ମୃତ୍ୟୁ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ରେଡ୍ ଲାଇଟ୍ ଅଞ୍ଚଳ ମାଳିସାହି ରହିଛି। ଏହାବ୍ୟତୀତ ଏକାଧିକ ସ୍ଥାନରେ ଦେହ ବ୍ୟବସାୟ ଚାଲିଛି। ଏସବୁ କ୍ଷେତ୍ରରେ କଟକଣା ନ ରହିଲେ ସଂକ୍ରମଣ ଆହୁରି ଦ୍ରୁତଗତିରେ ବଢ଼ିଯିବ। କାରଣ ବାହାରୁ ଆସୁଥିବା ଗ୍ରାହକ ଯଦି କୋଭିଡ୍ ସଂକ୍ରମିତ ହୋଇଥିବେ ତା'ହେଲେ ସଂକ୍ରମଣ ସମ୍ପୃକ୍ତ ଦେହଜୀବୀ ଓ ଅନ୍ୟ ଗ୍ରାହକଙ୍କୁ ବ୍ୟାପିଯିବ। ଏଭଳି ସ୍ଥାନରେ ସାମାଜିକ ଦୂରତା ବଜାୟ ରହିବା ସମ୍ଭବ ନ ଥିବାରୁ ସଂକ୍ରମଣ ହାର ବହୁଗୁଣିତ ହୋଇଯିବ। ସେହିଭଳି ସଂକ୍ରମିତ ଗ୍ରାହକ ମଧ୍ୟ ନିଜ ଅଜାଣତରେ ସହରର ଅନ୍ୟମାନଙ୍କୁ ସଂକ୍ରମିତ କରିବାର ସମ୍ଭାବନା ରହିଛି। ଗୋଟିଏପଟେ ଭୁବନେଶ୍ୱରର ବସ୍ତିଗୁଡ଼ିକ ଏବେ କୋଭିଡ୍ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ସହରର ସବୁଠି ବଡ଼ ବସ୍ତି ସାଲିଆ ସାହିରୁ ଆରମ୍ଭକରି ସୁବାସ ନଗର, ଲକ୍ଷ୍ମୀବଜାର ଆଦି ଏକାଧିକ ବସ୍ତିରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସହରବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଭଳିସ୍ଥଳେ ଯଦି ରେଡ୍ ଲାଇଟ୍ ଅଞ୍ଚଳରେ ମହାମାରୀ ବ୍ୟାପେ ତା'ହେଲେ ସର୍ବପ୍ରଥମେ ଏହି ବସ୍ତିଗୁଡ଼ିକ ଅଧିକ ପ୍ରଭାବିତ ହେବ ବୋଲି ୟେଲ୍ ୟୁନିଭର୍ସିଟିର ଡାକ୍ତର ଅଭିଷେକ ପଣ୍ଡା କହିଛନ୍ତି। ରେଡ୍ ଲାଇଟ ଅଞ୍ଚଳଗୁଡ଼ିକରେ ଯଦି ଏବେଠାରୁ ପ୍ରତିରୋଧମୂଳକ ପଦକ୍ଷେପ ନ ନିଆଯାଏ ଏବଂ ସମ୍ପୃକ୍ତ ଅଞ୍ଚଳକୁ ବନ୍ଦ କରା ନ ଯାଏ ତା'ହେଲେ ଏଠାରେ ହଜାର ହଜାର ଲୋକଙ୍କ ଜୀବନ ଚାଲିଯିବାର ସମ୍ଭାବନା ରହିଥିବା ହାର୍ଭାର୍ଡ ମେଡିକାଲ ସ୍କୁଲର ଡା. ସୁଧାକର ନୁତି କହିଛନ୍ତି। ବିଶେଷକରି ମାଳିସାହି ଅଞ୍ଚଳକୁ ବନ୍ଦ ରଖାଗଲେ ଆଗାମୀ ଦିନରେ ସଂକ୍ରମଣ ହାର ଓ ମୃତ୍ୟୁ ଆଶଙ୍କାକୁ ୩୫% ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ ବୋଲି ସେମାନେ ମତ ଦେଇଛନ୍ତି।ଏଭଳିସ୍ଥଳେ ଦେହଜୀବୀମାନଙ୍କୁ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ଅନ୍ୟାନ୍ୟ ସୁରକ୍ଷିତ କାମରେ ନିୟୋଜିତ କରିବାକୁ କୁହାଯାଇଛି। କୋଭିଡ୍ ପରିସ୍ଥିତି କେବେ ଠିକ୍ ହେବ ସେନେଇ କାହାପାଖରେ ଉତ୍ତର ନ ଥିବାରୁ ଦେହଜୀବୀମାନେ ଅନ୍ୟାନ୍ୟ ନିଯୁକ୍ତି ବିକଳ୍ପର ସନ୍ଧାନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।


ଖୋର୍ଦ୍ଧା ସହରରେ ଶନିବାର ଶଟ୍‌ଡାଉନ୍‌ରେ ବନ୍ଦ ଥିବା ଦୋକାନ ବଜାର ।

## ଯୁବକଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ଭୁବନେଶ୍ୱର,୨୭।୬ (ବ୍ୟୁରୋ):

**ଫିଲ୍ମ ରିପୋର୍ଟର ପରିଚୟ ଦେଇ ଅଭିନେତ୍ରୀଙ୍କୁ ହଇରାଣ କରିବା ଘଟଣା**

ଓଲିଉଡ୍‌ର ଜଣେ ଜଣାଶୁଣା ଅଭିନେତ୍ରୀଙ୍କୁ ସୋସିଆଲ ମିଡ଼ିଆରେ ହଇରାଣ କରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ତେବେ ଯୁବକ ଜଣଙ୍କ ଆଉ ଏଭଳି ନ କରିବା ପାଇଁ କହିବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ନୋଟିସ ଦେଇ ଛାଡିଥିବା ଜଣାପଡିଛି। ଏଥିସହ ତଦନ୍ତରେ ପୋଲିସକୁ ସହଯୋଗ କରିବାକୁ ସମ୍ପୃକ୍ତ ଯୁବକଙ୍କୁ କୁହାଯାଇଛି। ସବୁଠୁ ବଡ଼ କଥା ହେଲା ଅଭିନେତ୍ରୀ ଜଣକ ଥାନାରେ ଅଭିଯୋଗ କରିବା ପାଇଁ ନାକେଦମ ହୋଇଛନ୍ତି। ପ୍ରଥମେ ସେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ସେଠାରେ ତାଙ୍କୁ ମହିଳା ଥାନାକୁ ଯିବାକୁ କୁହାଗଲା। ହେଲେ ମହିଳା ଥାନା ପୋଲିସ ନିର୍ଯାତନା କିମ୍ବା ବଳାତ୍କାର ମାମଲା ହୋଇ ନ ଥିବା କହି ପୁଣି ଚନ୍ଦ୍ରଶେଖରପୁର ଥାନାକୁ ପଠାଇ ଦେଲେ। ଶେଷରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା।

ଘଟଣାରୁ ପ୍ରକାଶ, ଗତ ସପ୍ତାହରେ କଟକର ଜଣେ ଯୁବକ ଉକ୍ତ ଅଭିନେତ୍ରୀଙ୍କୁ ଫେସ୍‌ବୁକ୍‌ରେ ଯୋଗାଯୋଗ କରି ନିଜକୁ ଫିଲ୍ମ ରିପୋର୍ଟର ପରିଚୟ ଦେଇଥିଲେ। ଅଭିନେତ୍ରୀଙ୍କ ଏକ ଇଣ୍ଟରଭ୍ୟୁ ନେବା ପାଇଁ ତାଙ୍କ ଫୋନ୍ ନମ୍ବର ମାଗିନେଇଥିଲେ। ପରେ ଯୁବକ ଜଣକ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅଭିନେତ୍ରୀ ଜଣକ ମଧ୍ୟ ଗୋଟିକ ପରେ ଗୋଟିଏ ପ୍ରଶ୍ନର ଉତ୍ତର ଦେଇଥିଲେ। ହେଲେ ଯୁବକ ଜଣକ ଅଶ୍ଳୀଳ ପ୍ରଶ୍ନ ପଚାରିବାରୁ ଅଭିନେତ୍ରୀ ପ୍ରତିବାଦ କରିଥିଲେ। ଅଭିଯୁକ୍ତ ଯୁବକ ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଟଙ୍କା ନ ଦେଲେ ବଦନାମ କରିଦେବାକୁ କହିଥିଲେ। ଏହାପରେ ଅଭିନେତ୍ରୀ ଜଣକ ଫୋନ୍ କାଟିଦେଇ ଆଉ ନ ଉଠାଇବାରୁ ଯୁବକ ଜଣକ ତାଙ୍କ ଫେସ୍‌ବୁକ୍, ଇଣ୍ଟାଗ୍ରାମ୍‌କୁ ଅଶ୍ଳୀଳ ମେସେଜ ପଠାଇଥିଲେ। ପରେ ଅଭିନେତ୍ରୀଙ୍କ ଫୋନ୍ ନମ୍ବରକୁ ସୋସିଆଲ ମିଡିଆରେ ଛାଡ଼ିଦେବାରୁ ତାଙ୍କ ପାଖକୁ ଏକାଧିକ କଲ୍ ଆସିଥିଲା। ଫଳରେ ସେ ମାନସିକ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ୨ ଦିନରେ ୯ କରୋନା ପଜିଟିଭ୍

ସାକ୍ଷୀଗୋପାଳ,୨୭।୬:(ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଗତ ଦୁଇ ଦିନ ମଧ୍ୟରେ ୯ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ସାଣରା ପଞ୍ଚାୟତର ୮ଜଣ ଚିହ୍ନଟ ହୋଇଥିବା ବେଳେ ଅଲଗୁମ ପଞ୍ଚାୟତର ଜଣେ ପଜିଟିଭ୍ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିବା କଣ୍ଟେନମେଣ୍ଟ ଜୋନ ଅଞ୍ଚଳରୁ କୌଣସି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ, କିମ୍ବା ବାହାର ବ୍ୟକ୍ତି ଏହି ଜୋନ ମଧ୍ୟରେ ପ୍ରବେଶ କରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବାଲିଅନ୍ତା ବ୍ଲକ ଅଞ୍ଚଳର ୨ ପଜିଟିଭ

ବାଳକାଟୀ,୨୭।୬(ଡି.ଏନ୍.ଏ): ବାଲିଅନ୍ତା ବ୍ଲକ ଅଞ୍ଚଳରେ ଶନିବାର ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜଣେ ସରକଣା ପଞ୍ଚାୟତର ୨୩ ବର୍ଷୀୟ ଯୁବତୀ ହୋଇଥିବାବେଳେ ଅନ୍ୟଜଣେ ବୁଦ୍ଧିପଡ଼ା ଅଞ୍ଚଳର ୨୪ବର୍ଷୀୟ ଯୁବକ ଅଟନ୍ତି। ଗତ କିଛିଦିନ ତଳେ ଯୁବତୀ ମହାରାଷ୍ଟ୍ରରୁ ଏବଂ ଯୁବକ ଗୁଜରାଟରୁ ଅହମଦାବାଦରୁ ଫେରିଥିଲେ। ପ୍ରଶାସନ ପକ୍ଷରୁ ଉଭୟଙ୍କୁ ଶିଶିଲୋଠାରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ଗତ ୨୪ତାରିଖରେ ଏମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ଶୁକ୍ରବାର ପଜିଟିଭ ଆସିଥିଲା। ଏମାନଙ୍କୁ ବାଳକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଭୁବନେଶ୍ୱର କୋଭିଡ ହସ୍ପିଟାଲ ପଠାଯାଇଥିଲା। ତେବେ ଏହି କ୍ୱାରାଣ୍ଟାଇନ ସେଣ୍ଟରରେ ୫ଜଣ ପ୍ରବାସୀ ରହୁଥିବାବେଳେ ଏବେ ଅନ୍ୟ ୩ଜଣଙ୍କ ସ୍ୱାବ ନେଗେଟିଭ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ତନ୍ମୟ ତ୍ରିପାଠୀ କହିଛନ୍ତି।

### ଅହିରାଜ ଉଦ୍ଧାର

ଚୌଦ୍ୱାର,୨୭।୬:(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ କୋଚିଲାନୂଆଗାଁର ଏକ ପରିତ୍ୟକ୍ତ ପାଇଖାନାରୁ ଶନିବାର ଏକ ଅହିରାଜ ସାପ ଉଦ୍ଧାର ହୋଇଛି। ଏହାର ଲମ୍ବ ୧୦ରୁ ୧୨ ଫୁଟ ହୋଇଥିବା ବେଳେ ବୟସ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ସଞ୍ଜୟ ଜେନା କହିଛନ୍ତି। ସୂଚନା ଅନୁଯାୟୀ, ଏହି ଗ୍ରାମର ଏକ ପରିତ୍ୟକ୍ତ ପାଇଖାନାରେ ଅହିରାଜ ସାପ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ କଟକ ହେଲ୍ପ ଲାଇନ ସଦସ୍ୟ ସଞ୍ଜୟ ଓ ତାଙ୍କ ସହଯୋଗୀ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଡମଡ଼ମଣି ଜଙ୍ଗଲରେ ଛାଡଦେଇଥିବା ଜଣାପଡ଼ିଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ପ୍ରେମିକ ଗିରଫ

ବାରଙ୍ଗ,୨୭।୬(ଡି.ଏନ୍.ଏ): ଚନ୍ଦକା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପ୍ରେମିକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ପିପିଲି ଅଞ୍ଚଳର ରିଙ୍କୁ ପ୍ରଧାନ। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଜଣେ ଯୁବତୀ ଫେସବୁକରୁ ରିଙ୍କୁଙ୍କ ସହ ପରିଚୟ ହୋଇଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ଏଥିରେ ରିଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପ୍ରେମିକା ବିବାହ ପାଇଁ କହିବାରୁ ରିଙ୍କୁ ରାଜି ହୋଇ ନ ଥିଲେ। ଫଳରେ ଝିଅ ପରିବାର ଲୋକେ ଅନ୍ୟତ୍ର ବିବାହ ପାଇଁ ଦେଖିଥିଲେ। ଏଥିରେ ରିଙ୍କୁ ପୁଅଘରକୁ ପୂର୍ବରୁ ରଖିଥିବା ଅଶ୍ଳୀଳ ଫଟୋ ପଠାଇ ବାହାଘର ଭାଙ୍ଗିବା ସହ ଏକ ମିଛ ଫେସବୁକ ଆକାଉଣ୍ଟ ଖୋଲି ଯୁବତୀଙ୍କ ଚରିତ୍ରକୁ ସଂହାର କରିବାକୁ ପଛାଇ ନ ଥିଲା। ଶେଷରେ ଯୁବତୀଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିବାବେଳେ ଶୁକ୍ରବାର ରାତିରେ ରିଙ୍କୁ ତାଙ୍କ ଘରେ ରହୁଥିବା ଜାଣି ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଚଢ଼ାଉ କରି ଧରିଥିଲେ।

### ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ବାରଙ୍ଗ,୨୭।୬(ଡି.ଏନ୍.ଏ): ଚନ୍ଦକା ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମେଣ୍ଢାଶାଳ ବଜାରରେ ରହୁଥିବା ପ୍ରଶାନ୍ତ ବାରିକ(ଲିଟୁଆ)। ଏ ନେଇ ପୋଲିସ ନଂ.୧୧୦/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ପ୍ରଶାନ୍ତଙ୍କ ମେଣ୍ଢାଶାଳ ବଜାରରେ ଏକ ସେଲୁନ ଦୋକାନ କରି ପରିବାର ଚଳାନ୍ତି। କିଛିଦିନ ତଳେ ଜଣେ ଯୁବତୀଙ୍କୁ ଭଲପାଇ ବିବାହ କରି ମେଣ୍ଢାଶାଳରେ ଆଣି ରଖିଥିଲେ। କିନ୍ତୁ ପରେ ପ୍ରଶାନ୍ତ ବିବାହିତ ଥିବା ଯୁବତୀ ଜାଣିବାରୁ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଫଳରେ ପ୍ରଶାନ୍ତଙ୍କ ନିର୍ଯାତନା ସହ୍ୟ କରି ନ ପାରି ଦ୍ୱିତୀୟ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗକ୍ରମେ ପ୍ରଶାନ୍ତଙ୍କୁ ପଚରାଉଚରା କରି ଗିରଫ କରିଥିଲା।


ଧଉଳି ନିକଟ ଦୟାନଦୀରେ ପ୍ରବାହିତ ପ୍ରଥମ ବନ୍ୟାଜଳ ।

## ବିନୋଦ ମଣ୍ଡଳ ହତ୍ୟା ଘଟଣା, ସ୍ତ୍ରୀ ଗିରଫ

କଟକ ସଦର,୨୭।୬(ଡି.ଏନ୍.ଏ):

**ନମିତା ରଚିଥିଲେ ହତ୍ୟା ଷଡ଼ଯନ୍ତ୍ର**

କିଶନ ନଗର ଥାନା ଅଧୀନ କିଶନ ନଗର ଗ୍ରାମର ବିନୋଦ ମଣ୍ଡଳ(୨୮)ଙ୍କ ହତ୍ୟା ଘଟଣାରେ ଶନିବାର ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନମିତା ମଣ୍ଡଳ(୨୪)। ଏ ନେଇ ପୋଲିସ ନଂ.୮୦/୨୦ରେ ଏକ ମାମଲା ରୁଜୁ କରିଥିବା ବେଳେ ନମିତା ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ହତ୍ୟା ଘଟଣାରେ ପୋଲିସ ଲକ୍ଷ୍ମୀନାରାୟଣପୁର ଗ୍ରାମର ଶାରଦା ପ୍ରସାଦ କୁଣ୍ଡୁ ଏବଂ ସିଲୁ ଦାସଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ଗତ ୨୫ତାରିଖରେ ପୋଲିସ ଶାରଦାଙ୍କୁ ରିମାଣ୍ଡରେ ଆଣିଥିଲା। ଶାରଦାଙ୍କୁ ପଚରାଉଚରା ବେଳେ ବିନୋଦଙ୍କ ସ୍ତ୍ରୀ ନମିତା ସାମିଲ ଥିବା ଜଣାପଡ଼ିଥିଲା। ପରେ ପୋଲିସ ନମିତାଙ୍କୁ ତାଙ୍କ ବାପଘର ସାଲେପୁର ଥାନା ଅଞ୍ଚଳ କଲ୍ୟାଣପୁର ଗ୍ରାମରୁ ଉଠାଇ ଆଣିଥିଲା। ତାଙ୍କୁ ଜେରାବେଳେ ବିନୋଦଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା କଥା ସ୍ୱୀକାର କରିଥିବା ତଦନ୍ତକାରୀ ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି। ମେ ୨୬ରେ ବିନୋଦ କଟକ ଯାଇ ଘରକୁ ଫେରି ନ ଥିଲେ। ୨୯ତାରିଖରେ ପୁଅଙ୍କୁ କେହି ଅପହରଣ କରାଯାଇଥିବା ନେଇ ପିତା ବିଜୟ ମଣ୍ଡଳ ଥାନାରେ ଅଭିଯୋଗ କରିଥିଲେ। ଜୁନ ୧୯ରେ ମହାନଦୀ ପଠାରୁ କିଛି ଅସ୍ଥି ମିଳିଥିବାବେଳେ ନିକଟରେ ବିନୋଦଙ୍କ ଆଧାର କାର୍ଡ ପଡ଼ିଥିବା ଦେଖି ପରିବାର ଲୋକେ ଚିହ୍ନିପାରି ଥିଲେ।

## ପାଚେରି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଚୌଦ୍ୱାର,୨୭।୬(ଡି.ଏନ୍.ଏ):

ଟାଙ୍ଗୀ–ଚୌଦ୍ୱାର ବ୍ଲକର ବାଣୀପଦା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଏକ କମ୍ପାନୀ ପକ୍ଷରୁ ପାଚେରି ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଏହାକୁ ଶନିବାର ବିରୋଧ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଯାହାକୁ ନେଇ ଗାଁ ଭିତରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ଅନୁଯାୟୀ, ବହୁ ବର୍ଷ ହେବ ଏହି ଜମି ଉପରେ ଗ୍ରାମର ଲୋକମାନେ ବସବାସ କରିଆସୁଛନ୍ତି। ଗ୍ରାମବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ସୁବିଧା ଯେପରି ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏଥିସହିତ ଆଧାର ଓ ପରିଚୟ ପତ୍ରରେ ସେମାନେ ଗୋପାଳପୁର ବାସିନ୍ଦା ଥିବା ପ୍ରମାଣପତ୍ର ମଧ୍ୟ ରହିଛି। ମାତ୍ର ଗତ କିଛିଦିନ ହେବ ଘରୋଇ କମ୍ପାନୀ କୌଣସି ନୋଟିସ୍ ନ ଦେଇ ଗାଁର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ କରୁଛି। ଏହି କାର୍ଯ୍ୟ ଦ୍ୱାରା ସମସ୍ୟା ସୃଷ୍ଟି ହେବା ଆଶଙ୍କାରେ ବାଣିପଦା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ସମେତ ଗ୍ରାମବାସୀ ବିରୋଧ କରିଛନ୍ତି। ଯଦି ସରକାର ଏ ବାବଦରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବେଆଇନ କୋଠା ନିର୍ମାଣକୁ ବିରୋଧ

ଖୋର୍ଦ୍ଧା ଅଫିସ,୨୭।୬:

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୀତା ଭବନ ସମ୍ମୁଖ ସରକାରୀ ଜାଗାରେ ବେଆଇନ ଭାବେ ଚାଲିଥିବା ଏକ କୋଠା ନିର୍ମାଣ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ବିରୋଧ କରାଯାଉଛି। କାହା ଅନୁମତିରେ ଏହି କାର୍ଯ୍ୟ ଚାଲିଛି, ତାହାର ତଦନ୍ତ କରାଯାଉ ବୋଲି କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ ଦାବି କରିଛନ୍ତି। ଶୁକ୍ରବାର ତାଙ୍କ ବାସଭବନ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଏହି ସରକାରୀ ଜାଗାରେ ସଭାସମିତି, ପୁସ୍ତକ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ମଣ୍ଡପ ନିର୍ମାଣ ଚାଲିଛି। ଏହାର ପଛପଟ ପାଚେରିକୁ ଭାଙ୍ଗି ବେଆଇନ ଭାବେ ଏକ କୋଠା ନିର୍ମାଣ କରାଯାଉଛି। ଏ ନେଇ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛି। ଏକ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ତହସିଲ ଅଫିସ ଆଗରେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ବିନ୍ଦୁସାଗର ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

ପୁରୁଣା ଭୁବନେଶ୍ୱର,୨୭।୬:

(ଡି.ଏନ୍.ଏ.): ଏକାମ୍ର ବିକାଶ ପାଇଁ ଶ୍ରୀଲିଙ୍ଗରାଜଙ୍କ ଉତ୍ତରଦ୍ୱାର ଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ଥିବା ଘରୋଇ ଜମି ଅଧିଗ୍ରହଣ ଓ ସହମତିରେ କ୍ରୟ କରିବା ପ୍ରକ୍ରିୟା ପୁନର୍ବାର ଆରମ୍ଭ ହୋଇଛି। ଶନିବାର କେତେକ ଦୋକାନ ଗୃହ ଉଚ୍ଛେଦ କରାଯିବା ସହ ଏହି କାର୍ଯ୍ୟ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ବିଏମ୍‌ସି ଡେପୁଟି କମିଶନର କମଲଜିତ୍ ଦାସ କହିଛନ୍ତି। ଏକାମ୍ର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦୨୦/୨୦୨୧ ଆର୍ଥିକ ବର୍ଷରେ ୧୫୦କୋଟି ଟଙ୍କା ବ୍ୟୟ ବରାଦ ରହିଥିବା ବେଳେ ପରେ ମୋଟ୍ ୭୦୦ କୋଟି ବ୍ୟୟ କରାଯିବ ବୋଲି ଜଣାପଡ଼ିଛି। କେଦାରଗୌରୀ ମନ୍ଦିର, ଗୌରୀକୁଣ୍ଡ ଓ ଅନ୍ୟାନ୍ୟ ଦେବୋତ୍ତର ପୁଷ୍କରିଣୀ ନାମରେ ଠିକାଦାରୀ ଉନ୍ନତିକରଣ ହୋଇଛି ହେଲେ, ପ୍ରକୃତ ବିକାଶ ହୋଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିନ୍ଦୁସାଗର ନିକଟ ବକ୍ରେଶ୍ୱର ମନ୍ଦିର ବେଢ଼ା ଉପରେ ମହାନଗର ନିଗମ ଜବରଦଖଲରେ ଆନନ୍ଦ ବଜାର ନିର୍ମାଣ, କାଳିକା ଦେବୀ ପୀଠ ଜବର ଦଖଲରେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍କେଟ ନିର୍ମାଣକୁ ଉଚ୍ଛେଦ ନ କରି ପ୍ରଶାସନ ଯେତେ ଟଙ୍କା ବ୍ୟୟ କଲେ ମଧ୍ୟ ଏକାମ୍ର ବିକାଶ ଅସମ୍ଭବ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି।

## ମାହାଙ୍ଗାରେ 'ପ୍ରୋଜେକ୍ଟ ଲକ୍ଷ୍ମୀ' ଆରମ୍ଭ

କଟକ ଅଫିସ,୨୭।୬

କରୋନା ମହାମାରୀ ପ୍ରଭାବରେ ଜିଲାକୁ ଫେରିଆସିଥିବା ପ୍ରବାସୀ ଶ୍ରମିକଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ କଟକ ଜିଲା ପ୍ରଶାସନ ପକ୍ଷରୁ ପ୍ରୋଜେକ୍ଟ ଲକ୍ଷ୍ମୀ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାର ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ନିଯୁକ୍ତି ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାରୁ ୩୧୫ ଜଣ ପ୍ରବାସୀ ଶ୍ରମିକ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୬ ଜଣଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ଟ୍ରେଡ୍ ଯଥା ଫିଟର, ଇଲେକ୍ଟ୍ରିସିଆନ, ପ୍ଲମ୍ବର, ପେଣ୍ଟର, ରାଜମିସ୍ତ୍ରି ଓ ଫାବ୍ରିକେସନ ଆଦି ରହିଥିଲେ। ଜେଡ୍. ଏଷ୍ଟେଟ୍ ପକ୍ଷରୁ ୧୦୦ ଜଣ, ଏଲ୍‌ଆଣ୍ଡଟି ପକ୍ଷରୁ ୧୮ ଜଣ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୧୮ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ, ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ଦାସ, ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଲି ଉପସ୍ଥିତ ଥିଲେ।

## ଓଡିଏମ୍‌ର '୩୬୦–ଡିଗ୍ରୀ' ଅନ୍‌ଲାଇନ୍ ଲର୍ନିଂ

ଭୁବନେଶ୍ୱର,୨୭।୬(ବ୍ୟୁରୋ)



ଲକ୍‌ଡାଉନ୍ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭିନ୍ନ ବିଦ୍ୟାଳୟରେ ଅନ୍‌ଲାଇନ୍ ଶିକ୍ଷାପ୍ରଦାନକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା '୩୬୦–ଡିଗ୍ରୀ' ଅନ୍‌ଲାଇନ୍ ଲର୍ନିଂ ନାମରେ ପରିଚିତ। ଚଳିତ ଶିକ୍ଷାବର୍ଷ ନିମନ୍ତେ ପଠନ ଶୈଳୀକୁ ଆକର୍ଷଣୀୟ କରିବା ତଥା ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡିଏମ୍ ଅଭିନବ ଶୈଳୀରେ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରୁଛି। ଏଲ୍‌କେଜିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବର୍ଗର ଛାତ୍ରୀଛାତ୍ର ଏହି ଶିକ୍ଷାଲାଭର ସୁଯୋଗ ପାଇପାରୁଛନ୍ତି। ବିଦ୍ୟାଳୟ ପାଠ୍ୟକ୍ରମ ଭଳି ଏକ ସମୟ ସାରଣୀ ପ୍ରସ୍ତୁତ କରି ବିଭିନ୍ନ ବିଷୟକୁ ସମାନ ଗୁରୁତ୍ୱ ଦିଆଯିବା ସହ ଅଧ୍ୟୟନ କରାଯାଉଛି। ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ୍, ଭିଡିଓ ପ୍ରେଜେଣ୍ଟେଶନ୍, ଆଟେଣ୍ଡାନ୍ସ, ୱାନ୍ ଅନ୍ ୱାନ୍ ମେଣ୍ଟରିଙ୍ଗ୍, ସାପ୍ତାହିକ ଏବଂ ମାସିକ ପରୀକ୍ଷା, ଡାଉଟ୍ କ୍ଲିୟରିଙ୍ଗ୍ ୱାର୍କସିଟ୍, ଟିଚର୍ସ୍ ଆପ୍ ପ୍ରଭୃତି ସହ କ୍ଲବ ଆକ୍ଟିଭିଟି ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା, କର୍ମଶାଳା, ଆଲୋଚନା ଅନୁଷ୍ଠିତ ହେଉଛି। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଜେଇଇ, ନିଟ୍ ଭଳି ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯାଉଛି। ଏଥିସହିତ ବିଦ୍ୟାଳୟର କୋ–ଏକାଡେମିକ୍ ବିଭାଗ ଦ୍ୱାରା ବିଭିନ୍ନ କ୍ରିୟାକଳାପ ଯଥା ମ୍ୟୁଜିକ୍, କୁକିଙ୍ଗ୍, ଫଟୋଗ୍ରାଫି, ଭିଡିଓଗ୍ରାଫି, ଇଲୋକ୍ୟୁଶନ ପ୍ରଭୃତି ଅନ୍‌ଲାଇନ୍‌ରେ ଶିକ୍ଷା ଦିଆଯାଇଛି। ଏହି ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି।

## କଟକରେ କୋଭିଡ୍ ପର୍ଯ୍ୟବେକ୍ଷକ

କଟକ ଅଫିସ,୨୭।୬

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କରୋନା ମୁକାବିଲା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର ଏଥିରେ ଯୋଗ ଦେଇଛନ୍ତି।

ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମାଞ୍ଚଳରେ କରୋନା ନିୟମାବଳୀ ଉଲ୍ଲଂଘନ ପାଇଁ ୧୩ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ୧୭୯ଟି ମାମଲା ରୁଜୁ କରାଯାଇଥିବା ସେମାନେ ଜଣାଇଥିଲେ। ବସ୍ତି ଅଞ୍ଚଳରେ ସଂକ୍ରମଣକୁ ଭୟ ନ କରି ସାମାଜିକ ଦୂରତା, ମାସ୍କ ପରିଧାନ ସହ ସଚେତନତା ଓ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ ପର୍ଯ୍ୟବେକ୍ଷକ ଗର୍ଗ। କରୋନା ଯତ୍ନଗୃହ, କ୍ଲଷ୍ଟର ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗଠନ ନେଇ ଆଲୋଚନା ହୋଇଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କଟକ ସହରର ବରିଷ୍ଠ ନାଗରିକ ତଥା ଜନସାଧାରଣଙ୍କୁ ଦିଆଯାଉଥିବା ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିସିପି ଅଖିଳେଶ୍ୱର ସିଂ, ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ଅନ୍ନଦା ପଟ୍ଟନାୟକ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ କୋଭିଡ୍ ପର୍ଯ୍ୟବେକ୍ଷକ ସୌରଭ ଗର୍ଗ ଓ ଅନ୍ୟମାନେ ।

## କରୋନା ପାଇଁ ଫୋକସ୍‌ରେ କଟକ

କଟକ ଅଫିସ,୨୭।୬

କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପୂର୍ବରୁ କେବଳ ସଙ୍ଗରୋଧ କେନ୍ଦ୍ରରୁ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। କିନ୍ତୁ ଏବେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଶନିବାର ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ କଟକ ସହରକୁ ଫୋକସ୍ କରାଯାଇଛି।

ସହରର ସ୍ଥିତି ସମ୍ପର୍କରେ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରରେ କରୋନା ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସହରର ୫୯ଟି ୱାର୍ଡରେ ୱାର୍ଡ ଅଫିସରଙ୍କୁ ନେଇ ୱାର୍ଡ କମିଟି ଗଠନ ହୋଇଛି। ପ୍ରତି କମିଟିରେ ଟ୍ୟାକ୍ସ କଲେକ୍ଟର, କନିଷ୍ଠ ଯନ୍ତ୍ରୀ, ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ସାହି ପୂଜା କମିଟିରୁ ୩/୪ ଜଣ ସଦସ୍ୟଙ୍କୁ ଏଥିରେ ରଖାଯାଇଛି। ସହରରେ ୧୭୯ଟି ଏଭଳି କମିଟି ରହିଛି। ସେମାନେ କରୋନାରୁ ରକ୍ଷା ପାଇଁ ସଚେତନ କରିବେ। ପଞ୍ଚାୟତ ସ୍ତରରେ ମଧ୍ୟ ଏପରି ୫୭୦୩ ୱାର୍ଡ କମିଟି ଗଠନ କରାଯାଇଛି । ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ନିୟମିତ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କ ଘରକୁ ଯାଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଅନ୍ୟ ବିଷୟରେ କଣ୍ଟ୍ରୋଲ୍ ରୁମ୍‌କୁ ରିପୋର୍ଟ ଦେଉଛନ୍ତି। ଯେଉଁଠାରେ ଗୃହ ସଙ୍ଗରୋଧରେ ସମସ୍ୟା ସୃଷ୍ଟି ହେଉଛି, ସେଠାରେ ର୍‍ୟାପିଡ୍ ରେସ୍‌ପନ୍ସ ଟିମ୍ ସେମାନଙ୍କୁ ସରକାରୀ ବା ଆନୁଷ୍ଠାନିକ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର କରୁଛନ୍ତି। ବର୍ତ୍ତମାନ ସୁଦ୍ଧା କଟକ ମହାନଗର ନିଗମ ଅଞ୍ଚଳକୁ ବାହାରୁ ୫,୧୦୧ ଜଣ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୮୯୨ ଜଣ ଗୃହ ସଙ୍ଗରୋଧ, ୯୪୯ ଜଣ ଆନୁଷ୍ଠାନିକ ସଙ୍ଗରୋଧ, ୨୬୦ ଜଣ ଦେୟଯୁକ୍ତ ସଙ୍ଗରୋଧରେ ରହିଛନ୍ତି। ଘରକୁ ଘର ବୁଲି ସର୍ଭେ କରାଯାଉଛି। ଇନ୍‌ଫ୍ଲୁଏନ୍‌ଜା ଭଳି ଲକ୍ଷଣ ଓ ଗୁରୁତର ଶ୍ୱାସ କଷ୍ଟ ଭଳି ଲକ୍ଷଣ ଦେଖାଯାଉଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି। ଏଯାଏ ୪୮୧ ଜଣ ଇନ୍‌ଫ୍ଲୁଏନ୍‌ଜା ଓ ୧୦୦ ଜଣ ଜ୍ୱର ଲକ୍ଷଣ ଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକ ସ୍ଥଳେ କରୋନା ପରୀକ୍ଷଣ ମଧ୍ୟ ହୋଇଛି। ୨୬ ଜୁନ୍ ସୁଦ୍ଧା କଟକ ସହରରେ ୩୧୮୦ ଜଣ ଲୋକଙ୍କୁ ଅସ୍ଥାୟୀ ଚିକିତ୍ସାକେନ୍ଦ୍ରରେ ରଖାଯାଇଛି। ୧୦ଟି ର୍‍ୟାପିଡ୍ ରେସ୍‌ପନ୍ସ ଟିମ୍ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ 'ମହିଳା ଆରୋଗ୍ୟ ସମିତି' ଗଠନ ହୋଇଛି। ପୋଲିସ ୧୦ ହଜାର ବରିଷ୍ଠ ନାଗରିକଙ୍କ ତାଲିକା ପ୍ରସ୍ତୁତ କରିଛି।

**ଯାଜପୁର ଜିଲାରେ ୩ ନୂଆ ସଂକ୍ରମିତ**

ଯାଜପୁର ଅଫିସ,୨୭।୬-ଜିଲାର ଯାଜପୁର ବ୍ଲକରେ ୨ ଜଣ ଓ ଧର୍ମଶାଳା ବ୍ଲକରେ ଜଣେ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪୦୫ରେ ପହଞ୍ଚିଛି। ନୂଆ ସଂକ୍ରମିତମାନେ ତେଲଙ୍ଗାନା, ଦିଲ୍ଲୀ ଓ ଦୁବାଇରୁ ଫେରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଆକ୍ରାନ୍ତ ସଂଖ୍ୟା ୧୪୨

**ନୟାଗଡ଼ ଅଫିସ/ଓଡଗାଁ/ରଣପୁର, ୨୭।୬(ସ୍ୱ.ପ୍ର.):** ଶନିବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୨ରେ ପହଞ୍ଚିଛି। ତେବେ ଏଥିରୁ ୧୧୬ଜଣ ସୁସ୍ଥ ହୋଇଛନ୍ତି। ୨୬ ଜଣ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରଣପୁର ବ୍ଲକ ସୁର୍କାବାଡି ସଙ୍ଗରୋଧ କେନ୍ଦ୍ରରୁ ୩୮ ବର୍ଷର ଯୁବକ ଓ ମଝିଆଖଣ୍ଡ କେନ୍ଦ୍ରରୁ ୨୭ ବର୍ଷର ଯୁବକ ଚିହ୍ନଟ ହୋଇଛନ୍ତି। ଏହି ଦୁଇ ପ୍ରବାସୀ ଦିଲ୍ଲୀ ଓ ମହାରାଷ୍ଟ୍ରରୁ ଆସିଥିଲେ। ସେହିଭଳି ଓଡଗାଁ ବ୍ଲକ ସୁନାମୁହିଁର ଜଣେ ୪୫ ବର୍ଷର ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡାକ୍ତର ଓ ଏକ ଘରୋଇ ନିଦାନ କେନ୍ଦ୍ରର କର୍ମଚାରୀ ଆସିଛନ୍ତି। ପରିବାରର ୩ ଓ ଶ୍ୱଶୁର ଘରର ୩ ଏପରି ୬ଜଣଙ୍କୁ କୁରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ତାଙ୍କ ଘର ବିଶୋଧନ କରାଯାଇଛି ବୋଲି ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପ୍ରାଥମିକ ପର୍ଯ୍ୟାୟରେ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ ଡାକ୍ତରଙ୍କ ସ୍ୱାବ୍ ଟେଷ୍ଟ କରାଯିବ। ପରେ ଅନ୍ୟ କର୍ମଚାରୀଙ୍କର କରାଯିବ ବୋଲି ମେଡିକାଲ ଅଫିସର ଡ. ବଳରାମ ପ୍ରଧାନ କହିଛନ୍ତି।

### ବଡ଼ଖଣ୍ଡାଏତା ପଞ୍ଚାୟତର ୮ ୱାର୍ଡ ୫ ଦିନ ଶଟ୍‌ଡାଉନ୍

**ବାଲିଆ, ୨୭।୬:** ବିରିଡି ବ୍ଲକ ଅଧୀନ ବଡ଼ଖଣ୍ଡାଏତା ଗ୍ରାମପଞ୍ଚାୟତର ତେନ୍ତୁଳିଆ ଟିଏମ୍‌ସିରୁ ଶୁକ୍ରବାର ୪କରୋନା ପଜିଟିଭ ଚିହ୍ନଟ ପରେ ସରପଞ୍ଚ ବାବୁଲି ସ୍ୱାଇଁ ପଞ୍ଚାୟତ ୮ଟି ୱାର୍ଡକୁ ୫ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ପଞ୍ଚାୟତର ୮ରୁ ୧୫ ପର୍ଯ୍ୟନ୍ତ ୱାର୍ଡ ଆସନ୍ତା ସୋମବାରଠାରୁ ୫ ଦିନିଆ ଶଟ୍‌ଡାଉନ ରହିବ। ପଞ୍ଚାୟତରୁ ବାହାରିଥିବା ପଜିଟିଭଙ୍କ ମଧ୍ୟରୁ ସମସ୍ତେ ପୁରୁଷ ହୋଇଥିବାବେଳେ ସେମାନଙ୍କ ବୟସ ୩୪, ୨୪, ୨୦ ଓ ୨୧ ହୋଇଥିବା ଜଣାପଡିଛି। ଏମାନେ କ୍ୱାରାଣ୍ଟାଇନରେ ରହୁଥିଲେ। ସେହିପରି ଅନ୍ୟ ଟିଏମସିରୁ ୬ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଇବାରେ ପ୍ରଶାସନ ତରଫରୁ ବିଳମ୍ବ କରାଯିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

### କେନ୍ଦ୍ରାପଡ଼ାରେ ସୁସ୍ଥ ହେଲେ ୨୦୦ ଆକ୍ରାନ୍ତ

**କେନ୍ଦ୍ରାପଡ଼ା ଅଫିସ, ୨୭।୬:** କେନ୍ଦ୍ରାପଡ଼ା ଜିଲାରେ ୬ ଜଣ ନୂତନ କରୋନା ଆକ୍ରାନ୍ତ ଶନିବାର ଚିହ୍ନଟ ହୋଇଛନ୍ତି । ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩୫ ହୋଇଛି । ଅପରପକ୍ଷରେ ସନ୍ଧ୍ୟା ସୁଦ୍ଧା ଜିଲାର ୫ ଆକ୍ରାନ୍ତ ସୁସ୍ଥ ହେବା ପରେ ଏହି ସଂଖ୍ୟା ୨୦୦ରେ ପହଞ୍ଚିଛି । ଜିଲାରେ ଏପ୍ରିଲ ୭ ତାରିଖରେ ଆଳି ଅଞ୍ଚଳର ଜଣେ ବ୍ୟକ୍ତି ଚିହ୍ନଟ ହୋଇଥିଲେ। ଏହା ପରଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ତେବେ ୨ ସଙ୍ଗରୋଧ କେନ୍ଦ୍ରର ୬ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସଫେଇ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆକ୍ରାନ୍ତ ପ୍ରବାସୀ। ଇତିମଧ୍ୟରେ ଜିଲାକୁ ୫୫ ହଜାରରୁ ଅଧିକ ପ୍ରବାସୀ ଆସିଛନ୍ତି । ପ୍ରାୟ ୩୯ ହଜାର ଜିଲାର ୧୩୮ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଆକ୍ରାନ୍ତମାନେ ସଙ୍ଗରୋଧ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ଜିଲାରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ।

### ବିପଦ ସୃଷ୍ଟି କରୁଛି ବିଦ୍ୟୁତ୍ ଖୁଣ୍ଟ

**ଖଣ୍ଡପଡ଼ା, ୨୭।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ୯ନଂ. ୱାର୍ଡ ମଣିକର୍ଣ୍ଣିକା ସାହି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ହୋଇଛି। ଏହି ଲୁହା ବିଦ୍ୟୁତ୍ ଖୁଣ୍ଟର ତଳଅଂଶ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବାରୁ କୌଣସି ସମୟରେ ଭାଙ୍ଗିପଡିବା ଆଶଙ୍କା ରହିଛି। ୱାର୍ଡବାସୀ ଆପତ୍ତି ଜଣାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ବଦଳାଇବା ପରିବର୍ତ୍ତେ ଏକ ଦଉଡି ସାହାଯ୍ୟରେ ନିକଟରେ ଥିବା ଏକ କୋଠାଘର ଉପର ଅଂଶ ସହ ବାନ୍ଧି ଦେଇଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫିଡ୍‌କୋ କର୍ତ୍ତୃପକ୍ଷ ଅବହେଳା କରୁଥିବାବେଳେ ଟାଟା ପାୱାର ସେଣ୍ଟ୍ରାଲ ଓଡିଶା, ଖଣ୍ଡପଡା ଉପଖଣ୍ଡର କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ମହାରଣା ଏହି ଖୁଣ୍ଟକୁ ଖୁବ୍‌ଶୀଘ୍ର ବଦଳାଯିବ ବୋଲି ସୂଚନା ଦେଇଛନ୍ତି ।

# ବ୍ୟାସନଗର, ଚଣ୍ଡିଖୋଲ ବିକାଶକୁ ଅଣଦେଖା

**ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗରେ ଭେଦଭାବ**

■୨୯ରେ ଡିଏମ୍‌ଏଫ୍ ଟ୍ରଷ୍ଟ ବୈଠକରେ ସାମିଲ ଦାବି

**ଯାଜପୁର ଅଫିସ, ୨୭।୬**

ଡିଏମ୍‌ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି) ବିନିଯୋଗ କ୍ଷେତ୍ରରେ ଯାଜପୁର ଜିଲାର ଦୁଇ ପ୍ରମୁଖ ସହର ବ୍ୟାସନଗର ଓ ଚଣ୍ଡିଖୋଲ ଅଞ୍ଚଳର ବିକାଶ ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଡିଏମ୍‌ଏଫ୍ ଗାଇଡ୍‌ଲାଇନ ଅନୁଯାୟୀ ଏହି ଦୁଇ ସହରାଞ୍ଚଳ ଅନ୍ତର୍ଭୁକ୍ତ ହେବା କଥା। କିନ୍ତୁ ତାହା କରା ନ ଯାଇ କାହା ନିର୍ଦ୍ଦେଶରେ ଏଭଳି ଭେଦଭାବ କରାଯାଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ଏଥିପାଇଁ ଯାଜପୁର ଡିଏମ୍‌ଏଫ୍ ଟ୍ରଷ୍ଟ ସଭ୍ୟାସଭ୍ୟଙ୍କ କାର୍ଯ୍ୟ ସ୍ୱଚ୍ଛତା ଉପରେ ସେମାନେ ଅଙ୍ଗୁଳି ଉଠାଇଛନ୍ତି।

ଯାଜପୁର ଜିଲାରୁ ଖଣିଜ ସମ୍ପଦ ପାରାଦୀପ ବନ୍ଦର ଦେଇ ବିଦେଶକୁ ରପ୍ତାନି ହେଉଛି। ଯାଜପୁର ଜିଲାର ଦାନଗଦି, ବ୍ୟାସନଗର ପୌର ପରିଷଦ, କୋରେଇ, ବଡ଼ଚଣା ଓ ଧର୍ମଶାଳା ବ୍ଲକ ରାସ୍ତା ଅତିକ୍ରମ କରି ଖଣିଜ ସମ୍ପଦ ପାରାଦୀପ ବନ୍ଦରରେ ପହଞ୍ଚିଥାଏ। ଫଳରେ ଡୁବୁରୀ-ପାରାଦୀପ ରାଜପଥରେ ବଡ଼ଚଣା ବ୍ଲକର ଖୋସାଲପୁରଠାରୁ ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ପ୍ରାୟ ୨୫କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗାଁଗୁଡ଼ିକର ଲୋକଙ୍କ ସମେତ ଚଣ୍ଡିଖୋଲ ବଜାରର ଲୋକେ ପ୍ରଭାବିତ ହେଉଛନ୍ତି। ଖଣିଜ ସମ୍ପଦ ପରିବହନ ସମୟରେ ସେମାନେ ପ୍ରଦୂଷଣ ଓ ଟ୍ରାଫିକ ଜାମ୍‌ର ଶିକାର ହୋଇଆସିଛନ୍ତି। ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ପାଇଁ ପୂର୍ବରୁ ଖଣି ଖନନ ଓ ପରିବହନ ଦ୍ୱାରା ପ୍ରଭାବିତ ହେଉଥିବା ସୁକିନ୍ଦା ଓ ଦାନଗଦି ବ୍ଲକକୁ ଚିହ୍ନଟ କରାଯାଇଥିଲା। ପରେ ସେଥିରେ ଯାଜପୁର ଓ ଧର୍ମଶାଳା ବ୍ଲକକୁ ସାମିଲ କରାଯାଇଛି। ମାତ୍ର ଖଣିଜ ପରିବହନ ଦ୍ୱାରା ପ୍ରଭାବିତ ହୋଇ ଆସୁଥିବା ବଡ଼ଚଣା ବ୍ଲକ ଅଞ୍ଚଳରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ନ ହେବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମତପ୍ରକାଶ ପାଉଛି। ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଡିଏମ୍‌ଏଫ୍ ଟ୍ରଷ୍ଟ ବୈଠକରେ ବଡଚଣା ବ୍ଲକକୁ ଖଣି ପ୍ରଭାବିତ ଅଞ୍ଚଳ ଭାବେ ବିବେଚନା କରାଯାଉ। ଏହାସହିତ ଚଣ୍ଡିଖୋଲ ଓ ବାଲିଚନ୍ଦ୍ରପୁର ବଜାର ସମେତ ବଡ଼ଚଣା ବ୍ଲକ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ନିମନ୍ତେ ସେହି ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯାଉ। ଅନ୍ୟଥା ଆଗାମୀ ଦିନରେ ବଡଚଣା ବ୍ଲକ ଅଞ୍ଚଳରେ ଖଣିଜ ଦ୍ରବ୍ୟ ପରିବହନକୁ ଦୃଢ ଭାବେ ବିରୋଧ କରାଯିବ ବୋଲି ସେ କହିଛନ୍ତି।

ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌର ପରିଷଦ ପ୍ରତି ମଧ୍ୟ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗରେ ବୈମାତୃକ ମନୋଭାବ ପୋଷଣ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହି ସହର ଦେଇ କ୍ରୋମାଇଟ, ଲୁହାପଥର ଆଦି ପରିବହନ ହେଉଥିବାରୁ ସହରବାସୀ ଟ୍ରାଫିକ ଓ ପ୍ରଦୂଷଣର ଶିକାର ହେଉଛନ୍ତି। ତେଣୁ କାହିଁକି ବ୍ୟାସନଗର ପୌର ପରିଷଦକୁ ଡିଏମ୍‌ଏଫ୍ ପାଣ୍ଠିରୁ ବଞ୍ଚିତ କରାଯାଉଛି ସେ ନେଇ ଜିଲାପାଳ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ବ୍ୟାସନଗର ପୌର ପରିଷଦର ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଡିଏମ୍‌ଏଫ୍ ପାଣ୍ଠିର ଗାଇଡ୍‌ଲାଇନ ଅନୁଯାୟୀ ବିନିଯୋଗ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

## ପରିମଳ ବ୍ୟବସ୍ଥା ଦେଖି ଅସନ୍ତୁଷ୍ଟ



ନଗଡ଼ାବାସୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ଜିଲାପାଳଙ୍କ ନଗଡ଼ା ଗସ୍ତ**

**କାଳିଆପାଣି, ୨୭।୬(ଡି.ଏନ.ଏ.)**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଶନିବାର ନଗଡ଼ା ଗସ୍ତ କରିଛନ୍ତି। ତାଙ୍କ ଗସ୍ତ ସମୟରେ ଏକ ଉଚ୍ଚସ୍ତରୀୟ କମିଟିର ଅଧିକାରୀ ମଧ୍ୟ ଗସ୍ତ କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳଙ୍କ ସହ ପଦାଧିକାରୀ ନଗଡ଼ାରେ ପହଞ୍ଚିଥିଲେ। ଜିଲାପାଳ ସେଠାରେ ଏହି ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ସେଠାକାର ପରିମଳ ବ୍ୟବସ୍ଥାକୁ ଦେଖି ଜିଲାପାଳ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ପରେ ତଳ, ମଝି ଓ ଉପର ନଗଡ଼ାବାସୀଙ୍କ ସହ ବୈଠକ କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଲୋକଙ୍କ ଅଭିଯୋଗ ମୁତାବକ ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ନିର୍ମିତ ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇଛି। ଏନେଇ ଜିଲାପାଳ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତିନି ନଗଡ଼ାରେ ଜିଲାପାଳ ମାସ୍କ ବଣ୍ଟନ କରିବା ସହ ପରିବାର ନିୟନ୍ତ୍ରଣ ସମ୍ବନ୍ଧରେ ବୁଝାଇଥିଲେ। ପରେ ଏହି ଦଳ ଗୁହିଆଶାଳକୁ ପରିଦର୍ଶନରେ ଯାଇଥିଲେ। ଜିଲାପାଳଙ୍କ ସହ ଜିଲାପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏଡିଏମ ସନ୍ତୋଷ ମିଶ୍ର, ମିହିର କୁମାର ମହାନ୍ତି, ସୁକିନ୍ଦା ତହସିଲଦାର ବୁବୁଲ ବେହେରା, ବିଡିଓ ବିଶ୍ୱଜିତ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ।

## ଚାଇନା ସାମଗ୍ରୀ ବର୍ଜନ ପାଇଁ ଶୋଭାଯାତ୍ରା



ଶୋଭାଯାତ୍ରାରେ ଚାଇନା ରାଷ୍ଟ୍ରପତି ସି.ଜିନ୍‌ପିଙ୍ଗଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ରଘୁନାଥପୁର, ୨୭।୬(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଚାଇନା ସାମଗ୍ରୀ ବର୍ଜନ ପାଇଁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସଭ୍ୟମାନେ ସ୍ଥାନୀୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭଯାତ୍ରରେ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଚାଇନା ରାଷ୍ଟ୍ରପତି ସି.ଜିନ୍‌ପିଙ୍ଗଙ୍କ କୁଶପୁତ୍ତଳିକା ଦାହ କରାଯାଇ ଚାଇନା ସାମଗ୍ରୀ ବ୍ୟବହାର ନ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିନୋଦ ବିହାରୀ ମହାନ୍ତି, ଦିଲୀପ କୁମାର ରଥ, ନାରାୟଣ ସିଂହ, ସିଦ୍ଧାର୍ଥ ତ୍ରିପାଠୀ ଓ ସାରଦା ପ୍ରସାଦ ରାୟ ପ୍ରମୁଖ ସାମିଲ ହୋଇଥିଲେ।

## ଆକ୍ରମଣ ମାମଲାର ୬ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ରସୁଲପୁର, ୨୭।୬(ଡି.ଏନ.ଏ.)**

ଏକ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ୬ ମାସ ପରେ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ରସୁଲପୁର ବ୍ଲକ ଜାବରା ପଞ୍ଚାୟତ କଣ୍ଡିଆକଣ ଗ୍ରାମର ଗଙ୍ଗାଧର ନାୟକ। ପୋଲିସ ଶୁକ୍ରବାର ରାତିରେ ତାଙ୍କୁ ଗିରଫ କରିଥିଲା। ତେବେ ଏହିମାମଲା ସହ ଜଡିତ ଅନ୍ୟ ୨ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ପୋଲିସ ସେମାନଙ୍କ ଟେର ପାଉନାହିଁ।ସୂଚନା ଅନୁସାରେ, ଏହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜାନୁଆରୀ ମାସରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳବେଳେ ପ୍ରତାପ ମଳିକ(୨୮)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗଙ୍ଗାଧର ଓ ତାଙ୍କର ୨ ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରତାପ ଗୁରୁତର ହେବା ସହ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କୁଆଖିଆ ପୋଲିସ (ନଂ-୫/୨୦)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ।

## ଭିନ୍ନକ୍ଷମ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ରଘୁନାଥପୁର, ୨୭।୬(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ସେ ହେଲେ କୁଶ ମଣ୍ଡଳଙ୍କ ପୁଅ ଶଶିକାନ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଥାନାରେ ମାମଲା (ନଂ.୨୦୪/୨୦)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଶଶିକାନ୍ତ ଓ ତାଙ୍କ ସାଙ୍ଗ ସୁଶାନ୍ତ ଭୋଇ ନିକଟସ୍ଥ ଛକକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକ ଶଶିକାନ୍ତଙ୍କୁ ଭାଇରସ ବୋଲି କହି ପରିହାସ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରାତିରେ ଶଶିକାନ୍ତ ଘରେ ଥିବାବେଳେ ପ୍ରାୟ ୧୦ ଜଣ ଯୁବକ ଘରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ପୁଅକୁ ବଞ୍ଚାଇବାକୁ ଯାଇ ମା'ଓ ବାପା ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ସୁଶାନ୍ତ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଯୁବକମାନେ ତାଙ୍କୁ ମଧ ମାଡ଼ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ସଙ୍ଗରୋଧ କେନ୍ଦ୍ରରେ ଗଣ୍ଡଗୋଳ

**ବିଞ୍ଝାରପୁର, ୨୭।୬(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ଅରେଇ ପଞ୍ଚାୟତସ୍ଥିତ ବରୁଣେଶ୍ୱର ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ସ୍ୱାବ୍ ସଂଗ୍ରହକୁ କେନ୍ଦ୍ରକରି ଶନିବାର ଗଣ୍ଡଗୋଳ ଘଟିଛି। ଏନେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଛି। ଅଭିଯୋଗ ଅନୁସାରେ, ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀଙ୍କ ମଧ୍ୟରୁ ଜଣକ କରୋନା ଲକ୍ଷଣ ଥିବା ସନ୍ଦେହ କରି ବିଞ୍ଝାରପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ତାଙ୍କ ସ୍ୱାବ୍ ସଂଗ୍ରହ ପାଇଁ ରାମଚନ୍ଦ୍ରପୁର ସାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ଆମ୍ବୁଲାନ୍ସ ପଠାଇଥିଲେ। ମାତ୍ର ଆମ୍ବୁଲାନ୍ସ ପହଞ୍ଚିବା କ୍ଷଣି ସେଠାରେ ଥିବା ୬ଜଣ ପ୍ରବାସୀ ଆମ୍ବୁଲାନ୍ସରେ ବସିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ମନା କରିବାରୁ ପ୍ରବାସୀମାନେ ଡ୍ରାଇଭରଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଖବର ପାଇ ସରପଞ୍ଚ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ପ୍ରବାସୀ ସରପଞ୍ଚଙ୍କୁ ବି ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ ବୋଲି ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗୋଟିଏ ହଲରେ ୮ଜଣ ରହୁଥିଲେ। ଜଣଙ୍କର ଲକ୍ଷଣ ଥିବା ସନ୍ଦେହ କରି ସ୍ୱାବ ସଂଗ୍ରହ ପାଇଁ ନିଆଯାଉଥିବା ବେଳେ ଆମର ସ୍ୱାବ୍ ନିଆଯିବନି କାହିଁକି ବୋଲି ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

**ନୟାଗଡ଼ ଅଫିସ, ୨୭।୬**

ନୟାଗଡ ଜିଲାରେ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଶନିବାର ଆରମ୍ଭ ହୋଇଛି। ଏକ ଟିମ୍ ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନରେ ସର୍ଭେ କରିଛନ୍ତି। ଏହି ଟିମ୍‌ରେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଏଏନ୍‌ଏମ୍ ସାମିଲ ହୋଇଛନ୍ତି। ଏମାନେ ଗାଁ ଗାଁ ବୁଲି ମ୍ୟାଲେରିଆ, ଜ୍ୱର, ଝାଡ଼ା, ଥଣ୍ଡା, କାଶ, ଟିବି ଆଦି ରୋଗୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ଆବଶ୍ୟକ ସ୍ଥଳେ ଜିଙ୍କ୍, ଓଆର୍‌ଏସ୍ ପାଉଡର ଠିକ୍ ଭାବେ ଦିଆଯାଉଛି କି ନାହିଁ ତାହା ମଧ୍ୟ ତଦାରଖ କରୁଛନ୍ତି। ଥଣ୍ଡା କାଶ ଦେଖାଦେଲେ ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରି କୋଭିଡ୍ ସେଣ୍ଟରକୁ ପରୀକ୍ଷା ପାଇଁ ପଠାଉଛନ୍ତି। ଜୁନ ୧୬ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ।

## କର୍କଟ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଜଗତ୍‌ସିଂହପୁର ଅଫିସ, ୨୭।୬**



ରାଜେନ୍ଦ୍ର କାଣ୍ଡି।

ଗୋଟିଏ ପରିବାରର ୨ଜଣଙ୍କ ୭ବର୍ଷ ମଧ୍ୟରେ ଅକାଳ ମୃତ୍ୟୁ ଘଟିଛି। ଏବେ ଅନ୍ୟ ଜଣେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାଣିସାଳିଆର ରାଜେନ୍ଦ୍ର କାଣ୍ଡି(୨୬)। ସେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସା କରାଇଥିଲେ ମଧ୍ୟ ଅର୍ଥ ନ ଥିବାରୁ ଘରକୁ ଫେରି ଆସିଛନ୍ତି। ହେମଲତାଙ୍କ ସ୍ୱାମୀ ବୀର ଓ ମଝିଆ ପୁଅ ବିଜୟ ଆରପାରିକୁ ଚାଲିଯିବାପରେ ସାନ ପୁଅ ରାଜେନ୍ଦ୍ର କର୍କଟ ରୋଗରେ ଆକ୍ରାନ୍ତ। ସମସ୍ତ ବୋଝ ଏବେ ବଡ଼ପୁଅ ଅଜୟଙ୍କ ଉପରେ। ବହୁ କଷ୍ଟରେ ମୂଲ ଲାଗି ସେ ଏବେ ପରିବାର ଚଳାଇ ଆସୁଛନ୍ତି । ମାତ୍ର ସାନ ଭାଇ ରାଜେନ୍ଦ୍ରଙ୍କ ଚିକିତ୍ସା ନିମନ୍ତେ ଏହା ଯଥେଷ୍ଟ ହେଉନାହିଁ। ଏହା ତାଙ୍କ ପାଇଁ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏ ସମ୍ପର୍କରେ ହେମଲତା କୁହନ୍ତି, ୭ ବର୍ଷ ପୂର୍ବେ ସ୍ୱାମୀ ଗଛରୁ ଖସି ମୃତ୍ୟୁବରଣ କରିଥିଲେ। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମଝିଆ ପୁଅ ବିଜୟଙ୍କ ମୃତ୍ୟୁ ଘଟିଥିଲା। ଏବେ ସାନ ପୁଅ ରାଜେନ୍ଦ୍ର କର୍କଟରେ ଆକ୍ରାନ୍ତ ହେବା ପରେ ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଅର ଚିକିତ୍ସା ନିମନ୍ତେ ରେଡକ୍ରସ୍ ପାଣ୍ଠିରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ହେମଲତା ଜିଲାପାଳଙ୍କ ନିକଟରେ ୩ ତାରିଖରେ ଅନୁରୋଧ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିନାହିଁ। ଏସମ୍ପର୍କରେ ଜିଲାପାଳଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ଅଧିକ ସୂଚନା ମିଳିପାରିନାହିଁ।

## ୨ମାସ ହେଲା ଅଚଳ


**ରାଜ୍ୟର ପ୍ରଥମ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ**

**ଜଳକଷ୍ଟ ଭୋଗୁଛନ୍ତି ପଞ୍ଚାୟତବାସୀ**

**ଡେରାବିଶ, ୨୭।୬(ସ୍ୱ.ପ୍ର.)**

୨୦୧୬ରେ ପରୀକ୍ଷାମୂଳକ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ରାଜ୍ୟର ପ୍ରଥମ ସୌରଚାଳିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨ମାସ ହେଲା ଅଚଳ ହୋଇପଡିଛି। ଫଳରେ ପଞ୍ଚାୟତବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ଓରେଡା ନାମକ ନିର୍ମାଣକାରୀ ସଂସ୍ଥା ଦ୍ୱାରା ୧କୋଟି ୨୮ ଲକ୍ଷ ୮୫ହଜାର ବ୍ୟୟ ଅଟକଳରେ ଏହି କଳ୍ପ ନିର୍ମାଣ କରାଯାଇଥିଲା। ଚାଟରାଚକଡା ପଞ୍ଚାୟତ ଅଧୀନ ୩ ରାଜସ୍ୱ ଗ୍ରାମର ଅଢେଇ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପାନୀୟଜଳ ପାଇଁ ଏହା ଉପରେ ନିର୍ଭର କରୁଥିଲେ। ୨ମାସ ପୂର୍ବେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କିକୁ କୌଣସି କାରଣରୁ ପାଣି ନ ଉଠିବାରୁ ପଞ୍ଚାୟତବାସୀ ପିଇବା ପାଣିରୁ ବଞ୍ଚିତ ହୋଇଥିଲେ। ସରପଞ୍ଚ ମରାମତି ପାଇଁ ମେକାନିକ୍‌ଙ୍କୁ ଡାକିଥିଲେ ମଧ୍ୟ ସେମାନେ ଏହାକୁ ଠିକ୍ କରିପାରି ନ ଥିଲେ। ପରେ ସରପଞ୍ଚ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସତ୍ତ୍ୱେ ପ୍ରକଳ୍ପ ଠିକ୍ ହୋଇ ନ ଥିବାରୁ ଜନସାଧାରଣ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଶେଷରେ ଲୋକଙ୍କ ରୋଷର ଶିକାର ହୋଇ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଏନେଇ ଏସ୍‌ଡିଓ ବିଜୟ କରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଡିଓ କର କହନ୍ତି, ପ୍ରକଳ୍ପ ମରାମତି ପାଇଁ ସ୍ୱତନ୍ତ୍ର ମେକାନିକ ଅଛନ୍ତି। ନିର୍ମାଣକାରୀ ସଂସ୍ଥା ସହିତ ଯୋଗାଯୋଗ କରାଯାଇଛି। ଆଗାମୀ ସପ୍ତାହ ମଧ୍ୟରେ ମେକାନିକ ଆସି ପ୍ରକଳ୍ପ ମରାମତି କରିବେ।



ଅଚଳ ହୋଇରହିଥିବା ପ୍ରକଳ୍ପ।

## ଅଭିଯୁକ୍ତଙ୍କ ଭିଣୋଇ, ସାଙ୍ଗଙ୍କୁ ଉଠାଇନେଲା ପୋଲିସ

**ବାଇକ୍ ପାର୍କିଂକୁ ନେଇ ମାରପିଟ**

■ପ୍ରତିବାଦ କରିବାରୁ ଭଉଣୀଙ୍କୁ ଦୁର୍ବ୍ୟବହାର

■ଲୋକପ୍ରତିନିଧିଙ୍କ ଧାରଣା ଚେତାବନୀ

**ନୟାଗଡ଼ ଅଫିସ/ରଣପୁର, ୨୭।୬(ସ୍ୱ.ପ୍ର.)**

ବାଇକ୍ ପାର୍କିଂକୁ ନେଇ ନୟାଗଡ଼ ଜିଲା ରଣପୁର ଥାନା କଂସାରିସାହିର ଅଭିମନ୍ୟୁ ମହାରଣାଙ୍କୁ ମଣିନାଗସାହିର ଆକାଶ ସ୍ୱାଇଁ(୩୦) ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଆକାଶଙ୍କୁ ଶନିବାର ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ତେବେ ତାଙ୍କୁ ନ ପାଇବାରୁ ବାଧହୋଇ ତାଙ୍କ ଭିଣୋଇ ମାଗି ମହାରଣା ଓ ସାଙ୍ଗ ରଣପୁର ବନ କର୍ମଚାରୀ ଅଶୋକ ଟୋଟାଳଙ୍କୁ ଥାନାକୁ ଉଠାଇ ନେଇ ମାରପିଟ୍ କରିଛି। ଘଟଣା ସମ୍ପର୍କରେ ରଣପୁର ଏନ୍‌ଏସିର ପୂର୍ବତନ ମହିଳା କାଉନସିଲର ତଥା ଆକାଶଙ୍କ ଭଉଣୀ କାମାକ୍ଷା ମହାରଣା ପୋଲିସକୁ ପଚାରିବାରୁ ପୋଲିସ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଆକାଶଙ୍କ ଭଉଣୀ ଓ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସବିତା ଦାସଙ୍କ ସମେତ ସମସ୍ତ କାଉନସିଲର ଧାରଣା ଦେବାକୁ ଥାନା ସମ୍ମୁଖରେ ପହଞ୍ଚିଥିଲେ। ଏହା ଦେଖି ପୋଲିସ ଅଟକ ୨ ବ୍ୟକ୍ତିଙ୍କୁ ପ୍ରାୟ ୫ଘଣ୍ଟା ପରେ ଛାଡିଦେଇଛି। ଏଥିସହ ୩ଦିନ ଭିତରେ ଅଭିଯୁକ୍ତଙ୍କୁ ଥାନାରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଛି। ଅଭିମନ୍ୟୁଙ୍କ ଏତଲା ଆଧାରରେ ପୋଲିସ ଆକାଶଙ୍କ ନାମରେ ମାମଲା (ନଂ.୧୭୧/୨୦) ରୁଜୁ କରିଛି।

ଅଭିଯୋଗ ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ କଂସାରିସାହି ମୁଖ୍ୟ ରାସ୍ତାରେ ଅଭିମନ୍ୟୁ ତାଙ୍କ ବାଇକ୍ ପାର୍କ କରିଥିଲେ। ଏହାକୁ ଆକାଶ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଆକାଶ ଉତ୍କ୍ଷିପ୍ତ ହୋଇ ଅଭିମନ୍ୟୁଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଶରଣକୁଳ ଏସ୍‌ଡିପିଓ ଏସ୍ ଟପୋ କହନ୍ତି, ଘଟଣା ସମ୍ପର୍କରେ ମୁଁ ଜାଣିନି। ତଥାପି ଏହାର ତଦନ୍ତ କରି ପଦକ୍ଷେପ ନେବି। ପୂର୍ବତନ ମହିଳା କାଉନସିଲର ମହରଣା କୁହନ୍ତି, ବିଭିନ୍ନ ଅପରାଧ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନି। ସାମାନ୍ୟ ବଚସାକୁ ନେଇ ହୋଇଥିବା ଗଣ୍ଡଗୋଳକୁ ବଡ଼ରୂପ ଦେଇ ନିର୍ଦ୍ଦୋଶ ଥିବା ମୋ ସ୍ୱାମୀଙ୍କ ସମେତ ଅନ୍ୟଜଣଙ୍କୁ ଅଟକ ରଖି ମାଡ଼ ମାରିବା ପୋଲିସର ଦାଦାଗିରିକୁ ପ୍ରତିପାଦିତ କରୁଛି। ଏଭଳି ଜଣେ ଆଇଆଇସି ରଣପୁରରେ ରହିଲେ ଅଞ୍ଚଳରେ ଅଶାନ୍ତି ବଢ଼ି ଚାଲିବ। ଏଣୁ ତାଙ୍କୁ ତୁରନ୍ତ ବଦଳି କରାଯିବା ଦରକାର। ଏ ନେଇ ଡିଜିପିଙ୍କୁ ସୋମବାର ଅଭିଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବିଜେଡିର ରଣପୁର ନଗର ସଭାପତି ସ୍ୱରାଜ ମହାନ୍ତି କୁହନ୍ତି, ସାଧାରଣ ଲୋକଙ୍କ ଉପରେ ଆଇଆଇସିଙ୍କ ଖରାପ ବ୍ୟବହାର ଦିନକୁ ଦିନ ବଢୁଛି। ଆଇଆଇସିଙ୍କ ବିରୋଧରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ସ୍ଥାନୀୟ ଲୋକେ ବିଧାୟକ, ମୁଖ୍ୟମନ୍ତ୍ରୀ, ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନ କରାଯିବ।

## ଗ୍ରାମାଞ୍ଚଳ ଲୋକଙ୍କୁ ୧୫ଦିନ ସହର ଆସିବାକୁ ବାରଣ

ଛତ୍ରପୁର,(ଡି.ଏନ୍.ଏ.)– ଗଞ୍ଜାମ ଜିଲାରେ ଦ୍ରୁତ ଗତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିପାଇଁ ଜିଲାରେ ଗ୍ରାମାଞ୍ଚଳ ଲୋକଙ୍କୁ ଆସନ୍ତା ୧୫ ଦିନ ପାଇଁ ସହର ଆସିବାକୁ ବାରଣ କରାଯାଇଛି। ଶନିବାର ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। କୌଣସି ଜରୁରୀ କାମ ନଥିଲେ ସହରକୁ ନ ଆସିବାକୁ ଜିଲାପାଳ ଟୁଇଟ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା କରିବା ସହ ହାତକୁ ଭଲଭାବେ ଧୋଇବାକୁ ମଧ୍ୟ କହିଛନ୍ତି।

**ସଂକ୍ଷେପରେ**

### ପୋଲିସକୁ ଆକ୍ରମଣ କରି ଗାଡ଼ି ଛଡ଼େଇନେବା ଅଭିଯୋଗ: ୨ ଗିରଫ

ଭଣ୍ଡାରିପୋଖରୀ, ୨୭।୬ (ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବାଲିପୋଖରୀ ଏସ୍କେପ ନିକଟ ବୈତରଣୀ ନଦୀରୁ ବେଆଇନ ବାଲି ପରିବହନ ଘାଟକୁ ଗୁରୁବାର ଭୋରରୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମନୋରଞ୍ଜନ ସାମଲ ଓ ପୋଲିସ କର୍ମଚାରୀ, ତହସିଲଦାର ଚଢ଼ାଉ କରିଥିଲେ। ଚଢ଼ାଉରେ ପୋଲିସ ୨୩ ଟ୍ରାକ୍ଟରକୁ ଜବତ କରିଥିଲା। ଆଉ ବହୁ ଟ୍ରାକ୍ଟର ଖବର ପାଇ ଖସିଯାଇଥିଲେ। ଜବତ ଟ୍ରାକ୍ଟରକୁ ଜଗିବା ପାଇଁ ହୋମଗାର୍ଡ ସୁଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବାଲିପୋଖରୀ ଗ୍ରାମର ରତ୍ନାକର ବାରିକ ଓ ପୁଅ ବିକାଶ ବାରିକଙ୍କ ସମେତ ଚାରିରୁ ପାଞ୍ଚ ଜଣ ଆସି ସୁଶାନ୍ତଙ୍କୁ ମାଡ଼ ମାରି ଗାଳିଗୁଲଜ କରି ଗାଡି ଛଡ଼ାଇ ନେଇଯାଇଥିବା ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୧୨/୨୦) ରୁଜୁ କରି ବାପ ପୁଅଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

### ଗାର୍ଡୱାଲ ନିର୍ମାଣର ୩ ଦିନ ପରେ ଫାଟି ଆଁ

ଜଳେଶ୍ୱର, ୨୭।୬(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗ୍ରାମରେ ଏକ ୪୦ଫୁଟର ଗାର୍ଡୱାଲ ନିର୍ମାଣ ସରିବାର ୩ଦିନ ପରେ ୩ଟି ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ନିର୍ମାଣ ବେଳେ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ବିଡିଓଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଘଟଣାସ୍ଥଳରେ ଉକ୍ତ ନିର୍ମାଣ କାର୍ଯ୍ୟ ନେଇ କୌଣସି ଫଳକ ନ ଥିଲା। ଫଳରେ କାର୍ଯ୍ୟ ସମ୍ପର୍କରେ କିଛି ଜଣାପଡୁନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ପକ୍ଷରୁ ଆଲେନ୍ ଘୋଷ, ରାମଚନ୍ଦ୍ର ପ୍ରମାଣିକ, ସଞ୍ଜୀବ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ପଞ୍ଚାନନ ଜେନା, ଜୟନାରାୟଣ ପ୍ରମାଣିକ, ଗୋପାଳ ଜେନା, ବସନ୍ତ ଦାସ, ବିଜୟ ଦାସ, ବେଣୁଧର ଜେନା, ସ୍ନେହାଶିଷ ଦାସ, ସସ୍ମିତା ଜଟି ଓ ରବୀନ୍ଦ୍ର ପ୍ରମାଣିକ ପ୍ରମୁଖ ଗ୍ରାମବାସୀ ବିଡିଓଙ୍କୁ ଲିଖିତ ଭାବେ ଦେବା ସହିତ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବବିତା ରାଉତ କହିଛନ୍ତି ଯେ, ଗାର୍ଡୱାଲ ନିର୍ମାଣ ଶେଷ ହେବାର ୨୪ ଘଣ୍ଟା ନ ପୂରୁଣୁ ପ୍ରବଳ ବର୍ଷା ହେବା ଏବଂ ବର୍ଷାପାଣି ନିଷ୍କାସନ ଲାଗି ରାସ୍ତାକୁ ବନ୍ଦ କରାଯିବା ଯୋଗୁ ତାହା ଫାଟିଯାଇଛି। ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି।

### ବଜ୍ରପାତରେ ଯୁବତୀ ମୃତ

କପ୍ତିପଦା, ୨୭।୬(ଡ଼ି.ଏନ୍.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଜଡ଼ିଦା ପଞ୍ଚାୟତର ଜାମବଣି କୋହ୍ଲସାହି ଗ୍ରାମରେ ବଜ୍ରପାତରେ ସାନଫୁତ୍‌କାର ସିଂଙ୍କ ଝିଅ ଲେମ୍ବ ସିଂ (୨୨)ଙ୍କ ମୃତ୍ୟୁ ଘଟିଛି। ଲେମ୍ବ ଘର ପାଖରେ ଥିବା ବିଲରେ ଖତ ପକାଇ ଅପରାହ୍ନରେ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ କପ୍ତିପଦା ଡ଼ାକ୍ତରଖାନା ନିଆଯାଇଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ କପ୍ତିପଦା ଥାନାରେ ଅପମୃତ୍ୟୁ ମାମଲା(ନଂ.୧୬/୨୦) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଉଦଳା ପଠାଯାଇଛି।

### ଘଡ଼ଘଡ଼ାପଲ୍ଲୀ, ନରେନ୍ଦ୍ରପୁରର କଣ୍ଟେନ୍‌ମେଣ୍ଟ ଅବଧି ବୃଦ୍ଧି

ଛତ୍ରପୁର,୨୭।୬(ଡି.ଏନ.ଏ)-ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଘଡଘଡାପଲ୍ଲୀ ଗାଁ ଏବଂ ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ନରେନ୍ଦ୍ରପୁର ଗାଁ ଷ୍ଟେଶନ ରୋଡ ଓ ଗୋପୀନାଥ ସାହିରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ୧୩ ତାରିଖରେ ଘୋଷଣା କରିଥିଲେ। ପଜିଟିଭ ସଂସ୍ପର୍ଶରେ ଆସିଥିବାଙ୍କୁ ଚିହ୍ନଟ ଓ କାର୍ଯ୍ୟ ପାଇଁ ଉକ୍ତ ଅଞ୍ଚଳରେ ୨୬ ତାରିଖରୁ ଆଉ ୭ ଦିନ କଣ୍ଟେନମେଣ୍ଟ ଅବଧିକୁ ଜିଲାପାଳ ବୃଦ୍ଧି କରିଛନ୍ତି। କଣ୍ଟେନମେଣ୍ଟ ଜୋନ୍ ଥିବା ଲୋକ ବାହାରକୁ ଏବଂ ଅନ୍ୟ ଅଞ୍ଚଳର ଲୋକ ଉକ୍ତ ଜୋନ ଅଞ୍ଚଳକୁ ଯିବା ଆସିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

### ବାଲିଆପଟାରେ ଗୋଷ୍ଠୀ ସଂଘର୍ଷ

ଭଞ୍ଜନଗର,୨୭।୬(ଡି.ଏନ.ଏ)- ଭଞ୍ଜନଗର ଥାନା ବାଲିଆପଟାରେ ଶନିବାର ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ପକ୍ଷର ୨ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଗୋଟିଏ ଗୋଷ୍ଠୀର ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। କେଉଁ କାରଣରୁ ଗଣ୍ଡଗୋଳ ହେଲା ଜଣାପଡ଼ିନାହିଁ। ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ପଇଁତରା ମାରୁଛି। ମଧ୍ୟାହ୍ନରେ ୨ଗୋଷ୍ଠୀ ମଧ୍ୟରେ ବଚସା ପରେ ସଂଘର୍ଷ ଘଟିଥିଲା। ପୋଲିସ ପହଞ୍ଚି ଆହତମାନଙ୍କୁ ମେଡ଼ିକାଲକୁ ଆଣିଥିଲା।

# ମନ୍ତେଇ ଘାଟରେ ବିପଦପୂର୍ଣ୍ଣ ଯାତ୍ରା

- ଦଉଡ଼ିରେ ଝୁଲୁଛି ଯାତ୍ରୀଙ୍କ ଜୀବନ
- ପ୍ରଶାସନ ଜାଣି ଅଜଣା

ଭଦ୍ରକ ଅଫିସ, ୨୭।୬


ଚାରବାଟିଆ ଘାଟରେ ଦଉଡ଼ି ଟାଣି ଘାଟ ପାର କରୁଛନ୍ତି ଘାଟିଆ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର ଚାରବାଟିଆ ମନ୍ତେଇ ନଦୀଘାଟରେ ଦୈନିକ ହଜାର ହଜାର ଲୋକ ବିପଦପୂର୍ଣ୍ଣ ଭାବେ ଡଙ୍ଗା ମାଧ୍ୟମରେ ଯାତ୍ରା କରୁଛନ୍ତି। ଘାଟିଆ ନଦୀର ଉଭୟପଟେ ଦଉଡି ବାନ୍ଧି ତାହାରି ଭରସାରେ ଯାତ୍ରୀମାନଙ୍କୁ ଡଙ୍ଗାରେ ପାର କରାଉଛନ୍ତି। ଏହି ଘାଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଏଠାରେ ଏକ ପୋଲ ନିର୍ମାଣ ଲାଗି ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳୁନି।

ବାସୁଦେବପୁର, ତିହିଡ଼ି, ଚାନ୍ଦବାଲି ଅଞ୍ଚଳବାସୀଙ୍କ ସମେତ ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଲୋକମାନେ ଏହି ଘାଟ ଦେଇ ପାର ହେଉଛନ୍ତି। ମୁଖ୍ୟତଃ ବାସୁଦେବପୁର ବ୍ଲକକୁ ଜଳପଥ ଯୋଗେ ତିହିଡ଼ି ଓ ଚାନ୍ଦବାଲି ବ୍ଲକକୁ ଏହି ଘାଟ ଯୋଗାଯୋଗ କରାଇବାର ମୁଖ୍ୟ ମାଧ୍ୟମ। ବାସୁଦେବପୁର ବ୍ଲକର ବାଲିମୁଣ୍ଡା, ବିଦେଇପୁର, କିସ୍ମତକୃଷ୍ଣପୁର, ସାନକୃଷ୍ଣପୁର, ଲକ୍ଷ୍ମୀଦାସପୁର, ବାଲିମେଦ, ଜଗନ୍ନାଥପ୍ରସାଦ, ପଦ୍ମପୁର, ସୁଗୋ, ଏଡ଼ତାଳ, ଲୁଙ୍ଗା ଓ ଭଦ୍ରକ ବ୍ଲକର ସାହାଡ଼ା, ସାବରଙ୍ଗ, ଗୋରାମାଟି ପଞ୍ଚାୟତର ଲୋକେ ତିହିଡ଼ି ଓ ଚାନ୍ଦବାଲି ବ୍ଲକକୁ ଏହି ଘାଟ ପାର ହୋଇ ଯାତାୟାତ କରୁଛନ୍ତି। ଏହି ରାସ୍ତା ଉପରୋକ୍ତ ୩ ବ୍ଲକକୁ ଯାତାୟାତରେ ଶର୍ଟକଟ୍ ରାସ୍ତା ହୋଇଥିବାରୁ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଏହି ଘାଟ ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି।

ଜାତିର ପିତା ମହାତ୍ମା ଗାନ୍ଧୀ ଏହି ଘାଟ ଦେଇ ଆସି ଚାରବାଟିଆ ଗ୍ରାମରେ ରାତ୍ରିଯାପନ କରିଥିଲେ। ଉକ୍ତ ସ୍ଥାନକୁ ଗାନ୍ଧୀ ସ୍ମାରକୀ ପୀଠ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏପରି କି ବ୍ରିଟିଶ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜଳ ପରିବହନ ପାଇଁ ଚାରବାଟିଆଠାରୁ ଅବିଭକ୍ତ ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଅଧୀନ ଜାମକୁଣ୍ଡା ବ୍ଲକ ପର୍ଯ୍ୟନ୍ତ ଜଳପଥ ଭାବରେ ବ୍ୟବହାର କରୁଥିଲେ। ବର୍ତ୍ତମାନ ସୁଦ୍ଧା ବ୍ରିଟିଶ ଅମଳର ସ୍ଲୁଇସଗେଟ୍ ଅକ୍ଷତ ଅବସ୍ଥାରେ ରହିଛି। ଉକ୍ତ ଘାଟ ଏବେ ଲୋକଙ୍କ ବିପଦପୂର୍ଣ୍ଣ ଯାତ୍ରାର ମାଧ୍ୟମ ପାଲଟିଛି। ଏଥିପ୍ରତି ପ୍ରଶାସନ କିମ୍ବା ରାଜନେତା ଦୃଷ୍ଟି ଦେଉ ନ ଥିବାରୁ ଏକ ଦଉଡ଼ି ଲୋକଙ୍କ ଜୀବନକୁ ଝୁଲାଇ ରଖିଛି। ଏହି ଘାଟ ପାର ହେବାକୁ ହେଲେ ଘାଟିଆ ଲୋକଙ୍କୁ ବସାଇ ଏକ ଦଉଡ଼ିକୁ ଟାଣି ଧରି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ପାର କରାଉଛି। ହେଲେ ଡଙ୍ଗାରେ କୌଣସି ଜୀବନ ରକ୍ଷାକାରୀ ଉପକରଣ ଯଥା ଲାଇଫ୍ ଜ୍ୟାକେଟ୍, ବାୟୁ ଭର୍ତ୍ତି ଟ୍ୟୁବ୍ ରଖାଯାଇନାହିଁ। ଏହି ଘାଟରେ ଗତବର୍ଷ ଯାତ୍ରୀମାନେ ପାର ହେଉଥିବା ବେଳେ ଭାରସାମ୍ୟ ହରାଇ ବାଇକ୍ ସହ ନଦୀକୁ ଗଳିପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଯାତ୍ରୀମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ପୋଲ ନିର୍ମାଣ ପାଇଁ ଉଦ୍ୟମ ନ କରିବା ପରିତାପର ବିଷୟ। କରୋନା ମହାମାରୀ ସମୟରେ ପ୍ରଶାସନ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଘାଟ ପାର ହେଉଥିବା ସମୟରେ ସାମାଜିକ ଦୂରତ୍ୱ କଟକଣାକୁ ଫାଙ୍କି ସଂଖ୍ୟାଧିକ ଯାତ୍ରୀ ଏକାସାଙ୍ଗରେ ପାର ହେଉଛନ୍ତି। ଏନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ କହନ୍ତି ଏକାଧିକବାର ଟେଣ୍ଡର କରାଯାଇଛି। କିନ୍ତୁ ଠିକାଦାରମାନେ ଏଥିରେ ସାମିଲ ହେଉନାହାନ୍ତି। ପ୍ରକଳ୍ପର ମୂଲ୍ୟ କମ୍ ହେଉଥିବା ଦର୍ଶାଇ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଉନାହାନ୍ତି।

## ମୋରମ ଖଣି ଅନୁଧ୍ୟାନ କଲେ ମନ୍ତ୍ରୀ, ଜିଲାପାଳ

ଖଇରା, ୨୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଜାଗା ଅନୁଧ୍ୟାନ କରିବା ସହ ବେଆଇନ ଭାବେ ଖୋଳାଯାଉଥିବା ମୋରମ ଖଣିକୁ ଶନିବାର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅନୁଧ୍ୟାନ କରି ଫେରିଛନ୍ତି । ମନ୍ତ୍ରୀ ପାଣିଗ୍ରାହୀ ଓ ଜିଲାପାଳ ଚକ୍ରବର୍ତ୍ତୀ ପ୍ରଥମେ ବାଉଁଶଗଡିଆଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିକଟରେ ବ୍ୟକ୍ତିଗତ ଜାଗାରୁ ବେଆଇନ ଭାବେ ମୋରମ ଖନନ ହେଉଥିବା ସ୍ଥାନକୁ ବୁଲି ଦେଖିବା ପରେ ଉକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କୁପାରୀ କଲେଜ ନିକଟରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରକଳ୍ପ ଅନ୍ତର୍ଗତ ଏକ ପାର୍କ ପ୍ରତିଷ୍ଠା ନିମନ୍ତେ ଚିହ୍ନଟ ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ସେହିଭଳି କୁପେଶ୍ୱର ମନ୍ଦିର ନିକଟରେ ମ୍ୟୁଜିୟମ ପ୍ରତିଷ୍ଠା ଏବଂ ନହଙ୍ଗ ନିକଟରେ ସଂସ୍କୃତି ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଜାଗା ବୁଲି ଦେଖି ମନ୍ତ୍ରୀ ଓ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଦୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ଉପସ୍ଥିତ ଥିଲେ ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି ।

# କରୋନା ନେଲା ଆଉ ଏକ ମୁଣ୍ଡ

**ମୃତ୍ୟୁ ସଂଖ୍ୟା ୯ କୁ ବୃଦ୍ଧି, ୩ ମୃତ୍ୟୁ ଗୁଜବ : ଜିଲାପାଳ**

ଛତ୍ରପୁର,୨୭।୬ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଶନିବାର କରୋନାରେ ଆଉ ଜଣେ ୬୮ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ସେ ହାଇପରଟେନ୍‌ସନ ଏବଂ ମଧୁମେହରେ ମଧ ଆକ୍ରାନ୍ତ ଥିଲେ। ଏହାକୁ ମିଶାଇ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଜିଲାର ଧରାକୋଟ ବ୍ଲକ ଜାହାଡ଼ା ପଞ୍ଚାୟତରେ ୩ ଜଣଙ୍କର ନୁହେଁ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ ଯୋଗେ ସ୍ପଷ୍ଟ କରିଛନ୍ତି। ଜିଲାପାଳ ଜଣାଇଛନ୍ତି, କରୋନାରେ ୩ଜଣଙ୍କର ନୁହେଁ ଜଣଙ୍କ ମୃତ୍ୟୁ ଘଟିଛି। ଏଣୁ ୩ଜଣଙ୍କ ମୃତ୍ୟୁ ଖବର ମିଛ ବୋଲି କୁହାଯାଇଛି। ତେବେ ପୂର୍ବରୁ ପ୍ରେସ ରିଲିଜ୍‌ରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ସରପଞ୍ଚ କହିଥିଲେ।


Collector & District Magistrate, Gan...
@Ganjam_Admin
There is only one sad covid demise in Jahada GP, Dharakote. Rumours of three Covid death is false. @CMO_Odisha @HFWOdisha
15:06 · 27 Jun 20 · Twitter for iPhone

ଜିଲାପାଳଙ୍କ ଟୁଇଟ୍

### ୧୨ପୋଲିସ କରୋନା ଯୋଦ୍ଧା ପଜିଟିଭ

ଛତ୍ରପୁର/ଗୋପାଳପୁର, ୨୭।୬(ଡି.ଏନ.ଏ.)–ଗଞ୍ଜାମ ଜିଲା ପୋଲିସ ଅଧୀନରେ କାର୍ଯ୍ୟ କରୁଥିବା ୫ ପୋଲିସ କରୋନା ଯୋଦ୍ଧା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନେ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେମାନଙ୍କ ସେବା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଆମ ନାଗରିକମାନଙ୍କୁ ଏହି ରୋଗରୁ ରକ୍ଷା କରିବା ଲାଗି ଅଧିକ ଉତ୍ସାହର ସହ କାମ କରିବୁ ବୋଲି ଏସ୍‌ପି କହିଛନ୍ତି। ଏଥିସହ ଏସ୍‌ପି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଜିଲା ଗୋପାଳପୁର ଓ ଗୋଳନ୍ଥରାର ୭ ଜଣ ପୋଲିସ କର୍ମଚାରୀଙ୍କ କରୋନା ପଜିଟିଭ ରିପୋର୍ଟ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ କିଛିଦିନ ହେଲା କରୋନା ଯୋଦ୍ଧାଙ୍କ ସଂସ୍ପର୍ଶରେ ଗୋଳନ୍ଥରା ଥାନାର ଦୁଇ ଗୃହରକ୍ଷୀ ଓ ଗୋପାଳପୁର ଥାନାର ୫ ଜଣ କନଷ୍ଟେବଳ ସଂକ୍ରମିତ ହୋଇଥିବା ନେଇ ଗତ ୨୪ ତାରିଖରେ ଉକ୍ତ ୭ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ଶନିବାର ସେମାନଙ୍କର ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ ପାରଳା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ଟୁଇଟ୍ କରି ସୂଚନା ଦେଇଛନ୍ତି ।

### ବିଭିନ୍ନ ସ୍ଥାନରେ ଶଟ୍‌ଡାଉନ୍

**ଧରାକୋଟ,୨୭।୬ (ଡି.ଏନ୍.ଏ.)–** ଧରାକୋଟ ବ୍ଲକର ଜଣେ ନେତାଙ୍କର କରୋନାରେ ଶୁକ୍ରବାର ମୃତ୍ୟୁ ଘଟିଥିଲା। ଅଞ୍ଚଳରେ ପଜିଟିଭ ସଂଖ୍ୟା ବଢୁଥିବାବେଳେ ଲୋକେ କଟକଣା ମାନୁନାହାନ୍ତି। ଫଳରେ ସରପଞ୍ଚ ସୁଲତା ବେହେରା ୭ଦିନ ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଆବଶ୍ୟକ ପଡ଼ିଲେ ଅନ୍ୟ କେତେକ ପଞ୍ଚାୟତକୁ ଶଟ୍‌ଡାଉନ କରାଯାଇପାରେ ବୋଲି ବିଡିଓ ବିବୁଧ ଗଡ଼ନାୟକ ଏବଂ ତହସିଲଦାର କବିରାଜ ପ୍ରଧାନ ମିଳିତ ବିବୃତିରେ କହିଛନ୍ତି।

**ପାଟପୁର–** ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମର ଜଣେ କରୋନା ପଜିଟିଭ ଚିହ୍ନଟ ପରେ ସରପଞ୍ଚଙ୍କ ଟି.ବାବୁ ସୁବୁଦ୍ଧି ଶନିବାର ପଞ୍ଚାୟତ ବୈଠକ ଡାକିଥିଲେ। ଜଗନ୍ନାଥମନ୍ଦିରଠାରୁ ରେଡ଼ିକା ସାହି ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଓ ପାଟପୁର ଗ୍ରାମରେ ଆସନ୍ତା ୨୯ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରୁ ୧ ତାରିଖ ବୁଧବାର ପୂର୍ବାହ୍ନ ୧୦ ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। କରୋନା ଆକ୍ରାନ୍ତ ଜଣେ ଔଷଧ ଦୋକାନୀ ହୋଇଥିବାରୁ ଚିନ୍ତା ବଢିଛି।

**ହିଞ୍ଜିଳିକାଟୁ–** ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତକୁ ସରପଞ୍ଚ କେ. ଦୁର୍ଗା ପ୍ରସାଦ ରାଓ ଜୁନ୍ ୨୬ରୁ ୩୦ ପର୍ଯ୍ୟନ୍ତ ଶଟ୍‌ଡ଼ାଉନ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ପଞ୍ଚାୟତର ସମରଝୋଳ ଛକରେ ଲୋକେ ଭିଡ କରୁଥିବାରୁ ଏପରି ପଦକ୍ଷେପ ନେଇଥିବା ସରପଞ୍ଚ ରାଓ କହିଛନ୍ତି।

**ଛତ୍ରପୁର–** ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ ହୁମର ଗ୍ରାମରେ କରୋନା ପଜିଟିଭ ଚିହ୍ନଟ ପରେ ସରପଞ୍ଚ ପିତାମ୍ବର ପଣ୍ଡା ଗାଁକୁ ୭ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। କେହି ଉକ୍ତ ଗାଁରୁ ବାହାରକୁ ଏବଂ ବାହାରୁ କେହି ଉକ୍ତ ଗାଁକୁ ଯିବା ଆସିବା ସମ୍ପୂର୍ଣ୍ଣ ନିଷେଧ ରହିଛି।

**ବୁଗୁଡ଼ା–** ବୁଗୁଡ଼ା ଏନ୍‌ଏସି ୬ନଂ. ୱାର୍ଡ ପ୍ରେମଚାନ୍ଦ ନଗରର ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କର ଶୁକ୍ରବାର କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ କର୍ମଚାରୀ ହୋଇଥିବାରୁ ଅଫିସ୍‌କୁ ସିଲ କରାଯାଇଛି। ଶନିବାର ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଡିଓ ତନ୍ମୟ ପାତ୍ର ପ୍ରେମଚାନ୍ଦ ନଗରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସେହିପରି ଏ.କରଡ଼ାବାଡ଼ି ପଞ୍ଚାୟତ ସୋରଡ଼ ଗ୍ରାମକୁ ସରପଞ୍ଚ ଖଦାଳି ପ୍ରଧାନ ରବିବାର ସକାଳୁ ୭ଦିନିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗ୍ରାମର ୩ ଭାଇଙ୍କ ସ୍ୱାବ୍ ରିପୋର୍ଟ ଶନିବାର ପଜିଟିଭ ଆସିବାପରେ ଏପରି ପଦକ୍ଷେପ ନିଆଯାଇଛି। ବୁଗୁଡ଼ା ସହର ବ୍ଲକ କଲୋନିରେ ମଧ ଜଣେ ଦିଲ୍ଲୀ ଫେରନ୍ତା କରୋନା ସଂକ୍ରମିତ ହୋଇଛନ୍ତି।

### ଟ୍ରାକ୍ଟର ତଳେ ଚାପି ହୋଇ ଶ୍ରମିକ ମୃତ

ରାଇରଙ୍ଗପୁର, ୨୭।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ଥାନା କଦମଡିହି ଗ୍ରାମ ନିକଟସ୍ଥ ନଦୀ ଘାଟି ପାର୍ଶ୍ୱ ରାସ୍ତାରେ ଶୁକ୍ରବାର ଏକ ବାଲିବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାସିଙ୍ଗି ଗ୍ରାମର ସଞ୍ଜୟ କୁମାର ଚାଣ୍ଡିଲ। ପୋଲିସ ମୃତଦେହ ଜବତ କରି ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏନେଇ ଏକ ମାମଲା (ନଂ. ୪୩/୨୦) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ କରିଛି।

### ମାସ୍କ ବାଣ୍ଟି ଗଛ ଲଗାଇଲେ ଯୁବକ

ସିମୁଳିଆ, ୨୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ଗୌଡ଼ପଡ଼ା ଅଞ୍ଚଳର ନେତାଜୀ ବ୍ଲକର ଯୁବକମାନେ ମାକ୍ସ ବଣ୍ଟନ କରିବା ସହିତ ଗୌଡପଡା ଗୋରୁହାଟ ପଡିଆରେ ୫୦ଟି ଆମ୍ବଗଛ ଲଗାଇଛନ୍ତି। ମୁଖ୍ୟଅତିଥି ରୂପେ ସିମୁଳିଆର ଅତିରିକ୍ତ ତହସିଲଦାର ସ୍ମୃତିରେଖା ଦାସ, ଶିକ୍ଷକ ଜୟନ୍ତ ବିଶ୍ୱାଳ, ଅମରେଶ ମହାକୁଡ଼ ଓ ଶ୍ରୀଧର ମହାନ୍ତି ଯୋଗ ଦେଇଥିଲେ ।

### ଟ୍ରକ୍‌ରୁ ଡକାୟତି, ୨ ଗିରଫ

ଯୋଡ଼ା, ୨୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ପଞ୍ଚାୟତ ଅନ୍ତର୍ଗତ ମୁର୍ଗାବେଡା ରାସ୍ତା ଦେଇ ଯାଉଥିବା ସାରଦା ମାଇନସ ୩ ନଂ. ଗେଟ୍ ନିକଟରେ ଟ୍ରକ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ ଘଟଣାରେ ବିଲେଇପଦା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡଖଣ୍ଡ ରାଜ୍ୟ ଆଦିତପୁର ଥାନା ଗମାରିପୁର ଗ୍ରାମର ଆକାଶ କୁମାର ଏବଂ ନୂଆମୁଣ୍ଡି ଥାନା ଡିବିସି ଅଞ୍ଚଳର ସନି ସଲିନି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏହି ଡକାୟତିରେ ଅନ୍ୟ ୩ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି।

## ବଳାତ୍କାର ପରେ ହତ୍ୟା

**ପୋଲିସ ଆଗରେ ସ୍ୱୀକାର କଲେ ହତ୍ୟାକାରୀ**

ସୋର, ୨୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବାଲଙ୍ଗ ପଞ୍ଚାୟତ ଜୁଲୁଙ୍ଗିଆ ଗ୍ରାମର ଜଣେ ବିଧବାଙ୍କ ଅର୍ଦ୍ଧଉଲଗ୍ନ କ୍ଷତବିକ୍ଷତ ମୃତଦେହ ଏକ ବିଲରୁ ଗୁରୁବାର ପୋଲିସ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିଲା। ସେହି ଗ୍ରାମରେ ରହୁଥିବା ଟ୍ରାକ୍ଟର ଡ୍ରାଇଭର ଖନ୍ତାପଡା ଥାନା ଅଧୀନ ଅଳସୁଆ ପାଟପୁର ଗ୍ରାମର ଭଗିଆ ସିଂ ଘଟଣା ରାତିରୁ ଫେରାର ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି, ଏସ୍‌ଆଇ ସଚ୍ଚିଦାନନ୍ଦ ଗିରିଙ୍କୁ ନେଇ ଏକ ୫ଜଣିଆ ଟିମ୍ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭଙ୍ଗାଚଟ ଗ୍ରାମରୁ ଭଗିଆଙ୍କୁ ଗିରଫ କରିଥିଲେ। ଶୁକ୍ରବାର ପୋଲିସ ଉପସ୍ଥିତିରେ ଭଗିଆ ହତ୍ୟା କରିଥିବା ସ୍ୱୀକାର କରିଥିଲା। ପକ୍ଷାଘାତ ଶିକାର ହୋଇଥିବା ମହିଳାଜଣଙ୍କର ରୋଗ ଭଲ କରିଦେବାକୁ କହି ପ୍ରଥମେ ବିଲକୁ ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିବା ସେ ପୋଲିସ ଆଗରେ କହିଥିଲା। ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଶୁକ୍ରବାର ଅଭିଯୁକ୍ତ ହତ୍ୟାକାରୀ ଭଗିଆ ସିଂଙ୍କୁ କୋର୍ଟଚାଲାଣ କରାଯାଇଛି।

## ୩ଦିନରେ ୧ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ


ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୭।୬

**ବ୍ରହ୍ମପୁରରେ ମିଶନ ଜିରୋ କୋଭିଡ୍-୧୯ ଅଭିଯାନ**

ଗଞ୍ଜାମ ଜିଲାରେ କରୋନା ସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଥିବା ବେଳେ ଏହାକୁ ପ୍ରତିହତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବ୍ରହ୍ମପୁରରେ ମିଶନ୍ ଜିରୋ କୋଭିଡ୍–୧୯ ଅଭିଯାନ ଆରମ୍ଭ ହୋଇଛି। ଗୁରୁବାରରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଶନିବାର ସୁଦ୍ଧା ପ୍ରାୟ ୧ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା ଜଣାପଡିଛି। କେବଳ ଶନିବାର ପ୍ରାୟ ୪୦ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ପ୍ରତ୍ୟେକଙ୍କ କୋଭିଡ୍–୧୯ ସ୍କ୍ରିନିଂ ସମେତ ଅଣସଂକ୍ରମଣ ଓ ସଂକ୍ରମଣ ରୋଗ ଯଥା ଟିବି, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ସମ୍ପର୍କିତ ସ୍କ୍ରିନିଂ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କରୋନା ଜନିତ ଲକ୍ଷଣ କୌଣସି ବ୍ୟକ୍ତିଙ୍କଠାରେ ଦେଖାଦେଇ ନ ଥିବା ବିଏମସି ପକ୍ଷରୁ କୁହାଯାଇଛି। ତେବେ ଶନିବାର ହୋଇଥିବା ଯାଞ୍ଚରେ ମାତ୍ର ୩ ଜଣଙ୍କଠାରେ ଜ୍ୱର ଥିବା ଚିହ୍ନଟ ହୋଇଥିବା କୁହାଯାଇଛି। ଏହି ଅଭିଯାନରେ ପ୍ରଶାସନ ପକ୍ଷରୁ ୭୦ ସ୍ୱାସ୍ଥ୍ୟ ଟିମ୍ ଗଠନ କରାଯାଇଥିବା ବେଳେ ପ୍ରତ୍ୟେକ ଟିମରେ ଜଣେ ଲେଖାଏ ଆୟୁଷ ଡାକ୍ତରଙ୍କ ନିଯୁକ୍ତ କରାଯାଇଛି।

## ରାମଚନ୍ଦ୍ରପୁରରେ ଗୋଷ୍ଠୀ ସଂଘର୍ଷ, ୮ ଗିରଫ

**ଖଲ୍ଲିକୋଟ,୨୭।୬(ଡି.ଏନ.ଏ.)–** ଖଲ୍ଲିକୋଟ ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ଜୁନ ୨୪ରେ ହୋଇଥିଲା। ଏଥିରେ ଜଣେ ଆହତ ହୋଇଥିବା ବେଳେ ଗୋଟିଏ ବାଇକ୍ ଭାଙ୍ଗିଥିଲା। ଉଭୟ ପକ୍ଷରୁ ଏତଲା ଖଲ୍ଲିକୋଟ ଥାନାରେ କରାଯାଇଥିଲା। ଉତ୍ତେଜନାକୁ ଲକ୍ଷ୍ୟକରି ଗୋଟିଏ ପ୍ଲାଟୁନ ପୋଲିସ ଗ୍ରାମରେ ମୁତୟନ ଥିଲେ। ଉଭୟ ପକ୍ଷର ୮ ଜଣ ଗିରଫ ହୋଇଛନ୍ତି। ନଂ ୨୫୧/୨୦ ଏବଂ ୨୫୦/୨୦ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ରାମଚନ୍ଦ୍ରପୁର ଗ୍ରାମର କହ୍ନେଇ ତରେଇ, ଆକାଶ ତରେଇ, ରାଜେଶ ସାହୁ, ଆକାଶ ପ୍ରଧାନ, ଶିବ ପ୍ରଧାନ, ଭୀମ ସାହୁ, ମନୋଜ ପ୍ରଧାନ, ରମେଶ ଚଣ୍ଡ ଗିରଫ ପରେ କୋର୍ଟଚାଲାଣ ହୋଇଛନ୍ତି।

## ୧୮ କରୋନା ଯୋଦ୍ଧାଙ୍କ ସମେତ ୫୮ ପଜିଟିଭ

**ଛତ୍ରପୁର,୨୭।୬(ଡି.ଏନ୍.ଏ.)–** ଗଞ୍ଜାମ ଜିଲାରୁ ଶନିବାର ନୂଆ ୫୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ ଜଣ କରୋନା ଯୋଦ୍ଧା ରହିଛନ୍ତି। ପୁରୁଷୋତ୍ତମପୁରରେ ଜଣେ ସୁରଟ ଫେରନ୍ତା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆଉ ୩୯ ଜଣ କଣ୍ଟାକ୍ଟ ଟ୍ରେସିଂରୁ ପଜିଟିଭ ଜଣାପଡିଛନ୍ତି। ଏ ନେଇ ଗଞ୍ଜାମ ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଅପରପକ୍ଷରେ ଜିଲାରେ ଶନିବାର ୪୮ଜଣ ଆକ୍ରାନ୍ତ ସୁସ୍ଥ ମଧ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ, ଜିଲାରେ ବର୍ତ୍ତମାନ ସୁଦ୍ଧା ୧୧୯୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮୫୯ ସୁସ୍ଥ ହୋଇଥିବା ବେଳେ ୩୨୭ ଚିକିତ୍ସାଧିନ ଅଛନ୍ତି। କରୋନାରେ ୯ ଜଣଙ୍କ ମୃତ୍ୟୁ ଘଟିଛି।

# ଲକ୍ଷଣ ଥିଲେ ଯିବେ କୋଭିଡ୍ କେୟାର ସେଣ୍ଟର

- ସ୍ୱାବ୍ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଘରେ ରହିବେ
- ବନ୍ଦ ହେବ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର

ଛତ୍ରପୁର,୨୭।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ପୂର୍ବରୁ ଚାଲୁ ରହିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ବନ୍ଦ କରାଯିବ। ଯେଉଁ ମାନଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ତୁରନ୍ତ କୋଭିଡ୍ କେୟାର ସେଣ୍ଟରରେ ଆଡମିଶନ କରି ଚିକିତ୍ସା କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନଙ୍କଠାରେ ଜ୍ୱର ଓ କାଶ ଇତ୍ୟାଦି ଲକ୍ଷଣ ଦେଖାଯାଉଛି ତୁରନ୍ତ ଗ୍ରାମାଞ୍ଚଳରେ ଥିବା କୋଭିଡ୍ କେୟାର ସେଣ୍ଟରକୁ ଯାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେବା ଜରୁରୀ। କୋଭିଡ୍ କେୟାର ସେଣ୍ଟରରେ ସମସ୍ତ ସୁବିଧା କରିବା ସହିତ ସେଠାରେ ଅଯଥା ଭିଡ ରୋକିବା ଲାଗି ୧୪୪ ଧାରା ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମରେ ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରାଯାଇଛି। ସ୍ୱାବ୍ ପରୀକ୍ଷା ନିମନ୍ତେ ଦେଇଥିବା ବ୍ୟକ୍ତି ଏଣେତେଣେ ଯିବା ଆସିବା କରିବା କଥା ନୁହେଁ। ଯେ ପର୍ଯ୍ୟନ୍ତ ସେମାନଙ୍କର ଟେଷ୍ଟ ରିପୋର୍ଟ ଆସିନାହିଁ ସେ ପର୍ଯ୍ୟନ୍ତ ୩ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଜରୁରୀ। ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ କୁହାଯାଇଥିବା ବ୍ୟକ୍ତି ଯଦି ଅମାନ୍ୟ କରନ୍ତି ତେବେ ସେମାନଙ୍କୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ୧୪ ଦିନ ରଖାଯିବ। ସମ୍ପ୍ରତି କୌଣସି ବାହାଘର ଏବଂ ଅନ୍ୟାନ୍ୟ ଉତ୍ସବ ପାଳନ କରିବାକୁ ବାରଣ କରାଯାଇଛି। ଯଦି କେହି ଏହି ନିୟମ ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ପାଳନ ଦିଗରେ ଉଲ୍ଲଂଘନକାରୀଙ୍କ ପ୍ରତି କଡାକଡି ନଜର ରଖିବାପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ଛକସ୍ଥାନ ଓ ଦୋକାନ ସମ୍ମୁଖରେ ଅଯଥାରେ ବିନା କାରଣରେ ଗହଳି କରୁଥିବା ବ୍ୟକ୍ତି ବିଶେଷଙ୍କୁ ଆଇନ ଅନୁଯାୟୀ କ୍ୱାରାଣ୍ଟାଇନରେ ୧୪ ଦିନ ରହିବାକୁ ପଡିବ। ଏଥିପ୍ରତି ସାବଧାନ ରହିବାକୁ ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। କଣ୍ଟେନମେଣ୍ଟ ଘୋଷଣା କରାଯାଇଥିବା ଅଞ୍ଚଳରେ ବସବାସ କରୁଥିବା ପରିବାରଙ୍କ ନିକଟରେ ଯେପରି ତେଜରାତି ସାମଗ୍ରୀ ଓ ପନିପରିବା ଉପଲବ୍ଧ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଅଧିକାରୀମାନଙ୍କୁ ଜଣାଇଥିଲେ।


କୋଭିଡ୍ କେୟାର ସେଣ୍ଟର।

### ମନୋଜ ହାର୍ଡୱାରରେ ବାଣିଜ୍ୟ, ଜିଏସ୍‌ଟି ବିଭାଗର ଚଢ଼ାଉ

ବଲାଙ୍ଗୀର ଅଫିସ, ୨୭।୬- ବଲାଙ୍ଗୀର ଟିକ୍ରାପଡାସ୍ଥିତ ମନୋଜ ହାର୍ଡୱାର ଦୋକାନରେ ବାଣିଜ୍ୟ ଓ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଦୋକାନ ମାଲିକ ଦିଲୀପ ଅଗ୍ରୱାଲ ଟିକସ ଫାଙ୍କୁଥିବା ଅଭିଯୋଗକୁ ଭିତ୍ତିକରି ଚଢ଼ାଉ କରାଯାଇଛି । ଭବାନୀପାଟଣା ଏନ୍‌ଫୋର୍ସମେଣ୍ଟ ରେଞ୍ଜର ଯୁଗ୍ମ କମିଶନର ସଞ୍ଜୀବ ସିଂଙ୍କ ନେତୃତ୍ୱରେ ଟିମ୍ ଅଧିକାରୀ ଚଢ଼ାଉ କରିଥିଲେ । ଭବାନୀପାଟଣା ୟୁନିଟ୍ ଡେପୁଟି କମିଶନର ତପନ ପାଢ଼ୀ, ବଲାଙ୍ଗୀର ୟୁନିଟ୍ ଡେପୁଟି କମିଶନର ଫକୀର ମୋହନ ଶତପଥୀ, ଜିଏସ୍‌ଟି ଅଫିସର ଆଶିଷ ସାହୁ ଏଥିରେ ସାମିଲ ହୋଇଥିଲେ । କାଗଜପତ୍ର ଯାଞ୍ଚ ବେଳେ କର୍ତ୍ତୃପକ୍ଷ ଅନେକ ତଥ୍ୟ ଦେଇପାରି ନାହାନ୍ତି । ବିଭାଗ ପକ୍ଷରୁ ତାଙ୍କୁ ୩ ଲକ୍ଷ ଟଙ୍କା ଜରିମାନା କରାଯାଇଛି ।

## ସଂକ୍ଷେପରେ

### ପୋଲରୁ ପଡ଼ି ଯବାନ ମୃତ



ଜୁନାଗଡ,୨୭।୬ (ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ନାନ୍ଦୋଲ-କେନ୍ଦୁପାଟି ରାସ୍ତା ମଧରେ ଥିବା ଏକ ପୋଲରୁ ପଡି ଶୁକ୍ରବାର ରାତିରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୁନାଗଡ ବ୍ଲକ ଅଧୀନ ଜାରିଙ୍ଗସ୍ଥିତ ଆରଆରବିଏନ୍ କ୍ୟାମ୍ପର ଯବାନ ସୁରେଶ ମଙ୍ଗରାଜ (୩୫)। ତାଙ୍କ ଘର ଗୋଲାମୁଣ୍ଡାରେ। ଶନିବାର ସକାଳେ ପୋଲ ତଳେ କେହି ଜଣେ ପଡିଥିବା ଓ ପାଖରେ ଏକ ବାଇକ ଥିବା ଦେଖି ସ୍ଥାନୀୟ ଲୋକେ ନିକଟରେ ଥିବା ଆଇଆରବିଏନ କ୍ୟାମ୍ପକୁ ସୂଚନା ଦେଇଥିଲେ। ଯବାନମାନେ ଆସି ସୁରେଶଙ୍କୁ ଚିହ୍ନଟ କରିଥିଲେ। ଏହି ଖବର ପାଇ ଜୁନାଗଡ ଥାନା ଅଧିକାରୀ ଉତ୍ତମ କୁମାର ସାହୁ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସୁରେଶ ୨୦୦୮ରେ ଆରଆରବିଏନ ଜବାନ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କର ସ୍ତ୍ରୀ, ଦୁଇ ଛୋଟ ପୁଅ ଅଛନ୍ତି। ସୁରେଶ ଧରିତ୍ରୀ ଗୋଲାମୁଣ୍ଡା ପ୍ରତିନିଧି ସାଉଲ ମଙ୍ଗରାଜଙ୍କ ସାନ ଭାଇ। ସୂଚନାଯୋଗ୍ୟ, ବଡବାପାଙ୍କ ଦଶାହରେ ଯୋଗଦେବାକୁ ସେ ଗାଁକୁ ବାଇକ୍‌ରେ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି।

### ଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ବଡଗାଁ,୨୭।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁର ଜଣେ ବିବାହିତ ଯୁବକ ଶୁକ୍ରବାର ରାତିରେ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଝସକେତନ ପ୍ରଧାନ (୩୮) । ଶୁକ୍ରବାର ରାତିରେ ସେ ଘରୁ ବାହାରି ଥିଲେ । ବହ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ଶନିବାର ପୂର୍ବାହ୍ନରେ ପଟୁଆବେଡା ଗାଁ ନିକଟ ଏକ ନାଳରେ ତାଙ୍କ ମୃତଦେହ ଦେଖି ଲୋକେ ପୋଲିସକୁ ଜଣାଇଥିଲେ । ନାଳ ପାର୍ଶ୍ୱରେ ଥିବା ଜାମୁ ଗଛରେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ । ହେଲେ ଗାମୁଛା ଛିଣ୍ଡି ଯିବାରୁ ସେ ନାଳ ଭିତରେ ପଡିଯାଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଖାଉଟୀଙ୍କୁ ମିଳିନି ସରକାରୀ ଡାଲି ଠକେଇ ଉଦ୍ୟମ ଧରାପଡ଼ିଲା

ବଡଗାଁ,୨୭।୬ (ଡି.ଏନ.ଏ.): ମାର୍ଚ୍ଚ ମାସରେ ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକର ବଡଗାଁ ପଞ୍ଚାୟତ ସମେତ ଅନ୍ୟ କେତେକ ପଞ୍ଚାୟତରେ ଖାଉଟୀଙ୍କୁ କିରୋସିନୀ ପ୍ରଦାନ କରାଯାଇଥିଲା । ହେଲେ ନିର୍ଦ୍ଧାରିତ ଦର ଠାରୁ ଲିଟର ପିଛା ୧୦ ଟଙ୍କା ଅଧିକ ନିଆଯାଇଥିଲା ବୋଲି ଖାଉଟିମାନେ ଅଭିଯୋଗ କରିଥିଲେ। ଏବେ ଖାଉଟୀଙ୍କୁ ଆଉ ଥରେ ଠକେଇ କରିବାକୁ ଉଦ୍ୟମ ହୋଇଛି । ଖାଉଟୀଙ୍କୁ ଡାଲି ନ ଦେଇ ତାଙ୍କ କାର୍ଡରେ ଦିଆଯାଇଥିବା ଦର୍ଶାଯାଇଛି। ଟିମନା ପଞ୍ଚାୟତର ଗେତୁବାହାଲ, ଘୁଘରୀବେର୍ଣ୍ଣା ଓ ଆଉ କେତେକ ଗ୍ରାମର ଖାଉଟୀଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ୩ କେଜି ମାଗଣା ଡାଲି ବଣ୍ଟନ କରାଯାଇନାହିଁ । କିନ୍ତୁ କିରୋସିନୀ ନେଉଥିବା ଖାଉଟୀଙ୍କ କାର୍ଡରେ ଡାଲି ଦିଆଯାଇଥିବା ଲେଖାଯାଇଛି । ଏ ସମ୍ପର୍କରେ ବଡଗାଁ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ଭୂଲରେ ଲେଖି ଦେଇଛନ୍ତି, ସମସ୍ତ ଖାଉଟୀଙ୍କୁ ଡାଲି ମିଳିବ ବୋଲି କହିଛନ୍ତି ।

### ମାନସିକ ଅସୁସ୍ଥ ନାବାଳକ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୨୭।୬: ଶୁକ୍ରବାର ରାତ୍ରି ସାଢ଼େ ୯ଟା ସମୟରେ ଜଣେ ନାବାଳକ ବେହେରାମାଲର କିସାନ ଛକରେ ଏକାକୀ ବୁଲୁଥିଲେ । ଝାରସୁଗୁଡ଼ା ପୋଲିସ ତାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନ-୧୦୯୮କୁ ଖବର ଦେଇଥିଲା। ଚାଇଲ୍ଡ ଲାଇନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲା । ପରେ ଶିଶୁ ମଙ୍ଗଳ କମିଟିର ଆଦେଶ ଅନୁଯାୟୀ ତାଙ୍କୁ ମୁକ୍ତାଶ୍ରୟରେ ସାମୟିକ ଥଇଥାନ କରାଯାଇଛି। ନାବାଳକଟି ମାନସିକ ଭବେ ଅସୁସ୍ଥ ଅଛନ୍ତି । ସେ କିଛି କହି ପାରୁ ନାହାନ୍ତି ବୋଲି ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା କହିଛନ୍ତି।

# ‘ପାଣି ଏଠି ଜୀବନ ନୁହେଁ, ଜହର’

ବିନିକା,୨୭।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲ ଗାଁ । ଏହି ରାଜସ୍ୱ ଗ୍ରାମର ଲୋକସଂଖ୍ୟା ୪ଶହ । ମୁଖ୍ୟତଃ ପଛୁଆ ବର୍ଗ ଏବଂ ଆଦିବାସୀ,ହରିଜନ ଶ୍ରେଣୀର ଲୋକେ ବସବାସ କରୁଥିବା ଏହି ଗ୍ରାମର ଚତୁଃପାର୍ଶ୍ୱରେ ଚାଷ ଜମି ଘେରି ରହିଛି। ଗୋଟିଏ ୱାର୍ଡକୁ ନେଇ ଗଠିତ ଏହି ଗ୍ରାମରେ ବିକାଶ ସାତସପନ । ବିଭିନ୍ନ କ୍ଷେତ୍ରରେ ବହୁ ପଛରେ ରହିଥିବା ଏହି ଗ୍ରାମବାସୀ ମୌଳିକ ସେବାରୁ ବଞ୍ଚିତ । କୁହାଯାଏ ଜଳ ହିଁ ଜୀବନ । କିନ୍ତୁ ଏଠି ଜଳ ଜହର । ମାଟି ତଳୁ ବାହାରୁଥିବା ପାଣି ମଧ ପାନୀୟ ଜଳ ଉପଯୋଗୀ ନୁହଁ ବୋଲି ଗ୍ରାମବାସୀ କହିଛନ୍ତି । ସେମାନେ ଦର୍ଶାଇଛନ୍ତି, ଏହି ପାଣି ପିଇ ଗ୍ରାମର ବହୁ ଲୋକ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ଗାଁରେ ସୌରଶକ୍ତି ଚାଳିତ ଏକ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ ଆବଶ୍ୟକ ଅନୁଯାୟୀ ପାଣି ମିଳୁ ନାହିଁ । ସେହିପରି ଗାଁରେ ୩ଟି ନଳକୂପ ଅଛି । ମାତ୍ର ଗୋଟିଏ ନଳକୂପ କାର୍ଯ୍ୟକ୍ଷମ ରହିଛି । ମଝିପଡା ନଳକୂପ ଅଚଳ ହୋଇ ପଡିଥିବା ବେଳେ ତଳିପଡା ନଳକୂପରୁ ଲୌହ ମିଶ୍ରିତ ପାଣି ବାହାରୁଛି । ତଥାପି ଆବଶ୍ୟକ ପାଣି ମିଳୁ ନ ଥିବାରୁ ଗାଁ ଲୋକେ ବାଧ୍ୟ ହୋଇ ସେହି ଲୌହମିଶ୍ରିତ ପାଣି



ତିଲେଇମାଲ ଗାଁରେ ଥିବା ଏକ ନଳକୂପ।

ବ୍ୟବହାର କରୁଛନ୍ତି । ଏହି ଦୂଷିତ ପାଣି ପିଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମର ରଞ୍ଜୁ ଛତର(୨୫) , ରାଜକୁମାର ଜାଳ (୪୦), ପ୍ରତିମା ମଲ୍ଲିକ (୪୮)ଙ୍କ ମୃତ୍ୟୁ ଘଟିଛି । ବର୍ତ୍ତମାନ ଭାନୁମତି ବାଘ (୬୦), ବ୍ରଜମୋହନ କୁଦେଇ(୪୮), ଲମ୍ବୋଦର ବିହାର(୫୦), ଲକ୍ଷ୍ମଣ ମଲ୍ଲିକ(୪୮) ସେହି ରୋଗରେ ଆକ୍ରାନ୍ତ ହୋଇଛନ୍ତି । ହେଲେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ପାଇ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ସେମାନଙ୍କ ଶରୀରର ବିଭିନ୍ନ ଅଙ୍ଗ ଫୁଲି ଯାଇଛି ବୋଲି ଗ୍ରାମବାସୀ କହିଛନ୍ତି ।

ଏ ନେଇ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ପଞ୍ଚାୟତର ନିଜସ୍ୱ ପାଣ୍ଠିରେ ତିଲେଇମାଲ-ରାମପୁର କେନାଲ ରାସ୍ତା ନିର୍ମାଣ ଚାଲିଛି । ଖୁବ୍‌ଶୀଘ୍ର ସେହି କାମ ଶେଷ ହେବ । ତିଲେଇମାଲ-ତାଳମୁଣ୍ଡା ମୁଖ୍ୟରାସ୍ତା ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ ହୋଇଛି । ଆଗାମୀ ଦିନରେ ଗାଁରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା, ଶିକ୍ଷା , ଗମନାଗମନ ଏବଂ ବେକାରୀ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦିଆଯାଇଛି ।

#### ବର୍ଷାଜଳରେ ହଜିଯାଏ ରାସ୍ତା

ବହୁ ବର୍ଷ ଧରି ଗ୍ରାମର ତିଲେଇମାଳ-ତାଳମୁଣ୍ଡା ୪ କି.ମି. ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ହୋଇନାହିଁ । ଯାହାକୁ ଗ୍ରାମବାସୀ ରାସ୍ତା ବୋଲି କହିଥାନ୍ତି ତାହା ଧାନ ବିଲ ଦେଇ ଯାଇଛି। ବର୍ଷାଦିନେ ସେହି ବାଟ ଦେଇ ଯିବାଆସିବା କରିବା କଷ୍ଟକର, କାଦୁଅ ପଚ ପଚ । ଏପରି କି ଅଧିକ ବର୍ଷା ହେଲେ ସେହି ରାସ୍ତା ସତେ ଯେମିତି ହଜିଯାଏ । ବର୍ଷାଜଳରେ ତାହା ବୁଡି ରହିଥିବାରୁ ଖୋଜିବା କଷ୍ଟକର ହୋଇପଡେ ।

#### ଭୋଟ ବର୍ଜନ ପାଇଁ ଚେତାବନୀ

ଏହି ଗ୍ରାମରେ ସାକ୍ଷରତା ହାର ବହୁତ କମ୍ । ଯେଉଁ କେତେଜଣ ପାଠ ପଢିଛନ୍ତି ଗାଁରେ ଚଳିବାକୁ ସୁବିଧା ନ ଥିବାରୁ ଗାଁ ଛାଡିଛନ୍ତି । ଶ୍ରୀଧର ଦ୍ୱୀପ (୨୮), ସୁଶାନ୍ତ ଜାଳ (୨୩), କାହ୍ନା ଭୁଏ(୨୧), ଶୁଭଲେଖ ଭୋଇ (୨୦) ,ବୀର ଜାଳ(୩୦), ପଳଉ ଜାଳ (୩୦), ଶିବ କୁଦେଇ (୩୦) ପ୍ରମୁଖ ବହୁବର୍ଷ ହେଲା ଅନ୍ୟ ସ୍ଥାନରେ ରହୁଛନ୍ତି । ଏ ନେଇ ପ୍ରଶାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳିନାହିଁ । ଲୋକ ପ୍ରତିନିଧି ମଧ ନୀରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଆଗାମୀ ଦିନରେ ଭୋଟ ବର୍ଜନ କରିବା ପାଇଁ ଗ୍ରାମର ନୃପ ବାଘ ,ବିଚିତ୍ରାନନ୍ଦ ପାଢୀ, ବିମଳ କୁଦେଇ, ଟିକିଲାଲ କୁଦେଇ, ବିଦେଶୀ ମଲ୍ଲିକ, ସୀତାରାମ ସା, ହାଡୁ କୁଦେଇ, ସୁରେନ୍ଦ୍ର ବାଘ, କରୁଣାକର ଜାଳ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଛୁରା ମାଡ଼ରେ ୨ ଭାଇ ଗୁରୁତର

### ୨ ଅଭିଯୁକ୍ତ ଗିରଫ, ୪ ଫେରାର

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ହିରୋ ଗ୍ରାମ ଛକରେ ଥିବା ପାନ ଦୋକାନ ସମ୍ମୁଖରେ ୨ଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେମାନେ ହେଲେ ହିରୋ ଗ୍ରାମର ବିଦେଶୀ ମିର୍ଦ୍ଧା ( ୪୫) ଓ ଉମେଶ ମିର୍ଦ୍ଧା (୨୬) । ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାରେ ଧମା ଥାନା ଖୁଣ୍ଟି ଗ୍ରାମର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅନ୍ୟ ୪ ଜଣ ଫେରାର ଅଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ମନ୍‌ଜିତ ବାଦି ( ୨୫), ନିରଞ୍ଜନ ସାହୁ (୨୩) । ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତମାନେ ମଧ ପାଲଟା ଆକ୍ରମଣରେ ଆହତ ହୋଇଛନ୍ତି। ଶନିବାର ୬ ଜଣ ଯୁବକ ମେଘପାଲ ପଟରୁ ଆସି ପାନ ଦୋକାନରେ ଅଟକିଥିଲେ । ସେମାନେ କିଛି ସାମଗ୍ରୀ କିଣିଥିଲେ । ଏହି ସମୟରେ ପାନ ଦୋକାନୀଙ୍କ ସହ କୌଣସି କଥାକୁ ନେଇ ସେମାନଙ୍କ ବଚସା ହୋଇଥିଲା । ବିଦେଶୀ ଓ ଉମେଶ ପାନ ଦୋକାନୀଙ୍କ ସମ୍ପର୍କୀୟ ହୋଇଥିବାରୁ ଗଣ୍ଡଗୋଳ ନ କରିବାକୁ ସେହି ଯୁବକମାନଙ୍କୁ ଅନୁରୋଧ କରିଥିଲେ। ହେଲେ ଯୁବକମାନଙ୍କ ମଧ୍ୟରୁ ମନ୍‌ଜିତ୍ ଓ ନିରଞ୍ଜନ ଛୁରା ବାହାର କରି ବିଦେଶୀ ଓ ଉମେଶଙ୍କୁ ଅଚାନକ ଆକ୍ରମଣ କରିଥିଲେ । ଫଳରେ ଉଭୟଙ୍କ ପେଟ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗଣ୍ଡଗୋଳ ଖବର ପାଇ ସ୍ଥାନୀୟ ଲୋକେ ଦୌଡି ଆସି ୨ ଆକ୍ରମଣକାରୀଙ୍କୁ କାବୁ କରି ନେଇଥିଲେ । ଅନ୍ୟ ୪ଜଣ ଫେରାର ହୋଇଯାଇଥିଲେ । ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ।



ଫଟୋରେ ଖବର..

**ପୋଖରୀ ନୁହଁ:** ଶନିବାର ସମ୍ବଲପୁର ପୁରୁଣା ବେସରକାରୀ ବସଷ୍ଟାଣ୍ଡରେ ନିର୍ମାଣାଧୀନ ଟାଉନ ହଲଠାରେ ପାଣି ଜମି ରହିଥିବାରୁ ବିପଜ୍ଜନକ ଭାବେ ଦୁଇ ପିଲା ମାଛ ମାରୁଛନ୍ତି ।

## ବାସଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ବଣ୍ଟନ

ସମ୍ବଲପୁର,୨୭।୬ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୪୦ର ମାନେଶ୍ୱରଠାରେ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ କରିବାକୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାୟକ ଅତିଥିଭାବେ ଯୋଗଦେଇ ୨୦ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ମହାନଗର ନିଗମ ଆବାସ ଯୋଜନାର ଅଧିକାରୀ ପବନ କୁମାର ଯାଦବ, ୱାର୍ଡ ଅଧିକାରୀ ସହଦେବ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ପ୍ରକାଶ ସାହୁ, ସାଧାରଣ ସମ୍ପାଦକ ଅନୀଲ ବର୍ମା ଯୋଗଦେଇଥିଲେ ।

## ମା'ଙ୍କ ସମେତ ଦୁଇ ପୁଅ ଆତ୍ମହତ୍ୟା ଘଟଣା ଏବେ ବି କାରଣ ଅସ୍ପଷ୍ଟ

ବରଗଡ଼ ଅଫିସ୍,୨୭।୬

- ପାରିବାରିକ କଳହକୁ ନେଇ ସନ୍ଦେହ
- ଖୋଜା ଚାଲିଛି କଳହର କାରଣ
- ଦୁଇଟି ଜୁଇରେ ଜଳିଲା ୩ ମୃତଦେହ

ବରଗଡ଼ ସଦର ଥାନା ଅନ୍ତର୍ଗତ ଚାରପାଲି ଗ୍ରାମରେ ଶୁକ୍ରବାର କୀଟନାଶକ ପିଇ ମା'ଙ୍କ ସମେତ ୨ପୁଅ ଆତ୍ମହତ୍ୟା କରିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି । ତେବେ ପାରିବାରିକ କଳହ ଯୋଗୁ ସେମାନେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ କାହିଁକି କଳହ ଦେଖାଯାଇଥିଲା ଏବଂ କେଉଁ ପରିସ୍ଥିତିରେ ୩ଜଣ ଯାକ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ, ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସଦର ଥାନା ପୋଲିସ ଏ ନେଇ ପୃଥକ ଭାବେ ୩ଟି ଅପମୃତ୍ୟୁ ମାମଲା (ନଂ.୧୦/୨୦୨୦, ୧୧/୨୦୨୦, ୧୨/୨୦୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି । ଏ ସମ୍ପର୍କରେ ସଦର ଥାନାଧିକାରୀ ଦିଲୀପ ବେହେରାଙ୍କୁ ପଚାରିବାରୁ ଘଟଣା ଦିନ ମୃତକଙ୍କ ଗ୍ରାମରେ ଏକ ବାହାଘର ଚାଲିଥିଲା ଏବଂ ସମସ୍ତଙ୍କ ସମ୍ମୁଖରେ କଳିଗୋଳ ହେବାରୁ ନିଜକୁ ଅପମାନିତ କରି ସେମାନେ ସେଭଳି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି ବୋଲି ସେ କହିଥିଲେ । ଅନ୍ୟପଟେ ଶନିବାର ବ୍ୟବଚ୍ଛେଦ ହେବା ପରେ ଦୁଇଟି ଜୁଇରେ ୩ ମୃତଦେହକୁ ଦାହ କରାଯାଇଥିଲା ।

ସୂଚନା ଅନୁଯାୟୀ, ଚାରପାଲି ଗ୍ରାମର କାଶିଆ ବନଛୁର ଜଣେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଅଟନ୍ତି । ତାଙ୍କ ଅଳ୍ପକିଛି ନିଜ ଜମି ଥିବାବେଳେ ସେ ଗ୍ରୀଷ୍ମଋତୁରେ ଏକ ଜଳଛତ୍ରରେ ଦୈନିକ ତିନି ଶହ ଟଙ୍କା ଲେଖାଏଁ ମଜୁରୀରେ କାମ କରୁଥିଲେ । ସେହିପରି ତାଙ୍କ ଯାଆଁଳ ପୁଅ ଜଗା, ବଳିଆ ମଧ୍ୟ ଅନ୍ୟ ପାଖରେ କାମ କରି ରୋଜଗାର କରୁଥିଲେ । ସେଥିରୁ ଯାହା ମିଳୁଥିଲା ତାଙ୍କ ପରିବାର ଚଳୁଥିଲା। ତେବେ ଗତ କିଛି ମାସ ତଳେ କାଶିଆ ନିଜ ଝିଅଙ୍କ ବାହାଘର କରିଥିଲେ। ବାହାଘର ସମୟରେ ମଧ୍ୟ ସେ ବିଭିନ୍ନ ଲୋକଙ୍କଠାରୁ ଧାରକରଜ ଆଣିଥିଲେ। ସେହିପରି କାଶିଆ ଜଳଛତ୍ରରେ କାମ କରୁଥିବାବେଳେ ସେହି କାମର ପାରିଶ୍ରମିକକୁ ନେଇ ବିଭିନ୍ନ ସମୟରେ କଳିଗୋଳ ହେଉଥିଲା। କାଶିଆ ସେହି ଟଙ୍କା ମିଳିନାହିଁ ବୋଲି କହୁଥିବାବେଳେ ପରିବାର ଲୋକେ ତାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଏଭଳି ଭାବେ ପରିବାର ଲୋକଙ୍କୁ ସବୁବେଳେ ଅର୍ଥ ଚିନ୍ତା ଘାରୁଥିଲା ଏବଂ ସେଥିରୁ ହିଁ ପାରିବାରିକ କଳହ ଉପୁଜି ଆସୁଥିବା ଅନୁମାନ କରାଯାଉଛି ।

# ବିନା ସ୍ୱାବ୍ ପରୀକ୍ଷାରେ ଘରକୁ ଫେରୁଛନ୍ତି ପ୍ରବାସୀ

### କୋଭିଡ୍ ପରିଚାଳନା ନେଇ ପ୍ରଶ୍ନବାଚୀ

ସୋନପୁର,୨୭।୬(ନି.ପ୍ର.)

କ୍ୱାରାଣ୍ଟାଇନ୍ ଅବଧିକୁ ସରକାର ହ୍ରାସ କରିଛନ୍ତି। ଲକ୍ଷଣ ନ ଥିଲେ ଆଉ ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ ହେଉନାହିଁ। ରିପୋର୍ଟ ପଜିଟିଭ୍ ଆସିଲେ ମଧ ଲକ୍ଷଣ ନ ଥିଲେ ମାତ୍ର ୪ରୁ ୫ ଦିନରେ ରୋଗୀଙ୍କୁ କୋଭିଡ ହସ୍ପିଟାଲରୁ ଡିସଚାର୍ଜ କରାଯାଉଛି। ଫଳରେ କୋଭିଡ ପରିଚାଳନାକୁ ନେଇ ସୁସ୍ଥ ହୋଇଥିବା ରୋଗୀ ପ୍ରଶ୍ନ ଉଠାଇଛନ୍ତି। ଗତ ୨୦ ତାରିଖରେ ବିନିକା ବ୍ଲକ ବାଙ୍କିଘିରିର ଜଣେ ଏଏନ୍‌ଏମ, ୨ଜଣ ଆଶାକର୍ମୀ ଓ ବିଲେଇପାଲିର ଜଣେ ୨୮ ବର୍ଷୀୟ ପ୍ରବାସୀଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିଦିନ ସେମାନଙ୍କୁ ସୋନପୁର ସରକାରୀ ଆଇଟିଆଇସ୍ଥିତ ଅସ୍ଥାୟୀ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ୨୫ତାରିଖ ସକାଳେ ସମସ୍ତ ୪ଜଣଙ୍କୁ ସୁସ୍ଥ ଦର୍ଶାଇ ଡିସଚାର୍ଜ କରାଯାଇଛି । ଘଟଣାକୁ ନେଇ ସମ୍ପୃକ୍ତ ଏଏନ୍‌ଏମ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ କହିବା ଅନୁଯାୟୀ ବାଙ୍କିଘିରିରେ କିମ୍ବା ପରିବାରରେ କେହି ସଂକ୍ରମିତ ନ ଥିଲେ। କିନ୍ତୁ ୩ଜଣଙ୍କ ସ୍ୱାବ୍ ସଂଗ୍ରହ ସମୟରେ ରିପୋର୍ଟ ପଜିଟିଭ୍ ଆସିବାର ସମ୍ଭାବନା ଅଧିକ ବୋଲି କୁହାଗଲା । ୨୦ ତାରିଖରେ ଆକ୍ରାନ୍ତ କହି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଗଲା । ସେଠାରେ ଭିଟାମିନ୍ ସି, ଓଆରଏସ୍ ଓ ପାଣ୍ଟାପୋଜଲ ଖାଇବାକୁ ଦିଆଗଲା । ସୁସ୍ଥ କହି ବିନା ନେଗେଟିଭ୍ ରିପୋର୍ଟରେ ଅନ୍ୟ ୩ଜଣଙ୍କ ସହିତ ଗୁରୁବାର ଡିସଚାର୍ଜ କରାଗଲା । ସେ ମାନସିକ ଦୁଶ୍ଚିନ୍ତାରେ ରହିଲେ ଓ ଏବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ୧୫ତାରିଖରେ ସମ୍ପୃକ୍ତ ୪ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା । ୨୦ ତାରିଖରେ ପଜିଟିଭ୍ ରିପୋର୍ଟ ଆସିଲା । ଆଇସିଏମଆର ଗାଇଡ୍‌ଲାଇନ୍ ଅନୁଯାୟୀ କୌଣସି ଲକ୍ଷଣ ନ ଥିଲେ ୧୦ ଦିନ ପରେ ସଂକ୍ରମିତଙ୍କୁ ସୁସ୍ଥ ବୋଲି ବିବେଚନା କରାଯିବ ବୋଲି କହିଥିଲେ। ପ୍ରକାଶ ଯେ, କ୍ୱାରାଣ୍ଟାଇନ୍ ସେଣ୍ଟର କିମ୍ବା ଟିଏମ୍‌ସିରେ ପୂର୍ବରୁ ପ୍ରବାସୀ ଶ୍ରମିକଙ୍କୁ ଅତିକମ୍‌ରେ ୧୪ରୁ ୨୧ଦିନ ରଖାଯାଉଥିଲା। ପରେ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଥିଲା। ନୂତନ ଗାଇଡ୍‌ଲାଇନ୍ ଅନୁସାରେ କରୋନା ଲକ୍ଷଣ ନ ଥିଲେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୭ଦିନ ରଖାଯାଉଛି। ସ୍ୱାବ୍ ନମୁନା ସଂଗ୍ରହ କରାଯାଉନାହିଁ । ଅବଧି ସରିବା ପରେ ପୁଣି ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। ଗରିବ ଶ୍ରମିକଙ୍କ ଘରେ ସ୍ୱତନ୍ତ୍ର କୋଠରି, ଶୌଚାଳୟ ଓ ଗାଧୁଆ ଘର ନାହିଁ । ତେଣୁ ସେମାନେ ଖୋଲାରେ ବୁଲୁଛନ୍ତି ।

## ଚାଷୀଙ୍କ ଘରୁ ଲକ୍ଷାଧିକ ଟଙ୍କା, ୬ ଭରି ସୁନାଗହଣା ଚୋରି

କୋକସରା,୨୭।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଚାରବାହାଲ ଶାନ୍ତି ନଗରପଡାର ଚାଷୀ ଜି.ଶ୍ରୀନିବାସ ରାଓଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ୬ ଭରି ଓଜନର ସୁନାଗହଣା ଚୋରି ହୋଇଥିବା କୋକସରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଜାରି ରଖିଛି । ଶାନ୍ତିନଗରପଡ଼ାର ଜି. ଶ୍ରୀନିବାସ ରାଓଙ୍କ ଘର ବାରିପଟ ଦେଇ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଘର କବାଟ ତାଡ଼ି ପଶିଥିଲେ । ସେମାନେ ଆଲମାରିରେ ଥିବା ୬ ଭରି ଓଜନର ସୁନାଗହଣା ଓ ୧ ଲକ୍ଷ ୪ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକ କାଳେ ଉଠିବେ ସେଥିପାଇଁ ଚୋରମାନେ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ । ପରିବାର ଲୋକ ସକାଳୁ ଉଠିବା ପରେ ଆଲମିରା ଖୋଲା ଥିଲା । ଅନ୍ୟାନ୍ୟ ଜିନିଷ ଏଣେ ତେଣେ ପଡିଥିବା ଦେଖି ଚୋରି ହୋଇଥିବା ଜାଣିପାରିଥିଲେ। ରାଓ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୋକସରା ଥାନାରେ ଏକ ମାମଲା (ନଂ ୧୬୧/୨୦) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ବାସୁଦେବ ଛତ୍ରିଆ କହିଛନ୍ତି ।

## ପ୍ରଧାନପାଲି ଛକରେ ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଫେରାର

ବରଗଡ଼ ଅଫିସ୍,୨୭।୬

**ବରଗଡ଼**
- ରାସ୍ତା କାଦୁଅ ପାଣି ଛିଟିକିବାରୁ ବଚସା, ପରେ ଭୁଜାଲି ମାଡ଼
- ବୁର୍ଲା ଡାକ୍ତରଖାନାରେ ଯୁବକଙ୍କ ଜୀବନ ଗଲା

ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ଛକରେ ଶୁକ୍ରବାର ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି । ଅଭିଯୁକ୍ତଙ୍କ ଭୁଜାଲି ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରଧାନପାଲି ଛକ ବାସିନ୍ଦା ସୁରଜ ଶାହା ଓରଫ ଗୁପ୍ତା । ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ହତ୍ୟା ମାମଲା (ନଂ.୨୨୫/୨୦) ରୁଜୁ ହୋଇଛି ।

ସୂଚନା ଅନୁଯାୟୀ, ମୃତ ଯୁବକ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ଅନ୍ୟ ଏକ ବାଇକ୍ ଯୋଗେ ଯାଉଥିଲେ। ଉଭୟେ ଯିବା ବାଟରେ ରାସ୍ତାର କାଦୁଅ ପାଣି ଛିଟିକିଥିଲା । ଏହାକୁ ନେଇ ସୁରଜ ଓ ଅଭିଯୁକ୍ତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା ଏବଂ ଶେଷରେ ଅଭିଯୁକ୍ତ ଜଣକ ଏକ ଭୁଜାଲିରେ ତାଙ୍କ ଛାତିକୁ ଚୋଟ ମାରିଥିଲେ । ପରିବାର, ପଡ଼ୋଶୀ ଲୋକେ ସୁରଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଏପର୍ଯ୍ୟନ୍ତ ଅଭିଯୁକ୍ତ ଚିହ୍ନଟ ହୋଇ ନାହାନ୍ତି ଏବଂ ତାଙ୍କୁ ଖୋଜା ଚାଲିଛି ବୋଲି କହିଥିଲେ ।

# ଆନ୍ଦୋଳନକାରୀ-ପୋଲିସ ମୁହାଁମୁହିଁ

ବଲାଙ୍ଗୀର ଅଫିସ, ୨୭।୬

- ଲିଖିତ ପ୍ରତିଶ୍ରୁତି ପରେ ବିଏସ୍‌ଏନ୍‌ଏଲ ମଜଦୁର ସଂଘ ଆନ୍ଦୋଳନ ସ୍ଥଗିତ

୬ ଦଫା ଦାବି ନେଇ ବିଏସ୍‌ଏନ୍‌ଏଲ୍ ମଜଦୁର ସଂଘ ପକ୍ଷରୁ ଦୀର୍ଘ ୧୭ ଦିନ ହେଲା ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ଲିଖିତ ପ୍ରତିଶ୍ରୁତି ପରେ ସ୍ଥଗିତ ରଖାଯାଇଛି। ତେବେ ଆନ୍ଦୋଳନ ସ୍ଥଗିତ କରାଯିବା ଆଗରୁ ପୋଲିସ ବିଏସ୍‌ଏନ୍‌ଏଲ୍ ଅଫିସ ଗେଟ୍ ଖୋଲିବାକୁ ଯିବାବେଳେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏହାକୁ ନେଇ ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମଜଦୁର ସଂଘ ସଭାପତି ଲଳିତ କୁମାର ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଓ ଏକ୍ସଚେଞ୍ଜ ଅଫିସକୁ ତାଲା ପକାଇ ବନ୍ଦ କରିଦେଇଥିଲେ । ୬ଦଫା ଦାବି ନେଇ ଏହି କର୍ମଚାରୀମାନେ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କରୋନା ସମୟରେ ଲୋକେ ଲକ୍‌ଡାଉନ୍‌ରେ ଥିବାବେଳେ କର୍ତ୍ତବ୍ୟ ଜାରି



ବିଏସ୍‌ଏନ୍‌ଏଲ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ରଖିଥିବା ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଦରମା ଦୀର୍ଘ ୧୦ ମାସ ହେଲା ନ ମିଳିବା ଦୁର୍ଭାଗ୍ୟଜନକ ଓ ମାନବିକତାର ଉଲ୍ଲଂଘନ ବୋଲି ସଭାପତି ନାଏକ କହିଥିଲେ । ଏହି କର୍ମଚାରୀଙ୍କୁ ଗୋଟିଏ ମାସରେ ୨୬ ଦିନ କାମ ଦିଆଯିବା ପ୍ରାବଧାନ ଥିଲେ ମଧ ୧୪/୧୫ ଦିନ ଯୋଗାଇ ଦିଆଯାଉଛି। ଏଣୁ ତୁରନ୍ତ ସମସ୍ତ କର୍ମଚାରୀଙ୍କୁ ୨୬ଦିନର କାମ ଯୋଗାଇବାକୁ ସେ ଦାବି କରିଥିଲେ । ଅଣକୁଶଳୀକୁ ଅର୍ଦ୍ଧକୁଶଳୀ ଓ ଅର୍ଦ୍ଧକୁଶଳୀକୁ କୁଶଳୀ ଶ୍ରମିକ ପଦୋନ୍ନତି ଦେବା, ମାର୍ଚ୍ଚ ମାସର ଦରମାରୁ ଠିକାଦାର ଅଧା ଦରମା କାଟି ଦେଇଥିବାରୁ ତୁରନ୍ତ ସବୁ ଦରମା ପ୍ରଦାନ, କଟାଯାଉଥିବା ଇପିଏଫ୍ ତୁରନ୍ତ ଜମା କରିବା, ଦରମା ମାଗିଲେ ଧମକ ଦିଆଯାଉଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଦୀର୍ଘ ୧୭ ଦିନ ଆନ୍ଦୋଳନ ଜାରି ରହିବା ଫଳରେ ବିଏସ୍‌ଏନ୍‌ଏଲ୍ ଅଫିସ ବନ୍ଦ ହୋଇଯାଇଥିଲା । ଶୁକ୍ରବାର ଏହି ସମସ୍ୟାକୁ ନେଇ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ତ୍ରିପାକ୍ଷିକ ବୈଠକ ହୋଇଥିଲା । ସମ୍ବଲପୁର ଆର୍‌ଡିସି ମଧ ଏଥିରେ ହସ୍ତକ୍ଷେପ କରିଥିଲେ । ସନ୍ଧ୍ୟାରେ ଧାରଣାସ୍ଥଳରେ ଉଭୟ ପକ୍ଷ ବୈଠକରେ ବସି ଜୁନ୍ ୩୦ ତାରିଖ ସୁଦ୍ଧା କର୍ମଚାରୀଙ୍କ ୨ ମାସର ଦରମା ଦେବା ସହ ଅନ୍ୟାନ୍ୟ ଦାବିକୁ ସିଜିଏମ୍‌ଙ୍କ ପାଖକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏନେଇ ଲିଖିତ ପ୍ରତିଶ୍ରୁତି ଦେବାକୁ ବିଭାଗ ମନା କରିଦେଇଥିଲା । ଶନିବାର ସକାଳେ ପୋଲିସ ଫୋର୍ସ ଲଗାଇ ବିଏସ୍‌ଏନ୍‌ଏଲ୍ ଅଫିସ ତାଲା ଖୋଲୁଥିବାବେଳେ ସଭାପତି ଲଳିତ କୁମାର ନାୟକ ଓ ତାଙ୍କ ସମର୍ଥକମାନେ ତୀବ୍ର ବିରୋଧ କରିଥିଲେ। ଏଠାରେ ଟାଉନ୍ ଥାନାଧିକାରୀ ଓ ସଂଘ ସଭାପତିଙ୍କ ଉଚ୍ଚବାଚ ହୋଇଥିଲା। ଶ୍ରମିକମାନେ ତାଲା ଖୋଲିବାକୁ ଦେଇ ନ ଥିଲେ । ଏହାପରେ ଡିଟିଏମ୍ କନ୍ହେଇ ସିଂ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି ।

## ଥୋମାସଙ୍କୁ ଫ୍ରାଙ୍କ୍‌ଲିନ୍‌ଙ୍କ ପରାମର୍ଶ

**କିଙ୍ଗଷ୍ଟନ, ୨୭।୬ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟରେ ତିଷ୍ଠିବାକୁ ହେଲେ ୱେଷ୍ଟଇଣ୍ଡିଜ ସ୍ପିଡ୍‌ଷ୍ଟର ଓଶାନେ ଥୋମାସଙ୍କୁ ଓଜନ କମାଇବାକୁ ପଡ଼ିବ। ତା' ନ ହେଲେ ସେ ବର୍ତ୍ତମାନ ଯେତେ ସ୍ପିଡ୍ (ଘଣ୍ଟା ପ୍ରତି ୯୦ ମାଇଲ) ବୋଲିଂ କରିପାରୁଛନ୍ତି ତାହା ବଜାୟ ରଖିବା କଷ୍ଟକର ହେବ ବୋଲି ପୂର୍ବତନ ପେସ୍ ବୋଲର ଫ୍ରାଙ୍କ୍‌ଲିନ୍ ରୋଜ୍ କହିଛନ୍ତି। ରୋଜ୍ ୧୯୯୭ ରୁ ୨000 ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ପାଇଁ ଖେଳିଥିଲେ। ଆସନ୍ତା ମାସରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଥୋମାସ ବର୍ତ୍ତମାନ ଇଂଲଣ୍ଡରେ ଅଛନ୍ତି। ରୋଜ୍ କହିଛନ୍ତି, ଥୋମାସଙ୍କ ସହିତ ଏପର୍ଯ୍ୟନ୍ତ ମୋର ଭେଟ ହୋଇ ନାହିଁ କିନ୍ତୁ ସେ ନିଶ୍ଚୟ ଜଣେ ପ୍ରତିଭାସମ୍ପନ୍ନ ବୋଲର। ସେଇଥିପାଇଁ ୱେଷ୍ଟଇଣ୍ଡିଜ ତାଙ୍କୁ ଇଂଲଣ୍ଡ ଟୁର୍‌ରେ ନେଇଛି। କିନ୍ତୁ ଏହି ବୋଲରଙ୍କୁ ଫିଟ୍‌ନେସ୍ ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ୨୩ ବର୍ଷୀୟ ଥୋମାସ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ ଖେଳି ନାହାନ୍ତି। କିନ୍ତୁ ୨0 ଅନ୍ତର୍ଜାତୀୟ ଦିନିକିଆରେ ୨୭ ଉଇକେଟ ଏବଂ ୧୨ ଅନ୍ତର୍ଜାତୀୟ ଟି୨0ରେ ୧୫ ଉଇକେଟ ହାସଲ କରିସାରିଛନ୍ତି।

# ରିଜିଜୁଙ୍କୁ ଅନୁରୋଧ କଲେ ମାଲହୋତ୍ରା

ନୂଆଦିଲ୍ଲୀ, ୨୭।୬ (ପି.ଟି.)

### ଜାତୀୟ କ୍ରୀଡ଼ା ମହାସଂଘ ସ୍ୱୀକୃତି ପ୍ରତ୍ୟାହାର ପ୍ରସଙ୍ଗ

ଦେଶର ୫୪ଟି ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ଉପରୁ ବର୍ଷକ ପାଇଁ ସ୍ୱୀକୃତି ପ୍ରତ୍ୟାହାର କରାଯାଇଥିବାରୁ ଅଲ୍ ଇଣ୍ଡିଆ କାଉନ୍‌ସିଲ ଅଫ୍ ସ୍ପୋର୍ଟ୍ସ ସଭାପତି ଭି.କେ. ମାଲହୋତ୍ରା ଚିନ୍ତା ପ୍ରକଟ କରିଛନ୍ତି। ତୁରନ୍ତ ଦିଲ୍ଲୀ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଆବେଦନ ଲାଗି ଜଣେ ଆର୍ଟର୍ନି ଜେନେରାଲ (ଏଜି)ଙ୍କୁ ନିଯୁକ୍ତି ଦେବା ପାଇଁ ସେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ୫୪ଟି ଜାତୀୟ କ୍ରୀଡ଼ା ମହାସଂଘ ଉପରୁ ସାମୟିକ ବାର୍ଷିକ ସ୍ୱୀକୃତି ପ୍ରତ୍ୟାହାର କରିଛି। ପୁନଃ ନିର୍ଦ୍ଦେଶ ନ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଏଥିରେ କୁହାଯାଇଥିଲା। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ମାଲହୋତ୍ରା ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ କୋଭିଡ୍-୧୯ ମହାମାରୀ ଯୋଗୁ ବିଶ୍ୱ କ୍ରୀଡ଼ା ସଂଘର୍ଷ ଚଳାଇଛି। ସ୍ୱୀକୃତି ପ୍ରତ୍ୟାହାର ଦ୍ୱାରା ଆସନ୍ତାବର୍ଷ ଅଲିମ୍ପିକ ଗେମ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଭାରତୀୟ ଆଥଲେଟଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଭେଟେରାନ ସ୍ପୋର୍ଟ୍ସ ପ୍ରଶାସକ ଦର୍ଶାଇଛନ୍ତି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଅବା ଅନ୍ତର୍ଜାତୀୟ ମହାସଂଘଗୁଡ଼ିକ ସେମାନଙ୍କ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରି ନାହାନ୍ତି। ତେଣୁ ମନ୍ତ୍ରୀ ତୁରନ୍ତ ଜଣେ ଆର୍ଟର୍ନି ଜେନେରାଲ/ ସଲିସିଟର ଜେନେରାଲଙ୍କ ନିଯୁକ୍ତିର ବ୍ୟବସ୍ଥା କରି ତାଙ୍କ ଜରିଆରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ଲାଗି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଆବେଦନର ବ୍ୟବସ୍ଥା କରନ୍ତୁ। ବାର୍ଷିକ ସ୍ୱୀକୃତି ପାଇବା ଦ୍ୱାରା ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଟ୍ରେନିଂ ଓ ପ୍ରତିଯୋଗିତା ପାଇଁ ସରକାରଙ୍କଠାରୁ ଆର୍ଥିକ ଅନୁଦାନ ଏବଂ ସହାୟତା ପାଇଥାନ୍ତି। କରୋନା ମହାମାରୀ ବ୍ୟାପିବା ପରେ ମାର୍ଚ୍ଚ ମାସଠାରୁ ସମଗ୍ର ଦେଶରେ କ୍ରୀଡ଼ା କାର୍ଯ୍ୟକଳାପ ସ୍ଥାଣୁ ପାଲଟିଯାଇଛି। ଖେଳ ଆରମ୍ଭ ହେବାମାତ୍ରେ ଅଲିମ୍ପିକ୍ସ ପ୍ରସ୍ତୁତି କାର୍ଯ୍ୟ ଆଗେଇବ। ହେଲେ ସ୍ୱୀକୃତି ପ୍ରତ୍ୟାହାରଜନିତ ପରିସ୍ଥିତି ଯୋଗୁ ପ୍ରଶାସନିକ ନିଷ୍ପତ୍ତିରେ ବିଳମ୍ବ ଘଟିପାରେ। ଆଥଲେଟ୍‌ମାନଙ୍କ ଟ୍ରେନିଂ କାର୍ଯ୍ୟରେ ଏହା ବାଧା ଉପୁଜାଇପାରେ ବୋଲି ମାଲହୋତ୍ରା କହିଛନ୍ତି।


କିରେନ ରିଜିଜୁ

## ଓଡ଼ିଶା ଏଫ୍‌ସିଠାରୁ ଅଲଗା ହେଲେ ଥାଙ୍ଗବୋଇ ସିଙ୍ଗ୍‌ଟୋ

**ଭୁବନେଶ୍ୱର, ୨୭।୬ (ସ୍ପୋର୍ଟ୍ସ ବ୍ୟୁରୋ):** ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଠାରୁ ଅଲଗା ହୋଇଛନ୍ତି ଆସିଷ୍ଟାଣ୍ଟ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ। ୨୦୧୯ରେ ଆଇଏସ୍‌ଏଲ୍ ଷଷ୍ଠ ସଂସ୍କରଣରେ ସିଙ୍ଗଟୋ ଓଡ଼ିଶା ଏଫସିରେ ଯୋଗ ଦେଇଥିଲେ। ସେ ମଧ୍ୟ କ୍ଲବର ୟୁଥ୍ ଡେଭଲପ୍‌ମେଣ୍ଟର ମୁଖ୍ୟ ଭାବେ ଦାୟିତ୍ୱରେ ଥିଲେ।

ଓଏଫ୍‌ସି ସହିତ କାର୍ଯ୍ୟକରିବାର ଅଭିଜ୍ଞତା ବହୁତ ଭଲ ଥିଲା। ମୋତେ ସମର୍ଥନ କରିଥିବାରୁ କ୍ଲବର ସବୁ ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଉଛି। ହେଡ୍ କୋଚ୍ ଜୋସେଫ୍ ଗୋମ୍ବାଉଙ୍କ କାର୍ଯ୍ୟକରିବାର ଅଭିଜ୍ଞତା ବେଶ୍ ଉଚ୍ଚକୋଟୀର ଥିଲା ବୋଲି ସିଙ୍ଗଟୋ କହିଛନ୍ତି। ଓଏଫ୍‌ସି, ମ୍ୟାନେଜମେଣ୍ଟ, ଷ୍ଟାଫ୍ ଓ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେ କହିଛନ୍ତି। ଓଡ଼ିଶାକୁ ମିସ୍ କରିବି। ଓଡ଼ିଶାର ଲୋକମାନେ ଶାନ୍ତିପ୍ରିୟ। ଓଡ଼ିଶା ଏଫ୍‌ସିକୁ ଲୋକ ବହୁତ ସମର୍ଥନ କରିଛନ୍ତି। ଓଡ଼ିଶା ଏଫ୍‌ସିକୁ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି। ୨୦୧୯-୨୦୨୦ ସେସନ୍‌ରେ କ୍ଲବର ଆସିଷ୍ଟାଣ୍ଟ କୋଚ୍ ଭାବେ କାର୍ଯ୍ୟ କରିଥିବାରୁ ଥାଙ୍ଗବୋଇଙ୍କୁ ଧନ୍ୟବାଦ୍ ଜଣାଉଛି ବୋଲି ଓଏଫ୍‌ସି ଅଧ୍ୟକ୍ଷ ରୋହନ ଶର୍ମା କହିଛନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି ସେ କହିଛନ୍ତି।



# ଜୁଭେଣ୍ଟସ୍‌କୁ ଜିତାଇଲେ ରୋନାଲ୍ଡୋ

ରୋମ୍, ୨୭।୬(ଏପି)



ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ପୂରା ଢଙ୍ଗରେ ଫର୍ମକୁ ଫେରିଛନ୍ତି। ତାଙ୍କ ପ୍ରଦର୍ଶନ ବଳରେ ଜୁଭେଣ୍ଟସ୍ ଇଟାଲୀର ପେସାରା ଫୁଟବଲ ଲିଗ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଜୁଭେଣ୍ଟସ୍ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍ ୪-୦ ଗୋଲରେ ଲିସ୍‌କୁ ପରାସ୍ତ କରିଛି। ଏହି ବିଜୟ ସହ ଜୁଭେଣ୍ଟସ୍ ନବମ ସିରିଜ ଏ' ଟାଇଟଲର ନିକଟବର୍ତ୍ତୀ ହୋଇଛି। ଏହି ବିଜୟ ସହ ଜୁଭେଣ୍ଟସ୍ ୨୮ଟି ମ୍ୟାଚ୍ ଖେଳି ୬୯ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ଲାଜିଓ ୨୭ ମ୍ୟାଚ୍ ଖେଳି ୬୨ ପଏଣ୍ଟ ହାସଲ କରି ଦ୍ୱିତୀୟ ଓ ଇଣ୍ଟର ମିଲାନ ୨୭ ମ୍ୟାଚ୍ ଖେଳି ୫୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ରୋନାଲ୍ଡୋ ୬୨ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଏକ ସୁନ୍ଦର ଗୋଲ ସ୍କୋର କରିଥିଲେ। ଏଥି ସହିତ ଦୁଇଟି ଗୋଲରେ ସେ ଆସିଷ୍ଟ ମଧ୍ୟ କରିଥିଲେ। ୫୩ତମ ମିନିଟ୍‌ରେ ପାଉଲୋ ଡିବାଲା ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ଗୋଞ୍ଜାଲେ ହିଗୁଏନ୍ ୮୩ ଓ ମାର୍ଟିଜିସ୍ ଡି ଲିଗ୍ଟ ୮୫ତମ ମିନିଟ୍‌ରେ ଗୋଲ ପ୍ରଦାନ କରିଥିଲେ। ଅପରପକ୍ଷରେ ଲିସ୍ ତରଫରୁ କୌଣସି ଗୋଲ ସ୍କୋର କରାଯାଇ ନ ଥିଲା। ଇଟାଲୀରେ ଫୁଟବଲ ଆରମ୍ଭ ହେବା ପରେ ରୋନାଲ୍ଡୋ ଅବଶ୍ୟ ଭଲ ଆରମ୍ଭ କରି ନ ଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଅବଶ୍ୟ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଜୁଭେଣ୍ଟସ୍ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳର ବିଜୟରେ ଜୁଭେଣ୍ଟସ୍ କୋଚ୍ ମାଉରିଜିଓ ସାରି ଖୁସି ଜାହିର କରିଛନ୍ତି।

## ପାକିସ୍ତାନର ୧୦ ସଂକ୍ରମିତଙ୍କ ମଧ୍ୟରୁ ୬ ନେଗେଟିଭ୍

**କରାଚୀ, ୨୭।୬ (ପି.ଟି.):** ପାକିସ୍ତାନ ୨୦ ଖେଳାଳି ଓ ୧୧ ସପୋର୍ଟ ଷ୍ଟାଫ୍‌କୁ ନେଇ ରବିବାର ଇଂଲଣ୍ଡ ଟୁର୍‌ରେ ଯିବ। ୧୦ କରୋନା ସଂକ୍ରମିତ କ୍ରିକେଟରଙ୍କ ମଧ୍ୟରୁ ଦ୍ୱିତୀୟ ଟେଷ୍ଟ ବେଳେ ୬ଜଣଙ୍କ ଫଳାଫଳ ନେଗେଟିଭ୍ ଆସିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ୱାସିମ୍ ଖାଁଙ୍କ କହିବା ଅନୁସାରେ ରିଜର୍ଭ ଖେଳାଳିଙ୍କ ମଧ୍ୟରୁ ନେଗେଟିଭ୍ ହୋଇଥିବା ଫାଷ୍ଟ ବୋଲର ମୂଷା ଖାନ୍ ଏବଂ ଉଇକେଟକିପର ବ୍ୟାଟ୍ସମ୍ୟାନ ରୋହିଲ୍ ନାଜିର ମଧ୍ୟ ଦଳ ସହିତ ଯିବେ। ଖାନ୍ ପୂର୍ବରୁ ସ୍ପଷ୍ଟ କରିଥିଲେ ସଂକ୍ରମିତ ୧୦ ଜଣ ଖେଳାଳିଙ୍କ ମଧ୍ୟରୁ ଯେଉଁମାନେ ଦ୍ୱିତୀୟ ଟେଷ୍ଟରେ ନେଗେଟିଭ୍ ଆସିବ ସେମାନେ ଇଂଲଣ୍ଡ ଟୁର୍‌ରେ ସାମିଲ ହେବେ। ଦ୍ୱିତୀୟ ଥର ନେଗେଟିଭ ହୋଇଥିବା ୬ଜଣ ଖେଳାଳି ହେଲେ ଫଖର ଜମାନ, ମହମ୍ମଦ ହାସ୍‌ନେନ୍, ମହମ୍ମଦ ହାଫିଜ୍, ମହମ୍ମଦ ରିଜୱାନ, ଶାଦାବ ଖାନ୍ ଏବଂ ୱାହାବ ରିଆଜ୍। ପୁଣି ପଜିଟିଭ ହୋଇଥିବା ଖେଳାଳିମାନେ ହେଲେ ହାଇଦର ଅଲି, ହାରିସ୍ ରଫ୍, କାଶିଫ୍ ଭଟ୍ଟି ଓ ଇମ୍ରାନ ଖାନ୍ ଏବଂ ମେସର ମଲଙ୍ଗ ଅଲି। ଖାନ୍ ପୁଣି କହିଛନ୍ତି ଯେ, ଆସନ୍ତା ସପ୍ତାହରେ ଏହି ୬ଜଣ ଖେଳାଳିଙ୍କର ତୃତୀୟ ପର୍ଯ୍ୟାୟ ଟେଷ୍ଟ ହେବ। ଫଳାଫଳ ଯଦି ନେଗେଟିଭ ଆସେ, ତେବେ ପିସିବି ସେମାନଙ୍କୁ ଇଂଲଣ୍ଡ ପଠାଇବା ବ୍ୟବସ୍ଥା କରିବ।

## ୩ ମହିଳା ଫୁଟ୍‌ବଲରଙ୍କୁ କରୋନା

**ପ୍ୟାରିସ୍, ୨୭।୬ (ଏପି):** ପ୍ୟାରିସ୍ ସେଣ୍ଟ-ଜର୍ମେନ (ପିଏସ୍‌ଜି)ମହିଳା ଫୁଟ୍‌ବଲ ଟିମ୍‌ର ୩ଜଣ ଖେଳାଳି କରୋନା ସଂକ୍ରମିତ ହୋଇଛନ୍ତି। କୋଭିଡ୍-୧୯ ଟେଷ୍ଟରେ ସିନିୟର ମହିଳା ଦଳର ଜଣେ ଏବଂ ୧୯ ବର୍ଷରୁ କମ୍ ମହିଳା ଦଳର ୨ ଖେଳାଳିଙ୍କ ଫଳାଫଳ ପଜିଟିଭ ଆସିଥିବା ପିଏସ୍‌ଜି ପ୍ରକାଶ କରିଛି। ସିନିୟର ମହିଳା ଦଳର ଟ୍ରେନିଂ ସୋମବାରଠାରୁ ଆରମ୍ଭ ହେବ। ଚଳିତ ସପ୍ତାହ ପ୍ରାରମ୍ଭରେ ପୁରୁଷ ଦଳର ୩ଜଣ ଏବଂ ଜଣେ ସଦସ୍ୟ ଷ୍ଟାଫ୍ ଲକ୍‌ଡାଉନ୍ ସମୟରେ କରୋନାରେ ସଂକ୍ରମିତ ହୋଇଥିଲେ। ସେମାନେ କୌଣସି ଖେଳାଳିଙ୍କ ସଂସ୍ପର୍ଶରେ ଆସି ନ ଥିଲେ। ସଂକ୍ରମିତ ଖେଳାଳିଙ୍କୁ ବାଦ୍ ଦେଇ ଟ୍ରେନିଂ ଆରମ୍ଭ ହେବ ବୋଲି ପିଏସ୍‌ଜି କହିଛି।

# ମଙ୍ଗଳବାର ବାହାହେବେ ଦୀପିକା-ଅତନୁ



**କୋଲକାତା, ୨୭।୬ (ପି.ଟି.):** ଭାରତର ଦୁଇ ଶୀର୍ଷ ତୀରନ୍ଦାଜ ଦୀପିକା କୁମାରୀ ଓ ଅତନୁ ଦାସଙ୍କ ମଧ୍ୟରେ ବାହାଘର ମଙ୍ଗଳବାର ରାଞ୍ଚିର ମୋରାବାଦୀଠାରେ ହେବ। କୋଭିଡ୍-୧୯ ଯୋଗୁ ଏହି ବିବାହ ଉତ୍ସବରେ ସାମାଜିକ ଦୂରତା, ମାସ୍କ ଓ ସାନିଟାଇଜରକୁ ଗୁରୁତ୍ୱ ଦିଆଯିବ। ଉଭୟଙ୍କ ନିମନ୍ତ୍ରଣ ପତ୍ରରେ ବିଶେଷ ସୂଚନା ଦିଆଯାଇଛି। ଏଥିରେ ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନ୍ ମାନି ଚଳିବାକୁ ଅତିଥିମାନଙ୍କୁ ଅନୁରୋଧ କରାଯାଇଛି। ଦୀପିକା କହିଛନ୍ତି, ଅତିଥିମାନଙ୍କ ଲାଗି ସେମାନେ ଏକ ବଡ଼ ବାଙ୍କ୍ୱେଟ୍ ହଲ୍‌ର ବ୍ୟବସ୍ଥା କରିଛନ୍ତି। ସାମାଜିକ ଦୂରତା ବଜାୟ ରଖିବା କ୍ଷେତ୍ରରେ ଏହା ସହାୟକ ହେବ। ଅତିଥି ପହଞ୍ଚିବାକ୍ଷଣି ସେମାନଙ୍କୁ ମାସ୍କ ଓ ସାନିଟାଇଜର ଯୋଗାଇ ଦିଆଯିବ। ମାତ୍ର ୬୦ଟି ନିମନ୍ତ୍ରଣପତ୍ର ଛପାଯାଇଛି। ସାନ୍ଧ୍ୟ ବିବାହ ଭୋଜି ଦୁଇଟି ପର୍ଯ୍ୟାୟରେ ହେବ। ପରିବାର ସଦସ୍ୟମାନେ ଘରେ ରହିବେ ବୋଲି ସେ କହିଛନ୍ତି। ଦୀପିକା କହିଛନ୍ତି, ଆମ ଅତିଥିମାନଙ୍କୁ ଆମେ ଦୁଇଟି ବ୍ୟାଚ୍‌ରେ ବିଭକ୍ତ କରିଛୁ। ସନ୍ଧ୍ୟା ୫ଟା ୩୦ରୁ ୭ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୫୦ ଅତିଥି ଆସିବେ। ଅନ୍ୟ ୫୦ ଅତିଥି ପର୍ଯ୍ୟାୟକ୍ରମେ ଆସିବେ। ଅତିଥିମାନେ ଉପସ୍ଥିତ ଥିବା ପର୍ଯ୍ୟନ୍ତ ପରିବାର ସଦସ୍ୟମାନେ ଘରେ ରହିବେ। ସୁରକ୍ଷା ଦୃଷ୍ଟିରୁ ସେଦିନ ଆମେ କୌଣସି ଜିନିଷ ସ୍ପର୍ଶ କରିବୁ ନାହିଁ। ଏହା ଦ୍ୱାରା ଆମେ ଓ ଅନ୍ୟମାନେ ସୁରକ୍ଷିତ ରହିପାରିବେ। ଦୀପିକା ବିଶ୍ୱର ନମ୍ବର ୱାନ ତୀରନ୍ଦାଜ ହେବା ପଛରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍ଚେରି ଆସୋସିଏଶନ ଅଫ୍ ଇଣ୍ଡିଆର ନବ ନିର୍ବାଚିତ ସଭାପତି ଅର୍ଜୁନ ମୁଣ୍ଡାଙ୍କର ବିଶେଷ ଭୂମିକା ରହିଛି। ଏହି ନିରାଡ଼ମ୍ବର ଉତ୍ସବରେ ସେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଦୀପିକା କହିଛନ୍ତି, ଆମେ କେତେଜଣ ବଛାବଛା ଅତିଥି ଓ ଭିଭିଆଇପିଙ୍କୁ ନିମନ୍ତ୍ରଣ ପତ୍ର ଦେଇଛୁ। ଅନ୍ୟମାନଙ୍କୁ ଫୋନ୍ ଜରିଆରେ ନିମନ୍ତ୍ରଣ କରିଛୁ। କୌଣସି ସାଙ୍ଗ, ସାଥୀ ତୀରନ୍ଦାଜ କିମ୍ବା ଗଣମାଧ୍ୟମକୁ ଡାକି ନାହୁଁ। ଦୀପିକା ଓ ଅତନୁଙ୍କ ମଧ୍ୟରେ ୨୦୧୮ରେ ସମ୍ପର୍କ ସ୍ଥାପନ ହୋଇଥିଲା। ଲକ୍‌ଡାଉନ ସମୟର ସଦୁପଯୋଗ କରିବା ପରିପ୍ରେକ୍ଷୀରେ ଉଭୟେ ବିବାହ କରିନେବାକୁ ସ୍ଥିର କରିଥିଲେ। ସେପ୍ଟେମ୍ବର ବେଳକୁ ପରିସ୍ଥିତିରେ ସୁଧାର ଆସିଥିବ ବୋଲି ଅନୁମାନ। ଆର୍ଚେରି ଆସୋସିଏଶନ ସେତେବେଳେ ଟୋକିଓ ଅଲିମ୍ପିକ୍ସ ପାଇଁ ସମ୍ଭାବ୍ୟ ତୀରନ୍ଦାଜମାନଙ୍କ ଲାଗି କ୍ୟାମ୍ପ ଆୟୋଜନ କରିବା ନିମନ୍ତେ ଯୋଜନା କରୁଛି ବୋଲି ଦୀପିକା ପ୍ରକାଶ କରିଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ